# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 141 ଭାଗ ୩୪ | ସଂଖ୍ୟା ୧୪୧ | Tuesday 11 June 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର, ୧୧ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଶରଦ ପାୱାର ମାଗିଲେ ୪ ଭାରତ ରତ୍ନ

ପୃଷ୍ଠା ୫

### ନବନିଯୁକ୍ତ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସେବା ମନ୍ତ୍ର

# ପଦବୀ ସଫଳତାର ମାପକାଠି ନୁହେଁ

- ନାଗରିକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ହିଁ ସଫଳତା
- ସାଧାରଣ ଲୋକଙ୍କୁ ସମ୍ମାନ ଓ ସମସ୍ୟାର ସମାଧାନ କରନ୍ତୁ
- ୧୬ଶ ନିଯୁକ୍ତି ମେଳାରେ ୯ ବିଭାଗରେ ୧୩୨୬ଙ୍କୁ ନିଯୁକ୍ତି
- ଅଦ୍ୟାବଧି ୪୫,୪୦୮ଙ୍କୁ ମିଳିଛି ସରକାରୀ ନିଯୁକ୍ତି
- ଶିଳ୍ପାୟନ ଜରିଆରେ ଯୁବଶକ୍ତି ପାଇଁ ସୁଯୋଗ ସୃଷ୍ଟି କରାଯାଉଛି
- ଓଡ଼ିଶାରେ ଆରମ୍ଭ ହେଲାଣି ରିଭର୍ସ-ମାଇଗ୍ରେସନ୍



ଭୁବନେଶ୍ୱର,୧୦।୮ (ସଂଚାର ବ୍ୟୁରୋ): ସରକାରୀ ସେବାରେ ସଫଳତା ପଦବୀ ଦ୍ୱାରା ମପାଯାଏ ନାହିଁ, ବରଂ ନାଗରିକଙ୍କ ଜୀବନରେ କି ପରିବର୍ତ୍ତନ ଆଣିପାରୁଛନ୍ତି, ତାହାଦ୍ୱାରା ମପାଯାଏ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ଶ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ କହିଛନ୍ତି। ଭୁବନେଶ୍ୱର ରେଳ ଅଡିଟୋରିଅମଠାରେ ଆୟୋଜିତ ଏହି ନିଯୁକ୍ତି ମେଳା କାର୍ଯ୍ୟକ୍ରମରେ ଆଜି ୯ଟି ବିଭାଗରେ ୧୩୨୬ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୩୬୪ ଜଣ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୩୬୧ ଜଣ କନିଷ୍ଠ ଯନ୍ତ୍ରୀ, ଶକ୍ତି ବିଭାଗ ଓ ଓଡ଼ିଶା ଜଳ ବିଦ୍ୟୁତ ନିଗମରେ ୧୨ ଜଣ କନିଷ୍ଠ ଯନ୍ତ୍ରୀ ଓ ୨୨୮ ଟ୍ରେନି, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୧୧୮ ଜଣ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୧୧୧ ଜଣ ସହକାରୀ ପ୍ରାଧ୍ୟାପକ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗରେ ୧୫ ଜଣ କନିଷ୍ଠ ଯନ୍ତ୍ରୀ ଓ ୭୧ ଜଣ ପ୍ରାଣୀଧନ ନୀରିକ୍ଷକ, କ୍ରୀଡ଼ା ବିଭାଗରେ ୨୬ ଜଣ ଜୁନିଅର କୋଚ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୦ ଜଣ ପ୍ରଶିକ୍ଷକ ଓ ଅବକାରୀ ବିଭାଗରେ ୧୦ ଜଣ ଉପନୀରିକ୍ଷକଙ୍କୁ ନିଯୁକ୍ତି ମିଳିଛି। ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାରୀ ଚାକିରିର ମୂଳ ଲକ୍ଷ୍ୟ ହେଉଛି ଜନସେବା। ଲୋକଙ୍କ ସମସ୍ୟା ଓ ଅଭିଯୋଗର ସମୟବଦ୍ଧ ସମାଧାନ କରିବା ଆପଣମାନଙ୍କର ନୈତିକ କର୍ତ୍ତବ୍ୟ। କୌଣସି ଲୋକ ଯେତେବେଳେ କିଛି ସମସ୍ୟା ନେଇ ଆପଣଙ୍କ ପାଖକୁ ଆସିବେ, ସେତେବେଳେ ପ୍ରଶାସନର ଅଂଶ ଭାବେ ସମ୍ମାନ ଦେଇ ସେମାନଙ୍କ ସମସ୍ୟା ଶୁଣିବା ଏବଂ ତୁରନ୍ତ ପଦକ୍ଷେପ ନେବା ହିଁ ପ୍ରକୃତ ଜନସେବା। ଆମର ଲକ୍ଷ୍ୟ ହେଉଛି ସମାଜର ଶେଷ ଧାଡ଼ିରେ ଥିବା ଲୋକ ପାଖରେ ସମସ୍ତ ସରକାରୀ ସୁବିଧା ପହଞ୍ଚାଇବା। ଏହାକୁ ମନରେ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

୨୦୩୬ ସୁଦ୍ଧା ଆମର ସମୃଦ୍ଧ ଓଡ଼ିଶା ଗଠନ ଓ ୨୦୪୭ ସୁଦ୍ଧା ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ କରିବାର ଲକ୍ଷ୍ୟ ରହିଛି। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସ୍ୱଚ୍ଛ ଓ ସୁଦୃଢ଼ ପ୍ରଶାସନ ଏବଂ ଦକ୍ଷ, ଶୃଙ୍ଖଳିତ ଓ ➪ପୃଷ୍ଠା-୬

### ନୂଆ ଡିଜିପି ନିଯୁକ୍ତି ଚର୍ଚ୍ଚା

## ଦୁଇ ଆଇପିଏସଙ୍କୁ ପଦୋନ୍ନତି



**ଡିଜି ପାହ୍ୟାକୁ ଗଲେ ସଞ୍ଜୀବ ଓ ଯଶବନ୍ତ**

ଭୁବନେଶ୍ୱର,୧୦।୮ (ସଂଚାର ବ୍ୟୁରୋ): ରାଜ୍ୟରେ ନୂଆ ଡିଜିପି ନିଯୁକ୍ତି ଚର୍ଚ୍ଚା ଭିତରେ ଦୁଇ ବରିଷ୍ଠ ଆଇପିଏସ୍ ସଞ୍ଜୀବ ପଣ୍ଡା ଓ ଯଶବନ୍ତ ଜେଠୱାଙ୍କୁ ମିଳିଛି ପଦୋନ୍ନତି। ଉଭୟଙ୍କୁ ଅତିରିକ୍ତ ଡିଜିରୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ଏନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଅନୁମୋଦନ ମିଳିସାରିଛି। ଖବର ଅନୁଯାୟୀ, ଆସନ୍ତା ୧୬ ତାରିଖରେ ବର୍ତ୍ତମାନ ଓଡ଼ିଶା ପୁଲିସର ଡିଜି ଥିବା ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ସରୁଛି। ଏହାପରେ କିଏ ଓଡ଼ିଶା ପୁଲିସର ପରବର୍ତ୍ତୀ ଡିଜି ହେବେ, ସେନେଇ ଚର୍ଚ୍ଚା ଓ ଆଲୋଚନା ଚାଲିଥିଲା। ଏହି ଚର୍ଚ୍ଚାରେ ସଞ୍ଜୀବ ପଣ୍ଡା ପରବର୍ତ୍ତୀ ଡିଜି ହେବା ନେଇ ପୁଲିସ ସ୍ତରରେ ଜୋରଦାର ଆଲୋଚନା ହେଉଛି। ୧୯୯୪ ବ୍ୟାଚ୍‌ର ବରିଷ୍ଠ ଆଇପିଏସ ଅଫିସର ସଞ୍ଜୀବ ପଣ୍ଡା ନିଜ କାର୍ଯ୍ୟକାଳ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଉପଲବ୍‌ଧି ହାସଲ କରିଛନ୍ତି। ଏପିରିକି ନିକଟରେ ଶେଷ ହୋଇଥିବା ମାଓ ଅପରେସନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ସଫଳତାର ସହ ପୁଲିସ କମିଶନର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସେହିପରି ୧୯୯୪ ଓଡ଼ିଶା କ୍ୟାଡରର ଆଇପିଏସ୍ ଯଶବନ୍ତ କୁମାର ଜେଠୱା ବର୍ତ୍ତମାନ ଓଡ଼ିଶା ଭିଜିଲାନ୍ସରେ ଦାୟିତ୍ୱ ତୁଲାଉଛନ୍ତି।

## ବୈଧ ବୀମା ନଥିବା ଗାଡ଼ି ବିରୋଧରେ କଠୋର ଆଭିମୁଖ୍ୟ



**ଟୋଲଗେଟ୍‌ରେ ଇ-ଡିଟେକ୍ସନ ପଦ୍ଧତିରେ ହେବ ଯାଞ୍ଚ**

**ବାରମ୍ବାର ନିୟମ ଉଲ୍ଲଙ୍ଘନ କଲେ ଗାଡ଼ି ହେବ ଜବତ**

ଭୁବନେଶ୍ୱର,୧୦।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଚଳାଚଳ କରୁଥିବା ବହୁସଂଖ୍ୟକ ଯାନବାହନର ବୈଧ ବୀମା ନ ଥିବା ପ୍ରସଙ୍ଗରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମୋଟର ଯାନ ନିୟମାବଳୀର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ପ୍ରଦର୍ଶନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଇ-ଡିଟେକ୍ସନ ମାଧ୍ୟମରେ ରାଜ୍ୟର ସମସ୍ତ ଟୋଲଗେଟ୍ ଦେଇ ଯାତାୟାତ କରୁଥିବା ଯାନବାହନର ବୈଧ ବୀମା, ଫିଟନେସ, ପ୍ରଦୂଷଣ ପ୍ରମାଣପତ୍ର ଇତ୍ୟାଦି କାଗଜପତ୍ର ସ୍ୱୟଂକ୍ରିୟ ପଦ୍ଧତିରେ ଯାଞ୍ଚ କରାଯିବ। ଯେଉଁ ଗାଡ଼ିଗୁଡ଼ିକର ବୈଧ କାଗଜପତ୍ର ନ ଥିବ, ସେଗୁଡ଼ିକ ବିରୋଧରେ ସଙ୍ଗେ ସଙ୍ଗେ ଇ-ଚାଲାଣ ଜାରି କରାଯିବ ଏବଂ ଅଭ୍ୟାସଗତ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ ପଦକ୍ଷେପସ୍ୱରୂପ ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ ଓ ଗାଡ଼ିଗୁଡ଼ିକୁ ଜବତ କରିବାକୁ ପଦକ୍ଷେପ ନିଆଯିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ମୋଟ ୧,୦୧,୪୧,୯୫୧ଟି ଯାନବାହନ ମଧ୍ୟରୁ ମାତ୍ର ୩୫,୬୮,୩୧୮ଟି ଗାଡ଼ିର ବୈଧ ବୀମା ରହିଥିବା ବେଳେ ୬୫,୭୩,୬୩୩ଟି ଗାଡ଼ିର ବୀମା ବୈଧ ନାହିଁ। ଏହାକୁ ଦୃଷ୍ଟିରେ ରଖି ଆରଟିଓ ସ୍ତରରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ସହ ଏନଫୋର୍ସମେଣ୍ଟ ବୃଦ୍ଧି କରିବାକୁ ➪ପୃଷ୍ଠା-୬

## ରାଜନୀତିକୁ ପ୍ରଭାବିତ କରୁଛନ୍ତି ଜେନ୍-ଜି’

**ଯୁବପିଢ଼ିଙ୍କୁ ଆକର୍ଷିତ କରିବାକୁ ପ୍ରତିଯୋଗିତା**

**ନିଃସର୍ତ୍ତ ସମର୍ଥନ ଘୋଷଣା କରିଛନ୍ତି ତିନି ଦଳ**



ଭୁବନେଶ୍ୱର,୧୦।୮ (ସଂଚାର ବ୍ୟୁରୋ): ଦିଲ୍ଲୀ ଜନନ୍ତ ମନ୍ତରରୁ ଆରମ୍ଭ ହୋଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ ସାରା ଦେଶର ରାଜନୀତିକୁ ଦୋହଲାଇ ଦେଇଛି। ବିହାର ବାଙ୍କୀପୁର ନିର୍ବାଚନ ଫଳାଫଳ ସବୁ ରାଜନୈତିକ ଦଳକୁ ଜେନ-ଜି’ ଅଭିମୁଖୀ ହେବାକୁ ବାଧ୍ୟ କରିଛି। ଯେଉଁ ସିଜେପିକୁ ଦୁଇ ମାସ ତଳେ ରାଜନୈତିକ ଦଳଗୁଡ଼ିକ ଅଣଦେଖା କରୁଥିଲେ, ତାହା ଦେଶରେ ଯୁବପିଢ଼ିକୁ ପରିବର୍ତ୍ତନର ବାର୍ତ୍ତାବହ ହେବାକୁ ବାଟ ଦେଖାଇଛି। ଆଗାମୀ ଦିନରେ ସିଜେପି ଏକ ଦଳର ମାନ୍ୟତା ପାଇ ନିର୍ବାଚନ ମଇଦାନକୁ ଓହ୍ଲାଇ ନ ପାରେ। ହେଲେ ଯୁବପିଢ଼ି ସରକାର ଗଢ଼ିବା କି ଭାଙ୍ଗିବାର ସ୍ରୋତ ତିଆରି ➪ପୃଷ୍ଠା-୬

## ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ୍ ପଞ୍ଜୀକରଣ ବାଧ୍ୟତାମୂଳକ ନୁହେଁ

- ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକରେ ସ୍ପଷ୍ଟ କଲେ ସରକାର
- ଭାଗଚାଷୀଙ୍କ ପାଇଁ ପ୍ରସ୍ତୁତ ହେଉଛି ସ୍ୱତନ୍ତ୍ର ମାର୍ଗଦର୍ଶିକା
- ପାକ୍ସ, ସିଏସ୍‌ସି ଓ ସହାୟକ ମୋଡ୍‌ରେ ପଞ୍ଜୀକରଣ କରିପାରିବେ ଚାଷୀ
- ୬ ଲକ୍ଷ ଚାଷୀ ଆଗ୍ରିଷ୍ଟାକ ଅଧୀନରେ ପଞ୍ଜିକୃତ କରିଛନ୍ତି



ଭୁବନେଶ୍ୱର,୧୦।୮ (ସଂଚାର ବ୍ୟୁରୋ): ଆଗାମୀ ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁଗମ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀଙ୍କ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ବର୍ତ୍ତମାନ ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ ବୋଲି ଆଜି ନିଷ୍ପତ୍ତି ହୋଇଛି। ଏଥିପାଇଁ କୌଣସି ବି ଚାଷୀ ନିଜର ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ନାହିଁ। ଆସନ୍ତା ଅକ୍ଟୋବର ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ଜାରି ରହିଛି। ଆଗ୍ରିଷ୍ଟାକ ଏକ ସମ୍ବନ୍ୱିତ କୃଷକ ପ୍ଲାଟଫର୍ମ ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ। ଏଥିରେ ଚାଷୀ ନିଜକୁ ପଞ୍ଜିକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାର ଲାଭ ସୁଗମ ରୂପେ ➪ପୃଷ୍ଠା-୬

## ରାଜ୍ୟରେ ମହଜୁଦ ଅଛି ୨ ଲକ୍ଷ ୩୭ ହଜାର ଟନ୍ ସାର



**କଳାବଜାରୀ କଲେ ହେବ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର,୧୦।୮ (ସଂଚାର ବ୍ୟୁରୋ): ରାଜ୍ୟରେ ସାର କଳାବଜାରୀ ରୋକିବାକୁ ସରକାରଙ୍କ କଡ଼ା ପଦକ୍ଷେପ। ରାଜ୍ୟରେ ବର୍ତ୍ତମାନ ୧ ଲକ୍ଷ ୩୭ ହଜାର ୨୦୨ ଟନ୍ ସାର ମହଜୁଦ ରହିଛି। ମୋଟ୍ ମହଜୁଦରୁ ୨ ଲକ୍ଷ ୬ ହଜାର ୩୬୮ ଟନ୍ ସାର ପିଏସିଏସ (ପ୍ରାଥମିକ କୃଷି ସମବାୟ ସମିତି)କୁ ଏବଂ ୧୪୨୬ ଟନ୍ ସାର ଡିଲର୍‌ମାନଙ୍କୁ ପ୍ରଦାନ କରାଯାଇଛି। କେବଳ ମାର୍କଫେଡ୍ ପାଖରେ ୨୯ ହଜାର ଟନ୍ ସାର ମହଜୁଦ ରହିଛି। କଳାବଜାରୀ ଏବଂ ନକଲି ସାର ବିକ୍ରିକୁ ରୋକିବା ପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ସାର କଳାବଜାରୀ ଉପରେ ଲାଗିବ ରୋକ୍। ଆଗାମୀ କୃଷି ଋତୁକୁ ଦୃଷ୍ଟିରେ ରଖି ରାଜ୍ୟରେ ସାରର ଅଭାବ ଯେପରି ନ ହୁଏ, ସେଥିପାଇଁ ସରକାର ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୧ ଲକ୍ଷ ୩୭ ହଜାର ୨୦୨ ଟନ୍ ସାର ସୁରକ୍ଷିତ ଭାବେ ମହଜୁଦ ରହିଛି। ଚାଷୀମାନଙ୍କୁ ସହଜରେ ସାର ଯୋଗାଇଦେବା ପାଇଁ ସମବାୟ ସମିତି ଓ ଡିଲରମାନଙ୍କ ଜରିଆରେ ➪ପୃଷ୍ଠା-୬

## କଲମ୍ବିଆରେ ଶକ୍ତିଶାଳୀ ଭୂମିକମ୍ପ: ୬୯ ମୃତ

**ଆଫ୍ଟର ସକ୍ ନେଇ ବାସିନ୍ଦା ଭୟଭୀତ**



ବୋଗୋଟା,୧୦।୮: ସୋମବାର ଅନୁଭୂତ ହୋଇଥିବା ୭.୪ ତୀବ୍ରତାର ଏକ ଅତି ଶକ୍ତିଶାଳୀ ଭୂକମ୍ପ କଲମ୍ବିଆକୁ ପ୍ରାୟତଃ ବିଧ୍ୱସ୍ତ କରିଦେଇଛି। ଏହି ବିନାଶକାରୀ ଭୂକମ୍ପରେ ବହୁ ଘର ଭୁଶୁଡ଼ି ପଡ଼ିଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଅତି କମରେ ୬୯ ଜଣଙ୍କର ମୃତ୍ୟୁ ଘଟିଛି। ଭୂକମ୍ପରେ କଲମ୍ବିଆର ପେରେଇରା, ମାନିଜାଲେସ, କ୍ୱିବଡୋ, ଆର୍ମେନିଆ ଆଦି ପ୍ରମୁଖ ବିମାନଘାଟିଗୁଡ଼ିକ ପ୍ରଭାବିତ ହୋଇଥିବାରୁ ବିମାନ ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ସହରରେ ୨୦ରୁ ଅଧିକ କୋଠାଘର ଭୁଶୁଡ଼ି ପଡ଼ିଛି। ତା’ ତଳେ ବହୁଲୋକ ଫସିରହିଛନ୍ତି। ସେହି କାରଣରୁ ମୃତାହତଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି କାଲି’ ପ୍ରଦେଶର ମେୟର ଆଲେଜାଣ୍ଡ୍ରୋ ଇଡର ➪ପୃଷ୍ଠା-୬

### ମଡେଲ୍‌ଙ୍କୁ ଗଣଦୁଷ୍କର୍ମ

## ୨ ଗିରଫ, ଜଣେ ଫେରାର୍



କୋରାପୁଟ,୧୦।୮ (ସଂଚାର ବ୍ୟୁରୋ): ଜଙ୍ଗଲରେ ଫଟୋ ଶୁଟ୍ କରୁଥିବା ସମୟରେ ଜନୈକା ମଡେଲ୍‌ଙ୍କୁ ଗଣଦୁଷ୍କର୍ମ ହୋଇଥିବା ବେଳେ ଏହି ମାମଲାରେ ଆଜି କୋରାପୁଟ ପୁଲିସ୍ ୨ ଜଣଙ୍କୁ ଗିରଫ କରିଛି। ମାମଲା ସହ ଜଡ଼ିତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ରହିଥିବା ବେଳେ ତାକୁ ଧରିବା ସକାଶେ ପୁଲିସ୍ ଉଦ୍ୟମ ଜାରି ରଖିଛି। ମିଳିଥିବା ସୂଚନାନୁସାରେ, କୋରାପୁଟ-ଜୟପୁର ରାସ୍ତାସ୍ଥିତ ପାଇନ୍ ଜଙ୍ଗଲରେ ଗତ ୫ ତାରିଖରେ ଏହି ଗଣଦୁଷ୍କର୍ମ ଘଟଣା ଘଟିଥିବା ଅଭିଯୋଗ ହୋଇଛି। ପୀଡ଼ିତା ଜଣଙ୍କ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କ ସହ ଫଟୋ ଶୁଟ୍ କରିବା ସକାଶେ ଉକ୍ତ ଜଙ୍ଗଲକୁ ଆସିଥିଲେ। ତେବେ ସେମାନେ ଫଟୋ ଶୁଟ୍ କରୁଥିବା ସମୟରେ ➪ପୃଷ୍ଠା-୬

## ସୌରଭ ଗାଙ୍ଗୁଲିଙ୍କୁ ହତ୍ୟା ଧମକ



କୋଲକାତା,୧୦।୮: ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତଥା ବିସିସିଆଇର ପୂର୍ବତନ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲି ଓ ତାଙ୍କର ନୃତ୍ୟାଙ୍ଗନା ପତ୍ନୀ ଡୋନା ଗାଙ୍ଗୁଲିଙ୍କୁ ହତ୍ୟା କରିବାକୁ ନେଇ ଏକ ଧମକପୂର୍ଣ୍ଣ ଚିଠି ମିଳିଛି। ଗାଙ୍ଗୁଲିଙ୍କ ପରିବାର ଓ ସୌରଭ ଗାଙ୍ଗୁଲିଙ୍କ ବ୍ୟକ୍ତିଗତ ସହାୟକ ଏ ନେଇ ଥାନାରେ ଏକ ମାମଲା ଦାଏର କରିଛନ୍ତି। ସେମାନେ ଦାଖଲ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ସୋମବାର ବେଙ୍ଗଲ କ୍ରିକେଟ୍ ଦଳର ଅଧ୍ୟକ୍ଷଙ୍କ ଘରେ ସଦ୍ୟ ଆସିଥିବା ଚିଠିଟିକୁ ଖୋଲା ଯାଇଛି। ଚିଠିଟି ସମ୍ପୂର୍ଣ୍ଣ ଇଂରାଜୀରେ ଲେଖାଯାଇଛି ଓ ଚିଠିରେ କ୍ରିକେଟର ସୌରଭ ଗାଙ୍ଗୁଲିଙ୍କୁ ଓ ତାଙ୍କର ପରିବାରକୁ ହତ୍ୟା କରିବା ବିଷୟ ଉଲ୍ଲେଖ କରାଯାଇଛି। ଗାଙ୍ଗୁଲିଙ୍କ ପରିବାର ପକ୍ଷରୁ କୁହାଯାଇଛି ଯେ, ଏଭଳି ଚିଠି ବିଗତ ୬ ମାସ ଧରି ଆସିବାରେ ଲାଗିଛି। ତେବେ ଏହା କୌଣସି ଈର୍ଷାନ୍ୱିତ ପ୍ରଶଂସକଙ୍କ ବକୱାସ ବୋଲି ଭାବି ସେମାନେ ତାହାକୁ ଅଣଦେଖା କରୁଥିଲେ। ତେବେ ବାରମ୍ବାର ଏଭଳି ସମାନ ଚିଠି ଆସିବା ଓ ବେଳକୁବେଳ ଚିଠିରେ ଆକ୍ରମଣାତ୍ମକ ଭାଷା ଉଲ୍ଲେଖ କରାଯିବା ଘଟଣାକୁ ନେଇ ସେମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ହରିଦ୍ୱାରରେ ୪ କୋଟି କାଉଡ଼ିଆ



ନୂଆଦିଲ୍ଲୀ,୧୦।୮: ଚଳିତ ଶ୍ରାବଣ ମାସରେ ପବିତ୍ର ଶୈବକ୍ଷେତ୍ର ହରିଦ୍ୱାରରେ କାଉଡ଼ିଆଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଏଥର କାଉଡ଼ିଆଙ୍କ ଭିଡ଼ ଅନ୍ୟ ସବୁ ବର୍ଷର ରେକର୍ଡ ଭାଙ୍ଗିଛି। କାଉଡ଼ିଆଙ୍କ ସଂଖ୍ୟା ପ୍ରାୟ ୪ କୋଟି ଛୁଇଁଛି ବୋଲି ସ୍ଥାନୀୟ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ଦିଲ୍ଲୀ, ଉତ୍ତର ପ୍ରଦେଶ, ହରିୟାଣା, ପଞ୍ଜାବ, ରାଜସ୍ଥାନ ସମେତ ବିଭିନ୍ନ ରାଜ୍ୟରୁ ଲକ୍ଷ ଲକ୍ଷ ଶିବଭକ୍ତ ହରିଦ୍ୱାରରେ ପହଞ୍ଚିଛନ୍ତି। ଗତ ୨୪ ଘଣ୍ଟାରେ ୭୫ ଲକ୍ଷରୁ ଅଧିକ ଭକ୍ତ ଗଙ୍ଗାଜଳ ନେଇ ନିଜ ଗନ୍ତବ୍ୟ ଅଭିମୁଖେ ବାହାରିଛନ୍ତି। ଭକ୍ତଙ୍କ ସହ ଗାଡ଼ି ଓ ବାଇକ୍‌ର ସଂଖ୍ୟା ବଢ଼ିବାରୁ ବୈରାଗୀ କ୍ୟାମ୍ପ ଭଳି ବଡ଼ ପାର୍କିଂ ସ୍ଥଳଗୁଡ଼ିକ ପ୍ରାୟ ପୂର୍ଣ୍ଣ ହୋଇଯାଇଛି। ଫଳରେ ହରିଦ୍ୱାରରୁ ଲକ୍ସର ରୋଡ୍ ପର୍ଯ୍ୟନ୍ତ ଟ୍ରାଫିକ୍ ଚାପ ବଢ଼ିଛି।



### କାନ ଡେରିଥା

ମହାପୁରୁଷଙ୍କ ଜୟନ୍ତୀରେ ଆମେ
ସଭିଏଁ ମନେ ପକାଉ
ଅଲଗା ଦିନରେ ପାରା
ବସା ବାନ୍ଧେ
ସେ ଦୃଶ୍ୟ ଦେଖି ନଥାଉ
ତାଙ୍କର ପଛେ ଯା ହେଉ....
ଜନ୍ମଦିନେ ଆମେ ଧୋଇ
ପୋଛି ଦେଇ
ତାଙ୍କ ଗୁଣ ଗାଉଥାଉ ।

■ ଦେବାଶିଷ

## ଟାଟା ପାୱାରକୁ ନେଇ କାଠଗଡ଼ାରେ ଶକ୍ତି ବିଭାଗ

- ବିତରଣ କମ୍ପାନୀ ଖର୍ଚ୍ଚର ଅଡିଟ୍ ଦାବିକଲା ବିଜେଡି
- ସ୍ମାର୍ଟ ମିଟର ଲଗାଇ ରାଜ୍ୟବାସୀଙ୍କୁ ଶୋଷଣ ଚାଲିଛି: ବିଜେଡି
- ସରକାର ଓ ଟାଟା ପାୱାରର ମଧୁଚନ୍ଦ୍ରିକାରେ ଖାଉଟି ହିନସ୍ତା
- ସିଏଜି ଅଡିଟ୍ ସମ୍ପର୍କରେ ନୀରବତାକୁ ନେଇ ପ୍ରଶ୍ନ
- ଅଧିକ ମୂଲ୍ୟରେ ସ୍ମାର୍ଟ ମିଟର କିଣାଯିବାର ରହସ୍ୟ କ’ଣ ?



ଭୁବନେଶ୍ୱର,୧୦।୮ (ସଂଚାର ବ୍ୟୁରୋ): ଟାଟା ପାୱାର ପାଇଁ ଶକ୍ତି ବିଭାଗ ଏବେ କାଠଗଡ଼ାରେ। ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି ଏବେ ଟାଟା ପାୱାରର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇବା ସହ ଏହାର ଖର୍ଚ୍ଚର ଅଡିଟ୍ ଦାବି କରିଛି। ଏପରିକି ଅଧିକ ଦରରେ କ’ଣ ପାଇଁ ସ୍ମାର୍ଟ ମିଟର କିଣାଯାଇଛି ବୋଲି ଦଳର ଦୁଇ ପୂର୍ବତନ ଶକ୍ତି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ ଅରୁଣ ସାହୁ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ ଓଡ଼ିଶାବାସୀଙ୍କୁ ନିରନ୍ତର ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇବା ପରିବର୍ତ୍ତେ ରାଜ୍ୟ ସରକାର ଓ ଟାଟା ପାୱାର ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ନିରୀହ ଉପଭୋକ୍ତା ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଓଡ଼ିଶାକୁ ଆସିବା ଆଗରୁ ପୂର୍ବ ବିଜେଡି ସରକାର ଶକ୍ତି ବିତରଣ କ୍ଷେତ୍ରରେ ଅନେକ ଭିତ୍ତିଭୂମି ସଜାଡ଼ିଥିଲେ। ଓଇଆରସିର ନିର୍ଦ୍ଦେଶ (ଭେଷ୍ଟିଂ ଅର୍ଡର) ମୁତାବକ ଟାଟା ପାୱାର ଓଡ଼ିଶାରେ ବିଜୁଳି ଶକ୍ତି ଭିତ୍ତିଭୂମିର ବିକାଶ କରିବା ପାଇଁ ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାର ଥିଲା। ବର୍ତ୍ତମାନ ସୁଦ୍ଧା ଟାଟା ପାୱାର ଭିତ୍ତିଭୂମିର ବିକାଶ ପାଇଁ କେତେ ଟଙ୍କା ଖର୍ଚ୍ଚ କରିଛି, ସେ ବାବଦରେ କୌଣସି ଅଡିଟ୍ ହୋଇନାହିଁ। ଉପଭୋକ୍ତାଙ୍କ ➪ପୃଷ୍ଠା-୬

# କେନ୍ଦ୍ରାପଡ଼ା ବ୍ଲକରେ ତାଲିମ ନାମରେ ହରିଲୁଟ

କେନ୍ଦ୍ରାପଡ଼ା,୧୦।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକରେ ବିଭିନ୍ନ ସମୟରେ ହେଉଥିବା ତାଲିମ ଶିବିର ନାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେଉଥିବା ନେଇ ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁଯାୟୀ ସରକାରଙ୍କ ବିଭିନ୍ନ ଯୋଜନାରେ କେନ୍ଦ୍ରାପଡା ବ୍ଲକରେ ହେଉଥିବା ତାଲିମ ଶିବିରକୁ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ (ଡବ୍ଲୁଇଓ) ଶୁଭଜିତ ରାଉତ ପରିଚାଳନା କରିଥାନ୍ତି । ବିଗତ ୩ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ବ୍ଲକରେ କାର୍ଯ୍ୟରତ ଥିବା ଡବ୍ଲୁଇଓ ଶ୍ରୀ ରାଉତ ଏହିସବୁ ତାଲିମ ଶିବିରର ପରିଚାଳନା କରିବା ସହ ଅତ୍ୟନ୍ତ ନିମ୍ନମାନର ଖାଦ୍ୟପଦାର୍ଥ ଶିବିରାର୍ଥୀମାନଙ୍କୁ ଖାଇବାକୁ ଦେବା ଓ ଅନେକ ସମୟରେ ବିନା ଖାଦ୍ୟ ପ୍ରଦାନରେ ମିଥ୍ୟା ବିଲ ଭାଉଚର ପ୍ରସ୍ତୁତ କରି ଲକ୍ଷ ଲକ୍ଷ ଟଙ୍କା ହଡପ କରିନେଇଥିବା ଅଭିଯୋଗ ହୋଇଛି।

କେବଳ ସେତିକି ନୁହେଁ ସରକାରଙ୍କ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଉନ୍ନୟନ ବିଭାଗ ଅଧିନରେ କେନ୍ଦ୍ରାପଡା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟ ଛାତ୍ରାବାସର ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ଅନୁଦାନ ଅର୍ଥକୁ ଲୁଟ କରିବାରେ ସଂପୃକ୍ତ ବିଦ୍ୟାଳୟର ଶିକ୍ଷକଙ୍କୁ ପୂର୍ଣ୍ଣ ସହଯୋଗ କରି ଅର୍ଥ ଲୁଟ କରୁଛନ୍ତି । ଫଳରେ ସରକାରଙ୍କ ଯୋଜନା ଏହାଦ୍ୱାରା ଦିଗହରା ହୋଇପଡିଛି । ଦଳିତ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଋଣ କରାଇଦେବା ନାମରେ ସେମାନଙ୍କ ଠାରୁ ଅର୍ଥ ଉକ୍ରଚ ନେବା ସହ ଅନେକ ସମୟରେ ସେମାନଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଛି । ତାଙ୍କର ଥାର୍ଡ ଫ୍ଲୋରରେ ହାତ ଅଛି ବୋଲି କହି ଲୋକମାନଙ୍କୁ ଡରାଉଥିବା ମଧ୍ୟ ଅଭିଯୋଗ ହୋଇଛି ।

ଏସମ୍ପର୍କରେ ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ସମେତ ଶତାଧିକ ଦଳିତ ମହିଳା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଅଭିଯୋଗ କରି ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବି କରିଛନ୍ତି।

ଏହି ଅଭିଯୋଗର ନକଲ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ, ମୁଖ୍ୟଶାସସନ ସଚିବ, ବିଭାଗୀୟ ଶାସନ ସଚିବ, ଭିଜିଲାନ୍ସ ଏସପି ଓ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି ।

## ରାସ୍ତାରେ ଆଣ୍ଠୁଏ ପାଣି, ଛାତ୍ରଛାତ୍ରୀ ଓ ବ୍ୟବସାୟୀ ହନ୍ତସନ୍ତ



କେନ୍ଦ୍ରାପଡ଼ା,୧୦।୮ (ସଂଚାର ବ୍ୟୁରୋ): ଲଘୁଚାପଜନିତ ବର୍ଷା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ଅଞ୍ଚଳର ସ୍କୁଲ ପଡ଼ିଆ ଦେଇ ଯାଉଥିବା ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଜୟରାମ ହାଇସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ହାଟକୁ ପରିବା ବିକ୍ରି କରିବାକୁ ଆସୁଥିବା ବ୍ୟବସାୟୀ ଏବଂ ଆୟୁର୍ବେଦିକ ମେଡିକାଲକୁ ଯାଉଥିବା ଲୋକମାନେ ଏହି ରାସ୍ତାର ଦୁରବସ୍ଥା ଯୋଗୁଁ ବହୁତ ଅସୁବିଧା ଭୋଗୁଛନ୍ତି। ରାସ୍ତାରେ ପାଣି ଜମି ରହିବା ସହିତ ଯାତାୟାତ କଷ୍ଟକର ହୋଇପଡ଼ିଛି। ଛୋଟ ପିଲାମାନେ ସ୍କୁଲ, କଲେଜ ଓ ଅଙ୍ଗନୱାଡ଼ିକୁ ଯିବାରେ ମଧ୍ୟ ବହୁ ଅସୁବିଧା ହେଉଛି।

ସ୍ଥାନୀୟ ବ୍ୟବସାୟୀ ଓ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ରାସ୍ତାର ସମସ୍ୟା ରହିଥିଲେ ମଧ୍ୟ ପଞ୍ଚାୟତ ପକ୍ଷରୁ ଏପର୍ଯ୍ୟନ୍ତ ଆବଶ୍ୟକ ମରାମତି କରାଯାଇନାହିଁ। ବର୍ଷା ଦିନରେ ସମସ୍ୟା ଆହୁରି ଗୁରୁତର ହେଉଥିବାରୁ ତୁରନ୍ତ ରାସ୍ତା ଉଚ୍ଚା କରିବା ସହିତ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ପଞ୍ଚାୟତ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ବିଦ୍ୟାଳୟରେ ଫଳ ଚାରାରୋପଣ



ଡେରାବିଶ,୧୦।୮ (ସଂଚାର ବ୍ୟୁରୋ): ଡେରାବିଶ ଶିକ୍ଷାସର୍କଲ ମୁକୁନ୍ଦପୁର ସାଧନ କେନ୍ଦ୍ର ଅଧୀନ ଅର୍ତାମୂଳ ସ୍ଥିତ ଜେନାମଣି ପ୍ରାଥମିକ ବିଦ୍ୟାଳୟ ପରିସରରେ ଫଳବୃକ୍ଷ ରୋପଣ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିରାମ ମିଶ୍ରଙ୍କ ତତ୍ୱାବଧାନରେ ବିଦ୍ୟାଳୟ ଶିକ୍ଷା କମିଟିର ସଭାପତି ପ୍ରମୋଦ କୁମାର ପ୍ରଧାନ, ସମାଜସେବୀ ପ୍ରମୋଦ କୁମାର ପ୍ରତାପ ଓ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ ବିଦ୍ୟାଳୟ ପରିସରରେ ନଡ଼ିଆ ଗଛ ରୋପଣ କରିଥିଲେ।

### ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

## ଲକ୍ଷେରୁ ଊର୍ଦ୍ଧ୍ୱ ତ୍ରିରଙ୍ଗା ତିଆରି କରୁଛନ୍ତି ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ



ଡେରାବିଶ,୧୦।୮ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ ଚଳିତ ବର୍ଷ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି କରୁଛନ୍ତି ତ୍ରିରଙ୍ଗା ପତାକା। ଏହି ଗ୍ରୁପର ୭୦ରୁ ଊର୍ଦ୍ଧ୍ୱ ମହିଳା ଆସନ୍ତା ଅଗଷ୍ଟ ୧୫ ତାରିଖ ନିମନ୍ତେ ସରକାରଙ୍କ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦିନରାତି ଏକ କରି ତ୍ରିରଙ୍ଗା ପତାକା ନିର୍ମାଣ କରି ଚାଲିଛନ୍ତି। ଧାର୍ଯ୍ୟ ତାରିଖ ସୁଦ୍ଧା ଯେମିତି ହେଲେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ପତାକା ତିଆରି କରିବାକୁ ପଡ଼ିବ।

ଏହି ପ୍ରଡ୍ୟୁସର୍ସ ଗ୍ରୁପର ସଭାପତି ଲେସାତୁନ୍ ବିବି ଓ ସମ୍ପାଦିକା ରେଶମା ବେଗମ୍ କୁହନ୍ତି ଗତବର୍ଷ ଆମେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ଏକଲକ୍ଷରୁ ଊର୍ଦ୍ଧ୍ୱ ଜାତୀୟ ପତାକା ଯୋଗାଇଥିବା ବେଳେ ବାହାର ବଜାର, ବିଭିନ୍ନ ସ୍କୁଲ କଲେଜ ଓ ସାମାଜିକ ଅନୁଷ୍ଠାନ ଆମ ନିକଟରୁ ଜାତୀୟ ପତାକା କ୍ରୟ କରିଥିଲେ। ଚଳିତ ବର୍ଷ ଆମେ ଜିଲ୍ଲା ପ୍ରଶାସନକୁ ୭୦୦୦୦ ପତାକା ଓ ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ୩୦୦୦୦ ପତାକା ଯୋଗାଇବାକୁ ଅର୍ଡ଼ର ପାଇଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପତାକା କିଣିବା ନିମନ୍ତେ ପୂର୍ବରୁ ଅର୍ଡ଼ର ଆସିଲାଣି। ଆମ ସଦସ୍ୟାମାନେ ପ୍ରତିଷ୍ଠାନରେ ରହିଥିବା ଅତ୍ୟାଧୁନିକ କପଡ଼ା କଟା ମେସିନ୍ ଓ ଯନ୍ତ୍ରଚାଳିତ ସିଲେଇ ମେସିନ୍ ସହାୟତାରେ ଏହାକୁ ନିର୍ମାଣ କରିବାରେ ଲାଗିପଡ଼ିଛନ୍ତି।

ଏହି ଗ୍ରୁପର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ଏମ୍ବ୍ରୋଡୋରୀ ବେଡ଼ସିଟ, ଶାଢ଼ୀ ଓ ଅନ୍ୟାନ୍ୟ ସାମଗ୍ରୀ ରାଜ୍ୟ ଓ ରାଜ୍ୟ ବାହାରେ ଖୁବ୍ ପ୍ରସିଦ୍ଧିଲାଭ କରିଛି। ଯେଉଁଥିପାଇଁ ଏହି ପ୍ରଡ୍ୟୁସର୍ସଗ୍ରୁପକୁ ରାଜ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରିଛନ୍ତି। ଏଥିସହିତ ଏହି ଗ୍ରୁପର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଡିଜାଇନ୍‌ର ପୋଷାକ ସମେତ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ିର ୟୁନିଫର୍ମ ମଧ୍ୟ ନିର୍ମାଣ କରିଥାନ୍ତି।

## ଗୋଷ୍ଠୀ ଶୌଚାଳୟ ନିର୍ମାଣ ବନ୍ଦ ଦାବିରେ ତହସିଲଦାରଙ୍କୁ ଦାବିପତ୍ର



ପଟ୍ଟାମୁଣ୍ଡାଇ,୧୦।୮ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଂଚାୟତ ମାଳିପୁର ଗ୍ରାମରେ ବ୍ଲକ ପକ୍ଷରୁ ସରକାରୀ ରାସ୍ତାରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଥିବାରୁ ଏହାକୁ ବିରୋଧ କରି ମାଳିପୁର ଗ୍ରାମର ପ୍ରଶାନ୍ତ ମହାନ୍ତି ଓ ରମାକାନ୍ତ ଦାସ ଗତ ୫ ତାରିଖ ଠାରୁ ତହସିଲ ଅଫିସ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଥିଲେ । ଏହି ଅନଶନ ଆଜି ଷଷ୍ଠ ଦିନରେ ପହଂଚିଛି । ପ୍ରଶାସନ ପକ୍ଷରୁ ତହସିଲଦାର ଓ ବିଡ଼ିଓ ଅନଶନ କାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ବାଟ ବାହାରି ପାରି ନାହିଁ । ଆଜି ଅନଶନକାରୀଙ୍କ ଦାବୀକୁ ସମର୍ଥନ ଜଣାଇ ଆଶିଷ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଅର୍ଜୁନ ସାହୁ , ଦୀପକ ମହାନ୍ତି ,କଳ୍ପତରୁ ମଳିକ , ଅତନୁ ମଳିକ , ମହେଶ୍ୱର ମଳିକ , ସୁମିତ କୁମାର ସାମଲ,ରାହୁଲ ପାତ୍ର,ପ୍ରକାଶ ପାତ୍ର,ଦିଲ୍ଲୀପ ମଳିକ, ରାହାସ ମଳିକ, ଜୁମର ସେଠି, ଗାଲେଖ ମଳିକ, ଅର୍ଜୁନ ମଳିକ, ବାଦଲ ସେଠୀ କିରଣ ସେଠୀଙ୍କ ସମେତ ମହିଳାମାନେ ଶୋଭାଯାତ୍ରାରେ ଆସି ଗୋଷ୍ଠୀ ଶୌଚାଳୟ ବନ୍ଦ ପାଇଁ ତହସିଲଦାରଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ । ଗୋଷ୍ଠୀ ଶୌଚାଳୟ ବନ୍ଦ ଦାବୀ କରି ଚାଲିଥିବା ଅନଶନ ଆଜି ଷଷ୍ଠ ଦିନରେ ପହଂଚିଛି । ଅନଶନ ସ୍ଥଳରେ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ପୋଲିସ ଅନଶନସ୍ଥଳରେ ମୁତୟନ କରାଯାଇଛି ।

### ଚିଙ୍ଗୁଡି ଘେରି ଉଜାଡୁଛି ଫସଲ

## ବିଷ ବୋତଲ ଧରି ଜନଶୁଣାଣି ଶିବିରରେ ପହଞ୍ଚିଲେ ଚାଷୀ



କେନ୍ଦ୍ରାପଡ଼ା,୧୦।୮ (ସଂଚାର ବ୍ୟୁରୋ): ରାଜନଗର ଅଞ୍ଚଳରେ ହଜାର ହଜାର ବେଆଇନ ଚିଙ୍ଗୁଡି ଘେରି ଗଢି ଉଠିଛି | ମାନ୍ୟବର ଉଚ୍ଚ ନ୍ୟାୟଳୟଙ୍କ ନିର୍ଦେଶ ସତ୍ତେ ବେଆଇନ ଚିଙ୍ଗୁଡି ଘେରି ଉଛେଦ କରାଯାଉନି | ବେଆଇନ ଚିଙ୍ଗୁଡି ଘେରି ବିଷାକ୍ତ ଲୁଣି ପାଣି କିପରି ଫସଲ ଉଜାଡୁଛି ସେ ନେଇ ବାରମ୍ବାର ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଅଭିଯୋଗ ପରେବି ଫଳ ଶୁନ | ନ୍ୟାୟ ପାଇବାରେ ବିଫଳ ହେବା ପରେ ଆଜି ୨ ଜଣ ଚାଷୀ ବିଷ ବୋତଲ ଧରି ଜନଶୁଣାଣୀ ଶିବିରରେ ପହଞ୍ଚିବା ଓ ପୋଲିସ ଚାଷୀଙ୍କ ଠାରୁ ବିଷ ବୋତଲ ଛଡାଇବା ଭଳି ଅଭାବନୀୟ ଘଟଣା ଘଟିଛି | ତହସିଲଦାରଙ୍କ ବୁଝାସୁଜା ଓ ନିଶ୍ଚିନ୍ତ ନ୍ୟାୟ ମିଳିବ ବୋଲି ପତିଶ୍ରୁତି ପରେ ଚାଷୀ ବିଷ ନପିଇବା ସହିତ ଆଶା ନେଇ ଘରକୁ ଫେରିଛନ୍ତି |

ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ବିରଭଞ୍ଜପୁର ଗାଁର ରାମକୃଷ୍ଣ ମଣ୍ଡଲଙ୍କ ଅଭିଯୋଗ ମୁତାବକ ତାଙ୍କର ଜ୍ୟୋତିପ୍ରସାଦ ମୌଜାରେ ୭୫ ଡେଶମିଲ ଚାଷଜମି ରହିଛି | ତାଙ୍କ ଚାଷଜମି ନିକଟରେ ବେଆଇନ ଚିଙ୍ଗୁଡି ଘେରି ରହିଛି | ଲବ କୁମାର ମାଇତି ତାଙ୍କ ଚିଙ୍ଗୁଡି ଘେରିର ବିଷାକ୍ତ ଓ ଲୁଣୀ ପାଣିକୁ ବର୍ଷା ସମୟରେ ତାଙ୍କ ଚାଷ ଜମିକୁ ଛାଡୁଛନ୍ତି। ଫଳରେ ୨୦୧୮ ମସିହା ଠାରୁ ୮ ବର୍ଷ ହେଲା ତାଙ୍କ ଜମିରେ ଫସଲ ହେଉନାହିଁ | ସେ ଏନେଇ ରେଞ୍ଜ ଅଫିସର , ଡିଏଫଓ ଓ ତହସିଲଦାରଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ଫଳ ମିଳୁନି। ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ୬ ଥର ଅଭିଯୋଗ କରି ସାରିଲିଣି | ପ୍ରତିଥର ବେଆଇନ ଚିଙ୍ଗୁଡି ଘେରି ଉଛେଦ ହେବ ବୋଲି ଜନଶୁଣାଣୀ ଶିବିରରେ ପତିଶ୍ରୁତି ମିଳୁଛି | ମାତ୍ର କୌଣସି ପଦକ୍ଷେପ ନିଆଯାଉ ନାହି | ଆଜି ଅଭିଯୋଗ ସହିତ ବିଷ ଧରିକି ଆସିଛି , ଏଇଠି ସମାଧାନ ନକଲେ ବିଷ ପିଇଥାନ୍ତି | ତହସିଲଦାର ସାର ୩ ଦିନ ଭିତରେ ପଦକ୍ଷେପ ନେବେ ବୋଲି ପତିଶ୍ରୁତି ଦେବାରୁ ବିଷ ନପିଇ ଫେରିଯାଉଛି ବୋଲି କହିଛନ୍ତି |

ସେହିପରି ଡୋଲମରା ଗାଁର ଗଣେଶ ଚନ୍ଦ୍ର ମହାନ୍ତିଙ୍କ ଅଭିଯୋଗ ମୁତାବକ ସେ ଜଣେ ଗରିବ ଚାଷୀ | ଚାଷ କରି ପରିବାର ଭରଣପୋଷଣ କରନ୍ତି | ତାଙ୍କର ପୀତଣ୍ଡା ମୌଜାରେ ୫ ଏକର ୨୮ ଡେସମିଲ ଜମି ରହିଛି | ଜମି ନିକଟରେ ଥିବା ସରକାରୀ ଜମି ଓ ପାଣିନାଳକୁ ଅବରୋଧ କରି ମଧୁସୂଦନ ଜେନା ଚିଙ୍ଗୁଡି ଘେରି ନିର୍ମାଣ ଘେରି ନିର୍ମାଣ କରିବା ଚିଙ୍ଗୁଡି ଘେରିର ଲୁଣିପାଣି ଚାଷଜମିକୁ ଛାଡୁଛନ୍ତି। ଫଳରେ ତାଙ୍କ ଜମିରେ ଫସଲ ହେଉନାହିଁ | ଏପରିକି ସରକାରୀ ଜମି ଓ ପାଣି ନାଳ ଅବରୋଧ ଯୋଗୁ ତାଙ୍କ ଜମି ନିକଟକୁ ହଳ ପାଇଁ ବଳଦ ମଧ୍ୟ ଛାଡୁନାହାନ୍ତି | ବାରମ୍ବାର ଅଭିଯୋଗ ପରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଆଜି ଜନଶୁଣାଣୀ ଶିବିରରେ ବିଷ ପିଇବାକୁ ନିଷ୍ପତି ନେଇଥିଲୁ | ତହସିଲଦାର ପଦକ୍ଷେପ ନେବେ ବୋଲି ପତିଶ୍ରୁତି ଦେବା ପରେ ବିଷ ନପିଇ ଫେରିଯାଉଛି ବୋଲି କହିଛନ୍ତି |

## ଜିଲ୍ଲା ସଂସ୍କୃତ ବିଦ୍ୟାଳୟ ଶିକ୍ଷକ ସଙ୍ଘ ବୈଠକ



କେନ୍ଦ୍ରାପଡ଼ା,୧୦।୮ (ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ତୁଳସୀ ସଂସ୍କୃତ ବିଦ୍ୟାଳୟରେ କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତ ବିଦ୍ୟାଳୟ ଶିକ୍ଷକ ସଙ୍ଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ସଭାପତି ପଣ୍ଡିତ ସୁବାସ ଚନ୍ଦ୍ର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ତ୍ରିପାଠୀ, ପରୀକ୍ଷା ସଳକ କୃଷ୍ଣଚନ୍ଦ୍ର ମିଶ୍ର, ଅଷ୍ଟସମ୍ଭୁ ସଂସ୍କୃତ ବିଦ୍ୟାଳୟ ପ୍ରଧାନ ପଣ୍ଡିତ ରତ୍ନାକର ଦାସ ଓ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ପରୀକ୍ଷା ନିୟନ୍ତ୍ରକ କୃଷ୍ଣଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଶିକ୍ଷାର ଉନ୍ନତି ତଥା ଜିଲ୍ଲା ସଂସ୍କୃତ ଶିକ୍ଷକ ସଙ୍ଘର ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ । ଏହି ଅବସରପ୍ରାପ୍ତ ପଣ୍ଡିତ ମହେଶ୍ୱର ନନ୍ଦ, କୃଷ୍ଣଚନ୍ଦ୍ର ଷଡଙ୍ଗୀ, ବ୍ରଜସୁନ୍ଦର ନନ୍ଦ, ନିରଞ୍ଜନ ସାହୁ, ନାରାୟଣ ପ୍ରଧାନ, ଘନଶ୍ୟାମ ପରିଡା, ରତ୍ନାକର ଦାସ, ପର୍ଶୁରାମ ବିଶ୍ୱାଳ, ବ୍ରଜକିଶୋର ମହାନ୍ତି, କଳ୍ପତରୁ ନାୟକ, ସତ୍ୟନାରାୟଣ ମହାନ୍ତି, ବିଶ୍ୱନାଥ ରାଉତ, ଶିକ୍ଷୟିତ୍ରୀ ଅଞ୍ଜଳିପ୍ରଭା ନାୟକ ପ୍ରମୁଖଙ୍କୁ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିସହିତ ସଙ୍ଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇ ସଭାପତି ଭାବେ ସୁବାଷ ଚନ୍ଦ୍ର ପାଣି, ଉପସଭାପତି ପ୍ରମୋଦ ଶତପଥୀ, ସମ୍ପାଦକ ବଳରାମ ବାଗ, ସହସମ୍ପାଦିକା କାମିନୀପ୍ରଭା ଜେନା, କୋଷାଧ୍ୟକ୍ଷ କଳ୍ପତରୁ ନାୟକଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା ।

## ବାୟାବାବା ମହାବିଦ୍ୟାଳୟରେ ଜାତୀୟ କୃମି ନାଶକ ଦିବସ ପାଳିତ



ମହାକାଳପଡ଼ା,୧୦।୮ (ସଂଚାର ବ୍ୟୁରୋ): ଜାତୀୟ କୃମି ନାଶକ ଦିବସ ଅବସରରେ ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟ ପରିସରରେ ଏନଡିଡି-ଅଗଷ୍ଟ ୨୦୨୬ର ଶୁଭାରମ୍ଭ କରାଯାଇଛି। ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏହି ସଚେତନତା ଓ ଔଷଧ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଉପ ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ନିରଞ୍ଜନ କର, ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟ, ବାୟାବାବା ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ ଦାସ, ରୋଗୀ କଲ୍ୟାଣ ସମିତିର ସଦସ୍ୟ ରୁଦ୍ରନାରାୟଣ ମୁଦୁଲି ଓ ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅଧିକାରୀ ଓ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ କୃମି ନାଶକ ଔଷଧ ସେବନ କରାଇବା ସହ କୃମି ସଂକ୍ରମଣରୁ ରକ୍ଷା ପାଇଁ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟକର ଅଭ୍ୟାସ ସମ୍ପର୍କରେ ସଚେତନ କରିଥିଲେ।

## ନିଖିଳ ଓଡ଼ିଶା ଆଶାକର୍ମୀ ସଙ୍ଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କେନ୍ଦ୍ରାପଡ଼ା,୧୦।୮ (ସଂଚାର ବ୍ୟୁରୋ): ନିଖିଳ ଓଡିଶା ଆଶାକର୍ମୀ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜରିଆରେ ଏକ ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି ।

ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଆମ ଦେଶ, ରାଜ୍ୟ ଓ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ସହିତ ମା' ଶିଶୁର ଯତ୍ନ ତଥା ମୃତ୍ୟୁହାରକୁ କମାଇବା ପାଇଁ ୨୦୦୬ ମସିହାରୁ ଆଜି ପର୍ଯ୍ୟନ୍ତ ୨୦ବର୍ଷ ଧରି ବିନା ପାରିଶ୍ରମିକରୁ ବର୍ତ୍ତମାନ ନିଶ୍ଚିତ ଭତ୍ତା ୭ହଜାର ୪ଶହ ଟଙ୍କା ପର୍ଯ୍ୟନ୍ତ ପାଇ ଆମେ ପରିବାରକୁ ପଛ କରି ସେବା ଯୋଗାଇ ଦେଇ ଆସୁଛୁ । ଫଳରେ ଆମ ଜିଲ୍ଲା ଠାରୁ ଦେଶ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବାର ଉନ୍ନତି ହୋଇଛି । କିନ୍ତୁ ଦୁଃଖର କଥା ଆଶାକର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଓ ଆର୍ଥିକ ନିରାପା ପ୍ରଦାନ କରାଯାଉନାହିଁ। ତେଣୁ ଆଶାକର୍ମୀଙ୍କୁ ସର୍ବନିମ୍ନ ମାସିକ ୨୬ହଜାର ଟଙ୍କା ଦରମା ପ୍ରଦାନ, ପଦୋନ୍ନତି ଓ ମାସିକ ପେନସନ ସର୍ବନିମ୍ନ ୫ହଜାର, ପ୍ରତ୍ୟେକ ଗ୍ରାମରେ ଆଶାଗୃହ ନିର୍ମାଣ, ଡ୍ୟୁଟି ବେଳେ ମୃତ୍ୟୁ ହେଲେ ପରିବାରର ଜଣଙ୍କୁ ଆଶାକର୍ମୀ ଚୟନ କରାଯିବା, ଏନ.ଏଚ.ଏମ.ର ସମସ୍ତ କର୍ମଚାରୀଙ୍କୁ ସରକାରୀ ଚାକିରୀ ମାନ୍ୟତା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସିଏଚସିରେ ଭଲ ଆଶାଗୃହ ଯୋଗାଇ ଦିଆଯିବା, ଆଶାକର୍ମୀଙ୍କ କାମ ସୁପରିଚାଳନା ପାଇଁ ବଡ ମୋବାଇଲ ସେଟ୍ ଓ ସ୍କୁଟି ଯୋଗାଇଦେବା, ଘରୋଇ ଡାକ୍ତରଖାନାକୁ ରୋଗୀ ଗଲେ ଆଶାକର୍ମୀଙ୍କୁ ତାର ପ୍ରାପ୍ୟ ପ୍ରଦାନ କରାଯିବା ଓ ବାର୍ଷିକ ୧୦ହଜାର ଟଙ୍କା ତୁରନ୍ତ ପ୍ରଦାନ କରାଯିବା ଭଳି ଦାବି ଗୁଡିକ ରହିଛି ।

## ଜାତୀୟ କୃମିନାଶକ ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୧୦।୮ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ପକ୍ଷରୁ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲ ଠାରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ନିରାକାର ପରିଡା ଉଦଘାଟନ କରିଥିଲେ । ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୁନିତୀ ଦାଶ,ପ୍ରଧାନଶିକ୍ଷୟତ୍ରୀ ଉର୍ମିଳା ଜେନା, ବରିଷ୍ଠ ଶିକ୍ଷୟତ୍ରୀ ଶ୍ରଦ୍ଧାଞ୍ଜଳି ନାଥଶର୍ମା, ସୁଜାତା ପ୍ରିୟମ୍ବଦା ଦାସ, ଜିତେନ୍ଦ୍ର ଖଡ଼ି ରତ୍ନ, ପ୍ରକାଶ ମଥାନ ପ୍ରମୁଖ ଯୋଗ ଦେଇ କୃମି ବୃଦ୍ଧି ସ୍ୱାସ୍ଥ୍ୟହାନୀ କରିଥାଏ ବୋଲି ପ୍ରକାଶ କରି କୃମିନାଶ ପାଇଁ ଔଷଧ ସେବନ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚଇ ଓ ନୃସିଂହ ଚରଣ ଦାସ ବିପିଏମ୍ ଚିତ୍ତରଞ୍ଜନ ଚାନ୍ଦ ଓ ସଞ୍ଜୟ କୁମାର ଦାସ ପରିଚାଳନା କରିଥିଲେ। ଏଇ ଅବସରରେ ଆଜି ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ଅଙ୍ଗନୱାଡି, ସ୍କୁଲ ଓ କଲେଜରେ କୃମି ନାଶକ ଔଷଧ ଦିଆଯାଇଥିଲା ।

## ବାଲକାଟିରେ ଇଶା ଗ୍ରାମୋତ୍ସବ

## ୭୨ ବର୍ଷୀୟା ମହିଳାଙ୍କ ଉପସ୍ଥିତି ଆଣିଲା ନିଆରା ଉତ୍ସାହ



ବାଲିଅନ୍ତା,୧୦।୮ (ସଂଚାର ବ୍ୟୁରୋ): ଇଶା ଗ୍ରାମୋତ୍ସବର ୧୮ତମ ସଂସ୍କରଣ ଏବଂ ଓଡ଼ିଶାରେ ଏହାର ୨ୟ ସଂସ୍କରଣ ଅବସରରେ ଖୋର୍ଦ୍ଧା ଜିଲ୍ଲା ପାଇଁ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବାଲକାଟିରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି।

ଇଶା ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଗ୍ରାମୋତ୍ସବର ମୂଳ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କୁ କ୍ରୀଡ଼ା ସହ ଯୋଡ଼ିବା, ସେମାନଙ୍କ ମଧ୍ୟରେ ଉତ୍ସାହ, ସାମୂହିକତା ଓ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା। ଇଶା ଫାଉଣ୍ଡେସନ୍‌ର ସ୍ଥାପକ ସଦ୍‌ଗୁରୁ ଜଣେ ଯୋଗୀ, ଆତ୍ମଜ୍ଞାନୀ ଓ ଜନକଲ୍ୟାଣକାରୀ ବ୍ୟକ୍ତିତ୍ୱ ଭାବେ ବିଶ୍ୱବିଖ୍ୟାତ। ଯୋଗର ପ୍ରସାର ସହିତ 'ସେଭ୍ ସଏଲ୍ (ମାଟି ବଞ୍ଚାଅ)', 'କାଭେରୀ କଲିଂ' ଏବଂ 'କନ୍‌ସସ୍ ପ୍ଲାନେଟ୍' ଭଳି ବିଶ୍ୱସ୍ତରୀୟ ଅଭିଯାନ ପାଇଁ ମଧ୍ୟ ସେ ପରିଚିତ।

ଖୋର୍ଦ୍ଧା କ୍ଲଷ୍ଟରର ଏହି ଗ୍ରାମୋତ୍ସବରେ ମୋଟ ୬୬ଟି ଦଳ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୪୧ଟି ଦଳ ଭଲିବଲ୍ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥ୍ରୋବଲ୍‌ରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଥ୍ରୋବଲ୍‌ରେ ୧୨୦ରୁ ଅଧିକ ମହିଳା ଖେଳାଳିଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ସମଗ୍ର ଆୟୋଜନର ଅନ୍ୟତମ ଆକର୍ଷଣ ଥିଲା।

ବିଶେଷକରି ମହିଳା ଥ୍ରୋବଲ୍ ପ୍ରତିଯୋଗିତାରେ ଦେଖିବାକୁ ମିଳିଥିଲା ଗ୍ରାମୋତ୍ସବର ଏକ ନିଆରା ଚିତ୍ର। ମା'-ଝିଅ, ଶାଶୁ-ବୋହୂ, ଖୁଡ଼ି-ଝିଆରୀ, ଭାଉଜ-ନଣନ୍ଦ ଭଳି ବିଭିନ୍ନ ପାରିବାରିକ ସମ୍ପର୍କର ମହିଳାମାନେ ଏକାଠି ଖେଳ ପଡ଼ିଆକୁ ଓହ୍ଲାଇଥିଲେ। ଘର ଓ ପରିବାରର ଦୈନନ୍ଦିନ ଦାୟିତ୍ୱ ମଧ୍ୟରୁ ବାହାରି ମହିଳାମାନଙ୍କ ଏଭଳି ଉତ୍ସାହର ସହ କ୍ରୀଡ଼ାରେ ସାମିଲ ହେବା ଉପସ୍ଥିତ ଦର୍ଶକମାନଙ୍କୁ ବେଶ୍ ଉତ୍ସାହିତ କରିଥିଲା।

ଏହି ଅବସରରେ ୭୨ ବର୍ଷ ବୟସର ଜଣେ ମହିଳାଙ୍କ ଉପସ୍ଥିତି ସମସ୍ତଙ୍କ ପାଇଁ ବିଶେଷ ପ୍ରେରଣାର ବିଷୟ ପାଲଟିଥିଲା। ଗ୍ରାମୋତ୍ସବ ପ୍ରତି ତାଙ୍କର ଉତ୍ସାହ ଏହି ଆୟୋଜନର ଉଦ୍ଦେଶ୍ୟକୁ ଆହୁରି ଅର୍ଥପୂର୍ଣ୍ଣ କରିଥିଲା।

## ଜିଲ୍ଲା ମୁଖ୍ୟାଳୟରୁ ବଦଳି, ମାଡ଼ି ବସିଛନ୍ତି ସରକାରୀ କ୍ୱାର୍ଟର

### କର୍ମଚାରୀଙ୍କୁ ଫାଇନ କଲେ ଜିଲ୍ଲାପାଳ



କେନ୍ଦ୍ରାପଡ଼ା,୧୦।୮ (ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନରେ ୦୩ବର୍ଷରୁ ଊର୍ଦ୍ଧ୍ୱ ରହିଥିବା କର୍ମଚାରୀଙ୍କୁ ୨୦୨୪ମସିହାରେ ତତ୍କାଳୀନ ଜିଲ୍ଲାପାଳ ବଦଳି କରିଥିଲେ। କିନ୍ତୁ କର୍ମଚାରୀ ମାନଙ୍କୁ ମିଳିଥିବା ସାନ୍ତସାହି ସ୍ଥିତ ଏଲଆଇସି କଲୋନୀରେ ସରକାରୀ କ୍ୱାର୍ଟର ଆଜି ପର୍ଯ୍ୟନ୍ତ ଛାଡ଼ି ନାହାନ୍ତି। କର୍ମଚାରୀ ମାନେ ବିଭିନ୍ନ ବ୍ଲକ୍ ଓ ତହସିଲ୍‌ରେ କାର୍ଯ୍ୟ କଲେ କିନ୍ତୁ ଜିଲ୍ଲା ମୁଖ୍ୟାଳୟର ସରକାରୀ କ୍ୱାର୍ଟରକୁ ଦୀର୍ଘ ବର୍ଷ ଧରି ମାଡ଼ି ବସିଛନ୍ତି। ଅନ୍ୟତ୍ର ଯାଗାକୁ ବଦଳି ହୋଇ ମଧ୍ୟ ସରକାରୀ କ୍ୱାର୍ଟର ଛାଡୁନଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବର୍ତ୍ତମାନ କାର୍ଯ୍ୟରତ ଥିବା କର୍ମଚାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ବଡ଼ କଥା କିଛି କରିତକର୍ମା କର୍ମଚାରୀ ସରକାରୀ କ୍ୱାର୍ଟରକୁ ନିଜ ଅକ୍ତିଆର ଭିତରେ ସୁରକ୍ଷିତ ରଖିବା ପାଇଁ ଡେପୁଟେସନକୁ ଢାଲ କରି ପୁର୍ନବାର ଆସିବାରେ ସକ୍ଷମ ହେଉଛନ୍ତି।

ସୂଚନା ମୁତାବକ, ବଦଳି ହୋଇ ଅନ୍ୟତ୍ର ଯାଗାକୁ ଯିବା ପରେ ମଧ୍ୟ ସରକାରୀ କ୍ୱାର୍ଟର ଛାଡୁନଥିବା ଅନେକ ସମୟରେ ଅଭିଯୋଗ ଉଠୁଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କ୍ୱାର୍ଟର ଛାଡୁନଥିବା ବେଳେ କର୍ମଚାରୀଙ୍କୁ ମାର୍କେଟ ପ୍ରାଇସ ଅନୁସାରେ ଫାଇନ କରିବା ସହ ନୋଟିସ୍ ଜାରି କରିଛନ୍ତି ଜିଲ୍ଲାପାଳ ରଘୁରାମ ଆର ଆୟାର। ଜିଲ୍ଲାପାଳଙ୍କ ଚିଠି ନଂ -୨୪୯,ତା୦୫ ଅଗଷ୍ଟ ୨୦୨୬ରେ ବରିଷ୍ଠ କିରାଣି ସତ୍ୟବ୍ରତ ଗିରିଙ୍କୁ ୮୯,୬୧୦ ଫାଇନ କରାଯାଇଥିବା ବେଳେ ବରିଷ୍ଠ କିରାଣି ସୁଜାତା ସେଠି ଙ୍କୁ ୯୫,୪୧୦ଫାଇନ କରାଯାଇଛି। ସେହିପରି ବରିଷ୍ଠ କିରାଣି ଉମେଶ ଚନ୍ଦ୍ର ବେହେରାଙ୍କୁ ୯୫,୪୧୦ ଫାଇନ କରିଥିବା ବେଳେ ବରିଷ୍ଠ କିରାଣି ପ୍ରଦୀପ କୁମାର ଦାସଙ୍କୁ ୯୫,୪୧୦ ଫାଇନ କରାଯାଇଛି। ସେହିଭଳି ବରିଷ୍ଠ କିରାଣି ବିବେକାନନ୍ଦ ନାୟକଙ୍କୁ ୧ଲକ୍ଷ ୪୭ହଜାର ୬୧୦ ଟଙ୍କା ଫାଇନ କରିଥିବା ବେଳେ ବରିଷ୍ଠ କିରାଣି ସୂର୍ଯ୍ୟମଣୀ ବେହେରାଙ୍କୁ ୩୧,୬୧୦ ଟଙ୍କା ଫାଇନ କରାଯାଇଛି। ସେହିଭଳି ଡ୍ରାଇଭର ପ୍ରଫୁଲ୍ଲ କୁମାର ସାହୁଙ୍କୁ ୯୫,୪୧୦ଟଙ୍କା ଫାଇନ କରାଯାଇଛି।

ସୂଚନାଯୋଗ୍ୟ ଯେ, ଗତ ୨୦୨୪ରୁ ଜୁନ୍ ୨୦୨୬ ଦୁଇ ବର୍ଷ ଭିତରେ ଏମାନେ ବଦଳି ହୋଇଥିବା ସତ୍ତ୍ୱେ କେଉଁ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ସରକାରୀ କ୍ୱାର୍ଟର ମାଡ଼ି ବସିଥିଲେ, ତାହା ମଧ୍ୟ ତଦନ୍ତ ସାପେକ୍ଷ ?ଏହି କର୍ମଚାରୀ ମାନେ ଅଦ୍ୟାବଧି ନୋଟିସ୍ ପାଇବାର ୦୫ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ କୌଣସି କର୍ମଚାରୀ ଜିଲ୍ଲାପାଳ ଧାର୍ଯ୍ୟ କରିଥିବା ଜୋରିମାନା ରାଶି ପୈଠ କରିନଥିବା ତଥ୍ୟ ହସ୍ତଗତ ହୋଇଛି,ଯାହାକୁ ନେଇ କର୍ମଚାରୀ ମହଲରେ ଉଦବେଗ ପ୍ରକାଶ ପାଇଛି।ଏହି ଘଟଣାରେ କେବେ ଏହି କରିତକର୍ମା କର୍ମଚାରୀ ଉକ୍ତ ଜୋରିମାନା ରାଶି ପୈଠ କରୁଛନ୍ତି ନାଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ କରୁଛନ୍ତି ଯାହା ସାଧାରଣ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## ନିଶାମୁକ୍ତି ପ୍ରତିଜ୍ଞା ମହା ଅଭିଯାନ ଆରମ୍ଭ



ସତ୍ୟବାଦୀ,୧୦।୮ (ସଂଚାର ବ୍ୟୁରୋ): "ନିଶା ଛାଡ଼ିବା,ଜୀବନ ଗଢ଼ିବା,ସୁସ୍ଥ ମନ, ସୁସ୍ଥ ଜୀବନ, ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟ ନେଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରସାଶିକା ସ୍ୱର୍ଗତ ରାଜଯୋଗିନୀ ଦାଦୀ ପ୍ରକାଶ ମଣୀଙ୍କର ୧୯ ତମ ପୂର୍ଣ୍ଣ ସ୍ମୃତି ଦିବସ ଉଦ୍ଦେଶ୍ୟରେ ବ୍ରହ୍ମାକୁମାରୀ ଅନୁଷ୍ଠାନ ତରଫରୁ ସାରା ଭାରତବର୍ଷର ୧୦ହଜାରରୁ ଊର୍ଦ୍ଧ୍ୱ ସେବାକେନ୍ଦ୍ର ମାଧ୍ୟମରେ ଅଗଷ୍ଟ ୨ତାରିଖରୁ ଅଗଷ୍ଟ ୨୦ ତାରିଖ ମଧ୍ୟରେ ୧୦କୋଟିରୁ ଊର୍ଦ୍ଧ୍ୱ ନିଶାସକ୍ତ ବ୍ୟକ୍ତି ବିଶେଷକୁ ନିଶାମୁକ୍ତ କରିବା ଲକ୍ଷ୍ୟ ନେଇ କାର୍ଯକ୍ରମମାନ ଆୟୋଜନ କରାଯାଇଅଛି ।

ଏହି ମହାନ କାର୍ଯ୍ୟକୁ ଚିରତାର୍ଥ କରିବାପାଇଁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଅଗଷ୍ଟ ୨ ତାରିଖରେ ଏହାର ଶୁମଭାରମ୍ଭ କରିଛନ୍ତି।ଏହି ଅବସରରେ ସାକ୍ଷୀଗୋପାଳ ବ୍ଲକ ସ୍ଥିତ ବ୍ରାହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିର୍ଦ୍ୟାଳୟ ପରିସରରେ ଆତ୍ମା ପରମାତ୍ମା ଙ୍କୁ ସାକ୍ଷୀ ରଖି ଯେ କୌଣସି ନିଶାଠାରୁ ନିଜକୁ ଏବଂ ନିଜ ପରିବାରର ପିଲାମାନଙ୍କୁ ଦୁରେଇ ରଖିବା, ଜୀବନର ଶୁଦ୍ଧତା, ସକରାତ୍ମକ ଭାବନା ଭିତରେ ସମାଜକୁ ନିଶାମୁକ୍ତ କରିବା ପାଇଁ ବ୍ରହ୍ମାକୁମାରୀ ଭାଇ ଭଉଣୀ ମାନଙ୍କୁ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ବିକେ ସଂଯୁକ୍ତା ଭଉଣୀ ଶପଥ ପାଠ କରାଇଛନ୍ତି। ଆସନ୍ତା ଦିନ ମାନଙ୍କରେ ସ୍ଥାନିୟ ସ୍କୁଲ କଲେଜେ ଏବଂ ପ୍ରତି ଗାଁରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି କାର୍ଯକ୍ରମରେ ସେବାକେନ୍ଦ୍ରର ବିକେ ପିତାମ୍ବର ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ପାରକଣା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ମିଶ୍ର, ଶିକ୍ଷୟିତ୍ରୀ ଶର୍ମିଷ୍ଠା ବରଳ ପ୍ରମୁଖ ଅତିଥି ଭାବେ ଯୋଗଥିଲେ।

# ସବୁଜ ବିକାଶର ନେତୃତ୍ୱ ନିଅନ୍ତୁ ଯୁବପିଢ଼ି: ରାଜ୍ୟପାଳ



ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ଓଡ଼ିଶାର ଯୁବପିଢ଼ି ଜଳବାୟୁ ସହନଶୀଳତା ଓ ସବୁଜ ବିକାଶର ନେତୃତ୍ୱ ନେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଏହାଛଡ଼ା ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରିବା, ଅକ୍ଷୟ ଶକ୍ତିର ପ୍ରସାର, ସ୍ଥାୟୀ କୃଷି ଓ ରୋଜଗାର ସୃଷ୍ଟି ଦିଗରେ ଯୁବପିଢ଼ି କାର୍ଯ୍ୟ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି। ଆଜି ଜଟଣୀସ୍ଥିତ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଶା କନଫରେନ୍ସ ଅଫ ୟୁଥ ୪.୦କୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି।

ଏହି ସମାରୋହରେ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶାର ଭବିଷ୍ୟତକୁ କେବଳ ଉତ୍ତରାଧିକାର ସୂତ୍ରରେ ନେବାକୁ ଯୁବପିଢ଼ି ଆବଶ୍ୟକ ନୁହେଁ, ବରଂ ନିଜ ହାତରେ ଭବିଷ୍ୟତ ଗଢ଼ିବାକୁ ସକ୍ଷମ ଯୁବଶକ୍ତି ଆବଶ୍ୟକ। ଗତବର୍ଷ ସମାରୋହରେ ସେ ଯୁବପିଢ଼ିଙ୍କୁ ଜଳବାୟୁ ସହନଶୀଳତାର ନିର୍ମାତା ହେବାକୁ ଆହ୍ୱାନ ଜଣାଇଥିଲେ। ଏବେ ସେହି ଆହ୍ୱାନକୁ ଆହୁରି ଆଗକୁ ନେଇ ଯୁବପିଢ଼ିଙ୍କୁ କେବଳ ନୀତିର ନିଷ୍କ୍ରିୟ ଗ୍ରହୀତା ନୁହେଁ, ବରଂ ସମାଧାନର ସ୍ଥପତି ହେବାକୁ ପଡ଼ିବ। ଯୁବପିଢ଼ିଙ୍କ ଶକ୍ତି ଓ ସୃଜନଶୀଳତାକୁ ସକାରାତ୍ମକ କାର୍ଯ୍ୟରେ ବିନିଯୋଗ କରିପାରିଲେ 'ବିକଶିତ ଭାରତ @୨୦୪୭'ର ଲକ୍ଷ୍ୟ ବାସ୍ତବ ରୂପ ନେବ ବୋଲି ରାଜ୍ୟପାଳ କହିଛନ୍ତି। ସେହିପରି ଜଳବାୟୁ ପରିବର୍ତ୍ତନ ଆଉ ଦୂର ଭବିଷ୍ୟତର ଚେତାବନୀ ନୁହେଁ ବୋଲି ଦର୍ଶାଇ ରାଜ୍ୟପାଳ କହିଛନ୍ତି ଯେ ଗ୍ରୀଷ୍ମପ୍ରବାହ, ଅନିୟମିତ ବର୍ଷା, ବନ୍ୟା, ବାତ୍ୟା ଓ ସମୁଦ୍ର ପତ୍ତନ ବୃଦ୍ଧି ଚାଷ ଓ ଜୀବିକାକୁ ପ୍ରଭାବିତ କରୁଛି। ତେଣୁ ଜଳବାୟୁ ସହନଶୀଳତା କେବଳ ପରିବେଶ ସୁରକ୍ଷାର ଦାୟିତ୍ୱ ନୁହେଁ, ଏହା ମାନବୀୟ ମର୍ଯ୍ୟାଦା ଓ ଆଗାମୀ ପିଢ଼ି ପ୍ରତି ଦାୟିତ୍ୱ ବୋଲି କହିଥିଲେ।

# ରାଜ୍ୟସ୍ତରୀୟ ପରେଡ୍‌ରେ ଅଭିବାଦନ ନେବେ ମୁଖ୍ୟମନ୍ତ୍ରୀ

### କଳାହାଣ୍ଡି ଓ ସୁନ୍ଦରଗଡ଼ରେ ପତାକା ଉତ୍ତୋଳନ କରିବେ ଉପମୁଖ୍ୟମନ୍ତ୍ରୀ

### ୧୩ ଜିଲ୍ଲାରେ ମନ୍ତ୍ରୀ, ଅନ୍ୟ ସ୍ଥାନରେ ଆରଡିସି ଓ ଜିଲ୍ଲାପାଳ ମୁଖ୍ୟ ଅତିଥି



ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ଆସନ୍ତା ଅଗଷ୍ଟ ୧୫ରେ ଦେଶ ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପରେଡ଼ ଅଭିବାଦନ ଗ୍ରହଣ କରିବେ। ସେହିପରି ୧୫ ଜିଲ୍ଲାରେ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାଛଡ଼ା ଅନ୍ୟ ୧୭ଟି ସ୍ଥାନରେ ଆରଡିସି ଓ ଜିଲ୍ଲାପାଳମାନେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ଏନେଇ ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଲିକା ପ୍ରକାଶ ପାଇଛି।

ଏହି ତାଲିକା ଅନୁସାରେ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କଳାହାଣ୍ଡି ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁନ୍ଦରଗଡ଼ରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେହିଭଳି କଟକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଅନୁଗୋଳରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁରରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗଞ୍ଜାମରେ ପୂର୍ତ୍ତ ଓ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାୟଗଡ଼ାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, କନ୍ଧମାଳରେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଖୋର୍ଦ୍ଧାରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ପୁରୀରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ବଲାଙ୍ଗୀରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବାଲେଶ୍ୱରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଗଜପତିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ କୋରାପୁଟରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ସେପଟେ ଜଗତସିଂହପୁରରେ କେନ୍ଦ୍ରାଞ୍ଚଳ ଆରଡିସି, ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆରଡିସି, ରାଉରକେଲାରେ ଏଡିଏମ ଏବଂ ଅନ୍ୟ ଜିଲ୍ଲାରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ପତାକା ଉତ୍ତୋଳନ କରିବେ।

## ୨୭ ଲକ୍ଷର ବ୍ରାଉନସୁଗର ଜବତ, ଜଣେ ଗିରଫ



କଟକ, ୧୦।୮(ସଂଚାର ବ୍ୟୁରୋ): ଅବକାରୀ ଗୁଇଡା ଓ ପ୍ରବର୍ତ୍ତନ ବ୍ୟୁରୋ ୟୁନିଟ-୧ (ଫ୍ଲାଇଂ ୟୁନିଟ) କଟକ ସୋମବାର ୨୭ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି। ଏହି ମାମଲାରେ ଜଣେ ଯୁବକକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ଅନୁଗୁଳ ଜିଲ୍ଲା ନାଲକୋ ନଗର ଥାନା ଅନ୍ତର୍ଗତ ବନରାମ ପ୍ରସାଦ ଅଞ୍ଚଳର ସିପୁ ବେହେରା (୩୧)। ଅଭିଯୁକ୍ତ ସିପୁକୁ ଅବକାରୀ ବିଭାଗ ପକ୍ଷରୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ନିକଟରୁ ୨୭୫ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି, ଯାହାର ମୂଲ୍ୟ ୨୭.୫୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

# ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ଲାଭାଂଶ ପ୍ରଦାନ



ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ଆଜି ଓଡ଼ିଶା ରାଜ୍ୟ ସରକାରଙ୍କୁ ଲାଭାଂଶ (ଡିଭିଡେଣ୍ଡ) ଅର୍ଥ ପ୍ରଦାନ କରାଯାଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨,୮୮,୩୭,୯୧୩ ଟଙ୍କା ଲାଭାଂଶ ପ୍ରଦାନ କରାଯାଇଛି। ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ଲାଭାଂଶ ରାଶି ପ୍ରଦାନ କରିଛନ୍ତି।

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ନିଗମର ମୋଟ ଲାଭ ହେଉଛି ୧୯,୨୨,୫୨,୭୫୧ ଟଙ୍କା। ଏହି ବର୍ଷ ପାଇଁ ମୋଟ ଲାଭର ୩୦ ପ୍ରତିଶତ ହିସାବରେ ଡିଭିଡେଣ୍ଡ ରାଶି ହେଉଛି ୫,୭୬,୭୫,୮୨୬ ଟଙ୍କା। ଏହି ଡିଭିଡେଣ୍ଟ ରାଶିକୁ ଉଭୟ ଅଂଶୀଦାର ଯଥା ରାଜ୍ୟ ସରକାର ଓ କେନ୍ଦ୍ରୀୟ ଭଣ୍ଡାରଣ ନିଗମଙ୍କୁ ସମ ପରିମାଣରେ ଅର୍ଥାତ ପ୍ରତିଟି ଅଂଶୀଦାରଙ୍କୁ ୨,୮୮,୩୭,୯୧୩ ଟଙ୍କା ପ୍ରଦାନ କରାଯାଉଛି।

କାର୍ଯ୍ୟକ୍ରମରେ ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ପଣ୍ୟାଗାର ନିଗମର ସଚିବ ତଥା ବିତ୍ତ ପରାମର୍ଶଦାତା ସ୍ମିତାଞ୍ଜଳି ସ୍ୱାଇଁ, ମୁଖ୍ୟ ସାଧାରଣ ପରିଚାଳକ ତୃପ୍ତି କଲ୍ୟାଣ ସେଠୀ, ବରିଷ୍ଠ ଅଧୀକ୍ଷକ ପ୍ରଭାତ କୁମାର ପରିଡ଼ା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ୧୯୫୮ରେ ସ୍ଥାପିତ ହୋଇଥିଲା। ଏହାର ଷ୍ଟୋରେଜ୍ କ୍ଷମତା ହେଉଛି ୫,୨୧,୬୦୦ ମେଟ୍ରିକ ଟନ୍। ରାଜ୍ୟର ୩୦ଟି ଜିଲ୍ଲାରେ ୬୮ଟି ଗୋଦାମ ରହିଛି। ଏହାର ଭଣ୍ଡାରଣ କ୍ଷମତାର ସୁବିନିଯୋଗ ଯୋଗୁଁ ନିଗମ କ୍ରମାଗତ ଭାବରେ ଲାଭାନ୍ୱିତ ହେଉଛି ଓ ଏହାର ଦୁଇ ଅଂଶୀଦାର ଯଥା ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଭଣ୍ଡାରଣ ନିଗମଙ୍କୁ ନିୟମିତ ଭାବେ ଲାଭାଂଶ (ଡିଭିଡେଣ୍ଡ) ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ ଯେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ନିଗମ ପକ୍ଷରୁ ଏହାର ଲାଭାଂଶ ବାବଦକୁ ପ୍ରତ୍ୟେକ ଅଂଶୀଦାରଙ୍କୁ ୮୧,୫୯,୮୫ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ନିଗମ ପକ୍ଷରୁ ଏହାର ଲାଭାଂଶ ବାବଦକୁ ପ୍ରତ୍ୟେକ ଅଂଶୀଦାରଙ୍କୁ ୩,୪୦,୬୪,୧୦୫ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୦୧୯-୨୦ ଏବଂ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ନିଗମ ପକ୍ଷରୁ ଏହାର ଲାଭାଂଶ ବାବଦକୁ ପ୍ରତ୍ୟେକ ଅଂଶୀଦାରଙ୍କୁ ୪, ୩୬, ୩୧, ୨୫୧ ଟଙ୍କା ପ୍ରଦାନ କରାଯାଇଥିଲା।

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସହ ବିଧାୟକଙ୍କ ବୈଠକ



ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ଖରିଫ ଋତୁ ୨୦୨୬-୨୭ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ଚାଷୀ ସାମିଲ ହେବା ନିମନ୍ତେ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ଏଥିନିମନ୍ତେ ଜାରି ପଞ୍ଜିକରଣ ପ୍ରକ୍ରିୟାରେ ଚାଷୀମାନେ ସହଜରେ ସାମିଲ ହୋଇପାରିବେ। ଏହା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ପଶ୍ଚିମ ଓଡ଼ିଶା ତଥା ସମ୍ବଲପୁର, ବରଗଡ଼ ଓ ବଲାଙ୍ଗୀର ଜିଲ୍ଲାର ବିଧାୟକମାନେ ଯୋଗ ଦେଇଥିଲେ। ବିଶେଷକରି ଆଗ୍ରିଷ୍ଟାକ ପଞ୍ଜିକରଣକୁ ନେଇ ଚାଷୀମାନେ କୌଣସି ଦ୍ୱନ୍ଦ୍ୱରେ ନ ରହିବାକୁ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ଆଗ୍ରିଷ୍ଟାକ ବାଧ୍ୟତାମୂଳକ ନୁହେଁ। ଏହାଦ୍ୱାରା କୌଣସି ଚାଷୀ ପଞ୍ଜୀକରଣରୁ ବାଦ୍ ପଡିବେ ନାହିଁ। ଭାଗଚାଷୀମାନଙ୍କ କ୍ଷେତ୍ରରେ ଜମି ମାଲିକଙ୍କ ସମ୍ମତି ଆବଶ୍ୟକ। ଦୂରରେ ରହୁଥିବା ଜମି ମାଲିକମାନେ ସ୍ୱତନ୍ତ୍ର ଆପ ମାଧ୍ୟମରେ ସେମାନଙ୍କ ସମ୍ମତି ପ୍ରଦାନ କରିପାରିବେ ବୋଲି ଶ୍ରୀ ପାତ୍ର କହିଛନ୍ତି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଷୀମାନେ ପଞ୍ଜୀକରଣ କରିପାରିବେ ବୋଲି ସେ କହିଛନ୍ତି।

## ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟିର ତେଲଙ୍ଗାନା ଗସ୍ତ



ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ଓଡିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୭ର ଅଧ୍ୟକ୍ଷ ସୁଧୀର ରଞ୍ଜନ ପାଟଯୋଶୀଙ୍କ ଅଧ୍ୟକ୍ଷତାରେ ୭ଜଣିଆ କମିଟିର ସଦସ୍ୟମାନେ ଗତ ୬ରୁ ତେଲଙ୍ଗାନା ରାଜ୍ୟ ଗସ୍ତରେ ଯାଇଛନ୍ତି। ଷ୍ଟାଣ୍ଡିଂ କମିଟିର ସଦସ୍ୟ ତୁଷାରକାନ୍ତି ବେହେରା, ଟଙ୍କଧର ତ୍ରିପାଠୀ, ଅଗସ୍ତି ବେହେରା ଓ ଦୁର୍ଗା ଚରଣ ତନ୍ତୀ ପ୍ରମୁଖ ବିଧାୟକମାନଙ୍କ ସହ ବିଧାନସଭା ପକ୍ଷରୁ କମିଟି ଅଧିକାରୀ ଈଶ୍ୱର ଚନ୍ଦ୍ର ନାୟକ ଓ ପ୍ରଶାନ୍ତ କୁମାର ଦାସ ମଧ୍ୟ ଏହି ଗସ୍ତରେ ସାମିଲ ଅଛନ୍ତି।କମିଟିର ସଦସ୍ୟମାନେ ଗତ ୭ରେ ତେଲଙ୍ଗାନା ରାଜ୍ୟ ବିଧାନସଭା ପରିଦର୍ଶନ କରି ବାଚସ୍ପତି, ବିଧାନସଭା ପରିଷଦର ଅଧ୍ୟକ୍ଷ ତଥା ସମ୍ପୃକ୍ତ କମିଟି ଅଧ୍ୟକ୍ଷଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏଥିସହ ସେମାନେ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ଶିଳ୍ପ ବିଭାଗ, ଇସ୍ପାତ ଓ ଖଣି ବିଭାଗ, ଜଙ୍ଗଲ ଓ ପରିବେଶ ସୁରକ୍ଷା ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଯୋଜନା ଓ ସମନ୍ୱୟ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କାର୍ଯ୍ୟଶୈଳୀ ଓ କାର୍ଯ୍ୟ ପରିଚାଳନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଏହାଛଡ଼ା ତେଲଙ୍ଗାନା ବିଧାନସଭାର କମିଟି ପରିଚାଳନା ଓ ବିଭାଗୀୟ ବଜେଟ୍ ତର୍ଜମା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ, ୧୦।୮(ସଂଚାର ବ୍ୟୁରୋ): କଟକସଦର ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୫ଟି ଅଭିଯୋଗ ହସ୍ତଗତ ହୋଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ୧୫ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅଭିଯୋଗ ଶୁଣାଣି କାଳରେ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ବାର୍ଷିକ ମୁଖପତ୍ର 'ଅସୀ ଓ ମସି' ପ୍ରଦାନ



କେନ୍ଦ୍ରାପଡ଼ା,୧୦।୮(ସଂଚାର ବ୍ୟୁରୋ): କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ବାର୍ଷିକ ମୁଖପତ୍ର 'ଅସୀ ଓ ମସି' ମହାସଂଘର ସଭାପତି ଶରତ କୁମାର ବେହୁରାଙ୍କ ନେତୃତ୍ୱରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଓ ତହସିଲଦାର, କେନ୍ଦ୍ରାପଡ଼ାଙ୍କୁ ସୌଜନ୍ୟମୂଳକ ଭାବେ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ 'ଅସୀ ଓ ମସି'ର ପ୍ରକାଶନକୁ ପ୍ରଶଂସା କରିବା ସହ ମହାସଂଘର ଏଭଳି ସାମାଜିକ, ସାଂସ୍କୃତିକ ଓ ସୃଜନଶୀଳ ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ। ସମାଜର ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ଗୌରବମୟ ଅତୀତକୁ ଲିପିବଦ୍ଧ କରିବା ସହ ନୂତନ ପିଢ଼ି ମଧ୍ୟରେ ନିଜ ମୂଳ ଓ ପରମ୍ପରା ପ୍ରତି ସଚେତନତା ସୃଷ୍ଟି କରିବାରେ ଏଭଳି ପ୍ରୟାସର ଗୁରୁତ୍ୱ ରହିଛି ବୋଲି ସେ ମତ ବ୍ୟକ୍ତ କରିଥିଲେ। ମହାସଂଘର ସାମାଜିକ ଏକତା, ଭାଇଚାରା ଓ ସାଂସ୍କୃତିକ ଚେତନାକୁ ସୁଦୃଢ଼ କରିବା ଦିଗରେ 'ଅସୀ ଓ ମସି' ଏକ ଅଭିନବ ଓ ପ୍ରଶଂସନୀୟ ପ୍ରୟାସ ବୋଲି ଉପସ୍ଥିତ ସଦସ୍ୟମାନେ ମତ ଦେଇଥିଲେ।ଏହି ଅବସରରେ ମହାସଂଘର ସଂଯୋଜକ ଚନ୍ଦନ କୁମାର ପରିଡ଼ା, କୋଷାଧ୍ୟକ୍ଷ ସୁଶୀଲ କୁମାର ସାମଲ ଓ ନିରଞ୍ଜନ ସୁନ୍ଦର ରାୟ, ଗୋଲଖ ଚନ୍ଦ୍ର ପରିଡ଼ା, କଳ୍ପନା ଲେଙ୍କା, କାମିନୀ ଜେନା, ମାନସ ରାଉତରାୟ, ସଂଗ୍ରାମ ଜେନା, ପୀତବାସ ବେହୁରା, ଚିତ୍ତ ରଞ୍ଜନ ବଳ, ରଞ୍ଜନ ନାୟକ, ରଜକିଶୋର ମହାନ୍ତି, କୁଳମଣି ଲେଙ୍କା, ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ରୋଟାରୀ କ୍ଲବ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ରୋଟାରୀ କ୍ଲବ୍ ଖାରବେଳ କଳିଙ୍ଗନଗର, ଭୁବନେଶ୍ୱର ପକ୍ଷରୁ ଖଣ୍ଡଗିରିସ୍ଥିତ ଶିବାନନ୍ଦ ସେଣ୍ଟେନାରୀ ବୟେଜ୍ ହାଇସ୍କୁଲ୍ ପରିସରରେ 'ଚାରା ରୋପଣ ଓ ପରିବେଶ ଏବଂ ପ୍ଲାଷ୍ଟିକ୍‌ମୁକ୍ତ ଜୀବନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ' ଆୟୋଜିତ ହୋଇଛି। ସଚେତନତା କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍‌ର ଚାର୍ଟର ପ୍ରେସିଡେଣ୍ଟ ରୋଟାରିଆନ୍ ଡଃ କେସି ସ୍ୱାଇଁ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ସ୍ୱାମୀ ବିବେକାନନ୍ଦ ଓ ଡଃ ଏପିଜେ ଅବଦୁଲ କଲାମଙ୍କ ଆଦର୍ଶ ଓ ଚିନ୍ତାଧାରା ବିଷୟରେ



ଛାତ୍ରମାନଙ୍କୁ ପ୍ରେରଣାଦାୟକ ବାର୍ତ୍ତା ଦେଇଥିଲେ। କ୍ଲବ୍‌ର ପ୍ରେସିଡେଣ୍ଟ ରୋଟାରିଆନ୍ ପିଏସ୍‌ଏନ୍ ପାତ୍ର ଚାରା ରୋପଣର ପରିବେଶ ଉପରେ ପ୍ରଭାବ ଓ ଚାରାର ବଞ୍ଚିବା ଓ ଯତ୍ନ ନେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ପ୍ଲାଷ୍ଟିକ୍ ବ୍ୟାଗ୍‌ର ବ୍ୟବହାରକୁ ଏଡ଼ାଇବାକୁ ଆହ୍ୱାନ ଦେବା ସହ 'ଗୋଟିଏ ଗଛ ଲଗାନ୍ତୁ, ଗୋଟିଏ ଗଛର ସୁରକ୍ଷା କରନ୍ତୁ' ବାର୍ତ୍ତା ଦେଇ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗଛ ଲଗାଇ ତା'ର ଯତ୍ନ ନେବାକୁ ନିବେଦନ କରିଥିଲେ। କ୍ଲବ୍ ସେକ୍ରେଟାରୀ କେକେ ରାଓ ଧନ୍ୟବାଦ ଦେବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

### ବାର୍ଷିକ ସ୍ମରଣିକା 'ବୋଇତ' ଉନ୍ମୋଚିତ

# ନୌବାଣିଜ୍ୟ ପରମ୍ପରା ଓଡ଼ିଆ ସଂସ୍କୃତିର ଅଲିଭା ସ୍ୱାକ୍ଷର



ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାରେ ଓଡ଼ିଆ ସାଂସ୍କୃତିକ ଇତିହାସ ଏବେ ବି ଅଲିଭା ସ୍ୱାକ୍ଷର ହୋଇ ରହିଛି। ଏଭଳି ଅନନ୍ୟ ପରମ୍ପରା ଓ ସାମାଜିକ ଚେତନା ସାରା ଭାରତବର୍ଷରେ ବିରଳ। କେନ୍ଦ୍ରାପଡ଼ା ଜିଲ୍ଲା ହେଉଛି ଏହାର ଅନନ୍ୟ ଉଦାହରଣ ବୋଲି ବୋଇତ ବନ୍ଦାଣ ସମିତି ପକ୍ଷରୁ ଆୟୋଜିତ ବାର୍ଷିକ ସ୍ମରଣିକା 'ବୋଇତ'କୁ ଭୁବନେଶ୍ୱର ନୟାପଲ୍ଲୀଠାରେ ଉନ୍ମୋଚନ କରି ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ପତ୍ରିକାର ମୁଖ୍ୟ ସମ୍ପାଦକ ପ୍ରଦୀପ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ କେନ୍ଦ୍ରାପଡ଼ା ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପୂର୍ବତଟ ରେଳପଥର ପୂର୍ବତନ ଜନସମ୍ପର୍କ ଅଧିକାରୀ ଓ 'ବୋଇତ'ର ସମ୍ପାଦକ ନିରାକାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସମିତିର ସଭାପତି ଚିନ୍ମୟ ପ୍ରସାଦ ବେହୁରା, 'ସ୍ୱାଧୀକାର'ର ସମ୍ପାଦକ ଅକ୍ଷୟ କୁମାର ପତି, ପୂର୍ବତନ ରାଜସ୍ୱ ଅଧିକାରୀ ସୁଧୀର କୁମାର ଲେଙ୍କା, ସାମ୍ବାଦିକ ସଂଗ୍ରାମ ସିଂହ, ଗାଳ୍ପିକା ଅବନ୍ତୀ ବେହେରା, କେନ୍ଦ୍ରାପଡ଼ା ବୌଦ୍ଧିକ ବିକାଶ ମଞ୍ଚର ସଭାପତି ରଣଧୀର ଜେନା, 'ବୋଇତ'ର ସହଯୋଗୀ ସମ୍ପାଦକ ଡାକ୍ତର ସୁଧୀର କୁମାର ବ୍ରହ୍ମା ପ୍ରମୁଖ ଯୋଗଦେଇଥିଲେ। ରାଜେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ନର୍ସିଂରେ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ଡକ୍ଟରେଟ୍ ଡିଗ୍ରୀ



ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ନର୍ସିଂ ବିଷୟରେ ନିଜର ଗବେଷଣା କାର୍ଯ୍ୟ ସଫଳତାର ସହିତ ସମାପ୍ତ କରି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ (ପିଏଚ୍‌ଡି ଇନ୍ ନର୍ସିଂ) ଉପାଧି ଓ ପ୍ରୋଭିଜନାଲ୍ ସାର୍ଟିଫିକେଟ୍ ହାସଲ କରିଛନ୍ତି ଓଡ଼ିଶା ନର୍ସେସ୍ ଆଣ୍ଡ ମିଡ଼ୱାଇଭ୍‌ସ ରେଜିଷ୍ଟ୍ରେସନ୍ କାଉନସିଲ (ଓଏନ୍‌ଏମ୍‌ଆର୍‌ସି)ର ରେଜିଷ୍ଟ୍ରାର୍ ଓ ଗଭର୍ଣ୍ଣମେଣ୍ଟ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର, ଭୁବନେଶ୍ୱରର ପ୍ରିନ୍ସିପାଲ୍ ଲକ୍ଷ୍ମୀପ୍ରିୟା ମିଶ୍ର। ଶ୍ରୀମତୀ ମିଶ୍ର ହେଉଛନ୍ତି ଭୁବନେଶ୍ୱର, ପାତ୍ରପଡା ଅଞ୍ଚଳର ନିବାସୀ ତଥା ସୋଆ ବିଶ୍ୱବିଦ୍ୟାଳୟର ଜଏଣ୍ଟ୍ ରେଜିଷ୍ଟ୍ରାର୍ ଡକ୍ଟର ଶଶାଙ୍କ ଶେଖର ମିଶ୍ରଙ୍କ ଧର୍ମପତ୍ନୀ। ନର୍ସିଂ ଶିକ୍ଷା ଓ ସେବା କ୍ଷେତ୍ରରେ ତାଙ୍କର ଏହି ଉଚ୍ଚ ଶିକ୍ଷାଗତ ପାରଦର୍ଶିତା ଓ ଗବେଷଣାମୂଳକ ସଫଳତା ସମଗ୍ର ନର୍ସିଂ ସମାଜ ପାଇଁ ଏକ ଗୌରବର ବିଷୟ।ତାଙ୍କର ଏହି ନିଷ୍ଠାପର ଉଦ୍ୟମ ଓ ଶ୍ରେଷ୍ଠ କୃତିତ୍ୱ ପାଇଁ ସହକର୍ମୀ, ଗବେଷଣା ମାର୍ଗଦର୍ଶକ, ପରିବାରବର୍ଗ, ବନ୍ଧୁଜନ ଓ ଶୁଭେଚ୍ଛୁମାନଙ୍କ ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଉଛି। ତାଙ୍କର ଆଗାମୀ ଭବିଷ୍ୟତ ଓ ପ୍ରଶାସନିକ ତଥା ଶିକ୍ଷାଗତ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରାଯାଉଛି।

### ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ପ୍ରସଙ୍ଗ

# ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛନ୍ତି ସରକାର: ବିଜେଡି



ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତାଙ୍କ ସରକାର ଦ୍ୱାରା ଆୟୋଜିତ ଷୋଡ଼ଶ ନିଯୁକ୍ତି ମେଳାରେ ଯୋଗଦେଇ ରାଜ୍ୟରେ ବେକାରୀ ଯୁବକମାନଙ୍କୁ ନିଯୁକ୍ତି ଦେବାରେ ତାଙ୍କ ସରକାର ତତ୍ପର ଅଛନ୍ତି ବୋଲି କହିଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ବିଜେଡି କହିଛି। ଏହାଛଡ଼ା ବିଜେପି ସରକାର ଗତ ୨ ବର୍ଷରେ ୪୫ ହଜାର ଯୁବକଙ୍କୁ ନିଯୁକ୍ତି ଦେଇଛନ୍ତି ବୋଲି ଯେଉଁ ଦାବି କରୁଛନ୍ତି ତାହା ଭ୍ରମାତ୍ମକ, କାରଣ ଏହା ମଧ୍ୟରୁ ପ୍ରାୟ ୩୯ ହଜାର ନିଯୁକ୍ତିର ବିଜ୍ଞପ୍ତି ନବୀନ ସରକାରଙ୍କ ସମୟରେ ହୋଇଥିଲା। ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଥିଲେ ଯେ ନିଯୁକ୍ତି ସମ୍ବନ୍ଧରେ ବିଜେପି ସରକାର ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ଗତ ୨ ବର୍ଷରେ ତାଙ୍କ ସରକାର ଦ୍ୱାରା ୪୫ ହଜାର ସରକାରୀ ପଦବୀରେ ନିଯୁକ୍ତି ଦିଆଯାଇଛି ବୋଲି କହିଥିଲେ। କିନ୍ତୁ ଏହା ଭ୍ରମାତ୍ମକ। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗତ ୨ ବର୍ଷରେ ଦିଆଯାଇଥିବା ନିଯୁକ୍ତି ଓ ଏହି ପଦବୀଗୁଡ଼ିକରେ ନିଯୁକ୍ତି ପାଇଁ କେବେ ବିଜ୍ଞାପନ ଦିଆଯାଇଥିଲା, ତା'ର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି ତଥ୍ୟ ଅନୁଯାୟୀ, ସମୁଦାୟ ୪୫ ହଜାର ନିଯୁକ୍ତି ମଧ୍ୟରୁ, ୩୯ ହଜାର ପଦବୀ ପାଇଁ ୨୦୨୦ରୁ ୨୦୨୩ ମଧ୍ୟରେ ନବୀନ ସରକାରଙ୍କ ଦ୍ୱାରା ବିଜ୍ଞାପନ ଦିଆଯାଇଥିଲା। ଏହାର ଅର୍ଥ ବିଜେପି ସରକାରଙ୍କ ଦ୍ୱାରା ମାତ୍ର ୬ ହଜାର ସରକାରୀ ପଦବୀରେ ନୂତନ ଦିଆଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ଗତ ୨ ବର୍ଷରେ ନିଯୁକ୍ତି କ୍ଷେତ୍ରରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛି। ବିଜେପି ତା'ର ନିର୍ବାଚନ ଇସ୍ତାହାରରେ ୫ ବର୍ଷରେ ୧.୫ ଲକ୍ଷ ନିଯୁକ୍ତି ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହି ଅନୁସାରେ, ୨ ବର୍ଷରେ ୬୫ ହଜାର ପଦବୀରେ ନିଯୁକ୍ତି ଦେବା କଥା, କିନ୍ତୁ ମାତ୍ର ୬ ହଜାର ପଦବୀରେ ନିଯୁକ୍ତି ଦେଇଛନ୍ତି।

### ପାରାଦୀପ ବନ୍ଦର ପ୍ରାଧିକରଣରେ ଆଇଏମପିସିସି ବୈଠକ

# ପୁରୀରେ କ୍ରୁଜ୍ ଟର୍ମିନାଲ ବିକଶିତ ହେବ: ପିପିଏ ଅଧ୍ୟକ୍ଷ



ପାରାଦୀପ,୧୦।୮(ସଂଚାର ବ୍ୟୁରୋ): ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା କ୍ଷେତ୍ରର ଆନ୍ତଃଗଣମାଧ୍ୟମ ପ୍ରଚାର ସମନ୍ୱୟ କମିଟି (ଆଇଏମପିସିସି) ର ଏକ ବୈଠକ ପାରାଦୀପ ବନ୍ଦର ପ୍ରାଧିକରଣ ବୋର୍ଡ ରୁମରେ ଅନୁଷ୍ଠିତ ହୋଇଛି। ରଣନୀତିକ ଯୋଗାଯୋଗକୁ ସୁଦୃଢ଼ କରିବା, ଆନ୍ତଃବିଭାଗୀୟ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଓ ସମଗ୍ର ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ନୀତି ଏବଂ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧ୍ୟକ୍ଷ ପି.ଏଲ. ହରନାଧ ଦେଶର ପ୍ରମୁଖ ଶିଳ୍ପ ଓ ସାମୁଦ୍ରିକ କେନ୍ଦ୍ର ଭାବରେ ପାରାଦୀପର ଦ୍ରୁତ ଅଭ୍ୟୁଦୟ ଉପରେ ଆଲୋକପାତ କରିଛନ୍ତି। ମାଲ ପରିବହନ କ୍ଷମତାରେ ପାରାଦୀପ ବନ୍ଦର ଭାରତର ପ୍ରମୁଖ ବନ୍ଦର ହେବାର ମାଇଲଖୁଣ୍ଟ ହାସଲ କରିଛି ବୋଲି ଉଲ୍ଲେଖ କରି ଶ୍ରୀ ହରନାଧ ରାଜ୍ୟର ସାମୁଦ୍ରିକ କାରବାରକୁ ଉଲ୍ଲେଖନୀୟ ଭାବେ ବିସ୍ତାର କରିବା ପାଇଁ ପରିକଳ୍ପନା କରାଯାଇଥିବା ମହତ୍ତ୍ୱାକାଂକ୍ଷୀ ରୂପରେଖ ଉପସ୍ଥାପନ କରିଛନ୍ତି। ସେ ଗଞ୍ଜାମ ଜିଲ୍ଲାର ବାହୁଦାରେ ଏକ ପୂର୍ଣ୍ଣାଙ୍ଗ ସାଟେଲାଇଟ୍ ବନ୍ଦର ବିକାଶ ବିଷୟରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ସେଠାରେ ୧୫୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ କଣ୍ଟେନର ଟର୍ମିନାଲ ରହିବ, ଯାହା ଓଡ଼ିଶା, ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ଆଭ୍ୟନ୍ତରୀଣ ଅଞ୍ଚଳକୁ ସେବା ଯୋଗାଇବା ସହ ବ୍ୟାପକ ଅନ୍ତର୍ଜାତୀୟ ବାଣିଜ୍ୟ କରିଡରକୁ ସହଜ କରିବ।

ରୂପାନ୍ତରକାରୀ ଉପକୂଳ ଭିତ୍ତିଭୂମି ଉପରେ ଅଧିକ ଆଲୋକପାତ କରି ଶ୍ରୀ ହରନାଧ କହିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଜାହାଜ ନିର୍ମାଣ ଏବଂ ମରାମତି କ୍ଲଷ୍ଟର ପାଇଁ ଯୋଜନା ରହିଛି। ଏହାଛଡ଼ା ଉପକୂଳ ପର୍ଯ୍ୟଟନ ଓ ଅନ୍ତର୍ଜାତୀୟ ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ ପୁରୀରେ ଏକ ଆଧୁନିକ କ୍ରୁଜ୍ ଟର୍ମିନାଲ ପ୍ରତିଷ୍ଠା ଦିଗରେ ମଧ୍ୟ ପାରାଦୀପ ବନ୍ଦର ପ୍ରାଧିକରଣ ଆଗକୁ ବଢ଼ୁଛି। ଏହା ପୁରୀ ଭଳି ବିଶ୍ୱପ୍ରସିଦ୍ଧ ତୀର୍ଥସ୍ଥଳ ସହ କୋଣାର୍କ ଓ ଚିଲିକାକୁ ନେଇ ଏକ ଚିତ୍ତାକର୍ଷକ ସାମୁଦ୍ରିକ ପର୍ଯ୍ୟଟନ ସର୍କିଟ ବିକଶିତ କରିବ। ବୈଠକରେ ଅଧ୍ୟକ୍ଷତା କରି ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଆଇଏମପିସିସି ଓଡ଼ିଶାର ଅଧ୍ୟକ୍ଷ ଅଖିଳ କୁମାର ମିଶ୍ର ଗଣଯୋଗାଯୋଗରେ ସହାନୁଭୂତି ଓ ଭାବପ୍ରବଣ ଉପସ୍ଥାପନା ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଗଣମାଧ୍ୟମ ୟୁନିଟ୍, ବିଭାଗ ଓ ସ୍ୱାୟତ୍ତ ପ୍ରତିଷ୍ଠାନଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଅଧିକାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି। ବୈଠକରେ ଦୂରଦର୍ଶନ, ଭୁବନେଶ୍ୱରରେ ଆଞ୍ଚଳିକ ସମାଚାର ୟୁନିଟ୍‌ର ଉପନିର୍ଦ୍ଦେଶକ ତଥା ମୁଖ୍ୟ ଡକ୍ଟର ଅଭିଷେକ ମିଶ୍ର, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ସୁଚିତ୍ରା ସାମଲ, ମାଇଁ ଭାରତ ଓଡ଼ିଶା ରାଜ୍ୟ ନିର୍ଦ୍ଦେଶକ ଅଶୋକ କୁମାର ଦାଶ, ସହକାରୀ ସେକ୍ସନ ଅଫିସର ରୋହିତ ନନ୍ଦେଶ୍ୱର, ସି ଏ ସ ଆ ଇ ଆ ର - ଆ ଇ ଏ ମ ଏ ମ ଟି ଭୁବନେଶ୍ୱରର ବୈଜ୍ଞାନିକ ଡକ୍ଟର ସତ୍ୟଜିତ ରଥ, ଏନଆଇଟି ରାଉରକେଲାର ଲୋକସମ୍ପର୍କ ଅଧିକାରୀ ଅଭିଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀରେ ମିଳିତ ପଟୁଆର ଓ ବିକ୍ଷୋଭ




### ଶ୍ରମ କୋଡ୍ ପ୍ରତ୍ୟାହାର, ନିଯୁକ୍ତି ଓ ସାମାଜିକ ସୁରକ୍ଷା ଦାବି

ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ଦେଶର ଶ୍ରମିକ, କୃଷକ, କର୍ମଚାରୀ, ଯୁବକ ଓ ସାଧାରଣ ଲୋକଙ୍କ ଉପରେ ବଢୁଥିବା ଆର୍ଥିକ ଚାପ, ମହଙ୍ଗା, ବେକାରୀ, ଶ୍ରମ ଅଧିକାର ଉପରେ ଆକ୍ରମଣ ଏବଂ କୃଷକଙ୍କ ସମସ୍ୟା ପ୍ରତି ସରକାରଙ୍କ ଉଦାସୀନତା ପ୍ରତିବାଦରେ ଆଜି ମାଷ୍ଟର କ୍ୟାଣ୍ଟିନ୍ ଛକରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍, ସ୍ୱାଧୀନ କ୍ଷେତ୍ରଭିତ୍ତିକ ଫେଡେରେସନ୍ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ସହ ସଂପୃକ୍ତ କୃଷକ ସଂଗଠନ ପକ୍ଷରୁ ମିଳିତ ପଟୁଆର ଓ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ବିକ୍ଷୋଭରେ ବକ୍ତାମାନେ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ଓ କର୍ପୋରେଟ୍ ପ୍ରୀତି ନୀତି ଯୋଗୁଁ ଦେଶର ଶ୍ରମିକ ଓ କୃଷକଙ୍କ ଜୀବନଜୀବିକା ଗଭୀର ସଙ୍କଟରେ ପଡ଼ିଛି। ମହଙ୍ଗା ଓ ବେକାରୀ ବଢ଼ିବା ସହ ଶ୍ରମିକଙ୍କ ମଜୁରୀ ଓ ନିଯୁକ୍ତିର ସୁରକ୍ଷା ଦୁର୍ବଳ ହେଉଛି। ଅନ୍ୟପକ୍ଷରେ କୃଷକମାନେ ଉତ୍ପାଦିତ ଫସଲର ନ୍ୟାୟସଙ୍ଗତ ମୂଲ୍ୟ ନ ପାଇବାରୁ କୃଷି ସଙ୍କଟ ଆହୁରି ଉତ୍କଟ ହେଉଛି। ତେଣୁ ଶ୍ରମିକ, କୃଷକ ଓ ସାଧାରଣ ଜନତାଙ୍କ ଐକ୍ୟବଦ୍ଧ ଆନ୍ଦୋଳନ ମାଧ୍ୟମରେ ଏହି ଜନବିରୋଧୀ ନୀତିର ପରିବର୍ତ୍ତନ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ସେମାନେ ଆହ୍ୱାନ ଜଣାଇଥିଲେ। ସେହିପରି ବକ୍ତାମାନେ ଶ୍ରମିକବିରୋଧୀ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର କରି ଶ୍ରମିକଙ୍କ ଅଧିକାର ଓ ସୁରକ୍ଷା ପୁନଃ ଲାଗୁ କରିବା ସକାଶେ ଦାବି କରିଥିଲେ। ସେହିପରି ଶ୍ରମିକବିରୋଧୀ ଅଧ୍ୟାଦେଶ ଓ ଆଇନ ପ୍ରତ୍ୟାହାର କରି ଶ୍ରମିକଙ୍କ ଗଣତାନ୍ତ୍ରିକ ଓ ଶ୍ରମ ଅଧିକାର ସୁରକ୍ଷିତ କରିବା ସହ ସମସ୍ତଙ୍କ ପାଇଁ ସ୍ଥାୟୀ ନିଯୁକ୍ତି ନିଶ୍ଚିତ କରିବା ଏବଂ ସରକାର, ସରକାରୀ ନିଗମ ଓ ଅନ୍ୟାନ୍ୟ ସଂସ୍ଥାରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ତୁରନ୍ତ ପୂରଣ କରିବାକୁ ଦାବି ହୋଇଥିଲା। ମହଙ୍ଗା ଭତ୍ତା ସହ ସଂଯୁକ୍ତ କରି ମାସିକ ସର୍ବନିମ୍ନ ମଜୁରୀ ୪୨ ହଜାର ଟଙ୍କା ଧାର୍ଯ୍ୟ କରିବା ଏବଂ ସମସ୍ତ ସ୍କିମ୍ କର୍ମୀଙ୍କୁ ଶ୍ରମିକର ମାନ୍ୟତା ଦେଇ ଉପଯୁକ୍ତ ମଜୁରୀ ଓ ସାମାଜିକ ସୁରକ୍ଷା ଦେବା ପାଇଁ ମଧ୍ୟ ଦାବି କରାଯାଇଥିଲା। ବିକ୍ଷୋଭ ସମାବେଶକୁ କେନ୍ଦ୍ରୀୟ ଟ୍ରେଡ ୟୁନିଅନଗୁଡ଼ିକ ପକ୍ଷରୁ କିଶୋର ଜେନା ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ସୁରେଶ ପାଣିଗ୍ରାହୀ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ବିକ୍ଷୋଭ ସମାବେଶରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂହଦେଓ, ଆଇଏନଟିୟୁସିର ବରିଷ୍ଠ ନେତା ଶ୍ୟାମସୁନ୍ଦର ମହାପାତ୍ର, ଓଡ଼ିଶା କୃଷକ ସଭାର ରାଜ୍ୟ ଉପସଭାପତି ଅଭିରାମ ବେହେରା, ଏଚ୍‌ଏମ୍‌ଏସ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଭୁବନାନନ୍ଦ ମହାପାତ୍ର, ଅଖିଳ ଭାରତ କୃଷକ ମହାସଭାର ଅଶୋକ ପ୍ରଧାନ, ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ଉଲ୍ଲାସ ଚନ୍ଦ୍ର ସ୍ୱାଇଁ ଉଦ୍‌ବୋଧନ ଦେଇଥିଲେ।

জীবন অমৃত অনুচিন্তা

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୧୧ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Tuesday 11 August 2026, Bhubaneswar

# ନିଷେଧ ନୁହେଁ, ନିୟନ୍ତ୍ରଣ ଜରୁରୀ



ଆଜିର ଡିଜିଟାଲ୍ ଯୁଗରେ ସମାଜିକ ମାଧ୍ୟମ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଯାଇଛି। ଫେସବୁକ୍, ଇନଷ୍ଟାଗ୍ରାମ୍, ୟୁଟ୍ୟୁବ, ଟିକଟକ ଭଳି ପ୍ଲାଟଫର୍ମ ମାଧ୍ୟମରେ ଲୋକେ ସୂଚନା ବିନିମୟ କରନ୍ତି, ମତ ପ୍ରକାଶ କରନ୍ତି ଏବଂ ବିଶ୍ୱର ସହିତ ଯୋଡି ହୁଅନ୍ତି। କିନ୍ତୁ ଏହି ସୁବିଧା ସହିତ ଗୁରୁତର ସମସ୍ୟା ମଧ୍ୟ ଆସିଛି, ବିଶେଷକରି ପିଲାମାନଙ୍କ କ୍ଷେତ୍ରରେ। ତେଣୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି, ପିଲାମାନଙ୍କ ପାଇଁ ସମାଜିକ ମାଧ୍ୟମକୁ ସମ୍ପୂର୍ଣ୍ଣ ନିଷେଧ କରାଯିବ କି?

ପ୍ରଥମେ ଦେଖିବା ଆବଶ୍ୟକ ଯେ ସମାଜିକ ମାଧ୍ୟମ ପିଲାମାନଙ୍କ ଉପରେ କିପରି ପ୍ରଭାବ ପକାଉଛି। ବିଭିନ୍ନ ଅଧ୍ୟୟନରୁ ଜଣାପଡ଼ିଛି ଯେ ଅତ୍ୟଧିକ ସମୟ ସ୍କ୍ରିନରେ ବିତାଇବା ଫଳରେ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ସାଇବର ବୁଲିଙ୍ଗ, ଅନୁପଯୁକ୍ତ ବିଷୟବସ୍ତୁ, ଆତ୍ମତୁଷ୍ଟି ହାନି ଏବଂ ନିଦ୍ରା ବ୍ୟାଘାତ ଭଳି ସମସ୍ୟା ବଢ଼ୁଛି। ଅନେକ ପିଲା ଭାଇରାଲ ହେବା ପାଇଁ ବିପଦଜନକ ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରନ୍ତି। ଏହାଛଡ଼ା ପଢ଼ାପଢ଼ିରେ ଧ୍ୟାନ ଭଙ୍ଗ ହୁଏ ଏବଂ ବାସ୍ତବ ଜୀବନର ସାମାଜିକ ଦକ୍ଷତା ହ୍ରାସ ପାଏ। ଏହି କାରଣରୁ କେତେକ ଦେଶରେ ନିର୍ଦ୍ଦିଷ୍ଟ ବୟସର ପିଲାଙ୍କ ପାଇଁ କିଛି ସମାଜିକ ମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଯାଇଛି।

ଅନ୍ୟପକ୍ଷରେ, ସମ୍ପୂର୍ଣ୍ଣ ନିଷେଧ ମଧ୍ୟ ସମସ୍ୟାର ସମାଧାନ ନୁହେଁ। ସମାଜିକ ମାଧ୍ୟମ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ; ଏହା ଶିକ୍ଷା, ସୂଚନା ଏବଂ ସୃଜନଶୀଳତାର ଉତ୍ସ ମଧ୍ୟ। ଅନେକ ପିଲା ଅନଲାଇନ ଶିକ୍ଷା ସାମଗ୍ରୀ, ବୈଜ୍ଞାନିକ ବିଷୟ, କଳା ଏବଂ ସାମାଜିକ ସଚେତନତା ବିଷୟରେ ଜ୍ଞାନ ଅର୍ଜନ କରନ୍ତି। ଦୂରଦୂରାନ୍ତରେ ଥିବା ବନ୍ଧୁ ଓ ପରିବାର ସହିତ ସମ୍ପର୍କ ରଖିବା ମଧ୍ୟ ଏହା ମାଧ୍ୟମରେ ସମ୍ଭବ। ଡିଜିଟାଲ ଯୁଗରେ ବଞ୍ଚିବା ପାଇଁ ଡିଜିଟାଲ ସାକ୍ଷରତା ଆବଶ୍ୟକ। ସମ୍ପୂର୍ଣ୍ଣ ନିଷେଧ କଲେ ପିଲାମାନେ ଏହି ଦକ୍ଷତାରୁ ବଞ୍ଚିତ ହୋଇପାରନ୍ତି ଏବଂ ପରବର୍ତ୍ତୀ ସମୟରେ ସେମାନେ ଅଧିକ ଅସୁରକ୍ଷିତ ହୋଇପାରନ୍ତି।

ସମସ୍ୟାର ମୂଳ କାରଣ ହେଉଛି ନିୟନ୍ତ୍ରଣର ଅଭାବ। ଅନେକ ଅଭିଭାବକ ପିଲାଙ୍କ ଅନଲାଇନ କାର୍ଯ୍ୟକଳାପ ଉପରେ ପର୍ଯ୍ୟାପ୍ତ ନଜର ରଖନ୍ତି ନାହିଁ। ପ୍ଲାଟଫର୍ମଗୁଡ଼ିକ ମଧ୍ୟ ବୟସ ଯାଞ୍ଚ ପ୍ରକ୍ରିୟାକୁ କଠୋର କରିନାହାନ୍ତି। ତେଣୁ ସମାଧାନ ହେଉଛି ନିଷେଧ ନୁହେଁ, ବରଂ ସୁନିୟନ୍ତ୍ରିତ ବ୍ୟବହାର। ସରକାର ବୟସ ଅନୁସାରେ ଉପଯୁକ୍ତ ନିୟମ ପ୍ରଣୟନ କରିପାରନ୍ତି। ଉଦାହରଣ ସ୍ୱରୂପ, ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟନ୍ତ କିଛି ବିପଦଜନକ ବୈଶିଷ୍ଟ୍ୟ ବନ୍ଦ ରଖିବା, ପ୍ୟାରେଣ୍ଟାଲ କଣ୍ଟ୍ରୋଲ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିବା ଏବଂ ବିଦ୍ୟାଳୟରେ ଡିଜିଟାଲ ସୁରକ୍ଷା ଶିକ୍ଷା ଦେବା। ଅଭିଭାବକଙ୍କ ଭୂମିକା ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେମାନେ ପିଲାଙ୍କ ସହିତ ଖୋଲା ଆଲୋଚନା କରିବା ଉଚିତ ଯେ କେଉଁ ବିଷୟବସ୍ତୁ ଦେଖିବା ସୁରକ୍ଷିତ ଏବଂ କେତେ ସମୟ ବ୍ୟୟ କରିବା ଉଚିତ। ସମୟ ସୀମା ନିର୍ଦ୍ଧାରଣ, ନିର୍ଦ୍ଦିଷ୍ଟ ଆପଗୁଡ଼ିକର ବ୍ୟବହାର ଏବଂ ପରିବାର ସହିତ ଗୁଣାତ୍ମକ ସମୟ ବିତାଇବା ଦ୍ୱାରା ଅନେକ ସମସ୍ୟା କମିପାରେ। ବିଦ୍ୟାଳୟ ମଧ୍ୟ ପାଠ୍ୟକ୍ରମରେ ସାଇବର ସୁରକ୍ଷା ଏବଂ ମିଡିଆ ସାକ୍ଷରତା ଅନ୍ତର୍ଭୁକ୍ତ କରିବା ଉଚିତ।

ସାରକଥା ହେଉଛି, ସମାଜିକ ମାଧ୍ୟମ ନିଜେ ଖରାପ ନୁହେଁ; ଏହାର ବ୍ୟବହାରର ଧରଣ ହିଁ ସମସ୍ୟା। ସମ୍ପୂର୍ଣ୍ଣ ନିଷେଧ ଏକ ସରଳ କିନ୍ତୁ ଅପ୍ରଭାବୀ ଉପାୟ। ବଦଳରେ ଆମକୁ ଏକ ସନ୍ତୁଳିତ ଦୃଷ୍ଟିକୋଣ ଗ୍ରହଣ କରିବାକୁ ପଡ଼ିବ ଯେଉଁଥିରେ ପିଲାମାନେ ସୁରକ୍ଷିତ ରହି ଡିଜିଟାଲ୍ ଦୁନିଆର ସୁବିଧା ଉପଭୋଗ କରିପାରିବେ। ସରକାର, ପ୍ଲାଟଫର୍ମ କମ୍ପାନୀ, ଅଭିଭାବକ ଏବଂ ଶିକ୍ଷକଙ୍କ ସହଯୋଗରେ ଏହି ଲକ୍ଷ୍ୟ ହାସଲ କରାଯାଇପାରେ। ପିଲାମାନେ ଆମ ଭବିଷ୍ୟତ। ସେମାନଙ୍କୁ ଡିଜିଟାଲ ଦୁନିଆରୁ ଦୂରେଇ ରଖିବା ଅପେକ୍ଷା ସେମାନଙ୍କୁ ସୁରକ୍ଷିତ ଭାବେ ବ୍ୟବହାର କରିବାର ଶିକ୍ଷା ଦେବା ଅଧିକ ବୁଦ୍ଧିମାନ ପଦକ୍ଷେପ। ତେଣୁ ନିଷେଧ ନୁହେଁ, ନିୟନ୍ତ୍ରିତ ଏବଂ ସଚେତନ ବ୍ୟବହାର ହିଁ ସମାଧାନ।

## ଅଗଷ୍ଟ ବିପ୍ଳବ

ଡ଼ଃ.ଅରୁନ୍ଧତୀ ଦେବୀ



ଭାରତୀୟ ମୁକ୍ତି ସଂଗ୍ରାମର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଭାରତଛାଡ଼ ଆନ୍ଦୋଳନ। ୧୯୪୨ ଅଗଷ୍ଟ ୯ ତାରିଖରେ ଦେଶକୁ ବ୍ରିଟିଶ ଶାସନ ମୁକ୍ତ କରିବା ପାଇଁ ଶେଷ ପର୍ଯ୍ୟାୟର ଆନ୍ଦୋଳନ ମୁମ୍ବାଇରୁ ଆରମ୍ଭ ହୋଇଥିଲା। ସମସ୍ତ ପ୍ରମୁଖ କଂଗ୍ରେସ ନେତାଙ୍କୁ ପୂର୍ବରୁ ଗିରଫ କରିନିଆଯାଇ ଥିବାରୁ, ଅରୁଣା ଆସଫ ଅଲ୍ଲୀ ମୁମ୍ବାଇର ଗୱାଲିୟା ଟ୍ୟାଙ୍କ ମଇଦାନ (ପରେ ଅଗଷ୍ଟ କ୍ରାନ୍ତି ମଇଦାନ ଭାବେ ନାମିତ)ରେ ପତାକା ଉଡ଼ାଇ, ଏହି ଆନ୍ଦୋଳନ ପାଇଁ ଶଙ୍ଖଧ୍ୱନି ଦେଇଥିଲେ। ଭାରତମାଟିରୁ ବ୍ରିଟିସ୍ ଶାସନର ଅନ୍ତ ଘଟାଇବା ପାଇଁ ଭାରତର ସର୍ବସାଧାରଣ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ବମ୍ବେଠାରେ ଅନୁଷ୍ଠିତ ହୋଇଥିବା କଂଗ୍ରେସ ଜାତୀୟ ଅଧିବେଶନରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତ ଛାଡ଼ ଆନ୍ଦୋଳନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଆନ୍ଦୋଳନରେ ଦେଶର ସବୁ ଜନ ସାଧାରଣଙ୍କୁ ସାମିଲ୍ କରିବା ପାଇଁ ଗାନ୍ଧିଜୀ 'କର ବା ମର' ଆହ୍ୱାନ ଦେଇଥିଲେ। ଅଗଷ୍ଟ ବିପ୍ଳବ ପ୍ରସ୍ତାବ ଗୃହୀତ ହେବା ପରେ ଅଗଷ୍ଟ ୯ ତାରିଖ ସକାଳେ ଗାନ୍ଧିଜୀଙ୍କ ସମେତ ଦେଶର ବହୁ ତୁଙ୍ଗ ନେତାଙ୍କୁ ଗିରଫ କରିନିଆଯାଇଥିଲା। ଏହା ସହ ଦେଶର କେତେକ ପ୍ରମୁଖ ଖବର କାଗଜକୁ ବନ୍ଦ କରିଦିଆଯାଇଥିଲା। ଦେଶର ତୁଙ୍ଗ ନେତାଙ୍କୁ ଗିରଫ କରି ନିଆଯାଇଥିବାରୁ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏହି ଦିନ ମୁମ୍ବାଇର ଶିବାଜୀ ପାର୍କରେ ସଂଗ୍ରାମୀ ଅରୁଣ ଆସଫ୍ ଅଲ୍ଲୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିପାଇଁ ବ୍ରିଟିସ୍ ସରକାର ଜନତାଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଲେ। ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ଇରମ୍ ଗୁଳିକାଣ୍ଡରେ ୨୬ଜଣ ବ୍ୟକ୍ତି ନିହତ ହୋଇଥିବାବେଳେ ୫୦ଜଣ ଆହତ ହୋଇଥିଲେ। ମାଲକାନାଗିରି ମାଥିଲି ଅଞ୍ଚଳରେ ଆଦିବାସୀ ନେତା ଲକ୍ଷ୍ମଣ ନାୟକ ଶହୀଦ ହୋଇଥିଲେ। ସେହିପରି ପାପଡ଼ାହାଣ୍ଡିରେ ଶୋଭାଯାତ୍ରା କରୁଥିବାବେଳେ ପୁଲିସ୍ ଗୁଳିରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିଲେ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
**ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ**
ମୋବାଇଲ୍:୯୯୩୭୧୭୨୮୧୦

# ମହିଳା ସଶକ୍ତିକରଣର ଅର୍ଥ ଓ ଉଦ୍ଦେଶ୍ୟ



ଭାଗ୍ୟଲକ୍ଷ୍ମୀ ପୁହାଣ

ନାରୀଙ୍କ ବିରୋଧରେ ହିଂସା କେବଏବେ ଏବେ ମୋର ରାବଣ, ଦୁଃଶାସନ, ଦୁର୍ଯୋଧନ ଠାରୁ ବି ଆହୁରି ଭୟଙ୍କର ରାକ୍ଷସଙ୍କ ସହ ଭେଟ ହେଲା, ଯେଉଁମାନେ କି ଅତି ସାଧାରଣ ଲାଗୁଥିବା ଚେହେରାରେ ଆଉ କାନକୁ ବି ଭଲ ଶୁଭୁଥିବା ନାମରେ ଥିଲେ। ଆପଣମାନେ ଭାବୁଥିବେ ଏତେ ଗୁଡିଏ ରାକ୍ଷସଙ୍କୁ ମୁଁ କେଉଁଠି ଦେଖିଲି? FACE BOOK ରେ ଆଜ୍ଞା। ତାଙ୍କୁ ପଢିଲି ତାଙ୍କ ମତାମତ ମାଧ୍ୟମରେ, ଯେଉଁଥିରେ ସ୍ପଷ୍ଟ ପ୍ରତିଫଳିତ ହେଉଥିଲା ତାଙ୍କ କୁତ୍ସିତ ମାନସିକତା ,ପରପୀଡନକାରୀ ଶିକ୍ଷା ଓ ସଂସ୍କାର, ଆଉ ଜଣାପଡୁଥିଲା କିପରି ସେମାନେ ରାବଣ, ଦୁର୍ଯୋଧନ ଠାରୁ ବି ଅଧିକ ଭୟଙ୍କର ଆଉ ମାରାତ୍ମକ ରାକ୍ଷସ। ଘଟଣାଟି ଏହିପରି, ଫେସ୍‌ବୁକ ଦେଖୁ ଦେଖୁ ହଠାତ୍ ମୋ ନଜର ଗୋଟିଏ ରିଲ୍ ଉପରେ ପଡିଲା ଆଉ ମୁଁ ତାଙ୍କ ପ୍ରୋଫାଇଲ୍ କୁ ଯାଇ ତାଙ୍କର ଅନେକ ରିଲ୍‌ସ ଦେଖିଲି। ପ୍ରୋଫାଇଲ୍ ଟି ଜଣେ ମହିଳାଙ୍କର , ବୋଧହୁଏ ମଧ୍ୟ ବୟସ୍କା, ଯାହାଙ୍କ ସହିତ ମୋର ବ୍ୟକ୍ତିଗତ ସଂପର୍କ କିଛି ବି ନାହିଁ କି ମୁଁ ତାଙ୍କ ବିଷୟରେ ଜାଣି ମଧ୍ୟ ନାହିଁ। କିନ୍ତୁ ରିଲ୍‌ରୁ ଜଣାପଡୁଥିଲା ସେ ଜଣେ ଜିମ ଟ୍ରେନର୍। ବହୁତ ଭଲ ଲାଗିଲା ତାଙ୍କର ବଡି ଫିଟ୍‌ନେସ୍ ଦେଖି। ସେ ନିଜର ୱାର୍କଆଉଟ୍ କରୁଥିବାର କେତୋଟି ଶିକ୍ଷଣୀୟ ଭିଡିଓ ଛାଡିଛନ୍ତି। ଏମିତିକି ଗ୍ୟାସ ସିଲିଣ୍ଡର ଧରି ସ୍କୁଆଟ କରୁଛନ୍ତି। ଚେହେରା ତାଙ୍କର ଅବଳା ଦୁର୍ବଳାର ନୁହେଁ ,କୋମଳାଙ୍ଗୀ ନୁହେଁ ବେଶ୍ ସଶକ୍ତ ଓ ବଳିଷ୍ଠ ଅଙ୍ଗ ପ୍ରତ୍ୟଙ୍ଗ ।ବେଶ ତେଜୋଦୀପ୍ତ ଆଖି, ମାର୍ଜିତ ଚେହେରା,ପ୍ରତ୍ୟେକଟି ଅଙ୍ଗଭଙ୍ଗୀରେ ସବୁ ପ୍ରତିକୂଳତାକୁ ପରାସ୍ତ କରିଦେବାର ପୌରୁଷତ୍ୱ। ପୋଷାକ ମଧ୍ୟ ବେଶ ଶାଳୀନ। ଏମିତି କି ଗ୍ୟାସ ସିଲିଣ୍ଡର ଧରି ସ୍କୁଆଟ କରୁଛନ୍ତି କିନ୍ତୁ ଶାଢ଼ୀ ପିନ୍ଧିଛନ୍ତି।

କିନ୍ତୁ ଦୁଃଖ ଆଉ ଦୁର୍ଭାଗ୍ୟକୁ ତାରି ତଳେ ଏଇପରି କିଛି ରାକ୍ଷସମାନେ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି ଯାହାର ଅର୍ଥାନୁବାଦ ଏଇଆ ହୋଇପାରିବ ଯେ ନାରୀ ଜନ୍ମର ଏକମାତ୍ର ଉଦ୍ଦେଶ୍ୟ ହେଉଛି ପୁରୁଷର ମନୋରଞ୍ଜନ କରିବା, ଶଯ୍ୟା ଉପରେ ପୁରୁଷକୁ ସଂଭୋଗ ସୁଖ ପ୍ରଦାନ କରିବା ଏବଂ ତା ଛୁଆର ମା ହୋଇ ତାକୁ ପାଳିବା ଇତ୍ୟାଦି ଇତ୍ୟାଦି। ତେଣୁ ପୁରୁଷକୁ ସୁଖ ଦେବା ପାଇଁ, ଶରୀରକୁ ସୁଡୋଳ ରଖିବା ନିମନ୍ତେ ଯେଉଁ ସର୍ବନିମ୍ନ ଆସନ କି ବ୍ୟାୟାମ ଦରକାର ସେତିକି କରି ନିଜକୁ ଆକର୍ଷଣୀୟ ବନାଅ ଆଉ ନାରୀ ଜନ୍ମକୁ ସାର୍ଥକ କର। ଏମିତି ସବୁ ମନ୍ତବ୍ୟ ପ୍ରଦାନ କରିଛନ୍ତି ନିହାତି ଅଶୋଭନୀୟ ଆଉ ଅଶାଳୀନ ଭାଷାରେ। ତାହେଲେ ଏମାନେ କଣ ମଣିଷ ପଦବାଚ୍ୟ ? ସତରେ ଏମାନଙ୍କର ମାନସିକତା ତ ନିଶ୍ଚୟ ରାବଣ ବା ଦୁର୍ଯୋଧନ ଠାରୁ ବି ଆହୁରି ଭୟଙ୍କର। ଏତେ ସବୁ ଦେଖିଲା ପରେ ମୋ ମନ ଭିତରେ ଏଇ ଚିନ୍ତାଧାରା ଆସିଲା ଯେ ସ୍ୱାଧୀନତାର ଏତେ ବର୍ଷ ପରେ ବି ନାରୀକୁ ନେଇ କିଛି ପୁରୁଷଙ୍କର ମାନସିକତାର ଅସଲ ପ୍ରତିରୂପ ଏଇଆ।

ଏବେବି ଅନେକ ତଥାକଥିତ ଶିକ୍ଷିତ ବ୍ୟକ୍ତିମାନଙ୍କର ମାନସିକତା ଏଇ ତର୍କ ଉପରେ ଆଧାରିତ ଯେ ନାରୀ ସ୍ୱାଧୀନତାର ଆଉ ସଶକ୍ତିକରଣର ମାନେ ନାରୀଟିଏ କେବଳ ରୋଜଗାରକ୍ଷମ ହେବା ଆଉ ନିଜ ଠାରୁ ବେଶୀ ରୋଜଗାରକ୍ଷମ ପୁଅକୁ ବାହାହେବା , ନିଜର ବାପଘରର ପଦମର୍ଯ୍ୟାଦା ଠାରୁ ଅଧିକ ପଦମର୍ଯ୍ୟାଦା ଥିବା ପରିବାରର ବୋହୂ ହେବା ବା ବେଶୀ ରୁ ବେଶୀ ହେଲେ ପାର୍ଟି, ପିକନିକ୍ ଯାଇପାରୁଥିବା, ବିୟୁଟି ପାର୍ଲର୍‌ରେ ସଜ ହେବାକୁ ସମୟ ପାଉଥିବ ଆଉ କେବେ ଯଦି CROP TOP, JEANS ପିନ୍ଧି ପାରୁଥିବା ତାହେଲେ ତ ଆଧୁନିକତା ଶୀଖର ସ୍ପର୍ଶ କରିଛି। ଏସବୁକୁ ଛାଡିଦେଲେ ଆଉ କୌଣସି ବି କ୍ଷେତ୍ରରେ ତାର କିଛି ବି ମତଲବ ନଥିବା ହଁ ହୁଏତ କେବେ କେମିତି ତାର ମତାମତ ନିଆଯିବ କିନ୍ତୁ ନିଷ୍ପତ୍ତି ନୁହେଁ। ଏଇ ଯେମିତି କେଉଁଠି ଜମି କିଣା ହେବ, ଘର କେଉଁ DESIGN ର ବନାହେବ, ଛୁଆ କେଉଁ SCHOOL ରେ ପଢିବ ଇତ୍ୟାଦି ବଡ ବଡ ନିଷ୍ପତ୍ତିରେ ନାରୀର ମତାମତର ସେତେବେଶୀ ମୂଲ୍ୟ ନଥାଏ ଯେତିକି ଭାଗ ତା ରୋଜଗାରର ଅର୍ଥ ବ୍ୟୟ କରାଯାଏ। ହଁ ଏକଥା ନିଶ୍ଚିତ ଭାବରେ ସତ ଯେ କିଛି କ୍ଷେତ୍ରରେ ଏ କଥାର ଓଲଟା ବି ହୋଇପାରେ।ଏଇ ଯେମିତି ଏକୁଟିଆ ରହୁଥିବା ନାରୀ ନିଜର ସବୁ ନିଷ୍ପତ୍ତି ନିଜେ ନିଏ, ଆଉ କିଛି ଉଦାରବାଦୀ ଲୋକ ନାରୀର ମତାମତକୁ ସମ୍ମାନ ଦିଅନ୍ତି, ଆଉ କିଛି କ୍ଷେତ୍ରରେ ଗୋଟିଏ ରୋଜଗାରକ୍ଷମ ନାରୀ ବି ଏସବୁରୁ ନିଜକୁ ଦୂରେଇ ରଖିବାକୁ ଚାହେଁ ଏଇ ଯୁକ୍ତି ଦର୍ଶେଇ ଯେ ଘର ଆଉ ଛୁଆ ପିଲା ଆଉ ଅଫିସ କାମ ପରେ ଏସବୁ ପାଇଁ ତାର ଆଉ ଧୈର୍ଯ୍ୟ ନାହିଁ ଆଉ ତାହାହିଁ ସତକଥା।

ହେଲେ କାହିଁକି ଗୋଟିଏ ରୋଜଗାରକ୍ଷମ ନାରୀଟିଏ ଆଉ ପୁରୁଷ ଟିଏ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରାଯାଏ। ନାରୀଟିଏ ଅଫିସ ଗଲେ ବି, ରୋଜଗାର କଲେ ବି ସମୟ ବାହାର କରି ବା ନିଜକୁ ଆହୁରି କ୍ଲାନ୍ତ କରି ପିଲା ଛୁଆ ସମ୍ଭାଳିବ, ରୋଷେଇ ଦାୟିତ୍ୱ ନେବ, ସମସ୍ତେ ଖାଇଲା ପରେ ପଛରେ ହିଁ ଖାଇବ,ନହେଲେ କାଳେ ତାର ନାରୀତ୍ୱରେ ଆଞ୍ଚ ଆସିବ , ତା'ର ତ୍ୟାଗର, ମମତାର,ମହାନତାର ଆଉ ସର୍ବୋପରି ନାରୀ ପଣିଆର ମୂଲ୍ୟ ରହିବ ନାହିଁ।

ଆମର ସମାଜର ଦୃଷ୍ଟିଭଙ୍ଗୀ ଏଇ ମାନସିକତା ଉପରେ ଆଜିବି ପର୍ଯ୍ୟବେସିତ ଯେ ନାରୀ ପାଇଁ ପ୍ରମୁଖ ଆବଶ୍ୟକତା ହେଉଛି ଯେ ସେ ଏକ ପ୍ରଲୁବ୍ଧ କରିପାରୁଥିବାର ଶରୀର ରଖିବ ଯାହାକି ଲେଖକ,କବି, ଚିତ୍ରକରଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକକୁ ବି ମୁଗ୍ଧ କରିବ। ଚିତ୍ରକରଟିଏ ଯୁଗ ଯୁଗ ଧରି ନାରୀର ସବୁ ଅଙ୍ଗକୁ ବିବସ୍ତ୍ର କରିହେଉ ବା ବସ୍ତ୍ର ସହ ହେଉ ଏପରି ନିଖୁଣ ଆଉ ଉତ୍ତେଜକ ରୂପ ଦେବ ଯେ ଲୋକମାନେ ପ୍ରଶଂସା କରିବେ, କବି ଟିଏ ନାରୀ କୁ ହିଁ କାବ୍ୟ ନାୟିକା କରି ନିସଙ୍କୋଚରେ ବର୍ଣ୍ଣନା କରିପାରିବ ନାରୀର ନିଷିଦ୍ଧ ଅଙ୍ଗର ଗଠନ ପ୍ରକ୍ରିୟକୁ,ଆଉ ଲେଖକଟିଏ ନାରୀକୁ ନିଜର ପ୍ରେରଣାର ଉତ୍ସ କହି ଯେତବାର ତାର ମନସ୍ତତ୍ତ୍ୱର ତର୍ଜମା କରିନଥିବ ତାଠାରୁ ବେଶୀ ଥର ତା ଶରୀରର ଅଛୁଆଁ ଅଙ୍ଗର ଗଣ୍ଠି ଖୋଲିଦେଇଥିବ, ଆଉ ସେଇ କଳାରେ ସମସ୍ତେ ଚମତ୍କୃତ ହେଉଥିବେ, ଉତ୍ତେଜିତ ବି, ସମାଜ ଦୃଷ୍ଟିରେ ସେଇଥିପାଇଁ ତ ନାରୀ ର ଆବଶ୍ୟକତା।ସମାଜର ସବୁବେଳେ ଏଇ ଦାବି ଯେ ନାରୀଟିଏ କେବଳ ଶରୀର ସର୍ବସ୍ୱ ହେବ, ନିଜକୁ କୋମଳାଙ୍ଗୀ କରିବ,ପ୍ରସାଧାନ ସାମଗ୍ରୀ ମାଖି ହୋଇ ରମଣୀୟ ହୋଇ ରହିବ, ଲାଜବତୀ ହୋଇ ଅନ୍ୟ ପାଇଁ ଉପଭୋଗର ସାମଗ୍ରୀ ହେବ କିନ୍ତୁ ଜିମ ଯାଇ ନିଜ ଶରୀରକୁ ସଶକ୍ତ କରିପାରିବ ନାହିଁ, ନିଜେ ନିଜର ଜୀବନକୁ ଉପଭୋଗ କରିପାରିବ ନାହିଁ।

ଆଜିବି ଆମ ସମାଜରେ ଅଧିକାଂଶ ସ୍ଥଳରେ ବାହାଘର ସ୍ଥିର ହେଲାବେଳେ ସେଇ ପୁରୁଣା ଗାଣିତିକ ସୂତ୍ରର ହିଁ ବ୍ୟବହାର କରାଯାଏ ଯେ ନାରୀଟିଏ ପୁରୁଷ ଠାରୁ ଅଧିକ ଗୋରା ହୋଇଥିବ, ଅଧିକ ସୁନ୍ଦର ହୋଇଥିବ, କୋମଳାଙ୍ଗୀ ହୋଇଥିବ,କିନ୍ତୁ ବୟସ ନିଶ୍ଚିତ ଭାବରେ ପୁରୁଷ ଠାରୁ କମ୍ ହୋଇଥିବ, ଲାଜବତୀ ହୋଇଥିବ, ଚରିତ୍ରବତୀ ହୋଇଥିବ ଇତ୍ୟାଦି । ଏହାହିଁ ପୁଅ ପାଇଁ ଝିଅ ପସନ୍ଦ କରିବାର ପ୍ରମୁଖ ମାନଦଣ୍ଡ। ଯେତେବେଳେ କି ଅଧିକାଂଶ ସମୟରେ ପୁଅ ପସନ୍ଦର ସେମିତି କିଛି ନିର୍ଦ୍ଦିଷ୍ଟ ମାନଦଣ୍ଡ ନାହିଁ, ବାସ୍ ଖାଲି ପୁଅ ପରି ଦିଶୁଥିବା ଶରୀରଟେ ହେଲେ ଚଳିବ।ଆମର ସମାଜ ଏବେବି ଲଜ୍ଜାଶୀଳା,ନମ୍ର ଆଉ ବିଚାରୀ ବିଚାରୀ ପରି ଲାଗୁଥିବା ନାରୀକୁ ଏବଂ ରୋଜଗାର କରୁଥିଲେ ବି ବେଶୀ ଭାଗ ସ୍ୱାମୀ ଉପରେ ,ଭାଇ ଉପରେ,ବା ବାପା ଉପରେ ନିର୍ଭର କରୁଥିବ ସ୍ତ୍ରୀ କୁ ଟିକେ ବେଶୀ ପସନ୍ଦ କରେ । ନିଜର ପ୍ରତିଭା, ପାରଦର୍ଶିତା ଆଉ ପାରଙ୍ଗମତା ର ଆଧାରରେ ପୁରୁଷକୁ ବି ପରାସ୍ତ କରିପାରୁଥିବା ନାରୀକୁ ସମାଜ ହୁଏତ ଦେବୀର ଆଖ୍ୟା ଦେଇପାରେ ନଚେତ୍ ଉଗ୍ରଚଣ୍ଡୀ ହେଲେ ସାଧାରଣ ନାରୀଟିଏ ବୋଲି ସହଜରେ ଗ୍ରହଣ କରିପାରେନା।

ଅସଲ କଥା ହେଉଛି ନାରୀ ସ୍ୱାଧୀନତାର ବା ନାରୀ ସଶକ୍ତିକରଣର ପ୍ରକୃତ ଅର୍ଥ କେବେ ବି ନାରୀଟିଏ ରୋଜଗାରକ୍ଷମ ହୋଇପାରିବ ସେତିକିରେ ସୀମିତ ନୁହେଁ। ଏହା ପ୍ରକୃତରେ ନାରୀର ଦକ୍ଷତା, ପ୍ରତିଭା, ପାରଙ୍ଗମତା ଆଉ ଆତ୍ମବିଶ୍ୱାସର ବୃଦ୍ଧି । ସଂରକ୍ଷଣ, ଆରକ୍ଷଣ, ଦୟା, ସହାନୁଭୂତି ବା ଅନୁକମ୍ପାରେ ମିଳୁଥିବା ଅର୍ଥ ଉପାର୍ଜନ ବା ପଦ ପଦବୀ ଅକ୍ତିଆର ନାରୀ ସ୍ୱାଧୀନତା ନୁହେଁ। ଅବଶ୍ୟ ରୋଜଗାରକ୍ଷମ ହେବା ସଶକ୍ତିକରଣର ଏକ ପ୍ରମୁଖ ଅଙ୍ଗ। କିନ୍ତୁ ପ୍ରକୃତ ସଶକ୍ତିକରଣ ସେତେବେଳେ ସଫଳ ହେବ ଯେତେବେଳେ ନାରୀ ନିଜ ପାଇଁ ନିଜେ ନିଷ୍ପତ୍ତି ନେଇପାରିବ।ଏକ ଚତୁଃବର୍ଗୀ ସ୍ୱାବଲମ୍ବୀ ହେବା ହିଁ ପୂର୍ଣ୍ଣ ସଶକ୍ତିକରଣ, ଅର୍ଥାତ୍ ସାମାଜିକ, ଆର୍ଥିକ, ମାନସିକ ଆଉ ଶାରୀରିକ ଭାବରେ ସଶକ୍ତ ହେବା ହିଁ ପ୍ରକୃତ ସଶକ୍ତିକରଣ। କିନ୍ତୁ ବଡ ଦୁଃଖ ଆଉ ପରିତାପର ବିଷୟ ଯେ ଏପର୍ଯ୍ୟନ୍ତ ବି ଆମେ ସଶକ୍ତିକରଣର ପ୍ରମୁଖ ଉଦ୍ଦେଶ୍ୟ ବିଷୟରେ ଅଜ୍ଞ।

ନାରୀଟିଏ କଠିନ ପରିଶ୍ରମ କରି ଚାକିରି କରେ, କିନ୍ତୁ ପରବର୍ତ୍ତୀ ସମୟରେ ପିଲା ଜନ୍ମ ପରେ ଦରକାର ପଡିଲେ ସେଇ ଚାକିରି ଛାଡିଦିଏ ସନ୍ତାନର ଲାଳନ ପାଳନ ପାଇଁ। ଯେଉଁ ସମୟରେ ଜଣେ ପୁରୁଷ ନିଜର ବୃତ୍ତି ପାଇଁ ବିବାହ, ସନ୍ତାନ ଜନ୍ମ ଏସବୁକୁ ବାଧକ ବୋଲି ଭାବେ, ଗୌଣ ମନେ କରେ, ବହୁଭାଗ ନାରୀ ଏ ବିଷୟରେ ଭାବି ମଧ୍ୟ ପାରନ୍ତି ନାହିଁ। ଯେତେବେଳେ ପୁରୁଷଟେ ଅଫିସରୁ କ୍ଲାନ୍ତ ହୋଇ ଫେରିବା ପରେ କ୍ଲାନ୍ତି ମେଣ୍ଟାଇବା ପାଇଁ ଛକରେ ସାଙ୍ଗମାନଙ୍କ ସହ ଚାହା ପିଇବା, ଖଟିକରିବାରେ ସମୟ ବିତେଇବା ଏକ ସାଧାରଣ କଥା, ନାରୀ ପାଇଁ ସେପରି କରିବା ତ ଦୂରର କଥା ସେପରି ଚିନ୍ତାଧାରା ମନକୁ ଆସିବା ବି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ଯେଉଁଠି ସ୍ୱାମୀଟେ ନିଜ ଶରୀରକୁ ଫିଟ୍ ରଖିବା ପାଇଁ ଜିମ ଯିବାକୁ ଆରାମରେ ବାହାରି ଆସି ପାରେ ସ୍ତ୍ରୀ ପାଇଁ କଣ ସତରେ ସମାଜ ଏତେ ସହଜ ଆଉ ଉଦାର ହୋଇପାରିଲାଣି?

ଗାନ୍ଧୀଜୀ ଏକଥା କହିଥିଲେ ଯେ ଦେଶ ପ୍ରକୃତରେ ସେଇଦିନ ସ୍ୱାଧୀନତା ଲାଭ କରିବ ଯେଉଁଦିନ ବିଳମ୍ବିତ ରାତିରେ ଏକୁଟିଆ ନାରୀଟିଏ ସୁରକ୍ଷିତ ଭାବରେ ରାସ୍ତାରେ ଚାଲି ଆସିପାରିବ। କିନ୍ତୁ ଏ ବିଷୟରେ ଯେବେ ବି ତର୍ଜମା ହୋଇଛି କେହି ବି କିଛି ନିଷ୍କର୍ଷ ରେ ପହଞ୍ଚି ପାରି ନାହାଁନ୍ତି ଯେ ଏହା କିପରି ସମ୍ଭବ ହେବ। କେହି ଯଦି କହିଛନ୍ତି ଯେ ପୁରୁଷର ମନସ୍ତତ୍ତ୍ୱରେ ପରିବର୍ତ୍ତନ ଦରକାର ତ ଆଉ କେହି କେହି କୁହନ୍ତି ଆଇନକୁ ଆଉ ଟିକେ ତତ୍ପର ଆଉ କଠୋର ହେବାକୁ ପଡିବ। କେହି କେହି ନାରୀର ପୋଷାକପତ୍ର ଆଉ ଆଧୁନିକତା ଉପରେ ମଧ୍ୟ ପ୍ରଶ୍ନ କରନ୍ତି,ଆଉ ବିଚରା ନିରୁପାୟ ପିତା ମାତା ବାଧ୍ୟ ହୋଇ ଅଙ୍କୁଶ ଲଗାନ୍ତି ଝିଅ ଉପରେ, ଆକଟ କରନ୍ତି ଝିଅକୁ ସନ୍ଧ୍ୟା ପୂର୍ବରୁ ଫେରିବା ପାଇଁ, ଏକୁଟିଆ କୁଆଡେ ନଯିବା ପାଇଁ , ପରିପୂର୍ଣ୍ଣ ପୋଷାକରେ ରହିବା ପାଇଁ,ଚରିତ୍ରରେ ଦାଗ ନଲଗେଇବା ପାଇଁ, କାହିଁକି ନା ଆମର ସମାଜର ଏଇ ଚିନ୍ତାଧାରା ଯେ ନାରୀର ଚରିତ୍ର ତା ଶରୀରର କିଛି କିଛି ଅଙ୍ଗ ପ୍ରତ୍ୟଙ୍ଗରେ ଲୁଚି ରହିଛି।

ତେଣୁ ଏବେ ସମୟ ଆସିଛି ସେଇ ଅଙ୍ଗ ପ୍ରତ୍ୟଙ୍ଗକୁ ଶକ୍ତ ଆଉ ପୁରୁଷ ସୁଲଭ ବଳିଷ୍ଠ କରିବାପାଇଁ , ସଶକ୍ତିକରଣର ଶେଷ ତଥା ପ୍ରମୁଖ ପର୍ଯ୍ୟାୟ ଶାରୀରିକ ଭାବରେ ସ୍ୱାବଲମ୍ବୀ ହେବା ପାଇଁ। ଜିମ ଯାଇ ବଡି ଫିଟନେସ ହେଉ ବା ଯୁଡୋ, କରାଟେ ବା ସାମରିକ କଳାରେ ପାରଦର୍ଶୀ ହେବା ଇତ୍ୟାଦି ହେଉ ଏସବୁକୁ ନିଜର ଗୋଟିଏ ନାରୀ ସୁଲଭ ଗୁଣ ଆଉ ଜନ୍ମ ସିଦ୍ଧ ଅଧିକାର ଭାବରେ ହାସଲ କରିବା ପାଇଁ ନିଷ୍ପତ୍ତି ନେବାର ସମୟ ଆସିଛି। ଯେତିକି ଆବଶ୍ୟକତା ରୋଷେଇ ଶିଖିବାର ଅଛି ତା ଠାରୁ ବେଶୀ ଆବଶ୍ୟକତା ନିଜର ବଡିକୁ ଫିଟ୍ ରଖିବାର ମଧ୍ୟ ଅଛି।

ଗୋଟିଏ ନାରୀ ନିଜର ନିଷ୍ପତ୍ତି ନିଜେ ନେବ ଯେ ସେ ନିଜକୁ ଆକର୍ଷଣୀୟ କରିବ ,ମେଞ୍ଚା ମେଞ୍ଚା ପ୍ରସାଧାନରେ ସଜ୍ଜିତ ହୋଇ ପୁରୁଷର ମନୋରଞ୍ଜନ କରିବ ନା କେତେ ଜଣ ଅଣ ପୁରୁଷଙ୍କ ଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ପୁରୁଷ ସୁଲଭ ବଳିଷ୍ଠ ବପୁଟିଏ ଗଢି ଆଗାମୀ ପିଢିକୁ ଦିଗ୍ ଦର୍ଶନ ଦେବ। ଅବଶ୍ୟ ସେଇ ମାର୍ଗରେ କିଛି ରାକ୍ଷସଙ୍କ ସହ ଭେଟଘାଟ ହେବ ନିଶ୍ଚୟ। କିନ୍ତୁ ନିଶ୍ଚୟ ଦିନେ ସମୟ ଆସିବ ଯେଉଁ ମାର୍ଗରେ ଆଜି ସେ ମହିଳା ଜଣକ ଏକୁଟିଆ ଅଛନ୍ତି ବା ସେମାନଙ୍କ ସଂଖ୍ୟା ହାତଗଣତିରେ ସିମୀତ ଅଛି, କାଲି ସେମାନଙ୍କ ସଂଖ୍ୟା ଶତ ପ୍ରତିଶତ ହେବ। ମହିଳା ସଶକ୍ତିକରଣର ପୂର୍ଣ୍ଣାହୂତି ପାଇଁ ଏକ ନୂତନ ସମ୍ଭାବନାର ଆରମ୍ଭ ହେବ।

# ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ତା'ର ଭବିଷ୍ୟତ



ଶୁଭେନ୍ଦୁ ମହାନ୍ତି

ଉଚ୍ଚଶିକ୍ଷାର ଗ୍ଲୋବାଲ୍ ରାଙ୍କିଙ୍ଗ୍ ପରିପ୍ରେକ୍ଷୀରେ ବିଶ୍ୱର ପ୍ରଥମ ୨୫୦ଟି ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ମଧ୍ୟରେ କୌଣସି ଗୋଟିଏ ହେଲେ ବି ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ନିଜର ଏକ ସ୍ୱତନ୍ତ୍ର ଆସନ ଜାହିର କରିବାରେ ସଫଳ ହୋଇ ପାରି ନାହାଁନ୍ତି। ଶ୍ରେଷ୍ଠତା ଓ ଉତ୍କର୍ଷ ସାଧନ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ହେଉଥିବା ରାଙ୍କିଙ୍ଗ୍ ରେ ମଧ୍ୟ ଓଡ଼ିଶାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ରେଭେନ୍ସାର ସ୍ଥାନ ନ ରହିବା ଆଉ ଏକ ଦୁଃଖର ବିଷୟ।ରେଭେନ୍ସା କଲେଜ ଏକ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ ହେବାର ଦୀର୍ଘ ଉଣେଇଶ ବର୍ଷ ବିତି ଯାଇଥିଲେ ମଧ୍ୟ କେବଳ ଏହାର ଆଙ୍ଗିକ ବିକାଶ ହୋଇଛି।ତାହାର କୌଣସି ଆତ୍ମିକ ବିକାଶ ଘଟିନାହିଁ।ଏଥିପାଇଁ ଆମେ ତେବେ କାହାକୁ ଦାୟୀ କରିବା ? ସରକାର ନାଁ ତଥାକଥିତ ରାଜନେତା ମାନଙ୍କୁ? ବିଦାୟୀ କୁଳପତି ନାଁ ବିଶ୍ୱବିଦ୍ୟାଳୟର ଅଧ୍ୟୟନରତ କୋମଳମତି ଛାତ୍ର ଛାତ୍ରୀମାନଙ୍କୁ? ଆଲୋଚନା କରିବା କୁ ନେଇ ମୋର ଏଇ ପ୍ରବନ୍ଧର ଉପସ୍ଥାପନା।ଏ ସମସ୍ତ ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ମୁଁ କେବଳ ଏତିକିରେ ଆଜି ଅଟକି ଯାଇଛି।ବାସ୍ତବରେ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବେ ଘୋର ଦୁର୍ଦ୍ଦିନ ମଧ୍ୟ ଦେଇ ଗତି କରୁଛି।ଭିତ୍ତିଭୂମୀର ବିକାଶ ନାଁ ରେ ଏଠି କେବଳ ଯାହା ବଡ ବଡ ଘର ମାନ ତିଆରି ଚାଲିଛି।ଗୁଣାତ୍ମକ ଶିକ୍ଷା ନାହିଁ କହିଲେ ଚଳେ। ଏଠି ଅଧ୍ୟାପକ ମାନଙ୍କର ମରୁଡ଼ି, ତେଣୁ ଗେଷ୍ଟ ଫାକଲ୍ଟି ରେ ପ୍ରାୟ ସବୁ କାମ ଚାଲିଛି।ଉପଯୁକ୍ତ ଉଚ୍ଚଶିକ୍ଷିତ ଅଧ୍ୟାପକ ଚୟନକୁ ନେଇ ସବୁ ବେଳେ ବିବାଦ ଲାଗିଥିଲେ ବି ଉଚ୍ଚଶିକ୍ଷାବିଭାଗ କିନ୍ତୁ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଉଦାସୀନ ରହି ନିରବଦ୍ରଷ୍ଟା ସାଜିଛି। ବାସ୍ତବରେ, ବିଶ୍ୱବିଦ୍ୟାଳୟ ହେବାପରେ ଯାହା କିଛି ଆଶା କରାଯାଉଥିଲା ସେମିତି କିଛି ଆଖି ଦୃଶିଆ କାର୍ଯ୍ୟ ଏଠାରେ ହେଲାନାହିଁ, କାରଣ ସବୁ ମୂଳରେ ରହିଲା ସରକାରଙ୍କ ଘରୋଇ ଅନୁଷ୍ଠାନ ପ୍ରତି ଅହେତୁକ ମୋହ ଓ ସ୍ୱତନ୍ତ୍ର ଅନୁକମ୍ପା।ଶିକ୍ଷାର ବ୍ୟବସାୟୀକରଣ ରାଜ୍ୟରେ ଆବାସିକ ମହାବିଦ୍ୟାଳୟ ମାନଙ୍କୁ ଜନ୍ମ ଦେଲା।ଯାହା ଫଳରେ ରେଭେନ୍ସା ଭଳି ଐତିହସମ୍ପନ୍ନ ବିଶ୍ୱବିଦ୍ୟାଳୟ ଶ୍ରୀହୀନ ହୋଇ ପଡ଼ିଥିବା କୁହାଯାଏ।ରେଭେନ୍ସା ବିଶ୍ୱବିଦ୍ୟାଳୟ ହେବାପରେ ସେମିତି କିଛି ଆଖିଦୃଶିଆ କାର୍ଯ୍ୟ ଏଯାଏଁ ହୋଇନି। ଗବେଷଣା କାର୍ଯ୍ୟ ପ୍ରାୟ ନାହିଁ କହିଲେ ଚଳେ, ଯାହା କିଛି ଚାଲିଛି ତାହା ସମୁଦ୍ରକୁ ଶଙ୍ଖେ।ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ପାଇଁ ହାତ ଗଣତି ମାତ୍ର ଅଳ୍ପ କେତେଜଣ ଅଧ୍ୟାପକ ନିଯୁକ୍ତ ଥିବାରୁ ଗବେଷଣା କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଛି।ଗବେଷଣା ପାଇଁ ସମୟ ଦେବା ହାତ ଗଣତି କିଛି ଅଧ୍ୟାପକ ପ୍ରାଧ୍ୟାପକଙ୍କ ପକ୍ଷରେ ଆଦୌ ସମ୍ଭବ ହେଉନି ବୋଲି ଶୁଣାଯାଏ।ରେଭେନ୍ସାକୁ ଠିକଣା ରାସ୍ତାକୁ ଆଣିବାକୁ ହେଲେ ଶିକ୍ଷା ଦେବାର ତରିକା ସହ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ଓ କାର୍ଯ୍ୟଧାରାକୁ ଏଠି ବଦଳାଇବାକୁ ହେବ।କେବଳ ବ୍ରାଣ୍ଡ ଦେଖି ଯେଉଁ ଛାତ୍ର ଛାତ୍ରୀମାନେ ଏଠାକୁ ଧାଇଁ ଆସୁଥିଲେ ଓ ନାମଲେଖା ପାଇଁ ଗହଳି ଲଗାଉଥିଲେ, ଏବେ ସେମାନେ ପ୍ରାୟ ସବୁ ନାକ ଟେକିବା ଆରମ୍ଭ କଲେଣି।ଘରୋଇ ଶିକ୍ଷାନୁଷ୍ଠାନକୁ ସେମାନେ ପ୍ରଥମ ପସନ୍ଦ ଭାବେ ନେଲେଣି। ଗେଷ୍ଟ ଫାକ୍ଲଟିକୁ( ଅତିଥି ଅଧ୍ୟାପକଙ୍କୁ) ନେଇ ଶିକ୍ଷାଦାନ କରିବା ଫଳରେ ପ୍ରକୃତ ଉତ୍ତରଦାୟୀ ଯେହେତୁ କାହାକୁ କରି ହେଉନି, ତେଣୁ ଦୋଷ କେହି ନିଜ ଉପରକୁ ନେବାକୁ ନାରାଜ। ସବୁ ଅନର୍ଥ।ଯାକ ତେଣୁ ଏଠାରେ ଠୁଳ ହୋଇଛି।ଏତେବଡ ଶିକ୍ଷାନୁଷ୍ଠାନରେ ବର୍ଷସାରା ଶିକ୍ଷକ ଅଭାବ କାରଣରୁ ପଢାପଢି ଠିକ୍ ଭାବେ ହେଉ ନାହିଁ ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହେଉଥିଲେ ବି ସମାଧାନର ରାସ୍ତା କେହି ଖୋଜୁ ନାହାଁନ୍ତି।ପ୍ରଶାସନିକ ଅବ୍ୟବସ୍ଥା ଭିତରେ ଗତି କରୁଥିବା ରେଭେନ୍ସା ପାଇଁ ସରକାର ନାଁ କିଛି ଚିନ୍ତା କରୁଛନ୍ତି ନାଁ ରେଭେନ୍ସା ବ୍ରାଣ୍ଡରେ ପ୍ରତିଷ୍ଠିତ କୌଣସି ଭଦ୍ର ବ୍ୟକ୍ତି ଏ ନେଇ ଟିକେ ଭାବୁଛନ୍ତି। ସମସ୍ୟା ରହିଲେ ସିନା ପୁରୁଣା ଛାତ୍ର ଛାତ୍ରୀଙ୍କୁ ନେଇ ମହାମିଳନ ହେବ, ଲୋକମାନେ କିଛି ଜାଣିବେ।ତେଣୁ ରେଭେନ୍ସା ପାଇଁ କୁମ୍ଭୀର କାନ୍ଦଣା କାନ୍ଦି ହଟଚମକ ସୃଷ୍ଟି କରିବା ଏବେ କିଛି ଲୋକଙ୍କ ଅଭ୍ୟାସରେ ପରିଣତ ହୋଇଗଲାଣି।ସେ ଯାହା ହେଉ ପ୍ରତ୍ୟେକ ଶିକ୍ଷା ବର୍ଷ ଶେଷରେ ରେଭେନ୍ସା ତାର ଡିଗ୍ରୀ କିମ୍ବା ତଦୁର୍ଦ୍ଧ ସାର୍ଟିଫିକେଟ ଗୁଡିକ ସୁଲଭ ମୂଲ୍ୟରେ ବାଣ୍ଟି ଦେଇ ସମ୍ଭାବ୍ୟ ଛାତ୍ର ଅଶାନ୍ତିକୁ ଟାଳି ଦେଉଥିବା କୁହାଯାଏ। ଭଲ ପିଲାମାନେ ଯେହେତୁ ଏଠାରେ ସବୁ ନାଁ ଲେଖାଉଛନ୍ତି, ତେଣୁ ସବୁକିଛି ଚଳିଯାଉଛି ବୋଲି କୁହାଯାଉଛି।ଉଚ୍ଚ ପଦବୀକୁ ନେଇ ଏଠି ପ୍ରାୟ ସବୁବେଳେ ଚାଲେ ଟଣାଓଟରା।ଠିକା କର୍ମଚାରୀ, ଠିକା ଅଧ୍ୟାପକ, ଠିକା ପ୍ରଶାସକ ଏବେ ରେଭେନ୍ସାର ଗୋଟିଏ ଗୋଟିଏ ନୂଆ ସ୍ଲୋଗାନ।ମୁଁ ରେଭେନ୍ସାର ଛାତ୍ର ସଂସଦର ସଭାପତି ଭାବେ ଛାତ୍ରସଂସଦ ପାଇଁ ପ୍ରତିନିଧିତ୍ୱ କରୁଥିବା ବେଳେ ରେଭେନ୍ସାରେ ଅଧ୍ୟାପକ ପ୍ରାଧ୍ୟାପକଙ୍କ ଏମିତି ଅଭାବ ନଥିଲା। ଶିକ୍ଷାଦାନ ପାଇଁ ସେମାନେ ଥିଲେ ସମର୍ପିତ।ସବୁ ଅଧ୍ୟାପକମାନେ ଏଠାରେ ମିଳିମିଶି ଛାତ୍ର ଛାତ୍ରୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିଲେ। ରେଭେନ୍ସାର ତତ୍କାଳୀନ ଖ୍ୟାତିସମ୍ପନ୍ନ ଅଧ୍ୟାପକ ପ୍ରାଧ୍ୟାପକ ଭାବେ ସର୍ବଶ୍ରୀ ମନ୍ମଥ ନଥ ଦାଶ, ଖାରବେଳ ମହାନ୍ତି, ଅନନ୍ତ ଚରଣ ସାହୁ, ହରିହର ପଣ୍ଡା, ଜଗନ୍ନାଥ ପଟ୍ଟନାୟକ, ବିଦ୍ୟୁତ୍ ସାମଲ (ଇତିହାସ ବିଭାଗ) ଭ୍ରମର ବର ଜେନା, ଭଗବାନ କର, ପରେଶ ବର୍ମା (ରାଜନୀତି ବିଜ୍ଞାନ)ହୃଦାନନ୍ଦ ରାୟ, ରତ୍ନାକର ଚଇନି, ମାଳବିକା ରାୟ, ଗୌରୀକୁମାର ବ୍ରହ୍ମା (ଓଡିଆ)ବିଜୟ



ବଳ, ନିତାଇ ଦାସ ମୁଖାର୍ଜୀ, ସନତ ଦାସ ପଟ୍ଟନାୟକ, ଦିନେଶ ପଟ୍ଟନାୟକ, କମରୁଦ୍ଦିନ ଖାଁ, ତ୍ରିଲୋଚନ ଆଚାର୍ଯ୍ୟ (ଇଂରାଜୀ) ମନୋରମା ମହାପାତ୍ର, ସୁରେନ୍ଦ୍ର ମିଶ୍ର, ସତ୍ୟକାମ ମିଶ୍ର (ଅର୍ଥନୀତି)ଜ୍ଞାନ ଶର୍ମା, ବୈକୁଣ୍ଠ ବିହାରୀ ଆଚାର୍ଯ୍ୟ, ନନ୍ଦ କିଶୋର ପୁହାଣ, ମୁରଲୀ ଷଡଙ୍ଗୀ (ବାଣିଜ୍ୟ) ତତ୍ତ୍ୱକନ୍ଦର ମିଶ୍ର (ଦର୍ଶନ)ପ୍ରଭାତ ମିଶ୍ର( ରସାୟନ ବିଜ୍ଞାନ) ମୁରଲୀଧର ସାମଲ (ଗଣିତ) କପିଳେଶ୍ୱର ଗାହାଣ ପ୍ରମୁଖ ମୋ ନଜରରେ ଏବେବି ବଞ୍ଚି ରହିଛନ୍ତି।ମୁଁ କେବଳ ନୁହେଁ ସେ ସମୟରେ ଯାହାକୁ କହିବ ସେମାନେ ଏ ମାନଙ୍କ ନାମ ହିଁ କହିବେ।ସେତେବେଳେ ଏଇ ମାନଙ୍କ ପାଇଁ ରେଭେନ୍ସା କଲେଜରେ ପିଲା ନାମ ଲେଖାଇବାକୁ ଜିଦ୍ ଧରୁଥିଲେ। ଏହି ଅଧ୍ୟାପକମାନଙ୍କ ଉତ୍ସର୍ଗୀକୃତ ସେବା, ପଢାଇବାର କୌଶଳ ଓ ସମର୍ପିତ ମନୋଭାବର କୌଣସି ପଟାନ୍ତର ନାହିଁ।ଆମ ସମୟରେ ପ୍ରତିବର୍ଷ ମେଧାବୀ ଛାତ୍ର ଛାତ୍ରୀମାନେ ବହୁଳ ସଂଖ୍ୟାରେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ବାହାରେ ଯାଇ ଉଚ୍ଚଶିକ୍ଷା ଲାଭ କରୁଥିଲେ।ରେଭେନ୍ସାରୁ ଉତ୍ପାଦିତ ସମସ୍ତ ମେଧାବୀ ଏବେ ଆମ ରାଜ୍ୟ ପ୍ରଶାସନରେ ଖୁନ୍ଦି ହୋଇ ରହିଛନ୍ତି।ଦେଶ ବିଦେଶରେ ମଧ୍ୟ ଆମ ଭାଇମାନେ (ରେଭେନ୍ସାଭିଆନ୍ ମାନେ) ବଡ ବଡ ପଦବୀରେ ରହି ନାଁ କମାଉଛନ୍ତି। ରେଭେନ୍ସାରେ ପ୍ରତିନିଧିତ୍ୱ କରୁଥିବା ଛାତ୍ର ନେତାମାନେ ଉଭୟ ରାଜ୍ୟ ଓ କେନ୍ଦ୍ର ରାଜନୀତିରେ ସକ୍ରିୟ ଅଛନ୍ତି।ସମସ୍ତେ ଜଣେ ଜଣେ ଆଗ ଧାଡିର ନେତା ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି।ଏତେ ପରେ ବି ରେଭେନ୍ସାର ଭବିଷ୍ୟତ ଯେଉଁ ତିମିରେ କୁ ସେହି ତିମିରେ।ଏବେ ରେଭେନ୍ସାର ଏସବୁ ବିଫଳତା ପାଇଁ କୁଳପତି ମାନଙ୍କୁ ଦାୟୀ କରାଯାଉଛି।ମୁଁ କିନ୍ତୁ ଆଦୌ ଏହାର ସପକ୍ଷରେ ନୁହେଁ।କାରଣ କୁଳପତି କାର୍ଯ୍ୟରେ ଯୋଗଦେବା ପରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍, ଏହାର ଛାତ୍ର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କୁ ଚିହ୍ନିବା, ଓ ଜାଣିବା ରେ ବେଶ୍ କିଛିଦିନ ବିତିଯାଏ।ତାପରେ ଅସଲ ସମସ୍ୟା ଗୁଡିକ ଆସି ମୁଣ୍ଡ ଟେକନ୍ତି।ସଚିବାଳୟକୁ ଯାଇ ପାଣ୍ଠି ଯୋଗାଡ କରିବା, ନୂଆ ଯୋଜନା କାର୍ଯ୍ୟକାରୀ କରୁ କରୁ କୁଳପତିଙ୍କୁ ବର୍ଷେ ଦେଢବର୍ଷ ଲାଗିଯାଏ।ତା ପରେ ଆରମ୍ଭ ହୋଇଯାଏ ରାଜନେତାଙ୍କ ଦୌରାତ୍ମ୍ୟ।ସ୍ଥାନୀୟ ବିଧାୟକ ଓ ମନ୍ତ୍ରୀଙ୍କ ବାରମ୍ବାର ହସ୍ତକ୍ଷେପ, ଗୋଷ୍ଠୀ ସଂଘର୍ଷ, ହଷ୍ଟେଲ ସମସ୍ୟା ସମାଧାନ କରୁ କରୁ କୁଳପତି ନୟାନ୍ତ ହୋଇପଡନ୍ତି।ତାଙ୍କ କାର୍ଯ୍ୟ କାଳ ତା ଭିତରେ ସରିଯାଏ।ତେବେ ଅଧିକ ତାଙ୍କ ଠୁ ଆଉ କଣ ଆଶା କରି ହେବ?କେବଳ ପରିମାଣାତ୍ମକ ଶିକ୍ଷା ଛଡା ଆଉ କିଛି ବି ଏଠି ସମ୍ଭବ ହେଉ ନୁହେଁ।ଗୁଣାତ୍ମକ ଶିକ୍ଷା ବା ଗବେଷଣା କାର୍ଯ୍ୟ ସେଇଥିପାଇଁ ବାଧାପ୍ରାପ୍ତ ହେଉଛି ବୋଲି ଆରୋପ କରାଯାଉଛି।ଶେଷରେ ଏତିକି କହିବି ରେଭେନ୍ସା ହେଉଛି ଆମର ଏବଂ ଆମ ପିଲାମାନଙ୍କର ସ୍ୱପ୍ନ ଆଉ ସମ୍ଭାବନାର ଗୋଟିଏ ଅନ୍ତୁଡିଶାଳ।ଏବେ ଏ ଅନୁଷ୍ଠାନଟି ଧିରେ ଧିରେ ଦୁର୍ବଳ ହେଉଛି।କଳା, ବାଣିଜ୍ୟ ଓ ବିଜ୍ଞାନ ବିଷୟକୁ ନେଇ ଏହା ଆଉ ଆଗକୁ ଆଗେଇ ପାରୁନି।ଘରୋଇ ଶିକ୍ଷାନୁଷ୍ଠାନ ସହ ପ୍ରତିଯୋଗିତା କରିପାରୁନି।କେବଳ କୋଠା ବାଡି ତିଆରି କରି ନାଲି ଇମାରତ୍ ଗଢି ଏହାର ଉନ୍ନତି ଚାହିଁଲେ ଚଳିବନି, ମହାମିଳନ କରି ପ୍ରଚାର ଆଉ ପ୍ରସାର କଲେ ମଧ୍ୟ କିଛି ବଦଳିବନି, ପ୍ରକୃତ ହିତାଧିକାରୀ ଛାତ୍ର ଛାତ୍ରୀଙ୍କ ବୌଦ୍ଧିକ ବିକାଶ ପାଇଁ ସ୍ଥାୟୀ ଶିକ୍ଷକ ନିଯୁକ୍ତି କରିବାକୁ ଅଗ୍ରାଧିକାର ଦେବାକୁ ପଡ଼ିବ।ଏଥିପାଇଁ ଉଭୟ ସରକାର ଓ ବୁଦ୍ଧିଜୀବୀ ଆଗକୁ ବାହାରି ସମାଧାନର ସୂତ୍ର ବାହାରି କରବା ଆବଶ୍ୟକ ବୋଲି ମନେହୁଏ।

**ଆଇନଜୀବୀ, ପୁରାତନ ଛାତ୍ରନେତା, ରେଭେନ୍ସା ବିଶ୍ୱବିଦ୍ୟାଳୟ**

# ଇରାନ ଅବରୋଧ କଠୋର କଲା ଆମେରିକା




ୱାଶିଂଟନ, ୧୦।୮ : ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ମଧ୍ୟରେ ଆମେରିକା ଇରାନ ବିରୋଧରେ ଅବରୋଧକୁ କଡ଼ାକଡ଼ି କରିଛି। ମଧ୍ୟପ୍ରାଚ୍ୟରେ ସାମରିକ ମିଶନ ପାଇଁ ୨୦ରୁ ଅଧିକ ଆମେରିକୀୟ ଯୁଦ୍ଧଜାହାଜ ମୁତୟନ କରାଯାଇଛି। ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ କହିଛି, ଏହି ମିଶନ ଇରାନ ବିରୋଧରେ ଅବରୋଧକୁ କଡ଼ାକଡ଼ି ଭାବରେ ଲାଗୁ କରିବା ପାଇଁ କରାଯାଉଛି। ଆମେରିକା କେନ୍ଦ୍ରୀୟ କମାଣ୍ଡ ରିପୋର୍ଟ କରିଛି ଯେ ଅଗଷ୍ଟ ୯ ସୁଦ୍ଧା ଅବରୋଧ ଉଲ୍ଲଂଘନ କରୁଥିବା ୫୫ ବାଣିଜ୍ୟିକ ଜାହାଜକୁ ଗତିପଥ ପରିବର୍ତ୍ତନ କରିବାକୁ ବାଧ୍ୟ କରାଯାଇଥିଲା। ଦୁଇଟି ଜାହାଜ ଉପରେ ଆକ୍ରମଣ କରାଯାଇ ଅକାମୀକରିଦିଆଯାଇଥିଲା।ଅନ୍ୟଦୁଇଟିଜାହାଜରେଚଢ଼ିଯାଞ୍ଚକରାଯାଇଥିଲା।

ଅପରପକ୍ଷରେ, ଇରାନ ଆମେରିକାକୁ ସିଧାସଳଖ ଧମକ ଦେଇଛି। ଇରାନ ଘୋଷଣା କରିଛି ଯେ, ଯଦି ଆମେରିକୀୟ ସୈନିକମାନେ ଇରାନ ମାଟିରେ ପାଦ ଦିଅନ୍ତି ତେବେ ସେମାନଙ୍କର ମୁଣ୍ଡକାଟ କରାଯିବ। ଇରାନ ସେନାର ସ୍ଥଳସେନାର କମାଣ୍ଡର ବ୍ରିଗେଡିୟର ଜେନେରାଲ ଅଲି ଜାହାନଶାହୀ ସ୍ପଷ୍ଟ ଭାବରେ ଏଭଳି ଚେତାବନୀ ଦେଇଛନ୍ତି। ଇରାନ ଶତ୍ରୁଙ୍କର ଯେକୌଣସି କାର୍ଯ୍ୟର କଠୋର ଏବଂ ପ୍ରତିରୋଧକମୂଳକ ଜବାବ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ।

## ରେଜାଇ ଇରାନର ଜାତୀୟ ସୁରକ୍ଷା ପରିଷଦ ସଚିବ ନିଯୁକ୍ତ

ତେହରାନ, ୧୦।୮ : ମହମ୍ମଦ ବାଘର ଜୋଲଗାଦରଙ୍କ ସ୍ଥାନରେ ଦୀର୍ଘଦିନ ଧରି ରିଭଲ୍ୟୁସନାରୀ ଗାର୍ଡ କମାଣ୍ଡର ଥିବା ମୋହସେନ ରେଜାଇଙ୍କୁ ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସଚିବ ଭାବରେ ନିଯୁକ୍ତ କରିଛି ଇରାନ। ରେଜାଇଙ୍କୁ ପରିଷଦରେ ସର୍ବୋଚ୍ଚ ନେତା ମୋଜତାବା ଖେମିନିଙ୍କ ପ୍ରତିନିଧି ଭାବରେ ମଧ୍ୟ ନିଯୁକ୍ତ କରାଯାଇଛି। ଜୋଲଗାଦରଙ୍କୁ ସର୍ବୋଚ୍ଚ ନେତାଙ୍କ ରାଜନୈତିକ ପରାମର୍ଶଦାତା ଭାବରେ ନିଯୁକ୍ତ କରାଯାଇଛି। ସେ କିଛିମାସ ପୂର୍ବରୁ ସୁରକ୍ଷା ପରିଷଦର ସଚିବ ହୋଇଥିଲେ। ତାଙ୍କ ପୂର୍ବରୁ ଅଲି ଲାରିଜାନି ପଦବୀରେ ଥିଲେ। ମାର୍ଚ୍ଚ ମାସରେ ସେ ଏକ ବିମାନ ଆକ୍ରମଣରେ ନିହତ ହୋଇଥିଲେ। ଇରାନ ନିଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପ୍ରତିଷ୍ଠାନରେ ଏକ ବଡ଼ ପରିବର୍ତ୍ତନ ଏପରି ସମୟରେ କରିଛି ଯେତେବେଳେ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା, ଅସ୍ତ୍ରବିରତି ଏବଂ ହର୍ମୁଜ୍ ପ୍ରଣାଳୀ ପୁଣି ଖୋଲିବା ସମ୍ପର୍କରେ ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ରହିଛି।

# ଝାଡ଼ଖଣ୍ଡ ଲୋକସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ଗିରଫ



ରାଞ୍ଚି, ୧୦।୮ : ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସସି) ପରୀକ୍ଷାରେ ଗଡ଼ବଡ଼ ମାମଲାରେ ସିଆଇଡି ସୋମବାର ବଡ଼ କାର୍ଯ୍ୟାନୁଷ୍ଠାନ କରିଛି। ଜେପିଏସସିର ପୂର୍ବତନ ଅଧ୍ୟକ୍ଷ ଏଲ.ଖିୟାଙ୍ଗତେଙ୍କୁ ଗିରଫ କରାଯାଇଛି। ଗିରଫ ପରେ ସିଆଇଡି ଟିମ୍ ତାଙ୍କୁ କାର୍ଯ୍ୟାଳୟକୁ ନେଇ ଯାଇଛନ୍ତି। କୁହାଯାଉଛି ପଚରାଉଚରା ପ୍ରକ୍ରିୟା ପୂରା ହେବା ପରେ ସନ୍ଧ୍ୟାରେ ତାଙ୍କୁ କୋର୍ଟରେ ହାଜର କରାଯିବ। ଉଲ୍ଲେଖଯୋଗ୍ୟ ଯେ ଖିୟାଙ୍ଗତେଙ୍କୁ ସିଆଇଡି ପୂର୍ବରୁ ମଧ୍ୟ ଅନେକବାର ପଚରା ଉଚରା କରିଛି। ଜୁଲାଇ ୨୮ରୁ ଆରମ୍ଭ ହୋଇଥିବା ପଚରାଉଚରାରେ ଯାଞ୍ଚ ଏଜେନ୍ସି ତାଙ୍କୁ ଅନେକ ପ୍ରଶ୍ନ କରିଛନ୍ତି।

ଏହା ପୂର୍ବରୁ ରବିବାର ଜେପିଏସସିର ୩ ଜଣ ସଦସ୍ୟ ଅଚାନକ ଇସ୍ତଫା ଦେଇଥିଲେ। ସେମାନେ ଇସ୍ତଫାପତ୍ର ସିଧା ରାଜ୍ୟପାଳଙ୍କୁ ପଠାଇ ଦେଇଥିଲେ। ସିଆଇଡି ସେମାନଙ୍କୁ ଆଜିଠାରୁ ପଚରା ଉଚରା କରିବା କଥା। ତେବେ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ବିବାଦୀୟ ଅଧ୍ୟକ୍ଷ ଖିୟାଙ୍ଗତେଙ୍କୁ ଗିରଫ କରାଯାଇଛି। ଖିୟାଙ୍ଗତେ ୨୨ ଜୁଲାଇ ୨୦୨୬ରେ ପଦରୁ ଇସ୍ତଫା ଦେଇଥିଲେ। ସେ ସେତେବେଳେ ଇସ୍ତଫା ଦେଲେ ଯେତେବେଳେ ସିଆଇଡି ଜେପିଏସସି ପରୀକ୍ଷା ଅନିୟମିତତା ମାମଲାରେ ଚଢ଼ଉ ଆରମ୍ଭ କରିଥିଲା। ସେତେବେଳେ ଏଲ.ଖିୟାଙ୍ଗତେ କହିଥିଲେ ଯେ ମୁଁ ଚାହୁଁଛି ଏହି ମାମଲାର ନିରପେକ୍ଷ ଯାଞ୍ଚ ହେଉ, ଏଣୁ ପଦରୁ ଇସ୍ତଫା ଦେଉଛି।

## ଅଭିନେତ୍ରୀ ଲୋପାମୁଦ୍ରାଙ୍କ ଘରୁ ଚୋରି



ମୁମ୍ବାଇ, ୧୦।୮ : ଅଭିନେତ୍ରୀ ତଥା ପୂର୍ବତନ 'ବିଗ୍ ବସ୍' ପ୍ରତିଯୋଗୀ ଲୋପାମୁଦ୍ରା ରାଉତଙ୍କ ମୁମ୍ବାଇସ୍ଥିତ ବାସଭବନରୁ ପ୍ରାୟ ୭୬.୩୯ ଲକ୍ଷ ଟଙ୍କା ମୂଲ୍ୟର ମୂଲ୍ୟବାନ ସାମଗ୍ରୀ ଚୋରି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ବିହାରରୁ ଗିରଫ କରିଛି। ଦରଭଙ୍ଗାରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ନିକଟରୁ ୫୧ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଚୋରି ସାମଗ୍ରୀ ଜବତ କରାଯାଇଥିବା ମୁମ୍ବାଇ ପୋଲିସ ପକ୍ଷରୁ କୁହାଯାଇଛି। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଲୋପାମୁଦ୍ରା ରାଉତ କାମ ପାଇଁ ସହର ବାହାରେ ଥିବା ସମୟରେ ଏହି ଚୋରି ହୋଇଥିଲା। ସେ ଜୁନ୍ ୨୦ରୁ ଜୁଲାଇ ୨୭ ମଧ୍ୟରେ ମୁମ୍ବାଇ ବାହାରେ ଥିବା ବେଳେ ଅଭିଯୁକ୍ତ ତାଙ୍କ ଘରେ ଚୋରି କରିଥିବା ଜଣାପଡ଼ିଛି। ଘରେ ରଖାଯାଇଥିବା ସୁନା ଅଳଙ୍କାର, ସୁନା ବିସ୍କୁଟ୍, ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ନେଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପରେ ଲୋପାମୁଦ୍ରା ସାନ୍ତାକ୍ରୁଜ୍ ପୋଲିସ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସାନ୍ତାକ୍ରୁଜ୍ ପୋଲିସ ଓ ସ୍ଥାନୀୟ ଅପରାଧ ଶାଖା ମିଳିତ ଭାବେ ତଦନ୍ତ ଆରମ୍ଭ କରିଥିଲେ।

## ରେଣୁକା ଚୌଧୁରୀଙ୍କ ନିଆରା ପ୍ରତିବାଦ



ନୂଆଦିଲ୍ଲୀ, ୧୦।୮ : କଂଗ୍ରେସ ସାଂସଦ ରେଣୁକା ଚୌଧୁରୀ ସରକାର ଓ ବିଜେପି ସମର୍ଥକଙ୍କୁ କଡ଼ା ସମାଲୋଚନା କରି ନିଆରା ପ୍ରତିବାଦ କରିଛନ୍ତି। ସଂସଦରେ 'ମୋଦିୟା ବିନ୍ଦ' ଲେଖାଥିବା ଚଷମା ପିନ୍ଧି ସେ କହିଛନ୍ତି ଯେ, ଏହି ଚଷମା 'ଅନ୍ଧ ଭକ୍ତ'ଙ୍କ ଚିକିତ୍ସା ପାଇଁ, ଯେଉଁମାନେ ଦେଶ ସାମ୍ନା କରୁଥିବା ସମସ୍ୟାକୁ ଦେଖିପାରୁ ନାହାନ୍ତି। ସେ ବ୍ୟଙ୍ଗାତ୍ମକ ଭାବରେ ମନ୍ତବ୍ୟ ଦେଇଛନ୍ତି ଯେ, ଯଦି ମୋତିଆବିନ୍ଦୁର ଚିକିତ୍ସା ହୋଇପାରୁଛି, ତେବେ ଏହାର ଚିକିତ୍ସା ମଧ୍ୟ କରାଯିବା ଆବଶ୍ୟକ। ରେଣୁକା ଚୌଧୁରୀ କହିଛନ୍ତି, ଏପରି ଲୋକମାନେ ଚୋରି ମାମଲା, ବ୍ରିଜ୍ ଭୁଶୁଡ଼ିବା କିମ୍ବା ଏନଇଇଟି ପରୀକ୍ଷା ସହ ଜଡିତ ପ୍ରସଙ୍ଗ ଦେଖାଯାଉ ନାହିଁ। ସେମାନେ କେବଳ ପ୍ରଶଂସା ଦେଖୁଛନ୍ତି। ସେଥିପାଇଁ ମୁଁ ଭାବିଛି ଯେ, ତାଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରାଯିବା ଉଚିତ।

## ତିରଙ୍ଗା ଯାତ୍ରାରୁ ଫେରୁଥିବା ବେଳେ ଦୁର୍ଘଟଣା, ୨୮ ଯୁବତୀ ଆହତ



ଶ୍ରୀନଗର, ୧୦।୮ : ଜମ୍ମୁର ସୁପର ସ୍ପେଶାଲିଟି ହସ୍ପିଟାଲ ନିକଟରେ ଥିବା ଏକ ଫ୍ଲାଏଓଭର ଉପରେ ତିରଙ୍ଗା ଯାତ୍ରା ଅଂଶଗ୍ରହଣକାରୀଙ୍କୁ ନେଇ ଯାଉଥିବା ଏକ ମିନିବସ୍ ରବିବାର ରାତିରେ ଓଲଟି ପଡ଼ିବାରୁ ୨୮ ଜଣ ଯୁବତୀ ଆହତ ହୋଇଛନ୍ତି। ୧୮ ରୁ ୨୫ ବର୍ଷ ବୟସର ଏହି ଯୁବତୀମାନେ ସହରର ବାହୁ ଫୋର୍ଟରେ ଆୟୋଜିତ ଏକ ତିରଙ୍ଗା ଯାତ୍ରା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମୁବାରକ ମଣ୍ଡିକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଅଧିକାରୀମାନେ କହିଛନ୍ତି। ଯୁବତୀମାନେ ବିଜେପି ସହିତ ଜଡିତ କିଛି ଅଣ-ସରକାରୀ ସଂଗଠନ(ଏନଜିଓ)ନାରୀ ବୀରାଙ୍ଗନା ପ୍ରକଳ୍ପର ସଦସ୍ୟା।

## ମୋଦିଙ୍କୁ ୪ ଭାରତ ରତ୍ନ ମାଗିଲେ ଶରଦ ପାୱାର

ନୂଆଦିଲ୍ଲୀ, ୧୦।୮ : ଶରଦ ପାୱାରଙ୍କ ନେତୃତ୍ୱାଧୀନ 'ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି'ର ଆଠ ଜଣ ସାଂସଦ ସୋମବାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଧଘଣ୍ଟା ଧରି ଚାଲି ଥିବା ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏନସିପି (ଏସପି)ର ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ଏକ ଲିଖିତ ଦାବିପତ୍ର ମଧ୍ୟ ପ୍ରଦାନ କରି ଥିଲେ। ମିଟିଂ ବେଳେ ଏନସିପି (ଏସପି) ସାଂସଦ ମାନେ ଦାବି କରିଥିଲେ ଯେ, ମହାତ୍ମା ଜ୍ୟୋତିରାଓ ଫୁଲେ, ସାବିତ୍ରୀବାଈ ଫୁଲେ, ଶାହିର ଆନ୍ନା ଭାଉ ସାଠେ ଓ ତୁକଡୋଜୀ ମହାରାଜଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ। ନବୀ ମୁମ୍ବାଇ ଏୟାରପୋର୍ଟର ନାମ 'ଡି. ୱାଇ. ପାଟିଲ ଏୟାରପୋର୍ଟ ରଖିବାକୁ ମଧ୍ୟ ଦାବି କରାଯାଇ ଥିଲା।

## ଗୋମୂତ୍ର ଲିଟର ପିଛା ୧୦ ଟଙ୍କା

ଲକ୍ଷ୍ନୌ, ୧୦।୮ : ଉତ୍ତର ପ୍ରଦେଶର ବୁଲନ୍ଦ ସହରରେ ଲିଟର ପିଛା ୧୦ ଟଙ୍କା ଦରରେ ଗୋମୂତ୍ର କ୍ରୟର ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦୂରଦୃଷ୍ଟି ଅନୁଯାୟୀ ଗୋ-ସଂରକ୍ଷଣ, ଜୈବିକ ଚାଷ ଓ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ଏଫ୍.ପି.ଓ ମାଧ୍ୟମରେ ଏହା କାର୍ଯ୍ୟକାରୀ ହେବ। ଖୁବଶୀଘ୍ର ଏହାକୁ ରାଜ୍ୟର ଅନ୍ୟାନ୍ୟ ଭାଗରେ ମଧ୍ୟ ଲାଗୁ କରାଯିବ। ବୁଲନ୍ଦସହରର ସ୍ୟାନା ତହସିଲର ନରସୈନା ଗାଁରେ ଡକ୍ଟର ପ୍ରବୀଣଙ୍କ ନେତୃତ୍ୱରେ କୃଷକ ଉତ୍ପାଦକ ସଂଗଠନ ଏହି ପଦକ୍ଷେପ ଆରମ୍ଭ କରିଛି। ଏହା ଅଧୀନରେ ଆଖପାଖର ୧୫ଟି ଗାଁକୁ ଯୋଡ଼ି ଗୋମୂତ୍ର ଡାଏରୀ ଓ ସ୍ଥାନୀୟ ସଂଗ୍ରହ କେନ୍ଦ୍ର ତିଆରି କରାଯାଇଛି। ଏହି ବ୍ୟବସ୍ଥା ମାଧ୍ୟମରେ ବର୍ତ୍ତମାନ ପ୍ରତିଦିନ ପ୍ରାୟ ୫୦୦ ଲିଟର ଗୋମୂତ୍ର ସଂଗ୍ରହ କରାଯାଉଛି। ଭବିଷ୍ୟତରେ ଏହି କ୍ରୟ ଦରକୁ ବୃଦ୍ଧି କରି ଲିଟର ପିଛା ୨୦ ଟଙ୍କା କରିବାକୁ ମଧ୍ୟ ଯୋଜନା କରାଯାଇଛି।

### ସ୍ୱାଧୀନତା ଦିବସ ପୂର୍ବରୁ ବଡ଼ ଆତଙ୍କୀ ଯୋଜନା ପଣ୍ଡ

## ଜଣେ ଗିରଫ, ୮୬ ହ୍ୟାଣ୍ଡ୍ ଗ୍ରେନେଡ୍ ଜବତ



ଚଣ୍ଡିଗଡ଼, ୧୦।୮ : ସ୍ୱାଧୀନତା ଦିବସ ପୂର୍ବରୁ ଭାରତରେ ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟାଇବାକୁ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଏସଆଇ ଓ ବିଦେଶରେ ଥିବା ଆତଙ୍କୀ ହ୍ୟାଣ୍ଡଲର୍‌ମାନେ ଏକ ବିରାଟ ଷଡ଼ଯନ୍ତ୍ର ରଚିଥିଲେ। ପଞ୍ଜାବ ପୁଲିସ ଏବଂ କାଉଣ୍ଟର ଇଣ୍ଟେଲିଜେନ୍ସର ମିଳିତ କାର୍ଯ୍ୟାନୁଷ୍ଠାନରେ ଏହି ବଡ଼ଧରଣର ଷଡ଼ଯନ୍ତ୍ରକୁ ପଣ୍ଡ କରାଯାଇଛି। ପଞ୍ଜାବ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ଜଳନ୍ଧର ଓ ଏସ୍‌ବିଏସ୍ ନଗର ପୁଲିସର ମିଳିତ ଅପରେସନ୍‌ରେ ବବ୍‌ର ଖାଲସା ଇଣ୍ଟର୍‌ନ୍ୟାସନାଲର ଏକ ଆତଙ୍କୀ ମୋଡ୍ୟୁଲ୍‌କୁ ଠାବ କରାଯାଇଛି। ଏହି ମାମଲାରେ ଜଣେ ମୁଖ୍ୟ ଅପରେଟିଭ୍ ବା ସହଯୋଗୀଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ୮୬-ପି ହ୍ୟାଣ୍ଡ ଗ୍ରେନେଡ୍ ଜବତ କରାଯାଇଛି। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଏହି ଆତଙ୍କୀ ନେଟୱର୍କକୁ ସୀମାପାରରୁ ଅର୍ଥାତ୍ ବିଦେଶରେ ବସିଥିବା ଆତଙ୍କୀ ହ୍ୟାଣ୍ଡଲର୍‌ମାନେ ପରିଚାଳନା କରୁଥିଲେ। ଗିରଫ ଅଭିଯୁକ୍ତ ଜଣକ ବିଦେଶୀ ଆକାମାନଙ୍କ ନିର୍ଦ୍ଦେଶକ୍ରମେ ଜଳନ୍ଧରର ଆଦମପୁର ନିକଟସ୍ଥ ଏକ ଡେଡ୍ ଲେଟର ବକ୍ସ ଜରିଆରେ ଏହି ବିପୁଳ ପରିମାଣର ହ୍ୟାଣ୍ଡ ଗ୍ରେନେଡ୍‌ଗୁଡ଼ିକୁ ହାତେଇଥିଲା।

## ବେକରେ ତାର ବାନ୍ଧି ଛାତ୍ରୀଙ୍କୁ ଦୁଷ୍କର୍ମ

ଅହମଦାବାଦ, ୧୦।୮ : ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀଙ୍କୁ ସୁରକ୍ଷା ଦେବା ବଦଳରେ ପିଶାଚ ବନିଗଲା ସୁରକ୍ଷା କର୍ମୀ। ଛାତ୍ରୀଙ୍କୁ ବେକରେ ତାର ବାନ୍ଧିଲା। ନୃଶଂସ ଭାବେ ଦୁଷ୍କର୍ମ କରିଚାଲିଲା। ଅହମଦାବାଦରୁ ଏକ ଚାଞ୍ଚଲ୍ୟକର ତଥା ସ୍ତବ୍ଧ କରିଦେଲା ଭଳି ଘଟଣା ସାମ୍ନାକୁ ଆସିଛି। ଗୁଜୁରାଟର ଆନନ୍ଦନଗର ଅଞ୍ଚଳରେ ଥିବା ଏକ ପିଜିରେ ରହି ପାଠ ପଢୁଥିଲେ ଜଣେ ଇଣ୍ଟେରିୟର ଡିଜାଇନର ଛାତ୍ରୀ। ଶନିବାର ରାତି ପ୍ରାୟ ୧୦ଟା। ସମୟରେ ସେ ସାଧାରଣ ଭାବେ ଟେରାସକୁ ବୁଲିବାକୁ ଯାଇଥିଲେ। ସେଠାରେ ପିଜିର ସୁରକ୍ଷା କର୍ମୀ ଧରମ ସିଂହ ପୂର୍ବରୁ ଉପସ୍ଥିତ ଥିଲା। ଗାର୍ଡର ବ୍ୟବହାର ଓ ଗତିବିଧି ସନ୍ଦେହଜନକ ଲାଗିବାରୁ ଛାତ୍ରୀ ଜଣକ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ନିର୍ଦ୍ଦୟ ଗାର୍ଡ ଜଣକ ତାଙ୍କ ବେକରେ ଏକ ତାର ବାନ୍ଧି ତାଙ୍କୁ କାବୁ କରିନେଇଥିଲା। ଟେରାସରେ ହିଁ ତାଙ୍କ ସହ ଏହି ଜଘନ୍ୟ ଅପରାଧ ଘଟାଇଥିଲା।

# ବିଶୁଦ୍ଧ ପେଟ୍ରୋଲ ନେଇ ବିଜେପି ସାଂସଦଙ୍କ ବିବାଦୀୟ ବୟାନ



ଭୋପାଳ, ୧୦।୮ : ମଧ୍ୟପ୍ରଦେଶର ରେୱା ସଂସଦୀୟ କ୍ଷେତ୍ରର ବିଜେପି ସାଂସଦ ଜନାର୍ଦ୍ଦନ ମିଶ୍ରା ଯେଉଁମାନେ ବିଶୁଦ୍ଧ ପେଟ୍ରୋଲ ମାଗୁଛନ୍ତି ଜନାର୍ଦ୍ଦନ ତାଙ୍କୁ ତାଚ୍ଛଲ୍ୟ କରିଛନ୍ତି। ଏପରିକି ବିଶୁଦ୍ଧ ପେଟ୍ରୋଲ କଣ ତୁମ ବାପାଙ୍କ ପାଖରୁ ଆସିବ କି ବୋଲି ସେ ପଚାରିଛନ୍ତି। ଏହାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ରିପୋର୍ଟ ଅନୁସାରେ, ନିଜ ଭାଷଣରେ ସେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ବାବଦରେ ସରକାରୀ ନୀତିକୁ ଜୋରଦାର ସମର୍ଥନ ଦେଇଥିଲେ। ସେ କହିଥିଲେ ଯେ, ବ୍ରାଜିଲ ଭଳି ଦେଶରେ ବିପୁଳ ମାତ୍ରାରେ ଇଥାନଲ ବ୍ୟବହୃତ ହେଉଛି। ଭାରତୀୟ ଗାଡ଼ିରେ ଏହାକୁ ସମ୍ପୂର୍ଣ୍ଣ ବ୍ୟବହାର କରାଯାଇ ପାରିବ। ତେବେ ଇଥାନଲ ଉପରେ କହୁଥିବା ବେଳେ ସେ ନିଜର ସଂଯମତା ହରାଇଥିଲେ। ମଞ୍ଚ ଉପରୁ ସେ କହିଥିଲେ ଯେ, ବିଶୁଦ୍ଧ ପେଟ୍ରୋଲ ବାବଦରେ ସମସ୍ତେ ଦାବି କରୁଛନ୍ତି। ଏହା କ'ଣ ତୁମମାନଙ୍କ ବାପାଙ୍କ ପାଖରୁ ଆସିବ। ଏହି ସମୟରେ ମଞ୍ଚ ଉପରେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଳା, ରାଜ୍ୟମନ୍ତ୍ରୀ ପ୍ରତିଭା ବାଗଡୀ ଏବଂ ସତନା ସାଂସଦ ଗଣେଶ ସିଂଙ୍କ ସମେତ ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ତେବେ ତାଙ୍କର ଏହି ବୟାନକୁ ନେଇ ଚର୍ଚ୍ଚା ଜୋର ଧରିଛି। ସାଂସଦଙ୍କ ବୟାନ ସାମ୍ନାକୁ ଆସିଲା ପରେ ରାଜନୈତିକ ବୟାନବାଜି ଜୋର୍ ଧରିଛି। ସୋସିଆଲ ମିଡିଆରେ ନେଟିଜେନ୍ସ ସାଂସଦଙ୍କ ଏପରି ବୟାନକୁ ଜୋରଦାର ବିରୋଧ କରୁଛନ୍ତି। ଏପରିକି ଏଥିପାଇଁ ସେ କ୍ଷମା ମାଗନ୍ତୁ ବୋଲି କେହି କେହି ଦାବି କରୁଛନ୍ତି।

## ଏଫ୍‌ସିଆରଏ ସଂଶୋଧନ ଚର୍ଚ୍ଚକୁ ନିୟନ୍ତ୍ରଣ କରିବନି



ନୂଆଦିଲ୍ଲୀ/ୱାଶିଂଟନ, ୧୦।୮ : ଭାରତ ସରକାର ସଂସଦରେ ବିଦେଶୀ ଅବଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍(ଏଫସିଆରଏ) ୨୦୨୬ ଆଗତ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ବିଲ୍ ବିଦେଶୀରୁ ଆସୁଥିବା ଅର୍ଥର ଉତ୍ତମ ପରିଚାଳନା ସହ ପାଣ୍ଠିର ସ୍ୱଚ୍ଛ ବ୍ୟବହାର ସୁନିଶ୍ଚିତ କରିବ। ଏହି ବିଲ୍ ସମ୍ପର୍କରେ ଅନେକ ଗୁଜବ ପ୍ରସାରିତ ହେଉଛି, ଯାହା ଭାରତ ଏବଂ ବିଦେଶରେ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରୁଛି। ଫଳରେ ଖ୍ରୀଷ୍ଟିଆନ ସଂଗଠନଗୁଡ଼ିକ ଏହାର ବିରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ଆମେରିକାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରା ବିଲ୍‌କୁ ନେଇ ସୃଷ୍ଟି ହେଉଥିବା ଗୁଜବର ସତ୍ୟତାକୁ ସ୍ପଷ୍ଟ କରିଛନ୍ତି। କ୍ୱାତ୍ରା ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି, ପ୍ରସ୍ତାବିତ ବିଦେଶୀ ଅବଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍‌କୁ ନେଇ ଗଣମାଧ୍ୟମ ଏବଂ ସମାଜରେ ଅନେକ ଭୁଲ୍ ଧାରଣା ରହିଛି। ଏହି ବିଲ୍ ଏନଜିଓ ଏବଂ ଦାତବ୍ୟ ସଂଗଠନଗୁଡ଼ିକର କାର୍ଯ୍ୟକୁ ନକାରାତ୍ମକ ଭାବରେ ପ୍ରଭାବିତ କରିବ ବୋଲି ଏକ ଭୁଲ୍ ଧାରଣା ମଧ୍ୟ ରହିଛି। ନୂତନ ସଂଶୋଧନ ଭାରତରେ ସେମାନଙ୍କର କାର୍ଯ୍ୟ କରିବାର କ୍ଷମତାକୁ ଆହୁରି ହ୍ରାସ କରିବ। ତେବେ ସତ୍ୟ ହେଉଛି ଯେ, ଭାରତକୁ ବିଦେଶୀ ଟଙ୍କା ଆସିବା କମି ନାହିଁ ବରଂ ବୃଦ୍ଧି ପାଉଛି।

# ଆଗ ରାଜ୍ୟ ସଙ୍ଗୀତ, ପରେ ବନ୍ଦେ ମାତରମ୍


ସର୍ବ ଦଳୀୟ ସମର୍ଥନରେ ପ୍ରସ୍ତାବ ପାରିତ

ଚେନ୍ନାଇ, ୧୦।୮ : ତାମିଲନାଡୁ ବିଧାନସଭାରେ ରାଜ୍ୟ ଗୀତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଛି। ଦ୍ରାବିଡ ମୁନେତ୍ର କାଝଗମ (ଡିଏମକେ) ଓ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ର କାଝଗମ, କଂଗ୍ରେସ ଦଳ ସହିତ ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଏହି ପ୍ରସ୍ତାବ ଆଗତ କରିଥିଲେ। ରାଜ୍ୟର ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସାର୍ବଜନୀନ ପ୍ରତିଷ୍ଠାନରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ରାଜ୍ୟ ସଙ୍ଗୀତ 'ତାମିଲ ଥାଇ ଭାଜଥୁ' ବଜାଇବା ପାଇଁ ଆନୁଷ୍ଠାନିକ ଭାବରେ ବାଧ୍ୟତାମୂଳକ କରାଯାଇଛି। ଏହା ପରେ 'ବନ୍ଦେ ମାତରମ୍' ଗାନ କରାଯିବ ବୋଲି ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। ପ୍ରସ୍ତାବ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ 'ତାମିଲ ଥାଇ ଭାଜଥୁ'କୁ ସର୍ବୋଚ୍ଚ ପ୍ରାଥମିକତା ମିଳିବା ଉଚିତ। ତାମିଲ ଅର୍ଥ ଗର୍ବ, ତାମିଲ ଅର୍ଥ ଶକ୍ତି। ତାମିଲ କହିବା ମାତ୍ରେ ସମଗ୍ର ତାମିଲନାଡୁ ଏକ ହୋଇଯାଏ। ତେଣୁ 'ତାମିଲ ଥାଇ ଭାଜଥୁ'କୁ ତାମିଲନାଡୁରେ ପ୍ରଥମ ସ୍ଥାନ ମିଳିବା ଉଚିତ। ତାମିଲ ଥାଇ ଭାଜଥୁକୁ ପ୍ରଥମ ସ୍ଥାନ ଦେବା ଆମ ରାଜ୍ୟର ଅଧିକାର। ଏକ ଭାବପ୍ରବଣ ଭାଷଣରେ ବିଜୟ କହିଥିଲେ, ତାମିଲ କେବଳ ଏକ ଭାଷା ନୁହେଁ, ବରଂ ଆମର ଜୀବନ ଏବଂ ଆତ୍ମା।

## ୫ ଲକ୍ଷ ନିଅ, ମୋ ଭାଇକୁ ବଞ୍ଚେଇ ଦିଅ

### ଭାସି ଯାଉଥିବା କାଉଡ଼ିଆ ଭାଇର ଆକୁଳ ନିବେଦନ



ନୂଆଦିଲ୍ଲୀ, ୧୦।୮ : ୫ ଲକ୍ଷ ଟଙ୍କା ନେଇଯାଅ, ମୋ ଭାଇକୁ ବଞ୍ଚାଇ ଦିଅ। ଏହା ହେଉଛି ଜଣେ ଯୁବକଙ୍କର ଆକୁଳ ନିବେଦନ, ଯାହାଙ୍କ ଭାଇ ଗଙ୍ଗା ସ୍ନାନ ବେଳେ ପାଣିରେ ଭାସି ଯାଉଥିଲେ। ସେ ନିଜ ଭାଇ ସହ କାଉଡିଆ ଯାତ୍ରାରେ ଉତ୍ତରାଖଣ୍ଡର ଟୋଣ୍ଡେଶ୍ୱର ଘାଟ ଯାଇଥିଲେ। ଘାଟରେ ସ୍ନାନ କରିବା ସମୟରେ କାଉଡିଆ ସନ୍ତୁଳନ ହରାଇ ବସିଲେ, ଯାହା ଦ୍ୱାରା ସେ ପାଣିର ଦ୍ରୁତ ସ୍ରୋତରେ ଭାସି ଗଲେ। ଏବେସୁଦ୍ଧା ତାଙ୍କର କୌଣସି କୌଣସି ଖବର ମିଳି ପାରିନାହିଁ। ଉକ୍ତ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ କାଉଡ଼ିଆଙ୍କ ଭାଇ ନଦୀ କୂଳରେ ଛିଡ଼ା ହୋଇ ସମସ୍ତଙ୍କୁ ଗୁହାରି କରୁଛନ୍ତି। ତାଙ୍କ ଭାଇକୁ ବଞ୍ଚାଇ ଦିଅନ୍ତୁ ବୋଲି କହୁଛନ୍ତି। କେହି ଜଣେ ତାଙ୍କୁ ବଞ୍ଚାଇ ଦିଅନ୍ତୁ, ସେ ତାଙ୍କୁ ପାଞ୍ଚ ଲକ୍ଷ ଟଙ୍କା ଦେବେ ଏପରି କହୁଛନ୍ତି। ଭିଡିଓ କ୍ଲିପ୍‌ର ଆରମ୍ଭରେ ସେ ଭୟଭୀତ ହୋଇ ସମସ୍ତଙ୍କୁ ପଚାରୁଛନ୍ତି, 'ମୋ ଭାଇ କେଉଁଠି ଅଛି, କେଉଁଠି ଅଛି ମୋ ଭାଇ ? ଦେଖ ମୋ ଭାଇକୁ କେଉଁଠି ଅଛି।'

## ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣ

### ୧୨ ମୃତ, ୩୯ ଆହତ

ମସ୍କୋ, ୧୦।୮ : ରୁଷର ତାତାରସ୍ତାନ ଅଞ୍ଚଳର ନିଜନେକାମସ୍କ ସହରର ତୈଳ ବିଶୋଧନାଗାର ଏବଂ ସାଧାରଣ ସ୍ଥାନରେ ୟୁକ୍ରେନୀୟ ଡ୍ରୋନ୍ ବଡ଼ ଧରଣର ଆକ୍ରମଣ କରିଛି। ଏହି ଘଟଣାରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୯ ଜଣ ଆହତ ହୋଇଥିବା ସହରର ମେୟର ରାଡମିର ବେଲିଆଏଭ କହିଛନ୍ତି।

ଆହତଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋସିଆଲ ମିଡିଆରେ ପ୍ରସାର ହୋଇଥିବା କିଛି ଭିଡିଓରେ ଏକ ତୈଳ ବିଶୋଧନାଗାର ପରି ଦେଖାଯାଉଥିବା ସ୍ଥାନରୁ ଧୂଆଁ ବାହାରୁଥିବାର ଦେଖାଯାଇଛି। ମେୟର ବେଲିଆଏଭ କହିଛନ୍ତି ଯେ ୟୁକ୍ରେନୀୟ ଆକ୍ରମଣ ପରେ ତାତାରସ୍ତାନର ମୁଖ୍ୟ ରୁସ୍ତମ ମିନିଖାନୋଭ ଶୋକ ପ୍ରକାଶ କରିଛନ୍ତି। ୟୁକ୍ରେନ ସାମ୍ପ୍ରତିକ ମାସଗୁଡ଼ିକରେ ରୁଷୀୟ ତୈଳ ବିଶୋଧନାଗାରଗୁଡ଼ିକ ଉପରେ ଆକ୍ରମଣ ବୃଦ୍ଧି କରିଛି। ଏହି ଅଭିଯାନ ଯୋଗୁଁ ରୁଷର ଅନେକ ସ୍ଥାନରେ ଇନ୍ଧନ ଅଭାବ ଦେଖାଦେଇଛି। ତେବେ ଅଧିକାରୀମାନେ କହିଛନ୍ତି ଯେ ଅଧିକାଂଶ ପ୍ରାରମ୍ଭିକ ସମସ୍ୟା ଏବେ ସମାଧାନ ହୋଇଯାଇଛି।



### ବିଫଳତା ରୋକି ପାରିଲାନି ପାଦ

# ସପ୍ତମ ପ୍ରୟାସ ପରେ ହେଲେ ସଫଳ ଆଇପିଏସ୍



ନୂଆଦିଲ୍ଲୀ, ୧୦।୮ : ବିହାରର ନୱାଦା ଜିଲ୍ଲାର ଗୋରିହରି ଗାଁର ଆଲୋକ ରାଜ ନାରାୟଣ ୟୁପିଏସସିରେ ଲଗାତାର ଛଅଥର ବିଫଳ ହୋଇ ମଧ୍ୟ ସପ୍ତମ ପ୍ରୟାସରେ ସର୍ବଭାରତୀୟ ମାନ୍ୟତା ୩୪୬ ହାସଲ କରି ଭାରତୀୟ ପୁଲିସ ସେବା (ଆଇପିଏସ୍)ରେ ସ୍ଥାନ ପାଇଛନ୍ତି। ଉତ୍ତରପ୍ରଦେଶ କ୍ୟାଡରରେ ଅପରାଧ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆଲୋକ ବର୍ତ୍ତମାନ ଚର୍ଚ୍ଚାରେ ଅଛନ୍ତି।

୨୦୦୯ରେ ରାଜସ୍ଥାନରୁ ଇଣ୍ଟରମିଡିଏଟ୍ ସମାପ୍ତ କରିବା ପରେ ସେ ରାଜନୀତି ବିଜ୍ଞାନରେ ଏମବିଏ ସମାପ୍ତ କରିଥିଲେ। ଆଲୋକ ରାଜ ନାରାୟଣ ୨୦୧୫ରୁ ୟୁପିଏସସି ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ପୁଅର ପାଠପଢ଼ା ଓ ୟୁପିଏସସି ପ୍ରସ୍ତୁତି ପାଇଁ ତାଙ୍କ ବାପା ନରେଶ ପ୍ରସାଦ ଯାଦବ ନୱାଦା ସହରର ଜମି ଓ ଗାଁର ଜମି ବିକ୍ରି କରିଦେଇଥିଲେ। ପରୀକ୍ଷା ପ୍ରସ୍ତୁତି ସମୟରେ ପୁଅ କୌଣସି ଆର୍ଥିକ ସଙ୍କଟର ସମ୍ମୁଖୀନ ନ ହେବ ସେ ନେଇ ନିଷ୍ପତ୍ତି ନିଆଯାଇଥିଲା।

ୟୁପିଏସସିର ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବାର ଠିକ୍ ପୂର୍ବରୁ ଆଲୋକ ରାଜ ନାରାୟଣ ଗୃହ ମନ୍ତ୍ରାଳୟର ଏକ ପଦବୀ ପାଇଁ ମନୋନୀତ ହୋଇଥିଲେ। ଜୁନ୍ ୨୦ ରେ ଯୋଗ ଦେବାର ଥିଲା। ଏହି ସମୟରେ ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶ ପାଇ ସେ ୩୪୬ତମ ସ୍ଥାନ ପାଇଥିଲେ। ସେ ଭାରତୀୟ ପୁଲିସ ସେବାକୁ ବାଛିଥିଲେ ଏବଂ ତାଲିମ ପରେ ଉତ୍ତରପ୍ରଦେଶ କ୍ୟାଡରରେ ନିଯୁକ୍ତ ହୋଇଥିଲେ। ବର୍ତ୍ତମାନ ୨୦୨୨ ବ୍ୟାଚ୍ ଆଇପିଏସ୍ ଆଲୋକ ରାଜ ନାରାୟଣ ଉତ୍ତରପ୍ରଦେଶର ହରଦୋଇ ଜିଲ୍ଲାର ଶାହାବାଦ ଅଞ୍ଚଳରେ ଅତିରିକ୍ତ ଏସ୍‌ପି ଭାବରେ କାର୍ଯ୍ୟ କରୁଛନ୍ତି। ୟୁପି ପୁଲିସ ସେବା ସମୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଭିଯାନର ନେତୃତ୍ୱ ନେଇଛନ୍ତି। ୯ଟି ଭିନ୍ନ ଭିନ୍ନ ପୁଲିସ ଏନକାଉଣ୍ଟର ସମୟରେ ୧୩ ଜଣ ଅପରାଧୀଙ୍କୁ ଗିରଫ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହା ବ୍ୟତୀତ ପ୍ରାୟ ୪୫୦ କୋଟି ଟଙ୍କା ମୂଲ୍ୟର ଆନ୍ତର୍ଜାତୀୟ ସାଇବର କ୍ରାଇମ ନେଟୱାର୍କକୁ ଭାଙ୍ଗିବା ପାଇଁ ମଧ୍ୟ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଲାଲ୍‌କିଲ୍ଲାର ପ୍ରାଚୀରରୁ ଶୁଭିବ 'ବନ୍ଦେ ମାତରମ୍'

ନୂଆଦିଲ୍ଲୀ, ୧୦।୮ : ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲକିଲ୍ଲାରେ ପହଞ୍ଚିବା ପରେ ଲାଲକିଲ୍ଲାର ପ୍ରାଚୀରରୁ 'ବନ୍ଦେ ମାତରମ' ଗାନ କରାଯିବ। ଏହାପରେ ପ୍ରଧାନମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରି ରାଷ୍ଟ୍ର ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିବେ ବୋଲି ସୋମବାର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ କହିଛନ୍ତି। ଏହି ବର୍ଷର ସମାରୋହ 'ଯୁବ ଶକ୍ତି'କୁ ସମ୍ମାନିତ କରିବା ସହ ବିକଶିତ ଭାରତ-୨୦୪୭ ଗଠନ କରିବାରେ ଯୁବ ଭାରତର ଅବଦାନକୁ ସ୍ୱୀକୃତି ଦେବ ବୋଲି ପ୍ରତିରକ୍ଷା ସଚିବ ସୂଚନା ଦେଇଛନ୍ତି।

ପ୍ରତିରକ୍ଷା ସଚିବ କହିଛନ୍ତି ଯେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ପୁଷ୍ପ ସାଜସଜ୍ଜାରେ 'ବନ୍ଦେ ମାତରମ୍' ପ୍ରଦର୍ଶନ କରାଯିବ। ଅଢ଼େଇ ହଜାର ଏନସିସି ବାଳକ ଓ ବାଳିକା କ୍ୟାଡେଟ୍

**ସମାରୋହର ସାକ୍ଷୀ ହେବେ ୫ ହଜାର ସ୍ୱତନ୍ତ୍ର ଅତିଥି**

ଏବଂ ମାଇଁ ଭାରତ ସ୍ୱେଚ୍ଛାସେବକ ଲାଲକିଲ୍ଲା ପ୍ରାଚୀର ସମ୍ମୁଖରେ 'ବନ୍ଦେ ମାତରମ୍'ର ଆକୃତି ଗଠନ କରିବେ। ଭାରତୀୟ ବାୟୁସେନାର ଏକ ଏମଆଇ -୧୭ ହେଲିକପ୍ଟର 'ବନ୍ଦେ ମାତରମ୍'ର ୧୫୦ ବର୍ଷ ସ୍ମାରକୀରେ ଏକ ବ୍ୟାନର



ବହନ କରିବ ଓ ଲାଲକିଲ୍ଲାରେ ଏକତ୍ରିତ ହୋଇଥିବା ଲୋକଙ୍କ ଉପରେ ଫୁଲ ବର୍ଷା କରିବ। ଏଥିସହ ଅଗଷ୍ଟ ୮ରୁ ସେନା ଦ୍ୱାରା ପ୍ରଦର୍ଶିତ ହେଉଥିବା ବ୍ୟାଣ୍ଡ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ବିଭିନ୍ନ କ୍ଷେତ୍ରରେ ସଫଳ ହୋଇଥିବା ଯୁବପିଢ଼ିଙ୍କ ସହ ୫୦୦୦ ବିଶେଷ ଅତିଥିଙ୍କୁ ସ୍ୱାଧୀନତା ଦିବସ ସମାରୋହ ପାଇଁ ନିମନ୍ତ୍ରଣ କରାଯାଇଥିବା ସେ କହିଛନ୍ତି।

ବିଶେଷ ଅତିଥିଙ୍କ ମଧ୍ୟରେ ନିରବ ଯୋଦ୍ଧା ମଧ୍ୟ ସାମିଲ ଅଛନ୍ତି, ଯେଉଁମାନେ ସେମାନଙ୍କ ଲକ୍ଷ୍ୟ ହାସଲ କରିବାରେ ଅନ୍ୟମାନଙ୍କୁ ସହାୟତା କରିବା ପାଇଁ ରାତି-ରାତି କଠିନ ପରିଶ୍ରମ କରନ୍ତି। ସେମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ସ୍ୱନିଧି ଅଧୀନସ୍ଥ ହିତାଧିକାରୀ, ରାସ୍ତାକଡ଼ର ବିକ୍ରେତା, ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସହରାଞ୍ଚଳ ପରିମଳ କର୍ମୀ ପ୍ରମୁଖ। ଏହି ମହାସମାରୋହ ଦେଖିବା ପାଇଁ ପାରମ୍ପରିକ ପୋଷାକ ପିନ୍ଧିଥିବା ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୧୫୦୦ରୁ ଅଧିକ ଦିଲ୍ଲୀବାସୀଙ୍କୁ ନିମନ୍ତ୍ରଣ କରାଯାଇଛି। ସେମାନେ ଲାଲକିଲ୍ଲାରେ ଭାରତର ଏକ ସଂକ୍ଷିପ୍ତ ଝଲକ ଉପସ୍ଥାପନ କରିବେ। ସ୍ୱାଧୀନତା ଦିବସ ସମାରୋହ ସମୟରେ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଜଳ ପ୍ରବାହକୁ ରୋକିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଫଳସ୍ୱରୂପ ଲାଲକିଲ୍ଲା ଓ ନିକଟବର୍ତ୍ତୀ ପରିସରରେ ଡ୍ରେନେଜ୍ ଓ ସ୍ୱେରେଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ସଫା କରାଯାଉଛି।

● ଶ୍ରମିକ ସଂଗଠନର ଆଇନ୍ ଅମାନ୍ୟ ଆନ୍ଦୋଳନ

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର

କଟକ, ୧୦।୮ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକମାରଣ ନୀତି ବିରୁଦ୍ଧରେ ସୋମବାର ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସମୂହ ଓ ସଂଯୁକ୍ତ କିଶାନ ମୋର୍ଚ୍ଚାର ଦେଶବ୍ୟାପୀ ଆଇନ ଅମାନ୍ୟ ଆନ୍ଦୋଳନ ଆହ୍ୱାନରେ କଟକଠାରେ ପୁରୀଘାଟ ଦେବୀଗଡ଼ାଠାରୁ ଏକ ବିଶାଳ ମିଳିତ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପାଖରେ ପହଞ୍ଚିଛି। ତେବେ ପୁଲିସ ବ୍ୟାରିକେଡ୍ ହେତୁ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ନ ପାରି ଆନ୍ଦୋଳନକାରୀ ଶ୍ରମିକ ଓ କୃଷକମାନେ ବାଟରେ ରହି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୪ କଳା-ଶ୍ରମ କୋର୍ଡ ବାତିଲ, ଠିକା ଓ ଆଉଟ ସୋର୍ସିଂ ଶ୍ରମିକ କର୍ମଚାରୀଙ୍କୁ ସ୍ଥାୟୀ କରିବା, ପ୍ରକଳ୍ପ କର୍ମୀଙ୍କୁ ସରକାରୀ ଶ୍ରମିକ ରୂପେ ମାନ୍ୟତା ଦେବା ଆଦି ସମ୍ବଳିତ ଏକ ସ୍ମାରକ ପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଆଜିର ବିକ୍ଷୋଭ ସମାବେଶରେ ଏଆଇଟିୟୁସିର କିଶୋର ଜେନା, ସିଆଇଟିୟୁର ରବିନାରାୟଣ ମଲ୍ଲିକ, ଏଆଇୟୁଟିୟୁସିର ରାଜକିଶୋର, ମଲ୍ଲିକ, ଖଗେଶ୍ୱର ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ପୁରାତନ ଛାତ୍ର ସଂସଦର ନୂତନ ପଦାଧିକାରୀ ଚୟନ



କଟକ, ୧୦।୮ (ସଂଚାର ବ୍ୟୁରୋ): ରେଲୱେ ସେଟଲମେଣ୍ଟ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସାଧାରଣ ବୈଠକରେ ସର୍ବସମ୍ମତିକ୍ରମେ ନୂତନ ପଦାଧିକାରୀ ଚୟନ କରାଯାଇଛି। ସଂସଦର ବିଭିନ୍ନ ପଦବୀ ନିମନ୍ତେ ଅଭିଜ୍ଞ ଓ ବରିଷ୍ଠ ପୁରାତନ ଛାତ୍ରମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂତନ କର୍ମକର୍ତ୍ତାମାନେ ସଂସଦର କାର୍ଯ୍ୟକୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଆଶା ପ୍ରକାଶ ପାଇଛି। ଉପଦେଷ୍ଟା ମଣ୍ଡଳୀରେ ମଧୁସୂଦନ ରାଉତ, ଶିବ ପ୍ରସାଦ ବେହେରା, ରଶ୍ମି ରଞ୍ଜନ ମିଶ୍ର ଓ ପୁଣ୍ୟଶ୍ଳୋକ ଦାସଙ୍କୁ ସ୍ଥାନ ଦିଆଯାଇ ଥିବା ବେଳେ ସଭାପତି ପ୍ରଶାନ୍ତ ମହାପାତ୍ର ଏବଂ କାର୍ଯ୍ୟକାରୀ ସଭାପତି ପ୍ରିୟ ରଞ୍ଜନ ମହାପାତ୍ର, ଉପସଭାପତି ସରୋଜ କୁମାର ରାଉତ, ସଞ୍ଜୀବ କୁମାର ମହାରଣା, ଭୀମସେନ ସାବତ, ଅଜୟ କୁମାର ମହାନ୍ତି ଓ ବିଷ୍ଣୁ ଚରଣ ସାହୁଙ୍କୁ ଚୟନ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ସତ୍ୟବ୍ରତ ପଟ୍ଟନାୟକ ଦାୟିତ୍ୱ ପାଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ବିନୟ କୁମାର ପାତ୍ର, କମଳାକାନ୍ତ ଖଟୁଆ ଓ ସତ୍ୟ ନାରାୟଣ ପଟ୍ଟନାୟକ ଚୟନ ହୋଇଛନ୍ତି।

## ଅମଲା ସଂଘର ସାଧାରଣ ବୈଠକ




କଟକ, ୧୦।୮ (ସଂଚାର ବ୍ୟୁରୋ): ଶତାବ୍ଦୀ ଭବନଠାରେ ଓଡ଼ିଶା ଅମଲା ସଂଘ କଟକ ଜିଲ୍ଲା ଶାଖାର ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ ସଭାପତିତ୍ୱରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଅମଲା ସଂଘର କର୍ମକର୍ତ୍ତାମାନେ ଯୋଗଦେଇ ପ୍ରବେଶିକା ଗ୍ରେଡ ପେ' ୪୨୦୦ ଟଙ୍କା ବୃଦ୍ଧି କରିବା, ଅମଲା କ୍ୟାଡ଼ର ୨୦୨୪ର ପୁନର୍ଗଠନ କରାଯିବା ଭଳି ଦାବିଗୁଡ଼ିକ ଉପସ୍ଥାପନା କରିଥିଲେ। ପରେ ପ୍ରସ୍ତାବଗୁଡ଼ିକୁ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଥିଲା। ଉକ୍ତ ବୈଠକରେ ଅମଲା ସଂଘର ଅଧକ୍ଷ ବିରଞ୍ଚି ନାରାୟଣ ବରାଳ, ମୁଖ୍ୟ ଉପଦେଷ୍ଟା ହୃଦୟ ବିହାରୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ପାଣି, ସମ୍ପାଦକ ବିଜୟ କୁମାର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଳିତ କୁମାର ଶତପଥୀ, ଅଜୟ କୁମାର ଜେନା, ସୁଚିତ ମିଶ୍ର, ମାନସ ରଞ୍ଜନ ପତି ପ୍ରମୁଖ ଯୋଗ ଦେଇଥିଲେ।

## ଆମ ସାହି ରାମଲୀଳା ଅନୁଷ୍ଠାନିକ ବୈଠକ

କଟକ, ୧୦।୮ (ସଂଚାର ବ୍ୟୁରୋ): ସାଂସ୍କୃତିକ ପ୍ରତିଷ୍ଠାନ 'ଆମ ସାହି ଆମ ରାମଲୀଳା'ର ଆନୁଷ୍ଠାନିକ ବୈଠକ ଶ୍ରୀକୋରୁଆଁ ଗ୍ରାମର ଦଣ୍ଡା ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ



ହୋଇଛି। ଉକ୍ତ ସଭାରେ ସଭାପତି ଭାବେ ପ୍ରଭାତ କୁମାର ଦେବତା, ଉପ ସଭାପତି ସିଦ୍ଧାର୍ଥ ନାୟକ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ଦାସ, ସଂପାଦକ ସଂନ୍ତୋଷ କୁମାର ସାହୁ, ସର୍ବ ବ୍ୟବସ୍ଥାପକ ମିଳନ ବେହେରାଙ୍କ ସହ ବିଭିନ୍ନ ଅଞ୍ଚଳର ସଂଯୋଜକଙ୍କୁ ଚୟନ କରାଯାଇଥିଲା। ପ୍ରତ୍ୟେକ ରାମଲୀଳା ଅନୁଷ୍ଠାନକୁ ସମ୍ବର୍ଦ୍ଧିତ ସହ ମହାନ ଉତ୍କଳୀୟ ସଂସ୍କୃତି ପରମ୍ପରାକୁ ଆଗକୁ ନେବା ଅନୁଷ୍ଠାନର ମୂଳ ଲକ୍ଷ୍ୟ ବୋଲି ଅନୁଷ୍ଠାନର ସଭାପତି ପ୍ରଭାତ କୁମାର ଦେବତା କହିଥିଲେ। ନିରଞ୍ଜନ ନାୟକ ସଭା ପରିଚାଳନା କରିଥିଲେ।

● ପ୍ରଥମ ଜାତୀୟ ବାଟୁଳି ପ୍ରତିଯୋଗିତା ଉଦ୍‌ଯାପିତ

## ୪ ସ୍ୱର୍ଣ୍ଣ ସମେତ ୭ ପଦକ ପାଇ ଓଡ଼ିଶା ତୃତୀୟ

ଭୁବନେଶ୍ୱର, ୧୦।୮ (ସଂଚାର ବ୍ୟୁରୋ): ଗତକାଲି ୟୁନିଟ୍-୮ସ୍ଥିତ ପୁରୁଣା ସ୍ପୋର୍ଟସ ଅଫିସଠାରେ ପ୍ରଥମ ଜାତୀୟ ବାଟୁଳି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଏଲିଟ ସ୍ଲିଙ୍ଗ ସଟ୍ ଫେଡେରେସନ ଅଫ ଇଣ୍ଡିଆ ଆୟୋଜନ କରିଥିଲା। ପ୍ରତିଯୋଗିତାରେ ୧୨ଟି ରାଜ୍ୟରୁ ପ୍ରାୟ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସର୍ବମୋଟ ପଦକ ତାଲିକାରେ ମହାରାଷ୍ଟ୍ର ୫ ଟି ସ୍ୱର୍ଣ୍ଣ, ୨ଟି କାଂସ୍ୟ ପଦକ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଝାଡ଼ଖଣ୍ଡ ୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ପାଇ ୨ୟ ସ୍ଥାନ ଓ ଓଡ଼ିଶା ୪ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ, ୨ଟି କାଂସ୍ୟ ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ମୁଖ୍ୟ




ଅତିଥି ଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନ, ରାଜ୍ୟ କରାଟେ ସଂଘ ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ, ରାଜ୍ୟ କରାଟେ ସଂଘ ସମ୍ପାଦିକା ଡ. ଗୌରୀ ମହାନ୍ତି ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ ଅଫିସିଆଲ୍ ଭାବେ ଡ. ଅବିନାଶ ପୁଣ୍ଡିର, ଦୀପକ କୁମାର ସାମନ୍ତରା, ସନ୍ତୋଷ କୁମାର ମହାରଣା, ଶୁଭେନ୍ଦୁ ଲେଙ୍କା, ସପନ କୁମାର ମିଶ୍ର, ଚନ୍ଦନ କୁମାର ଟପ୍ପୋ, ବିର୍ସା ମୁଣ୍ଡା, ଦୀପକ ସିର୍କେ, କୁମାର ଆଦିତ୍ୟ, କ୍ରିଷ୍ଣା ସେଠ୍, ହିମାଂଶୁ ସ୍ୱାମୀ, ସନ୍ଦୀପ କୁମାର ଦାସ, ମୀର ଅଜମତ ଅଲ୍ଲୀ ଓ ହିମାଂଶୁ ଶେଖର ଦାସ ପରିଚାଳନା କରିଥିଲେ। ସର୍ବଶେଷରେ ଜାତୀୟ ସଂଘର ସଭାପତି କେ. ସୁକାନ୍ତ ରାଓ ପଦକ ବିଜେତାଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ।

## ପଛକୁ ପଛ ଲଘୁଚାପ: ପ୍ରବଳ ଛେଚିବ




ଭୁବନେଶ୍ୱର, ୧୦।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଜାରି ରହିଛି ବର୍ଷାର ପ୍ରଭାବ। ଏହାରି ମଧ୍ୟରେ ଆସୁଛି ଆଉ ଏକ ଲଘୁଚାପ। ଅଗଷ୍ଟ ୧୨ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଥିବା ବେଳେ ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷାର ପ୍ରକୋପ ଆହୁରି ବଢ଼ିପାରେ। ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ରହିଛି। ଏହି ଘୂର୍ଣ୍ଣିବଳୟ ଆହୁରି ଘନୀଭୂତ ହେବା ସହ ସମୁଦ୍ର ପତ୍ତନଠାରୁ ପ୍ରାୟ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ଆସନ୍ତା ୧୨ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ଆକଳନ କରାଯାଉଛି। ଆସନ୍ତା ୨୪ ଘଣ୍ଟା ପାଇଁ ସମଗ୍ର ଓଡ଼ିଶାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୫ଟି ଜିଲାକୁ ବାଦ ଦେଲେ ଅନ୍ୟ ସମସ୍ତ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଦିଆଯାଇଛି। ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ଆହୁରି ବଢ଼ିପାରେ।

## ଆଇନଜୀବୀଙ୍କୁ ଆକ୍ରମଣ, ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ଜଳେଶ୍ୱର, ୧୦।୮ (ସଂଚାର ବ୍ୟୁରୋ) : ଯୁବ ଆଇନଜୀବୀଙ୍କୁ ମାରଣାଅସ୍ତ୍ରରେ ଆକ୍ରମଣ । ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ଆଜି ଅପରାହ୍ଣରେ ଏଭଳି ଅଭାବନୀୟ ଘଟଣା ସାମନାକୁ ଆସିଛି । ସୂଚନା ମୁତାବକ ଆଇନଜୀବୀ ସିଦ୍ଧାର୍ଥ ଦାସ କୋର୍ଟରୁ କାମ ସାରି ଘରକୁ ଫେରୁଥିଲେ । ଜଳେଶ୍ୱର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶାନ୍ତିଆ




ନିକଟରେ ଦୁର୍ବୃତ୍ତମାନେ ମାରଣାଅସ୍ତ୍ରରେ ଆକ୍ରମଣ କରିଛନ୍ତି । ଆକ୍ରମଣରେ ତାଙ୍କର ଡାହାଣ ପାଖ କାନ୍ଧ ଏବଂ ଦୁଇ ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ତେବେ କଣ ପାଇଁ ଏବଂ କିଏ ଆକ୍ରମଣ କରିଛି ସେନେଇ କୌଳିକ ସ୍ପଷ୍ଟ ସୂଚନା ମିଳି ନାହିଁ । ଏହି ଘଟଣାରେ ଅଧିକ ତଦନ୍ତ କରୁଛି ଜଳେଶ୍ୱର ପୋଲିସ ।

● ହାଜତ ମୃତ୍ୟୁ ଘଟଣା

## ତଦନ୍ତକାରୀ ଅଧିକାରୀ ନିଲମ୍ବିତ

କୋଲକାତା, ୧୦।୮ (ସଂଚାର ବ୍ୟୁରୋ): ବିଜୟ କେଓଟଙ୍କ ହାଜତ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ତଦନ୍ତକାରୀ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଥାନାର ଇନ୍ସପେକ୍ଟର-ଇନ୍-ଚାର୍ଜ (ଆଇସି)ଙ୍କୁ ପୁଲିସ ଲାଇନ୍ସକୁ ବଦଳି କରାଯାଇଛି। ଉତ୍ତର ୨୪ ପ୍ରଗଣାର ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ମୃତକ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେ କହିଛନ୍ତି ଯେ, ବିଜୟ କେଓଟଙ୍କ ପତ୍ନୀ ଜେନି ଶର୍ମାଙ୍କୁ ଜଣେ ସେବକ ଭାବେ ଚାକିରି ଦିଆଯିବ। ପ୍ରଥମେ ତାଙ୍କୁ ୧୨ ମାସ ପାଇଁ ୧୫ ହଜାର ଟଙ୍କା ମିଳିବ। ଯଦି ଏହା ସମ୍ପୂର୍ଣ୍ଣ ହୁଏ ତେବେ ତାଙ୍କୁ ଗ୍ରୁପ୍ ଡି' ରେ ସ୍ଥାୟୀ କରାଯିବ।

## ସିଟୁ ରାଲିରେ ବିଶୃଙ୍ଖଳା, ଏକାଧିକ ଅଟକ

କୋଲକାତା, ୧୦।୮ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଶ୍ରମିକ ନୀତି ବିରୋଧରେ ଦେଶବ୍ୟାପୀ ପ୍ରତିବାଦ ପାଇଁ ସିଟୁ ଡାକରା ଦେଇଛି। ଏହି ଅଭିଯାନର ଅଂଶ ସ୍ୱରୂପ ସୋମବାର ଉତ୍ତର ୨୪ ପ୍ରଗଣାର ଜିଲ୍ଲା ମୁଖ୍ୟାଳୟ ବାରାସତରେ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟକୁ ଶୋଭାଯାତ୍ରା କରିବା ପୂର୍ବରୁ ପ୍ରତିବାଦକାରୀମାନଙ୍କୁ ବାଧା ଦେବାରୁ ପୁଲିସ ଓ ବାମପନ୍ଥୀ କର୍ମୀ ଏବଂ ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ଏବଂ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣା ସମୟରେ ପୁଲିସ ଅନେକ ନେତା, କର୍ମୀ ଏବଂ

### ରାସ୍ତା ଅବରୋଧ କରି ପ୍ରତିବାଦ

କୋଲକାତା, ୧୦।୮ (ସଂଚାର ବ୍ୟୁରୋ): ଗଙ୍ଗାରାମପୁର ପୌରସଭାର ୧ ନମ୍ବର ୱାର୍ଡର ଚୁନଭାଟି ପଡ଼ା ଅଞ୍ଚଳର ସ୍ଥାନୀୟ ବାସିନ୍ଦା ଦୀର୍ଘଦିନ ଧରି ଡ୍ରେନ୍ ପାଣି ଜମି ରହିବା ଯୋଗୁଁ କଷ୍ଟ ପାଉଛନ୍ତି। ପାଣି ଜମା ହେବା ଫଳରେ ସ୍ଥାନୀୟ ରାସ୍ତା ପୋଖରୀ ଭଳି ହୋଇଗଲାଣି। ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ସମୟ ଧରି ପାଣି ଜମି ରହିବା ଯୋଗୁଁ ମଶା ବଂଶ ବୃଦ୍ଧି ପାଇଛି। ଏହି ସମସ୍ୟାର ଶୀଘ୍ର ସମାଧାନ ଦାବି କରି ଚୁନଭାଟି ପଡା ବାସିନ୍ଦା ସୋମବାର ଅପରାହ୍ଣରେ ୫୧୨ ନମ୍ବର ଜାତୀୟ ରାଜପଥ ଅବରୋଧ କରି ପ୍ରତିବାଦ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପଦବୀ ସଫଳତାର...

ସେବା ମନୋଭାବ ଅଧିକାରୀ ଓ କର୍ମଚାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ନିଯୁକ୍ତି ଅଭିଯାନ ଆରମ୍ଭ ହୋଇଛି। ୨୦୨୪ ଜୁନ୍ ମାସରୁ ଆଜି ସୁଦ୍ଧା ସରକାରୀ ସ୍ତରରେ ୪୫ ହଜାର ୪୦୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। ଯୁବଶକ୍ତିର ସାମର୍ଥ୍ୟର ପ୍ରକୃତ ଉପଯୋଗ ପାଇଁ ଶିଳ୍ପାୟନର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ଉଦ୍ୟମ ଜାରି ରହିଛି। ଏଥିପାଇଁ ଦେଶ ଭିତରେ ଓ ଦେଶ ବାହାରକୁ ଯାଇ ଶିଳ୍ପପତିମାନଙ୍କୁ ଭେଟି ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆକର୍ଷିତ କରାଯାଉଛି। ଫଳସ୍ୱରୂପ ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି ଏବଂ ଏଥିରୁ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦୁଇ ଦିନ ତଳେ ନୂଆଦିଲ୍ଲୀ ଓ ବେଙ୍ଗାଲୁରୁରେ ଓଡ଼ିଶା ଫୁଡ୍ ପ୍ରୋସେସିଂ ରୋଡ୍ ଶୋ'ରେ ୪ଟି ବୈଠକରେ ୨୦ଟି ଜଣ ନିବେଶକଙ୍କ ସହ ବ୍ୟକ୍ତିଗତ ଆଲୋଚନା ହୋଇ ୩୮ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏଥିରେ ସମୁଦାୟ ୬୬,୩୧୨ କୋଟି ଟଙ୍କାର ପୁଞ୍ଜି ନିବେଶ ସହ ୫୪,୧୩୫ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏବେ ଓଡ଼ିଶାରେ ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଅଭିଭାଷଣ ପ୍ରଦାନ କରିଥିଲେ।

### ବୈଧ ବୀମା ନଥିବା ଗାଡ଼ି...

କୁହାଯାଇଛି। ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ଯଥାସମ୍ଭବ ଉଚିତ କ୍ଷତିପୂରଣ ସୁନିଶ୍ଚିତ କରିବା ପାଇଁ ବୈଧ ବୀମା ଅତ୍ୟନ୍ତ ଜରୁରୀ ହୋଇଥାଏ। ତେଣୁ ଏଭଳି ନିୟମ ଉଲ୍ଲଂଘନକାରୀ ନିଜ ସହ ଅନ୍ୟମାନଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛନ୍ତି। ମୋଟର ଯାନରେ ବୀମାର ଗୁରୁତ୍ୱକୁ ବିଚାର କରି ସୁପ୍ରିମକୋର୍ଟ ନିକଟରେ ମତ ଦେଇଛନ୍ତି ଯେ ଯେଉଁ ଗାଡ଼ିର ବୈଧ ବୀମା ନଥିବ, ତାକୁ ପେଟ୍ରୋଲ/ଡିଜେଲ ଦିଆଯିବ ନାହିଁ। ଏହି ନିୟମକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରିବା ପାଇଁ ମଧ୍ୟ ସୁପ୍ରିମକୋର୍ଟ କହିଛନ୍ତି।

### ରାଜନୀତିକୁ ପ୍ରଭାବିତ କରୁଛନ୍ତି...

କରିପାରିବେ ବୋଲି ସବୁ ଦଳ ଅନୁଭବ କରିସାରିଲେଣି। ତେଣୁ ଓଡ଼ିଶାରେ ମଧ୍ୟ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଜେନ-ଜି'ଙ୍କୁ ହାତେଇବାକୁ ଆଖି ଭିଡ଼ିଛନ୍ତି। କିଏ କିପରି ଜେନ-ଜି'ଙ୍କୁ ନିଜ ଆଡ଼କୁ ଟାଣିବେ ତାକୁ ନେଇ ପ୍ରସ୍ତୁତ କରୁଛନ୍ତି ରଣନୀତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆରମ୍ଭରୁ ଜେନ-ଜି'ଙ୍କ ଆନ୍ଦୋଳନକୁ ସମର୍ଥନ କରି ନ ଥିଲେ। କିନ୍ତୁ ବଦଳୁଥିବା ପାଣିପାଗକୁ ଦେଖି ସେ ବି ପୂରା ସମର୍ଥନ ଘୋଷଣା କଲେ। ଏବେ ସୁରକ୍ଷା କାଉନ୍‌ସେଲିଂଙ୍କୁ ଆରମ୍ଭ କରି ଅରୁଣ ସାହୁ, ଯୋଗେଶ ସିଂ ଏତିକି ଜଣକ ପରେ ଜଣେ ନେତା ସୋସିଆଲ ମିଡିଆରେ ଖୋଲାଖୋଲି ଜେନ-ଜି'ଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି। କଂଗ୍ରେସ ମଧ୍ୟ କହିଛି ଯେ ଦଳ ଜେନ-ଜି'ଙ୍କ ଲଢ଼େଇ ସହ ରହିଛି। ଦଳ ଆର ପାଦେ ଆଗକୁ ଯାଇ ଜେନ-ଜି'ଙ୍କୁ ପ୍ରାର୍ଥୀ କରିବାକୁ କହିଛି। ସେପଟେ ଶାସକ ସରକାର ସବୁ କାର୍ଯ୍ୟକ୍ରମରେ ଏବେ ଯୁବପିଢ଼ିଙ୍କୁ ଫୋକସ୍‌ରେ ରଖୁଛି। ଏପଟେ ଜେନ-ଜି'ମାନେ କାହା କଥାରେ ପ୍ରଭାବିତ ହୋଇ ଭୁଲ ରାସ୍ତାରେ ନ ଯିବା ପାଇଁ ଦଳ ପରାମର୍ଶ ଦେଇଛି।

### ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ୍ ପଞ୍ଜିକରଣ...

ପାଇପାରିବେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୬ ଲକ୍ଷ ଚାଷୀ ଏହି ଅଧୀନରେ ନିଜକୁ ପଞ୍ଜିକୃତ କରାଇ ସାରିଛନ୍ତି। ସେହିପରି ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି। ସମ୍ବଦ୍ଧ ସମସ୍ୟା ଓ ଏହାର ନିଖୁଣ ସମାଧାନ କରିବା ପାଇଁ ସରକାର ଚେଷ୍ଟା କରୁଛନ୍ତି। ରବି ଋତୁ ୨୦୨୫-୨୬ର ସମୀକ୍ଷା ଅନୁଯାୟୀ ଗତ ରବି ଋତୁରେ ମୋଟ ୩୧,୬୩୯,୫୫୩ ଜଣ ଚାଷୀଙ୍କଠାରୁ ୨୦,୪୬,୧୮୫ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ପୂର୍ବ ବର୍ଷ ୨୦୨୪-୨୫ରେ ୧୯,୧୮,୫୪୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଏଥର ସଂଗ୍ରହ ପରିମାଣରେ ବୃଦ୍ଧି ଘଟିଛି। ରବି ଋତୁରେ ଆଜି ସୁଦ୍ଧା ୩ ଲକ୍ଷ ୬୩ ହଜାର ୧୯୯ ଚାଷୀଙ୍କୁ ୪ ହଜାର ୮୪୪ କୋଟି ଟଙ୍କା ଏମଏସପି ଓ ଇନ୍‌ପୁଟ ସହାୟତା ବାବଦରେ ପ୍ରଦାନ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ ଅନ୍ତତଃ ୫୦ ପ୍ରତିଶତ ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମିଳିତ ଭାବେ କାର୍ଯ୍ୟାଳୟ ସ୍ତରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ରାଜସ୍ୱ ବିଭାଗ ଏଥିନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ। ପଞ୍ଜିକରଣ ନିକଟସ୍ଥ ପାକ୍ସ କେନ୍ଦ୍ର, କମନ ସର୍ଭିସ ସେଣ୍ଟର (ସିଏସ୍‌ସି) ଓ ସହାୟକ ମୋଡ଼୍‌ରେ କରାଯାଉଛି। ଆଜି ସୁଦ୍ଧା ଖରିଫ ୨୬-୨୭ ପାଇଁ ୯୪,୬୫୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିସାରିଛନ୍ତି। ଏଥିରେ ସର୍ବାଧିକ ପଞ୍ଜୀକରଣ ବାଲେଶ୍ୱର ଜିଲ୍ଲାର ହୋଇଛି।

### ରାଜ୍ୟରେ ମହଜୁଦ ଅଛି...

ବଣ୍ଟନ ଜାରି ରହିଛି। ଚାଷୀମାନେ ଯେପରି ସମୟ ମଧ୍ୟରେ ଏବଂ ସଠିକ୍ ଦରରେ ସାର ପାଇପାରିବେ, ସେଥିପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। ସାରର କୃତ୍ରିମ ଅଭାବ ସୃଷ୍ଟି ଓ କଳାବଜାରୀକୁ ସମ୍ପୂର୍ଣ୍ଣ ରୂପେ ପ୍ରତିହତ କରିବା ପାଇଁ ସରକାର ଅତି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଓ ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ବଜାର ଉପରେ କଡ଼ା ନଜର ରଖାଯାଇଛି। ଯଦି କେହି ବ୍ୟକ୍ତି କିମ୍ବା ବ୍ୟବସାୟୀ ସାର କଳାବଜାରୀ କରୁଥିବା ଧରାପଡ଼ନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୨ ଗିରଫ, ଜଣେ...

ସେଠାରେ ୩ ଜଣ ଅଜ୍ଞାତ ଯୁବକ ପହଞ୍ଚିଥିଲେ। ସେମାନେ ସମସ୍ତେ ମୁହଁରେ କଳା ପଟି ବାନ୍ଧିଥିଲେ। ସେମାନେ ଛୁରି ଦେଖାଇ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଭୟଭୀତ କରିବା ସହ ଉଭୟଙ୍କଠାରୁ ୮ ହଜାର ୩୦୦ ଟଙ୍କା ନେଇଥିଲେ। ପରେ ସେମାନେ ପୀଡ଼ିତାଙ୍କୁ ଏକାକୀ ଜଙ୍ଗଲ ଭିତରକୁ ନେଇ ତାଙ୍କ ସହ ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଏଥିସହ ତୃତୀୟ ଅଭିଯୁକ୍ତକୁ ଗିରଫ କରିବା ସକାଶେ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ଜଣାପଡ଼ିଛି।

### ଟାଟା ପାୱାରକୁ ନେଇ...

ଉପରେ ପୂର୍ବରୁ ଥିବା ସମସ୍ତ ବକେୟାକୁ ଟାଟା ପାୱାର ଜୁଲମ କରି ଆଦାୟ କରୁଥିବାରୁ ଏହାକୁ କଡ଼ା ସମାଲୋଚନା କରିଛି ବିଜେଡି। ପୂର୍ବତନ ଶକ୍ତି ମନ୍ତ୍ରୀ ତଥା ବିଧାୟକ ଡ ଅରୁଣ ସାହୁ କହିଥିଲେ ଯେ ସ୍ମାର୍ଟ ମିଟର ପାଇଁ ରାଜ୍ୟ ସରକାର ୭୩୫ କୋଟି ଟଙ୍କା ଟାଟା ପାୱାରକୁ ଅନୁଦାନ ଦେଇଛନ୍ତି। ତନ୍ମଧ୍ୟରୁ ୩୦୭ କୋଟି କମ୍ପାନୀ ଦ୍ୱାରା ପୂର୍ବରୁ ସ୍ଥାପିତ ହୋଇଥିବା ମିଟର ପାଇଁ ଏବଂ ୪୨୮ କୋଟି ଟଙ୍କା ନୂତନ ସ୍ମାର୍ଟ ମିଟର ସ୍ଥାପନ ନିମନ୍ତେ ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ପୂର୍ବରୁ କମ୍ପାନୀ ଦ୍ୱାରା ସ୍ଥାପିତ ହୋଇଥିବା ସ୍ମାର୍ଟ ମିଟରର ଖର୍ଚ୍ଚ ସରକାର ବହନ କଲେ ମଧ୍ୟ ଆଦାୟ କରାଯାଇଥିବା ଭଡ଼ା (ମିଟର ରେଣ୍ଟ୍) ଉପଭୋକ୍ତାଙ୍କୁ ଫେରାଯାଉନାହିଁ କାହିଁକି? ୟୁପି, ଦିଲ୍ଲୀ ଓ କର୍ଣ୍ଣାଟକ ଭଳି ଅନ୍ୟ ରାଜ୍ୟମାନଙ୍କରେ ସ୍ମାର୍ଟ ମିଟରର ମୂଲ୍ୟ ୩ ହଜାର ଟଙ୍କାରୁ କମ୍ ଥିଲା ବେଳେ ଓଡ଼ିଶାରେ ଏହା ୩୯୯୩ ଟଙ୍କା ବୋଲି ବିତରଣ କମ୍ପାନୀ ଦର୍ଶାଇଛି। ଗତ ମାର୍ଚ୍ଚ ୨୪ ତାରିଖରେ ୪ଟି ବିତରଣ କମ୍ପାନୀର ସିଏଜି ଅଡିଟ୍ ପାଇଁ ପଦକ୍ଷେପ ନେବାକୁ ଓଇଆରସି ପରାମର୍ଶ ଦେଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନୀରବତା ସନ୍ଦେହ ସୃଷ୍ଟି କରୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିତରଣ କମ୍ପାନୀମାନେ ନିଜସ୍ୱ ଅଡିଟ୍ ନ କରି ସିଏଜି ଅଡିଟ୍ କରିବା ପାଇଁ ଗତ ମେ'ରେ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ସିଏଜି ଅଡିଟ୍ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ। ପ୍ରତ୍ୟେକ ବିତରଣ କମ୍ପାନୀର ରାଜସ୍ୱ ଆଦାୟ, ଭିତ୍ତିଭୂମି ବିକାଶ ନିମନ୍ତେ ଖର୍ଚ୍ଚ ତଥା ଲାଭ କ୍ଷତି ବାବଦରେ ବାର୍ଷିକ ରିପୋର୍ଟ ସାର୍ବଜନୀନ କରାଯାଉ। ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ।

ସେହିପରି କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ ପରିଚାଳନାଗତ ଖର୍ଚ୍ଚ ବୃଦ୍ଧି ବାହାନାରେ ଟାଟା ପାୱାର ବିଜୁଳି ଦର ବୃଦ୍ଧି କରିବାକୁ ଓଇଆରସି ନିକଟରେ ଦାବି କରିଆସୁଛି। ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ବାହାର ରାଜ୍ୟରୁ ଅଣଓଡ଼ିଆଙ୍କୁ ଆଣି ମୋଟା ଦରମାରେ ନିଯୁକ୍ତି ଦେଉଛି। ରାଜ୍ୟ ବାହାରର ଏଜେନ୍ସି ଜରିଆରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ସ୍ଥାନୀୟ ଯୁବକମାନଙ୍କୁ ଛଟେଇ କରାଯାଉଛି। ଏସ୍‌ଏଚଜିମାନଙ୍କୁ ବାହାର କରି ଅଣଓଡ଼ିଆ ଏଜେନ୍ସି ଜରିଆରେ ମିଟର ରିଡିଙ୍ଗ୍, ବିଲିଂ, ବିଲ୍ ଆଦାୟ କରି ଏଥିରୁ ମଧ୍ୟ ଲାଭ ଗୋଟାଉଛି ଟାଟା ପାୱାର୍। ୨ କିଲୋୱାଟ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର କରୁଥିବା ଉପଭୋକ୍ତାମାନଙ୍କ ମିଟର ଲଗାଇବାର ସମ୍ପୂର୍ଣ୍ଣ ଖର୍ଚ୍ଚ ସରକାରଙ୍କଠାରୁ ନେଇସାରିଲା ପରେ ମଧ୍ୟ ଉପଭୋକ୍ତାମାନଙ୍କଠାରୁ ଆଦାୟ ହୋଇଥିବା ମିଟର ରେଣ୍ଟ୍ ବର୍ତ୍ତମାନ ସୁଦ୍ଧା ବିତରଣ କମ୍ପାନୀ ଫେରାଉନାହିଁ। ଉପଭୋକ୍ତାଙ୍କ ନିମନ୍ତେ ୧୯୧୨ ହେଲପଲାଇନ୍ ଥିଲେ ମଧ୍ୟ କୌଣସି ସେବା ମିଳୁନାହିଁ।

### କଲମ୍ବିଆରେ ଶକ୍ତିଶାଳୀ...

କହିଛନ୍ତି। ଆମେରିକାର ଭୌଗୋଳିକ ସର୍ଭେ (ୟୁଏସଜିଏସ) ଏହି ଭୂକମ୍ପକୁ ଅନତ୍ୟମ ଶକ୍ତିଶାଳୀ ଭୂକମ୍ପ ବୋଲି କହିଛି। କଲମ୍ବିଆର ଚୋକୋ ବିଭାଗ (ସର୍ବାଧିକ ଆଫ୍ରୋ-କଲମ୍ବିଆ ଜନସାଧାରଣ ରହୁଥିବା ପ୍ରଶାନ୍ତ-ମହାସାଗରୀୟ ଅଞ୍ଚଳ)ର ସାନା ଜୋସ୍ ଡେଲ୍ ପାଲମରଠାରୁ ୫ କିମି ପୂର୍ବକୁ ସ୍ଥାନୀୟ ସମୟ ଭୋର୍ ପ୍ରାୟ ୭ଟା ୩୪ ମିନିଟରେ ଭୂକମ୍ପ ଆରମ୍ଭ ହୋଇଥିଲା। ଭୂଗର୍ଭରେ ଏହାର ଗଭୀରତା ୧୦୭ କିମି ବୋଲି ୟୁଏସଜିଏସ ପ୍ରକାଶ କରିଛି। ଭୂକମ୍ପରେ ୧୮ ଜଣ ଲୋକଙ୍କର ମୃତ୍ୟୁ ହୋଇଛି ବୋଲି ପେରେଇରାର ମେୟର କହିଥିବା ବେଳେ ମାନିଜାଲେସ୍‌ର ମେୟର ବିଏଲୟୁ ରେଡିଓକୁ ସୂଚନା ଦେଇ କହିଛନ୍ତି ଯେ ସହରରେ ଦୁଇ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। କଲମ୍ବିଆର ପ୍ରଶାନ୍ତ ମହାସାଗରୀୟ ଉପକୂଳରେ ହୋଇଥିବା ଏହି ଭୂକମ୍ପ ପରେ ସୁନାମି ଆସିବା ନେଇ କୌଣସି ସୂଚନା ମିଳିନାହିଁ ବୋଲି ଆମେରିକାର ସୁନାମି ସତର୍କତା ବ୍ୟବସ୍ଥା ସୂଚନା ଦେଇଛି।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ, ଏବର୍ଷ ୭୬ ଲକ୍ଷ ଗଛ ଲାଗିବ

ଭୁବନେଶ୍ୱର, ୧୦।୮ : ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମ ଦିନରେ ରାଜ୍ୟ ସରକାର ୭୬ ଲକ୍ଷ ଚାରା ରୋପଣ କରିବାର ଲକ୍ଷ୍ୟ ରଖିଛନ୍ତି। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାଯାଇଛି। ପ୍ରଧାନମନ୍ତ୍ରୀଙ୍କର ୭୫ତମ ଜନ୍ମଦିନରେ ଗତବର୍ଷ ଓଡ଼ିଶା ସରକାର 'ଏକ ପେଡ୍ ମା' କି ନାମ୍' ଯୋଜନାରେ ବୃକ୍ଷରୋପଣ କରି ସାରା ଦେଶରେ ରେକର୍ଡ କରିଥିଲେ। ସରକାର ୭୫ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରଖିଥିବା ବେଳେ ପ୍ରାୟ ଦେଢ଼ କୋଟି ଚାରା ଲଗାଯାଇଥିଲା। ଏହା ସମଗ୍ର ଦେଶରେ ଥିଲା ସର୍ବାଧିକ ଓ ଏଥିରେ ରାଜ୍ୟର ସବୁ ବର୍ଗର ଲୋକେ ସାମିଲ ହୋଇଥିଲେ।

ଚଳିତବର୍ଷ ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିନରେ ୭୬ ଲକ୍ଷ ଗଛ ଲଗାଇବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି



ଆରମ୍ଭ କରିଥିବା ଜଣାପଡ଼ିଛି। ଗତବର୍ଷ ଭଳି ଚଳିତ ବର୍ଷ ଯେଭଳି ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ସମାଜର ସବୁ ବର୍ଗର ଲୋକେ ସାମିଲ ହେବେ, ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ବିଶେଷକରି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ସରକାରୀ ଓ ବେସରକାରୀ ସଂସ୍ଥାର କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯେଭଳି ଅଧିକରୁ ଅଧିକ ସଂଖ୍ୟାରେ ସାମିଲ ହେବେ ସେଥିପାଇଁ ବର୍ତ୍ତମାନଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କର ଜନ୍ମଦିନ ପଡୁଥିବାରୁ ସେହିଦିନଠାରୁ ସମଗ୍ର ରାଜ୍ୟରେ ଚାରା ରୋପଣ କରାଯିବ। ଏହି ସମୟର ପାଣିପାଗ ଗଛ ଲଗାଇବା ପାଇଁ ଅନୁକୂଳ ହୋଇଥିବାରୁ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଯୋଜନା ହୋଇଛି। ତେବେ ସେଥିପାଇଁ ଚାରା ପ୍ରସ୍ତୁତି ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପଦକ୍ଷେପ ଗ୍ରହଣ ଆରମ୍ଭ କରିଛି। ରାଜ୍ୟରେ ଥିବା ସମସ୍ତ ସରକାରୀ ନର୍ସରୀ ସହ ବେସରକାରୀ ନର୍ସରୀଗୁଡିକରେ ଯେଭଳି ଅଧିକରୁ ଅଧିକ ଚାରା ଉତ୍ପାଦନ ହୋଇପାରିବ, ତାହା ଉପରେ ଜୋର ଦିଆଯାଉଛି। ସବୁଜ ବଳୟ ସୃଷ୍ଟି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଚାରା ରୋପଣ କରୁଛନ୍ତି। ଏଥିମଧ୍ୟରେ ସବୁଜ ମହାନଦୀ ଯୋଜନାଠାରୁ ଆରମ୍ଭ କରି କାମ୍ପା ଓ ଏମ୍‌ଜିନରେଗା ଆଦି ଯୋଜନାରେ ଚାରା ରୋପଣ ହେଉଛି। ଏହାବାଦ୍ ଶିଳ୍ପସଂସ୍ଥା ଓ ଖଣି କମ୍ପାନୀଗୁଡ଼ିକ ମଧ୍ୟ କ୍ଷତିପୂରକ ବନୀକରଣ ଯୋଜନାରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଚାରା ରୋପଣ କରୁଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ରାଜ୍ୟ ସରକାର ଏହାକୁ ସ୍ମରଣୀୟ କରିବା ପାଇଁ ୭୫ ଲକ୍ଷ ଗଛ ଲଗାଇବା ସକାଶେ ଗତବର୍ଷ ଯେଉଁ ଯୋଜନା କରିଥିଲେ, ସେଥିରେ ସ୍ୱତଃସ୍ଫୂର୍ତ୍ତ ଭାବେ ଲୋକେ ଅଂଶଗ୍ରହଣ କରିବା ଫଳରେ ପାଖାପାଖି ଦେଢ଼ କୋଟି ଚାରା ରୋପଣ ହୋଇପାରିଥିଲା। ଚଳିତ ବର୍ଷ ଅନୁରୂପ ଅଭିଯାନ ଚଳାଯିବା ସହ ଏହାକୁ ସଫଳ କରି ଓଡ଼ିଶା ପୁଣିଥରେ ଦେଶର ଦୃଷ୍ଟି ଆକର୍ଷଣ କରିବାର ଲକ୍ଷ୍ୟ ରଖିଛି। (ତଥ୍ୟ)

ତ୍ରିରଙ୍ଗାମୟ କୋରାପୁଟ

## 'ହର ଘର ତ୍ରିରଙ୍ଗା' ରାଲିରେ କମ୍ପିଲା ସହର, ସାମିଲ ହେଲେ ୫ ହଜାରରୁ ଉର୍ଦ୍ଧ୍ୱ ଜନତା




କୋରାପୁଟ,୧୦।୮ (ସଂଚାର ବ୍ୟୁରୋ): ହାତରେ ତ୍ରିରଙ୍ଗା, ମୁହଁରେ ଦେଶଭକ୍ତିର ଉତ୍ସାହ ଓ କଣ୍ଠରେ 'ଜୟ ହିନ୍ଦ୍'ର ନାରା। ଆଜି ତ୍ରିରଙ୍ଗା ରଙ୍ଗରେ ରଙ୍ଗାଇ ହୋଇଥିଲା ସମଗ୍ର କୋରାପୁଟ ସହର। 'ହର ଘର ତ୍ରିରଙ୍ଗା- ୨୦୨୬' ଅବସରରେ ଆୟୋଜିତ ବିଶାଳ ତ୍ରିରଙ୍ଗା ରାଲି ଦେଶପ୍ରେମର ଏକ ଅନନ୍ୟ ଚିତ୍ର ଆଙ୍କିଥିଲା। ରାଲିରେ ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସାମିଲ ହେବା ସହରରେ ସୃଷ୍ଟି କରିଥିଲା ଦେଶଭକ୍ତିର ଉତ୍ସବମୁଖର ପରିବେଶ।

ପୁଲିସ ପ୍ୟାରେଡ ପଡ଼ିଆରୁ ଆରମ୍ଭ ହୋଇଥିଲା ଏହି ବିଶାଳ ରାଲି। ରାଲି ପୂର୍ବରୁ ଗୁଞ୍ଜି ଉଠିଥିଲା 'ବନ୍ଦେ ମାତରମ୍'ର ସ୍ୱର। ସ୍କୁଲ ଛାତ୍ରଛାତ୍ରୀଙ୍କଠାରୁ ପୋଲିସ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀଙ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକ ହାତରେ ତ୍ରିରଙ୍ଗା ଧରି ଏକାଠି ହୋଇଥିଲେ। ରାଲି ଆଗକୁ ବଢ଼ିବା ସହ 'ଜୟ ହିନ୍ଦ୍' ନାରାରେ କମ୍ପି ଉଠିଥିଲା ସହରର ରାସ୍ତାଘାଟ। ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲା ନୂଆ ପିଢ଼ିର ଦେଶପ୍ରେମ। ଛାତ୍ରଛାତ୍ରୀଙ୍କ ହାତରେ ଉଡୁଥିଲା ଜାତୀୟ ପତାକା, ମୁହଁରେ ଥିଲା ଦେଶପ୍ରେମର ଉତ୍ସାହ। ସହରର ବିଭିନ୍ନ ରାସ୍ତା ଦେଇ ରାଲି ସ୍ପୋର୍ଟସ କମ୍ପ୍ଲେକ୍ସରେ ପହଞ୍ଚିଥିଲା। ସେଠାରେ ସମସ୍ତେ ମିଳିତ ଭାବେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ପରେ ହାତରେ ତ୍ରିରଙ୍ଗା ଧରି ଅନେକେ ସ୍ମରଣୀୟ ସେଲ୍ଫି ନେଇ ଏହି ଦିନକୁ ସ୍ମୃତିରେ ସାଇତି ରଖିଥିଲେ।

ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି, କାଉନସିଲର ସନ୍ଧ୍ୟାରାଣୀ ଜେନା ଓ ମାଲେଶ୍ୱର ରାଓଙ୍କ ସମେତ ବହୁ ଜନପ୍ରତିନିଧି, ଅଧିକାରୀ ଓ ସାଧାରଣ ଜନତା ଯୋଗ ଦେଇଥିଲେ।

# ମରଣଯନ୍ତା ପାଲଟିଛି ନିତ୍ୟାନନ୍ଦପୁର-କୁଣ୍ଡେଇ-ଘୁଙ୍ଗି ରାସ୍ତା

କେନ୍ଦୁଝର,୧୦।୮ (ସଂଚାର ବ୍ୟୁରୋ): ଜିଲ୍ଲାର ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡିପଶା ପଞ୍ଚାୟତର ଦୁଇ ଆଦିବାସୀ ବହୁଳ ଗାଁ କୁଣ୍ଡେଇ ଓ ଘୁଙ୍ଗିକୁ ସଂଯୋଗ କରୁଥିବା ନିତ୍ୟାନନ୍ଦ - କୁଣ୍ଡେଇ - ଘୁଙ୍ଗି ରାସ୍ତା ପାଲଟିଛି ମରଣଯନ୍ତା। ବଡ ଗାଡି କ'ଣ ଅଟୋ ରିକ୍ସା ମଧ୍ୟ ଚାଲି ପାରୁ ନାହିଁ। ସାଇକେଲ ଗଡିବା ବି କଷ୍ଟ। ଆବଶ୍ୟକ ବେଳେ ଆମ୍ବୁଲାନ୍ସ ଆସି ପାରୁନାହିଁ। ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବା ଅସହ୍ୟ ହୋଇ ପଡିଛି। ଏପରି ଅଭିଯୋଗ ଆଣି ଆଦିବାସୀ ଲୋକେ ଲେଖିଛନ୍ତି ଦରଖାସ୍ତ। ମୁଖ୍ୟମନ୍ତ୍ରୀ ଯେକି ତାଙ୍କ ବିଧାୟକ, ତାଙ୍କୁ ଅନୁରୋଧ କରିଛନ୍ତି ଏହାର ଉନ୍ନତିକରଣ ପାଇଁ।



ଜିଲ୍ଲାର ବାଂଶପାଳ ବ୍ଲକ୍ ଏବଂ ହରିଚନ୍ଦନ ପୁର ବ୍ଲକ୍ ଅନ୍ତର୍ଗତ ଜୁଙ୍ଗା ଗ୍ରାମ ପଞ୍ଚାୟତ ଓ କୋଡିପଶା ଗ୍ରାମ ପଞ୍ଚାୟତ ର ତିନୋଟି ଗ୍ରାମର ଅନ୍ୟୁନ ଦୁଇ ହଜାର ଲୋକ ଏଇ ନିତ୍ୟାନନ୍ଦପୁର-କୁଣ୍ଡେଇ-ଘୁଙ୍ଗି ରାସ୍ତା ଉପରେ ବଜାର କାମ, ଡ଼ାକ୍ତରଖାନାରେ ଓ କୋର୍ଟ କଚେରୀ ମାମଲା ପ୍ରଭୃତି କାମ ପାଇଁ ନିର୍ଭର କରିଥାନ୍ତି। ପିଲାମାନେ ମଧ୍ୟ ଏଇ ରାସ୍ତା ଦେଇ କେନ୍ଦୁଝରଗଡ ସାଙ୍ଗକୁ ଅନ୍ୟାନ୍ୟ ପାଖ ମହାବିଦ୍ୟାଳୟରେ ଅଧ୍ୟୟନ ସକାଶେ ଯିବା ଆସିବା କରିଥାନ୍ତି। ଏହା ଉପରେ ଅନେକ ଆଦିବାସୀ ଲୋକ ନିର୍ଭର କରିଥାନ୍ତି।

### ଉନ୍ନତିକରଣ ପାଇଁ ଦରଖାସ୍ତ

ଦରଖାସ୍ତକାରୀ ସୂଚିତ କରିଛନ୍ତି ଯେ, ଏହି ରାସ୍ତାର ମରାମତି କାହିଁ କେଉଁ କାଳରେ ହୋଇଥିଲା। ଏଥି ମଧ୍ୟରୁ ଅନେକ ଅଂଶ ଭାଙ୍ଗି ଯାଇଛି। ଏବେ ଲଗାଣ ବର୍ଷାରେ ରାସ୍ତା ବହୁ ସ୍ଥାନରେ ଭାଙ୍ଗି ଯାଇଥିବାରୁ ଗାଡି ଗଡିବା ଅସମ୍ଭବ ହୋଇ ପଡିଛି। ସାଇକେଲଟିଏ ଚଲାଇବା ବି ସହଜ ହେଉନାହିଁ। ଆବଶ୍ୟକ ପଡିଲେ ଆମ୍ବୁଲାନ୍ସ ଆସି ପାରୁନାହିଁ। ଛାତ୍ରଛାତ୍ରୀମାନେ ନିକଟ ବିଦ୍ୟାଳୟକୁ ଯାଇ ପାରୁ ନାହାଁନ୍ତି। ରାତି ଅନ୍ଧାରରେ ଯିବା ଆସିବା କରିବା ବିପଦପୂର୍ଣ୍ଣ ହୋଇଯାଇଛି।

ସ୍ଥାନୀୟ ଲୋକେ ଜଣାଇଛନ୍ତି ଯେ, ଏ ରାସ୍ତାର ଅନେକ ଅଂଶ କେବେ ବି ପିଚୁ ଅବା କଙ୍କ୍ରିଟ କରାଯାଇ ନାହିଁ। ଏବେବି ମାଟି ରାସ୍ତା ହୋଇ ରହିଛି। ରାସ୍ତା ଏପରି ଅବସ୍ଥାକୁ ଆସିବାକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି। କେମିତି କେହି ଦେଖୁ ନାହାନ୍ତି। ମରାମତି ଅବା ଉନ୍ନତିକରଣ ଆବଶ୍ୟକ ବୋଲି କୌାଣସି ସରକାରୀ ସଂସ୍ଥା ଦେଖୁ ନାହାନ୍ତି କାହିଁକି ବୋଲି ପ୍ରଶ୍ନ କରିଛନ୍ତି।

ରାସ୍ତାର ଅବସ୍ଥା, ଆବଶ୍ୟକ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଓ ଲୋକଙ୍କ ଅସୁବିଧାକୁ ବିଚାରକୁ ନେଇ ନିତ୍ୟାନନ୍ଦପୁର - କୁଣ୍ଡେଇ - ଘୁଙ୍ଗି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ତୁରନ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଲୋକେ ତାଙ୍କ ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ବ୍ୟାସନଗର ପୌରାଞ୍ଚଳରେ ବଢୁଛି ମଶାଙ୍କ ଉପଦ୍ରବ



ଯାଜପୁର ରୋଡ଼, ୧୦।୮ (ସଂଚାର ବ୍ୟୁରୋ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଏବେ ବ୍ୟାସନଗର ପୌରାଂଚଳ ସହରରେ ମଶା ମାନଙ୍କ ବଂଶ ବିସ୍ତାର ହେବାରେ ଲାଗିଛି। ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୨୬ ଗୋଟି ୱାର୍ଡର ପ୍ରତ୍ୟେକ ଗାଁ ଗାଁରେ ଥିବା ସାହିର ରାସ୍ତା ଉପରେ ପାଣି ଲହଡି ଭାଙ୍ଗୁଛି। ରାସ୍ତାକଡରେ ଜମି ରହୁଥିବା ଅପରିଷ୍କାର ସ୍ଥାନରେ ଥିବା ଭଙ୍ଗାରୁଜା ଜିନିଷ ଭିତରେ ଜମି ରହୁଥିବା ପାଣିରେ ମଶାମାନେ ବଂଶ ବୃଦ୍ଧି କରୁଛନ୍ତି।

ପୌର ପ୍ରଶାସନ ପକ୍ଷରୁ ମଶା ତେଲ ପକାଯାଉନାହିଁ କି ମଶା ଧୂଆଁ ମଧ୍ୟ ଏବେ ଆଉ ଦିଆଯାଉନାହିଁ। ତେଣୁ ଏବେ ଲୋକଙ୍କ ଘର ଚାରିପାଖରେ ଅହରହ ମଶା ଘୁରି ବୁଲୁଛନ୍ତି। ଟିକିଏ ଘରର ବାହାରେ ବସାଇ ଦେଉନାହାନ୍ତି। ଯାହାଫଳରେ ଲୋକଙ୍କୁ ଜ୍ୱର, ମେଲେରିଆ, ଡେଙ୍ଗୁ ଭଳି ବିଭିନ୍ନ ରୋଗ ହେବାର ସମ୍ଭାବନା ରହୁଛି। ଏପଟେ କାଳେ ବ୍ଲିଚି, ଗାମାସିନ ଦୁର୍ନୀତିଖୋର କର୍ମଚାରୀଙ୍କ ପେଟକୁ ଯାଉଛି ବୋଲି ସହରର ଲୋକ ମାନଙ୍କ ମଧ୍ୟରେ ଆଲୋଚନା ହେଉଛି।

ଏହି ସହରରେ ବଢୁଥିବା ମଶା ମାନଙ୍କ ଉପଦ୍ରବ ରୋକିବାକୁ ବ୍ୟାସନଗର ପୌର ପରିଷଦର ପ୍ରଶାସନିକ ଅଧିକାରୀମାନେ ଯଦି କୌଣସି ପଦକ୍ଷେପ ନ ନିଅନ୍ତି ତେବେ ସହରର ବୁଦ୍ଧିଜୀବୀମାନେ ପ୍ରଶାସନିକ କାର୍ଯ୍ୟପନ୍ଥାକୁ ସମାଲୋଚନା କରିବା ସହ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ତ୍ରିରଙ୍ଗାର ଗୌରବରେ ଉତ୍ସବମୁଖର ଢେଙ୍କାନାଳ



ଢେଙ୍କାନାଳ,୧୦।୮ (ସଂଚାର ବ୍ୟୁରୋ): ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ଗର୍ବର ଭାବନାରେ ଆଜି ଉତ୍ସବମୁଖର ହୋଇଉଠିଥିଲା ଢେଙ୍କାନାଳ ସହର। 'ହର ଘର ତିରଙ୍ଗା' ଅଭିଯାନର ଅଂଶସ୍ୱରୂପ ଢେଙ୍କାନାଳରେ ଆୟୋଜିତ ଏକ ବିଶାଳ ତିରଙ୍ଗା ରାଲିରେ ଶତାଧିକ ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ୍, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ସ୍ୱେଚ୍ଛାସେବୀ ଓ ସାଧାରଣ ଜନତା ଉତ୍ସାହର ସହ ସାମିଲ ହୋଇଥିଲେ।

ଆଜି ସକାଳ ପ୍ରାୟ ୮ଟା ସମୟରେ ବାଜିଚୌକଠାରୁ ଏହି ରାଲିକୁ ଓଡ଼ିଶା ସରକାରଙ୍କ ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବାଜିଚୌକଠାରୁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଆୟୋଜିତ ଏହି ରାଲିରେ ଅଂଶଗ୍ରହଣକାରୀମାନେ ହାତରେ ତ୍ରିରଙ୍ଗା ଧରି ଦେଶପ୍ରେମର ନାରା ଦେଇ ଆଗେଇ ଚାଲିଥିଲେ। 'ହର ଘର ତିରଙ୍ଗା' ଧ୍ୱନିରେ ରାଲି ପଥ ପ୍ରତିଧ୍ୱନିତ ହୋଇଥିଲା।

ଏହି ଅବସରରେ ମାନ୍ୟବର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଥିଲେ ଯେ, "ତ୍ରିରଙ୍ଗା ଆମ ଦେଶର ଗୌରବ, ସ୍ୱାଧୀନତା ଓ ଜାତୀୟ ଏକତାର ପ୍ରତୀକ। 'ହର ଘର ତିରଙ୍ଗା' ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ନାଗରିକଙ୍କ ମନରେ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବା ସହ ଜାତୀୟ ଏକତାର ବାର୍ତ୍ତା ପହଞ୍ଚାଇବା ଆମର ଲକ୍ଷ୍ୟ। ଢେଙ୍କାନାଳବାସୀଙ୍କ ଏହି ବିପୁଳ ଯୋଗଦାନ ତ୍ରିରଙ୍ଗା ପ୍ରତି ସେମାନଙ୍କର ଗର୍ବ ଓ ଦେଶ ପ୍ରତି ଅତୁଟ ଭଲପାଇବାର ପ୍ରମାଣ।"

ରାଲି ଅବସରରେ ତ୍ରିରଙ୍ଗା ଧରି ଶତାଧିକ ଲୋକଙ୍କ ଏକତ୍ର ଉପସ୍ଥିତି ସହରରେ ଏକ ଅନନ୍ୟ ଦେଶପ୍ରେମର ପରିବେଶ ସୃଷ୍ଟି କରିଥିଲା।

'ହର ଘର ତିରଙ୍ଗା' ଅଭିଯାନ ନାଗରିକଙ୍କ ମନରେ ଜାତୀୟ ପତାକା ପ୍ରତି ସମ୍ମାନ, ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ଆହୁରି ସୁଦୃଢ଼ କରିବା ସହ ଭାରତୀୟ ସାଂସ୍କୃତିକ ଐତିହ୍ୟ ପ୍ରତି ଗର୍ବବୋଧ ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଜନସହଭାଗିତାମୂଳକ ପଦକ୍ଷେପ।

## ସୋଆରେ ବିକଶିତ ଭାରତ ଯୁବା କନେକ୍ଟ ପ୍ରୋଗ୍ରାମ୍ ଆୟୋଜିତ



ଭୁବନେଶ୍ୱର, ୧୦।୮ (ସଂଚାର ବ୍ୟୁରୋ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ଶନିବାର କ୍ୟାମ୍ପସ-୪ ପରିସରରେ 'ବିକଶିତ ଭାରତ ନିମନ୍ତେ ନିଶାମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରସଙ୍ଗ ରହିଥିଲା "ନଶାମୁକ୍ତ ଯୁବା ଫର ବିକଶିତ ଭାରତ"। ଯୁବ ସମାଜକୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଏବଂ ନିଶାମୁକ୍ତ ଭାରତ ଗଠନରେ ସେମାନଙ୍କର ସକ୍ରିୟ ଭୂମିକାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା।

ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଅଜିତ କୁଶୱାହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଭାରତ ସରକାରଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏହି ଅଭିଯାନ ଖୁବ୍ ବ୍ୟାପକ ହେବାରେ ଲାଗିଛି। ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ିଙ୍କୁ କିପରି ନିଶାମୁକ୍ତ କରାଯିବ ଏବଂ ସେମାନଙ୍କୁ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରରେ ସଶକ୍ତ କରାଯାଇପାରିବ ସେ ନେଇ ଶ୍ରୀ କୁଶୱାହ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ।

ଶ୍ରୀ କୁଶୱାହ ଏପରି ଏକ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସୋଆ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିବା ସହିତ ନିଶାମୁକ୍ତ ସମାଜ ଗଠନରେ ଶିକ୍ଷାନୁଷ୍ଠାନ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ ଏବଂ 'ନିଶାମୁକ୍ତ ଭାରତର' ଶପଥ ପାଠ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଯୋଗ ଦେଇ ନିଜ ବକ୍ତବ୍ୟରେ ସମାଜକୁ ନିଶାମୁକ୍ତ କରାଇବାର ପ୍ରଚେଷ୍ଟା ଜାରି ରହିବା ଉଚିତ୍ ବୋଲି ଆହ୍ୱାନ ଦେଇଥିଲେ।

## ଦେଶୀ ମଦ ରନ୍ଧାବେଳେ ଅବକାରୀ ବିଭାଗର ଚଢ଼ାଉ



ନବରଙ୍ଗପୁର/ଉମରକୋଟ/ଚନ୍ଦାହାଣ୍ଡି, ୧୦।୮ (ସଂଚାର ବ୍ୟୁରୋ): ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅବୈଧ ଦେଶୀ ମଦ ତିଆରି ଓ ବିକ୍ରିକୁ ନେଇ ଅବକାରୀ ବିଭାଗ ପକ୍ଷରୁ କଡା ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଉମରକୋଟ ଓ ଚନ୍ଦାହାଣ୍ଡି ବ୍ଲକର ତିନୋଟି ଗ୍ରାମରେ ଅକସ୍ମାତ ଛାପାମାରି ଅବକାରୀ ବିଭାଗ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

ଉମରକୋଟ ବ୍ଲକ ଅଧୀନ ଲଚନ୍ଦେଇ କଲାର ଗ୍ରାମ କୁମ୍ଭୀବେଡା ଓ ରତନୀ କଲାର ଅଞ୍ଚଳରେ ଚାଲୁଥିବା ଅବୈଧ ଦେଶୀ ମଦ ରନ୍ଧା କାର୍ଯ୍ୟରେ ଅବକାରୀ ବିଭାଗ ଚଢ଼ାଉ କରିଥିଲେ। ସେହିପରି ଚନ୍ଦାହାଣ୍ଡି ବ୍ଲକର ମାଲଗାଁ ହରଡାପଦା ଗ୍ରାମରେ ମଧ୍ୟ ଏକାଧିକ ସ୍ଥାନରେ ମଦ ତିଆରି ହେଉଥିବା ବେଳେ ଚଢ଼ାଉ କରାଯାଇଥିଲା।

ଅଭିଯାନ ସମୟରେ ବହୁ ପରିମାଣର ଅବୈଧ ମଦ ଓ ମଦ ତିଆରି ସାମଗ୍ରୀ ଜବତ କରାଯାଇଥିବା ବେଳେ ସଂପୃକ୍ତ କିଛି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପରେ ସମସ୍ତଙ୍କୁ ଆଇନ ଅନୁସାରେ କୋର୍ଟକୁ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଅବକାରୀ ବିଭାଗର ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡା ଭାବେ ଜାରି ରହିବ ବୋଲି ଅଧିକାରୀମାନେ ସଚେତନ କରିଛନ୍ତି।

## ମହାବୀର ପାହାଡ଼ ଶିଖରରେ ହନୁମାନ ଝଣ୍ଡା ସ୍ଥାପନ



ସୁନ୍ଦରଗଡ଼, ୧୦।୮ (ସଂଚାର ବ୍ୟୁରୋ): ବଡ଼ଗାଁ ବ୍ଲକ ଅନ୍ତର୍ଗତ କୁରେଇବଗା ଗ୍ରାମରେ ଧାର୍ମିକ ଆସ୍ଥା ଓ ଭକ୍ତିମୟ ପରିବେଶ ମଧ୍ୟରେ ମହାବୀର ପାହାଡ଼ ଶିଖରରେ ହନୁମାନ ଝଣ୍ଡା ସ୍ଥାପନ କରାଯାଇଛି। କୁରେଇବଗା ଗ୍ରାମର ଯୁବଗୋଷ୍ଠୀ ଓ ଗ୍ରାମବାସୀଙ୍କ ମିଳିତ ପ୍ରୟାସରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୋମବାର ସକାଳେ ଯୁବଗୋଷ୍ଠୀ ଓ ଗ୍ରାମବାସୀ ଏକତ୍ରିତ ହୋଇ ମହାବୀର ପାହାଡ଼ ଶିଖରକୁ ଯାତ୍ରା କରିଥିଲେ। ଶିଖରରେ ପହଞ୍ଚିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଭକ୍ତି ଓ ଶ୍ରଦ୍ଧାର ସହ ହନୁମାନ ଝଣ୍ଡା ସ୍ଥାପନ କରାଯାଇଥିଲା। ଝଣ୍ଡା ସ୍ଥାପନ ସମୟରେ ଯୁବଗୋଷ୍ଠୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଥିଲା।

## ୨୦ ଦଫା ଦାବି ନେଇ ଏଡିଏମ ଅଫିସ ସମ୍ମୁଖରେ ବିକ୍ଷୋଭ




ଯାଜପୁର ରୋଡ଼, ୧୦।୮ (ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଅହୂତ ୨୦ଦଫା ଦାବିରେ ସର୍ବଭାରତୀୟ ପ୍ରତିବାଦ ଆନ୍ଦୋଳନ ପରିପ୍ରେକ୍ଷୀରେ ଆଜି ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଯାଜପୁର ରୋଡ଼ ସ୍ଥିତ ଡ଼ାକବଙ୍ଗଳା ଛକ ଠାରେ ଥିବା କଳିଙ୍ଗନଗର ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଏହି ଉପଲକ୍ଷେ ସ୍ଥାନୀୟ ରେଳ ଷ୍ଟେସନ ଠାରୁ ଶ୍ରମିକ ଚାଷୀ ମାନେ ଏକ ଶୋଭାଯାତ୍ରାରେ ବାହାରି ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ ବାତିଲ କରିବା, କୃଷି ଜାତ ଦ୍ରବ୍ୟର ଏମଏସପିକୁ ଆଇନିଶିଦ୍ଧ କରିବା, ବେକାର ଯୁବକ ଯୁବତୀଙ୍କୁ ସ୍ଥାୟୀ ଭିତିରେ ନିଯୁକ୍ତି ଦେବା ଇତ୍ୟାଦି ସ୍ଲୋଗାନ ମାନ ଦେଇ ଗୋପବନ୍ଧୁ ଛକ ଠାରେ ପହଂଚିଥିଲେ । ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ ନାୟକ'ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇୟୁଟିୟୁସି ଜିଲ୍ଲା ସମ୍ପାଦକ ସୁରେଶ ପ୍ରଧାନ, ଏଆଇଟିୟୁସି ଜିଲ୍ଲା ସଭାପତି କରୁଣାକର ମହାରଣା ପ୍ରମୁଖ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତି ବିରୁଦ୍ଧରେ ତୀବ୍ର ସମାଲୋଚନା କରିଥିଲେ।

ପରିଶେଷରେ ଏଡିଏମ କଳିଙ୍ଗନଗରଙ୍କୁ ସାକ୍ଷାତ କରି ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଫୁଲବାଣୀ, ୧୦।୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ନିକଟସ୍ଥ ଗଡ଼ପଦର-ପାବେରୀ ରାସ୍ତା କଡ଼ରୁ ସୋମବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ଫୁଲବାଣୀ ଅରବିନ୍ଦ ନଗରର ଅଲେଖ ସାହାଣିଙ୍କ ପୁଅ ଦେବସ ସାହାଣି (୩୫) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳେ କିଛି ସ୍ଥାନୀୟ ଲୋକ ଛତୁ ଗୋଟାଇବା ପାଇଁ ଗଡ଼ପଦରରୁ ପାବେରୀ ଯିବା ରାସ୍ତାରେ ଯାଉଥିବା ସମୟରେ, ରାସ୍ତା କଡ଼ରେ ଥିବା ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବାର ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ତୁରନ୍ତ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଖଜୁରୀପଡ଼ା ଥାନା ଏସ୍‌ଆଇ ଦୀନବନ୍ଧୁ ପ୍ରଧାନ ଓ ଏଏସ୍‌ଆଇ ମମତା ରାଉତ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ପରେ ପୁଲିସ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯୁବକଙ୍କ ମୃତ୍ୟୁର ପ୍ରକୃତ କାରଣ ପଦାକୁ ଆସିବ ବୋଲି ଥାନା ଅଧିକାରୀ ଚାପଧାରୀ ପ୍ରଧାନ ପ୍ରକାଶ କରିଛନ୍ତି।

## ପାଞ୍ଚ ଦଫା ଦାବି ନେଇ ବସ୍ତା ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖରେ ସାମ୍ବାଦିକଙ୍କ ସମୂହ ଧାରଣା



ବାଲିଆପାଳ, ୧୦।୮ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀରେ ଲଗାତାର ଭାବେ ପାଣିପାଗ ବିଗିଡି ଚାଲିଥିବା ବେଳେ ପ୍ରଶାସନିକ ଅଧିକାରୀ ମାନଙ୍କ ରୀତିନୀତି ମଧ୍ୟ ବଦଳିବାରେ ଲାଗିଛି. ଯାହାକୁ ନେଇ ଏକତ୍ରିତ ହୋଇଛନ୍ତି ବସ୍ତାର ସାମ୍ବାଦିକ ସମୂହ।

ତେବେ ଲଗାଣ ବର୍ଷା ବନ୍ୟା ଯୋଗୁଁ ବସ୍ତା ଅଞ୍ଚଳର ଅନେକ ରାସ୍ତା ଖାଲଖମାରେ ରହିଛି, ସେଥିମଧ୍ୟରୁ ବସ୍ତାରୁ ଗାନ୍ଧିଛକ ଦେଇ ବାଲିଆପାଳ ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ହୋଇପଡ଼ିଛି। ରାସ୍ତା ଉପରେ କୃତିମ ଗର୍ତ୍ତ ଯୋଗୁଁ ଲୋକେ ଯାତାୟାତରେ ବିଭିନ୍ନ ସମସ୍ୟା ସୃଷ୍ଟି ସହିତ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଅନେକ ଲୋକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଯାହାକୁ ନେଇ ସାମ୍ବାଦିକମାନେ ବାରମ୍ବାର ପ୍ରଚାର ପ୍ରସାର ସହିତ ବ୍ଲକ ଏବଂ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଦ୍ୱିତୀୟରେ ଗାନ୍ଧିଛକ ଠାରୁ ବସ୍ତା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ବଡ଼ ବଡ଼ ପଟାସ ଗଛ ସୁଖୀ ଯାଇଥିବା ବେଳେ ସେଗୁଡିକୁ ତୁରନ୍ତ କାଟିଦେବା, ବସ୍ତା ଛକଟି ସର୍ବଦା ଅନ୍ଧାରିଆ ସ୍ଥାନ ହୋଇଥିବାରୁ ସେଠାରେ ଆଲୋକୀକରଣ, ମାଥାନୀ ଛକ ଠାରେ ଦୀର୍ଘ ଆଠ ବର୍ଷ ଧରି ନିର୍ମାଣାଧୀନ ପୋଲ କାର୍ଯ୍ୟ ଶେଷ କରିବାକୁ ଦାବି କରି ଧାରଣା ଦେଇଥିଲେ।

ତେବେ ଚାରି ଘଣ୍ଟାର ଧାରଣା ପରେ ଘଟଣାସ୍ଥଳରେ ପୂର୍ତ୍ତ ବିଭାଗର ଏସଡ଼ିଓ ପହଂଚି ଧାରଣକାରୀଙ୍କ ସହ ଆଲୋଚନା ପରେ ଦୁଇ ଦିନ ମଧ୍ୟରେ ରିପିଆର କାର୍ଯ୍ୟ ଶେଷ ହେବା ସହିତ ପାଞ୍ଚ ରୁ ସାତ ଦିନ ମଧ୍ୟରେ ଅନ୍ୟ ସମସ୍ତ ଦାବି ପୂରଣ କରାଯିବାର ନିଷ୍ପତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ସାମ୍ବାଦିକ ମାନଙ୍କର ଧାରଣାକୁ ସମର୍ଥନ କରି ସମାଜସେବୀ ସୁମନ୍ତ କୁମାର ଜେନା ଏବଂ କଂଗ୍ରେସର ଜିଲ୍ଲା ଉପସଭାପତି ସୁଧାଂଶୁ ଶେଖର ଜେନା, ବ୍ଲକ ସଭାପତି ସତ୍ୟ ନାରାୟଣ ଗୁପ୍ତା, ରବୀନ୍ଦ୍ର ଦାସ, ପ୍ରିୟ ବ୍ରତ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଶୋଚନୀୟ ଅବସ୍ଥାରେ ଅଙ୍ଗନବାଡ଼ି କେନ୍ଦ୍ର

ଘର, ଶୌଚାଳୟ ଓ ବିଦ୍ୟୁତ ନାହିଁ

ରାଜୀବ ଗାନ୍ଧୀ ସେବା ଘରେ ଚାଲିଛି ପାଠପଢ଼ା

ଶିଶୁ ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ନେଇ ବଡ ପ୍ରଶ୍ନ



କାକଟପୁର/ଅସ୍ତରଙ୍ଗ,୧୦।୮ (ସଂଚାର ବ୍ୟୁରୋ): ଶିଶୁଙ୍କ ପ୍ରଥମ ପାଠଶାଳା ହେଉଛି ଅଙ୍ଗନବାଡି। ଏଠାରୁ ହିଁ ସେମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଆଉ ପ୍ରାକ୍ ପ୍ରାଥମିକ ଶିକ୍ଷାର ବିକାଶ ହୁଏ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ସେହି ପ୍ରଥମ ପାଠଶାଳାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଭିତ୍ତିଭୂମି ଅଭାବରୁ ଶତାଧିକ ଶିଶୁ ଓ ମା'ଙ୍କ ଭବିଷ୍ୟତ ଅନ୍ଧାରରେ।

ବ୍ଲକର ୧୫ଟି ପଞ୍ଚାୟତରେ ମୋଟ ୧୭୮ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ସରକାରୀ ତଥ୍ୟ କହୁଛି, ଏଥିମଧ୍ୟରୁ ମାତ୍ର ୧୨୨ ଟିରେ ନିଜସ୍ୱ ଗୃହ ଅଛି। ବାକି ୨୯ଟି ବିଦ୍ୟାଳୟ କୋଠାରେ, ୧୨ଟି ଭଡା ଘରେ ଆଉ ୧୫ଟି କମ୍ୟୁନିଟି ସେଣ୍ଟରେ ଚାଲୁଛି। ସମସ୍ୟା କେବଳ ଗୃହ ଅଭାବ ନୁହେଁ। ଯେଉଁ କିଛି ଗୃହ ନିର୍ମାଣ ହୋଇଛି ତାର ଅନେକ ଅଧାପାନ୍ତରିଆ। ଉପରେ ଜଙ୍ଗଲ ମାଡିଯାଇଛି। ଆଉ କିଛି ଗୃହ ଗୋଚର ଜମିରେ ହୋଇଥିବାରୁ ମାମଲା ଏବେ ବି କୋର୍ଟରେ ଝୁଲୁଛି। ଫଳରେ ଅଙ୍ଗନବାଡି କର୍ମୀମାନେ ବାଧ୍ୟ ହୋଇ ରାଜୀବ ଗାନ୍ଧୀ ସେବା ଘରେ ପିଲାଙ୍କୁ ପାଠ ପଢାଉଛନ୍ତି ତ କିଏ ଭଡା ଘରେ, କି ଗାଁ କୋଠ ଘରେ। ଅଙ୍ଗନବାଡି କର୍ମୀ ଲକ୍ଷ୍ମୀପ୍ରିୟା ମଲ୍ଲିକ କୁହନ୍ତି, "ଘର ନଥିବାରୁ ନାଚ-ଗୀତ ମାଧ୍ୟମରେ ଶିକ୍ଷା ଦେବା କଷ୍ଟକର ହୋଇପଡୁଛି। ଛୋଟ ଜାଗାରେ ପିଲା ଖେଳି ପାରୁନାହାନ୍ତି, ଠିକ୍ ଭାବେ ବସି ପାଠ ପଢି ପାରୁନାହାନ୍ତି।"

ସମସ୍ୟା ସେତିକି ନୁହେଁ,୧୭୮ଟି କେନ୍ଦ୍ର ମଧ୍ୟରୁ ମାତ୍ର ୫୨ଟିରେ ଶୌଚାଳୟ ରହିଛି। ବାକି ୧୨୬ଟି କେନ୍ଦ୍ରରେ ଶୌଚାଳୟ ନାହିଁ। ୩ରୁ ୫ ବର୍ଷର ଛୋଟ ପିଲାମାନଙ୍କୁ ଶୌଚ ପାଇଁ ବାହାରକୁ ଯିବାକୁ ପଡୁଛି। ବର୍ଷା ଦିନରେ ଏହି ସମସ୍ୟା ଆହୁରି ଭୟଙ୍କର ରୂପ ନେଉଛି। ଗର୍ଭବତୀ ଓ ପ୍ରସୂତି ମହିଳାମାନେ ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସେହିଭଳି ୧୭୮ଟି କେନ୍ଦ୍ର ରୁ ମାତ୍ର ୪୩ଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ଅଛି। ୧୩୫ ଟି କେନ୍ଦ୍ର ବିଦ୍ୟୁତ ବିହୀନ। ଗ୍ରୀଷ୍ମ ଦିନରେ ପ୍ରବଳ ଗରମ ଯୋଗୁଁ ପିଲାମାନେ ଅଧିକ ସମୟ କେନ୍ଦ୍ରରେ ରହିପାରୁନାହାନ୍ତି। ପଙ୍ଖା ନଥିବାରୁ ଅସ୍ୱସ୍ଥିକର ପରିବେଶ। ମେଘୁଆ ଦିନରେ ଆଲୋକ ଅଭାବରୁ ପାଠପଢା ଠପ୍ ହୋଇଯାଉଛି। ଡିଜିଟାଲ ଶିକ୍ଷଣ ଭଳି ଆଧୁନିକ ଉପକରଣ ବ୍ୟବହାର କରିବା ତ ଦୂର କଥା। ଏଭଳି ଅବସ୍ଥା ଯୋଗୁଁ ଅଭିଭାବକମାନେ ମଧ୍ୟ ଅସନ୍ତୋଷ ପ୍ରକଟ କରିଛନ୍ତି। ଏ ନେଇ ସାଧାରଣରେ ଦାବି ହୋଇଛି ଯେ ଖୋଦ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଏହି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।

## ଶ୍ରାବଣ ମାସର ୪ର୍ଥ ସୋମବାର ପଞ୍ଚଲିଙ୍ଗେଶ୍ୱରରେ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ



ନୀଳଗିରି, ୧୦।୮ (ସଂଚାର ବ୍ୟୁରୋ): ଶ୍ରାବଣ ମାସର ୪ର୍ଥ ସୋମବାରରେ ମହାଦେବଙ୍କ ଜଳାଭିଷେକ ପାଇଁ ଚଳଚଞ୍ଚଳ ହୋଇଉଠିଛି। ଉତ୍ତର ଓଡ଼ିଶାର ପ୍ରସିଦ୍ଧ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ରାଜ୍ୟର ବିଭିନ୍ନ ସ୍ଥାନରୁ ଆଜି କାଉଡ଼ିଆମାନେ ପାଣିଭାର ନେଇ ଏଠାକୁ ଛୁଟି ଆସିଥିଲେ। ମହାଦେବଙ୍କୁ ଜଳାଭିଷେକ କରିବାକୁ ସେମାନଙ୍କ ଲମ୍ବା ଧାଡ଼ି ଲାଗିଥିଲା ୪ର୍ଥ ସୋମ ବାରରେ ୫୦ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଜଳାଭିଷେକ କରିଥିବା ପୂଜକ ବିଜୟ କୁମାର କର କହିଛନ୍ତି। ଭକ୍ତମାନେ ଭଦ୍ରକର ସାଳନ୍ଦୀ ନଦୀ, ସୋନ ନଦୀର ଅଯୋଧ୍ୟ ଘାଟ, କାଠପାଳଘାଟ, କପ୍ତିପଦାଘାଟ, ବୁଢ଼ାବଳଙ୍ଗ ବାଲିଘାଟ, କଲରା ନଦୀ ସମେତ ବିଭିନ୍ନ ଘାଟରୁ ପାଣି ଭାର ନେଇ ପଞ୍ଚଲିଙ୍ଗେଶ୍ୱର ପହଁଚି ଥିବା ଦେଖିବାକୁ ମିଳିଥିଲା।

ଭକ୍ତମାନଙ୍କ ପାଇଁ ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶେରଗଡ଼, ସାଆନ୍ତା ଛକ, ସଜନା ଗଡ଼, ପୋଡାଶୁଳ, ନୀଳଗିରି ବସ୍‌ଷ୍ଟାଣ୍ଡ, ମିରିଗିଣି ଛକ, ରାଇପୁର ଛକ, ବାଲିଓରା ଛକ, ଦାଶରଥୀପୁର ଛକ, ପଂଚଲିଙ୍ଗେଶ୍ୱର ଛକ, ସନ୍ତରଗଡ଼ିଆ ଛକରେ କ୍ୟାମ୍ପ ହୋଇଥିଲା।

## ଏସ୍‌ସିବିର ଦାୟିତ୍ୱହୀନତା

# ପରିତ୍ୟକ୍ତ ଘରେ ପେଟି ପେଟି ମେଡିସିନ

କଟକ,୧୦।୮(ସଂଚାର ବ୍ୟୁରୋ): କଟକ ଏସ୍‌ସିବି ମେଡିକାଲ୍‌ର ବିଭିନ୍ନ ବିଭାଗର ଆଉଟ୍‌ଡୋର୍, ୱାର୍ଡ, ଆଶୁ ଚିକିତ୍ସା କେନ୍ଦ୍ରରେ ଦିନକୁ ୧୦ ହଜାରରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ବ୍ୟାପକ ମାତ୍ରାରେ ଔଷଧ ଓ ଇଞ୍ଜେକ୍‌ସନ୍ ଯୋଗାଇ ଦେଉଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ରୋଗୀଙ୍କ ଚିକିତ୍ସାରେ ବ୍ୟବହୃତ ଜୀବନ ରକ୍ଷାକାରୀ ଔଷଧ ଓ ଇଞ୍ଜେକସନ୍ ଆଦି ରଖିବାକୁ ବଡ଼ ଡାକ୍ତରଖାନାରେ ଜାଗାର ଅଭାବ ଥିବା ଅଭିଯୋଗ ହେଉଛି। ସେଥିଲାଗି ଟିଣ ଛାତ ତଳେ ଇଞ୍ଜେକସନ୍ ମହଜୁଦ ରହୁଥିବା ବେଳେ ପୂର୍ତ୍ତ ବିଭାଗ ଘୋଷଣା କରିଥିବା ବିପଦପୂର୍ଣ୍ଣ କୋଠା, ପୁରୁଣା ଆଉଟଡୋରର ପରିତ୍ୟକ୍ତ ସ୍ଥାନରେ ସାଲାଇନ୍ ଓ ବିଭିନ୍ନ ଫ୍ଲୁଇଡ୍ ଗଦା ହୋଇଛି। ଏସ୍‌ସିବିର ଏପରି ଦାୟିତ୍ୱହୀନତା ଯୋଗୁଁ ଔଷଧର ଗୁଣବତ୍ତା ବଜାୟ ରହିବା ନେଇ ସନ୍ଦେହ ପ୍ରକାଶ ପାଇଛି।



ଏସ୍‌ସିବି ପରିସରରେ ଥିବା ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ ଲିମିଟେଡ୍ (ଓ ଏ ସ୍ ଏ ମ୍ ସି ଏ ଲ୍ ) ର ଗୋଦାମରେ ମଧ୍ୟ ଔଷଧ ରଖିବାକୁ ଜାଗା ଅଭାବ। ଫଳରେ ଏସ୍‌ସିବିଠାରୁ ୨୫ କିମି ଦୂର ଚୌଦ୍ୱାର କଜଳକଣା ଅଞ୍ଚଳରେ ଏକ ଭଡ଼ା ଘର ନେଇ ସେଠାରେ ସରକାରୀ ଔଷଧ ଗଚ୍ଛିତ ରଖାଯାଉଛି। ସେହିଭଳି ରୋଗୀଙ୍କ ପାଇଁ ଥିବା ବିଭିନ୍ନ ଟାବଲେଟ୍, କ୍ୟାପସୁଲ୍, ଅପରେସନରେ ବ୍ୟବହୃତ ସୂତା, ମାସ୍କ, ହେଡ୍ କ୍ୟାପ୍ ଓ ଆପ୍ରନ୍ ଆଦି ଅଧୀକ୍ଷକଙ୍କର ପୁରୁଣା କାର୍ଯ୍ୟାଳୟରେ ଗଦା ହୋଇଛି। ସିରିଞ୍ଜ, ଗ୍ଲୋଭ୍ସ, ତୁଳା, ଗଜ, ବ୍ୟାଣ୍ଡେଜ୍, ସ୍ପିରିଟ୍, ବେଟାଡିନ୍ ଆଦି ଅଧୀକ୍ଷକଙ୍କ ନୂଆ କାର୍ଯ୍ୟାଳୟର କେତେକ ପ୍ରକୋଷ୍ଠରେ ଗଚ୍ଛିତ ରହିଛି।

**ଔଷଧର ଗୁଣବତ୍ତା ବଜାୟ ରହିବା ନେଇ ସନ୍ଦେହ**

କେତେକ ନନ୍-ଟେକ୍ନିକାଲ ଷ୍ଟୋର୍‌ରେ ସୋଡ଼ା, ସାବୁନ, ଓଟି ଲାଇଟ୍, ଆଦି ଷ୍ଟେସନାରୀ ସାମଗ୍ରୀ ଗଦା ହୋଇଛି। ଇଞ୍ଜେକସନ୍‌ଗୁଡ଼ିକ ୨୫ ଡିଗ୍ରୀରୁ କମ୍ ତାପମାତ୍ରାରେ ଗଚ୍ଛିତ ରହିବା ବିଧେୟ ଥିଲେ ହେଁ ଏଠାରେ ସେପରି କିଛି ବ୍ୟବସ୍ଥା ନାହିଁ। ତେଣୁ ଏହାର ଗୁଣବତ୍ତା ରହିବ ନାହିଁ ବୋଲି ଫାର୍ମାସୀ ଅଫିସରମାନେ କହିଛନ୍ତି। ସାଲାଇନ୍ ବୋତଲ ଓ ଅନ୍ୟାନ୍ୟ ଫ୍ଲୁଇଡ୍‌ଗୁଡ଼ିକ ଚଟାଣରେ ପଡ଼ି ରହିଥିବାରୁ ସେଥିରେ ଫଙ୍ଗସ୍ ସଂକ୍ରମଣ ହେବାର ଆଶଙ୍କା ରହିଛି। ଏସବୁ ରୋଗୀଙ୍କୁ ଦିଆଗଲେ ଏହା ହାନିକାରକ ହେବା ନିଶ୍ଚିତ ବୋଲି ଏସ୍‌ସିବିର ଜଣେ ବରିଷ୍ଠ ଭେଷଜ ବିଜ୍ଞାନୀ କହିଛନ୍ତି।

ଏହାଛଡ଼ା ଡାୟାଲିସିସ୍‌ରେ ବ୍ୟବହାର ହେଉଥିବା ତରଳ ରାସାୟନିକ ଫ୍ଲୁଇଡ୍ କାଜୁଆଲଟି ସାମ୍ନାରେ ଥିବା ରେକର୍ଡ ରୁମ୍‌ରେ ରଖାଯାଉଛି। ଜାଗା ଅଭାବରୁ ଔଷଧ ବୋଝେଇ ଟ୍ରକ୍ ମେଡିକାଲ ପରିସରରେ ଖଲାସ କରି ନ ପାରି ଦୁଇ ତିନିଦିନ ମେଡିକାଲ ପରିସରରେ ଠିଆ ହୋଇ ରହୁଛନ୍ତି। ନିକଟରେ କୋଲକାତାରୁ ଆସିଥିବା ଏକ ଫ୍ଲୁଇଡ୍ ବୋଝେଇ ଟ୍ରକ୍ ତିନି ଦିନ କାଳ ଏସ୍‌ସିବି ଆଶୁ ଚିକିତ୍ସା କେନ୍ଦ୍ରରେ ଠିଆ ହୋଇ ରହିଥିଲା। ଟ୍ରାନ୍ସପୋର୍ଟ ସଂସ୍ଥା ଫ୍ଲୁଇଡ୍ ଫେରାଇ ନେଇଯିବ ବୋଲି ଧମକ ଦେବାରୁ ତାହାକୁ ଖୋଲାମେଲାରେ ରଖାଯାଇଥିଲା। ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ଜାଗା ଅଭାବ କଥାକୁ ସ୍ୱୀକାର କରିବା ସହ ନୂଆ ମେଡିକାଲ୍ ଘର ହେଲେ ସମସ୍ୟାର ସମାଧାନ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

# ଢେପାଗୁଡ଼ାରେ ପୁଣି ଭୂସ୍ଖଳନ, ୪ ପରିବାର ସ୍ଥାନାନ୍ତର

ରାଇକିଆ,୧୦।୮(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ରାଇକିଆ ବ୍ଲକ୍ ଇନ୍ଦ୍ରଗଡ଼ ପଞ୍ଚାୟତର ଢେପାଗୁଡ଼ା ଗ୍ରାମରେ ପୁଣି ଭୂସ୍ଖଳନ ହୋଇଛି। ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇ ରହିଛନ୍ତି। ଗାଁକୁ ସଂଯୋଗ କରିଥିବା କଂକ୍ରିଟ ରାସ୍ତାରେ ଗତ କିଛି ଦିନର ଲଗାଣ ବର୍ଷାରେ ୧୨ ଫୁଟ ଗାତ ସୃଷ୍ଟି ହେବାରୁ ଲୋକେ ଯାତାୟାତ କରୁନାହାନ୍ତି। ସେଠାରେ ୧୫ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ୪ ପରିବାରଙ୍କୁ ନିକଟ ହାଇସ୍କୁଲକୁ ସ୍ଥାନାନ୍ତର କରାଯାଇଛି। ବ୍ଲକ୍ ପ୍ରଶାସନ ତରଫରୁ ଗାଁ ପରିସ୍ଥିତି ଅନୁଧ୍ୟାନ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି ପାଇଁ ଜିଲା ପ୍ରଶାସନକୁ ରିପୋର୍ଟ କରଯାଇଛି। ଅନ୍ୟପକ୍ଷରେ ପାଖାପାଖି ୧୦ ବର୍ଷ ତଳେ ଏହି ଢେପାଗୁଡ଼ା ଗ୍ରାମରେ ସମାନ ରାସ୍ତାରେ ପ୍ରବଳ ଜଳସ୍ରୋତ ଆସି ଭୂସ୍ଖଳନ ସୃଷ୍ଟି ହୋଇ ୧୫ ଫୁଟର ଦୁଇଟି ଗାତ ସୃଷ୍ଟି ହେବା ସହ ରାସ୍ତା ଧସିବା ଆରମ୍ଭ ହୋଇଥିଲା।

ଗ୍ରାମବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଇନ୍ଦ୍ରଗଡ଼ରେ ଏକ ବିଦ୍ୟାଳୟ ଗୃହରେ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଗ୍ରାମର ଅନ୍ୟ ଏକ ସ୍ଥାନରେ ୧୮ ପରିବାରଙ୍କୁ ଜମିପଟ୍ଟା ଯୋଗାଇଦେବା ସହ ଘର ତିଆରି ପାଇଁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯାଇଥିଲା। ଇତିମଧ୍ୟରେ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଜଣେ ଗୋଟିଏ ଦୁଇଟି ପରିବାରକୁ ଛାଡ଼ିଦେଲେ ପ୍ରଥମ କିସ୍ତି ଟଙ୍କା ନେଇ କେହି ମଧ୍ୟ ଘର କାମ କରିନାହାନ୍ତି। ସେମାନେ ପୁଣିଥରେ ପୂର୍ବ ବିପଦପୂର୍ଣ୍ଣ ଜାଗାରେ ହିଁ ରହିଆସୁଥିଲେ। ବର୍ତ୍ତମାନ



ସେହି ସ୍ଥାନରେ ପୁଣି ଥରେ ଭୂସ୍ଖଳନ ଅନ୍ୟତ୍ର ସ୍ଥାନାନ୍ତରକୁ ନେଇ ପ୍ରଶ୍ନ ଉଠିବା ସହ ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇଛି। ଏ ନେଇ ରାଇକିଆ ବିଡିଓ ସବ୍ୟସାଚୀ ସାହୁ କହିଛନ୍ତି ଯେ ରାସ୍ତା ଓ ସୃଷ୍ଟି ହୋଇଥିବା ଗର୍ତ୍ତକୁ ମରାମତି କରାଯାଇ ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ ସେମାନଙ୍କର ଅସମ୍ପୂର୍ଣ୍ଣ ଘର କାମକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ପୂର୍ବରୁ ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ସତ୍ତ୍ୱେ ଟଙ୍କା ନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଘରକାମ ନ କରିବା ଯୋଗୁଁ ଗ୍ରାମବାସୀଙ୍କୁ ଘର ତିଆରି ସହାୟତାକୁ ନେଇ ଅସୁବିଧା ଉପୁଜୁଛି।

# ପୁଲିସ କଣ୍ଟ୍ରୋଲ ରୁମରେ ସଫେଇ କର୍ମଚାରୀଙ୍କୁ ଅସଦାଚରଣ

**ଡିସିପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା**

ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ପୁଲିସ କଣ୍ଟ୍ରୋଲ ରୁମରେ ଜନୈକା ସଫେଇ କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଥିବା ବେଳେ ସେ ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଞ୍ଚେଶ୍ୱର ପୁଲିସ କଣ୍ଟ୍ରୋଲ ରୁମ୍‌ର ଆସିଷ୍ଟାଣ୍ଟ କମାଣ୍ଡର ଦୀପକ ନାୟକଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଉକ୍ତ ପୀଡ଼ିତା। ଗତ ୨ ତାରିଖରେ ମହିଳା ସଫେଇ କର୍ମଚାରୀ ଜଣଙ୍କ ଆସିଷ୍ଟାଣ୍ଟ କମାଣ୍ଡର ଦୀପକ କୁମାର ନାୟକଙ୍କ ଚାମ୍ବର ସଫା କରୁଥିବା ସମୟରେ ଅସଦାଚରଣର ଶିକାର ହୋଇଥିବା ପୀଡ଼ିତା ଜଣଙ୍କ ଅଭିଯୋଗ କରିଛନ୍ତି। ପରେ ୩ ତାରିଖରେ ସେ ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ୫ ତାରିଖରେ କୌଣସି ପ୍ରମାଣ ନଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି ଥାନାଧିକାରୀ କହିଥିଲେ। ଘଟଣାକୁ ଚପେଇଦେବାକୁ ଚେଷ୍ଟା କରୁଥିବା ପୀଡ଼ିତା ଜଣଙ୍କ ଅଭିଯୋଗ କରିଛନ୍ତି। କେବଳ ଅସଦାଚରଣ ନୁହେଁ, ବରଂ ନିମ୍ନ ଜାତି କହି ତାଙ୍କୁ ଆକ୍ଷେପ କରିବା ଭଳି ଅଭିଯୋଗ ମଧ୍ୟ ପୀଡ଼ିତା କରିଛନ୍ତି। ଥାନାରେ କୌଣସି ସମାଧାନ ନହେବା ପରେ ସେ ଆଜି ଡିସିପି ଅଫିସଙ୍କ ଦ୍ୱାରସ୍ଥ ହୋଇଛନ୍ତି।



## କାଉଡ଼ିଆ ଗାଡ଼ି ଦୁର୍ଘଟଣାଗ୍ରସ୍ତ

● ୧୭ ଆହତ, ୫ ଗୁରୁତର



ଜଗତସିଂହପୁର, ୧୦।୮ (ସଂଚାର ବ୍ୟୁରୋ): କାଉଡ଼ିଆଙ୍କୁ ଧରି ଫେରୁଥିବା ଏକ ପିକଅପ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ୧୭ କାଉଡ଼ିଆ ଆହତ ହୋଇଥିବା ବେଳେ, ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଜଗତସିଂହପୁର ଜିଲ୍ଲା କଟକ-ପାରାଦୀପ ରାସ୍ତାର କୋଟକଣା ଛକ ନିକଟରେ ସୋମବାର ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମିଳିଥିବା ସୂଚନା ଅନୁସାରେ, କାଉଡ଼ିଆଙ୍କୁ ନେଇ ଫେରୁଥିବା ଏକ ପିକଅପ୍ ଭାରସାମ୍ୟ ହରାଇ ଛକ ନିକଟରେ ଥିବା ବାବା ଗୋରେଖନାଥଙ୍କର ଏକ ହୁଣ୍ଡି ସହ ପିଟିହୋଇଥିଲା । ଫଳରେ ଏଥିରେ ଥିବା ୧୭ ଜଣ କାଉଡ଼ିଆ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତର ଅଛନ୍ତି। ଆହତଙ୍କ ମଧ୍ୟରେ ୬ ମହିଳା ଓ ୨ ଶିଶୁ ଥିବା ଜଣାପଡ଼ିଛି। ଗାଡ଼ିରେ ଥିବା କାଉଡ଼ିଆମାନେ ନୟାଗଡ଼ରୁ ପାଣି ଢାଳି କୁଜଙ୍ଗ ଅଞ୍ଚଳକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ତେବେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ଆହତ ଓ ଗୁରୁତରଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

● ପ୍ରେମିକା ବାହାଘର ଭାଙ୍ଗିବାକୁ ଷଡ଼ଯନ୍ତ୍ର

## ବରଘରକୁ ଅଶ୍ଳୀଳ ଫଟୋ ଓ ଚିଠି ପଠାଇ ପ୍ରେମିକ ଗିରଫ




କୁଚିଣ୍ଡା ୧୦।୮ (ସଂଚାର ବ୍ୟୁରୋ): ପ୍ରେମିକାର ବିବାହ ଭାଙ୍ଗିବାକୁ ଯାଇ ବରପକ୍ଷଙ୍କୁ ପଠାଇଲେ ଅଶ୍ଳୀଳ ଫଟୋ ଆଉ ଚିଠି। ପ୍ରେମିକକୁ ବାନ୍ଧିଲା ପୋଲିସ। ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅଞ୍ଚଳର ଘଟଣା। ଗିରଫ ପ୍ରେମିକ ହେଲେ ବରଗଡ଼ ଜିଲ୍ଲା ବୁଡେନ ଥାନା ବେହେରାଟାଲର ଆଶିଷ କୁମାର ଚାନ୍ଦ। ଗିରଫ ପ୍ରେମିକ ଜଣକ ପ୍ରେମିକା ବିବାହର ୩ ଦିନ ପୂର୍ବରୁ ବରପକ୍ଷଙ୍କୁ ଅଶ୍ଳୀଳ ଫଟୋ ସହ ହାତଲେଖା ଏକ ତିନି ଫର୍ଦ୍ଦିଆ ଚିଠି ପଠାଇଥିଲେ। ବାହାଘର ପାଇଁ ନିମନ୍ତ୍ରଣ କାର୍ଡ ବଣ୍ଟା ସରିଥିବା ବୋଳେ ବିବାହର ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଥିଲା। ଠିକ୍ ଏହି ସମୟରେ ଏଭଳି ଫଟୋ ଓ ଚିଠି ପାଇ ବାହାଘର ଭାଙ୍ଗି ଦେଇଥିଲେ ବରଘର ଲୋକ। ଫଳରେ ଝିଅ ଘରଲୋକ କିଛି ଉପାୟ ନପାଇ ଜମନକିରା ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପ୍ରେମିକ ଆଶିଷ କୁମାର ଚାନ୍ଦକୁ ଗିରଫ କରି କୋର୍ଟ ଚଲାଣ କରିଛି ପୁଲିସ।

## ରାଜଧାନୀରେ ବ୍ରାଉନ୍‌ସୁଗର୍ କାରବାର, ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ବ୍ରାଉନସୁଗର ବେପାରୀକୁ ମାଡ଼ି ବସିଲା କମିଶନରେଟ ପୁଲିସ। ଡ୍ରଗ୍‌ବିରୋଧୀ ଅଭିଯାନରେ ସ୍ପେଶାଲ କ୍ରାଇମ ୟୁନିଟକୁ ମିଳିଛି ଏହି ବଡ଼ ସଫଳତା। ଅଭିଯୁକ୍ତ ଜଣଙ୍କ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଜାକିରୁଲ ଇସଲାମ ବୋଲି ଜଣାପଡ଼ିଛି। ତା' ନିକଟରୁ ପୁଲିସ୍ ୨୬୩ ଗ୍ରାମ୍ ଓଜନର ବ୍ରାଉନସୁଗର ଜବତ କରିଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଜାକିରୁଲ ବାବୁଘାଟରୁ ଭୁବନେଶ୍ୱର ସିଆରପି ଛକରେ ଆସି ଡ୍ରଗ୍ସ କାରବାର କରୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ଜାକିରୁଲକୁ କମିଶନରେଟ୍ ପୁଲିସ୍ ଗିରଫ କରିଛି। ତେବେ ବ୍ରାଉନସୁଗର କାରବାରର ଚେର ଭୁବନେଶ୍ୱରରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ଏହି ନେଟୱର୍କ ବାବଦରେ ଅଧିକ ଛାନଭିନ୍ କରୁଛି କମିଶନରେଟ୍ ପୁଲିସ୍‌ର ସ୍ପେଶାଲ କ୍ରାଇମ ୟୁନିଟ୍। ପୁଲିସଠାରୁ ମିଳିଥିବା ସୂଚନାନୁସାରେ, ଏହି ଡ୍ରଗ୍ସ କାରବାରର ଚେର ଭୁବନେଶ୍ୱରରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଲମ୍ବିଥିବା ସନ୍ଦେହ କରାଯାଉଛି। ତେଣୁ ଏହି କାରବାର ପଛରେ ଆଉ କେଉଁମାନେ ରହିଛନ୍ତି ଏବଂ ଏହାର ନେଟୱର୍କ କେତେ ଦୂର ପର୍ଯ୍ୟନ୍ତ ବ୍ୟାପିଛି, ତା' ଜାଣିବା ସକାଶେ ସ୍ପେଶାଲ କ୍ରାଇମ ୟୁନିଟ୍ ପକ୍ଷରୁ ଛାନଭିନ ଜାରି ରହିଛି। ଡ୍ରଗ୍ସ କାରବାରକୁ ରୋକିବା ପାଇଁ ଆଗକୁ ମଧ୍ୟ ଏଭଳି ଅଭିଯାନ ଜାରି ରହିବ ବୋଲି ପୁଲିସ ସ୍ପଷ୍ଟ କରିଛି।

# ରାଜଧାନୀରେ ସ୍ପେଶାଲ କ୍ରାଇମ ୟୁନିଟ୍‌ର ଚଢ଼ାଉ



ଭୁବନେଶ୍ୱର, ୧୦।୮ (ସଂଚାର ବ୍ୟୁରୋ): ଶିକ୍ଷାନୁଷ୍ଠାନ ନିକଟରେ ନିଶା ବେପାରକୁ ନା'। ନିଶା ବେପାରୀଙ୍କ କାରବାରରେ ରୋକ ଲଗାଇବା ସକାଶେ ରାଜଧାନୀରେ ସ୍ପେଶାଲ କ୍ରାଇମ ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଭୁବନେଶ୍ୱରର ବିଭିନ୍ନ ସ୍କୁଲ ଓ କଲେଜ ନିକଟରେ ଥିବା ଦୋକାନଗୁଡ଼ିକରେ ଅଚାନକ ଚଢ଼ାଉ କରାଯାଇଛି। ନିଶା ବିକ୍ରିକୁ ରୋକିବା ଓ ଯୁବପିଢ଼ିଙ୍କୁ ନିଶା କବଳରୁ ଦୂରେଇ ରଖିବା ପାଇଁ ସ୍ପେଶାଲ୍ କ୍ରାଇମ ୟୁନିଟ୍ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ଅଚାନକ ଦୋକାନ ଉପରେ ଡଗ୍ ସ୍କ୍ୱାଡ୍ ସହ ସ୍ପେଶାଲ କ୍ରାଇମ ୟୁନିଟ୍ ପକ୍ଷରୁ ଚଢ଼ାଉ ହୋଇଛି। ଅତିରିକ୍ତ ଡିସିପି ସ୍ୱରାଜ ଦେବତାଙ୍କ ନେତୃତ୍ୱରେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏହି ଚଢ଼ାଉ କରାଯାଇଛି। ଶିକ୍ଷାନୁଷ୍ଠାନ ନିକଟରେ ଥିବା ବିଭିନ୍ନ ଦୋକାନରେ ଏହି ଚଢ଼ାଉ ଚାଲିଛି। ପିଲାଙ୍କ ଭବିଷ୍ୟତ ସହ ଖେଳିଲେ ଛାଡ଼ ନାହିଁ ବୋଲି ପୁଲିସ ସ୍ପଷ୍ଟ କରିଦେଇଛି। ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି କଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆଗକୁ ମଧ୍ୟ ଏଭଳି ଅଚାନକ ଯାଞ୍ଚ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଯଦି ଚଢ଼ାଉ ସମୟରେ ନିଶା ସାମଗ୍ରୀ ମିଳେ, ତେବେ ଦୋକାନୀ କିମ୍ବା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। କେବଳ ଚଢ଼ାଉ ନୁହେଁ, ଆଗକୁ ମଧ୍ୟ ଏଭଳି ଅଚାନକ ଯାଞ୍ଚ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ନିଶା ବିକ୍ରେତାଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ସହ ଛାତ୍ରଛାତ୍ରୀଙ୍କୁ ନିଶାଠାରୁ ଦୂରେଇ ରଖିବା ପୁଲିସର ମୁଖ୍ୟ ଲକ୍ଷ୍ୟ ଆଉ ଏହି ଅଭିଯାନ ନିଶା କାରବାରୀଙ୍କ ଉପରେ କେତେ ପ୍ରଭାବ ପକାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଲାଞ୍ଚ ମାମଲାରେ ୨ ବନ ଅଧିକାରୀଙ୍କୁ ୩ ବର୍ଷ ଜେଲ୍

ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ଏକ ଲାଞ୍ଚ ନେବା ମାମଲାର ବିଚାର କରି ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୨ ବନ ଅଧିକାରୀଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସେମାନେ ହେଲେ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ଡିଭିଜନର ପୂର୍ବତନ ଡିଏଫ୍‌ଓ ପ୍ରଣବ କୁମାର ମହାନ୍ତି ଓ ଘାସିଆଁ ଦକ୍ଷିଣ ରେଞ୍ଜର୍ ପୂର୍ବତନ ଡେପୁଟି ରେଞ୍ଜ ଅଧିକାରୀ ଚିତ୍ତ ରଞ୍ଜନ ଦେହୁରୀ। ଗତ ୨୦୨୦ରେ କେନ୍ଦୁପତ୍ର ଫଡି(ଗୋଦାମ)ଗୁଡ଼ିକର ମରାମତି କରିବା ନିମନ୍ତେ ପାଣ୍ଠି ପ୍ରଦାନ କରିବାକୁ ୧ ଲକ୍ଷ ୬୬ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଏହି ଘଟଣାରେ ଭିଜିଲାନ୍ସ ହାତରେ ଉଭୟ ଧରାପଡ଼ିଥିଲେ। ଏହି ମାମଲାର ସମସ୍ତ ସାକ୍ଷ୍ୟ, ପ୍ରମାଣ ଓ ସମସ୍ତ ପକ୍ଷରୁ ଯୁକ୍ତି ଶୁଣିବା ପରେ କୋର୍ଟ ସେମାନଙ୍କୁ ୩ ବର୍ଷ କାରାଦଣ୍ଡ ଓ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ରାୟ ପରେ ସେମାନଙ୍କ ପେନସନ୍ ବନ୍ଦ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

● କୋର୍ଟରୁ କାମ ସାରି ଫେରୁଥିଲେ

## ଓକିଲଙ୍କୁ ଭୁଜାଲିରେ ହାଣିଲେ ଦୁର୍ବୃତ୍ତ



ଜଳେଶ୍ୱର,୧୦।୮(ସଂଚାର ବ୍ୟୁରୋ): ଜଳେଶ୍ୱରରେ ଜଣେ ଆଇନଜୀବୀଙ୍କ ଉପରେ ଭୁଜାଲିରେ ଆକ୍ରମଣ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କୋର୍ଟରୁ କାର୍ଯ୍ୟ ସାରି ଫେରୁଥିବା ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଛନ୍ତି। ଗୁରୁତର ଭାବେ ଆହତ ହୋଇଥିବା ଆଇନଜୀବୀଙ୍କୁ ଜଳେଶ୍ୱର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାର ତଦନ୍ତ ଆରମ୍ଭ କରିଛି ଜଳେଶ୍ୱର ପୁଲିସ। ଆକ୍ରମଣର ଶିକାର ହୋଇଥିବା ଆଇନଜୀବୀ ଜଣଙ୍କ ହେଲେ ସିଦ୍ଧାର୍ଥ ଦାସ। ଜଳେଶ୍ୱରର ବିଶିଷ୍ଟ ଆଇନଜୀବୀ ସିଦ୍ଧାର୍ଥ ଦାସ କୋର୍ଟରୁ ନିଜ କାର୍ଯ୍ୟ ସାରି ଫେରୁଥିବା ବେଳେ ଜାତୀୟ ରାଜପଥ-୧୬ର ଶାନ୍ତିଆ ନିକଟରେ କିଛି ଦୁର୍ବୃତ୍ତ ତାଙ୍କୁ ହଠାତ୍ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ଡାହାଣ ପାର୍ଶ୍ୱ କାନ୍ଧ ଓ ଦୁଇ ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତରମାନେ ଆହତ ଆଇନଜୀବୀଙ୍କ ଚିକିତ୍ସା କରୁଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଛନ୍ତି। ଘଟଣାର ଖବର ପାଇ ଜଳେଶ୍ୱର ପୁଲିସ ହସ୍ପିଟାଲରେ ପହଞ୍ଚି ଆହତଙ୍କ ବୟାନ ରେକର୍ଡ କରିବା ସହ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଆକ୍ରମଣର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।



**ଜି.ଉଦୟଗିରିରେ ହାତୀ ଉପଦ୍ରବ**

## ବର୍ତ୍ତିଲେ ଦମ୍ପତି, ଘର ଭାଙ୍ଗି ଧାନ ଖାଇଲା

ଜି.ଉଦୟଗିରି,୧୦।୮(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଅଞ୍ଚଳରେ ହାତୀ ଆତଙ୍କ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପିଡ଼ିକିମାହା ଗାଁରେ ଏକ ହାତୀ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ହାତୀଟି ପ୍ରଥମେ ମନୋଜ ପ୍ରଧାନଙ୍କ ଘର ଭାଙ୍ଗି ଭିତରେ ଥିବା ସମସ୍ତ ଧାନ ଖାଇଯିବା ସହ ଘର ଆଗରେ ଥିବା ଏକ ବାଇକ୍‌କୁ ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗିଦେଇଛି। ତେବେ ହାତୀ ଆକ୍ରମଣରୁ ମନୋଜ ଓ ତାଙ୍କ ପତ୍ନୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବାଡ଼ିପଟ ଦେଇ ପଡ଼ିଶା ଘରର ଛାତ ଉପରକୁ ଚାଲିଯିବାରୁ ସେମାନଙ୍କ ଜୀବନ ବଞ୍ଚିଯାଇଛି। ପରେ ହାତୀଟି ଲିଙ୍ଗରାଜ ପ୍ରଧାନଙ୍କ ଘର ଓ ଗୁହାଳ ଉପରେ ଆକ୍ରମଣ କରିଥିଲା। ଗୁହାଳ ଭାଙ୍ଗିଯିବା ଯୋଗୁଁ ଗୋଟିଏ ଗାଈ ଗୁରୁତର ଭାବେ ଆହତ ହୋଇଛି। ଏଥିସହ ଲିଙ୍ଗରାଜ ଓ ତାଙ୍କ ପରିବାର ଲୋକେ ସମୟ ଥାଉଁ ଥାଉଁ ଘର ଛାଡ଼ି ଦୌଡ଼ି ପଳାଇବାରୁ ବଡ଼ ଧରଣର ଅଘଟଣରୁ ବର୍ତ୍ତିଯାଇଛନ୍ତି। ଶେଷରେ ଗାଁ ଲୋକେ ଏକାଠି ହୋଇ ହାତୀକୁ ବହୁ ପରିଶ୍ରମ କରି ଘଉଡ଼ାଇବାରୁ ତାହା ଜଙ୍ଗଲକୁ ଫେରିଯାଇଥିଲା। କିନ୍ତୁ ବାରମ୍ବାର ହାତୀ ଜନବସତିମୁହାଁ ହେଉଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

# ବିଦେଶୀ ମଦ ଦୋକାନ ବନ୍ଦ ଦାବିରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ

ବୀରମହାରାଜପୁର,୧୦।୯(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ସୁବଳୟା ଥାନା ନୁଆଁପଡ଼ାଠାରେ ଥିବା ବିଦେଶୀ ମଦ ଦୋକାନ ବନ୍ଦ ଦାବିରେ ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶତାଧିକ ମହିଳା ଏକାଠି ହୋଇ ବୀରମହାରାଜପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦେଇଥିଲେ। ମଦ ଦୋକାନ ଯୋଗୁଁ ଅଞ୍ଚଳର ସାମାଜିକ ପରିବେଶ ନଷ୍ଟ ହେଉଥିବା ଅଭିଯୋଗ କରିଛନ୍ତି ଆନ୍ଦୋଳନକାରୀ ମହିଳା। ଏଥିସହ ଛାତ୍ରୀମାନେ ପାଠ ପଢ଼ିବା ପାଇଁ ଯାତାୟାତ କରୁଥିବା ସମୟରେ ମଦ୍ୟପମାନେ ଖରାପ ଇଙ୍ଗିତ କରୁଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ମଦ୍ୟପ ବ୍ୟକ୍ତିମାନେ ମଦ ପିଇବା ପରେ ବୋତଲ ଭାଙ୍ଗି ଚାଷଜମିରେ ପକାଇ ଦେଉଥିବାରୁ ଚାଷୀମାନେ ଜମିକୁ ଯିବାଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହି ଅବସରରେ ମହିଳାମାନେ ଏକଜୁଟ ହୋଇ ହାତରେ ପ୍ଲାକାର୍ଡ ଧରି ନାରାବାଜି କରିବା ସହ ବୀରମହାରାଜପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ତୁରନ୍ତ ମଦ ଦୋକାନ ବନ୍ଦ କରିବା ପାଇଁ ସେମାନେ ପ୍ରଶାସନ ନିକଟରେ ଦୃଢ଼ ଦାବି ରଖିଛନ୍ତି।

ଏନେଇ ମହିଳାମାନଙ୍କ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଦାବି ଉପରେ ପ୍ରଶାସନ କି ପଦକ୍ଷେପ ନେଉଛି, ତାହାକୁ ଆନ୍ଦୋଳନକାରୀ ମହିଳାମାନେ ଅପେକ୍ଷା କରିଛନ୍ତି। ଆଜିର ଏହି ଆନ୍ଦୋଳନରେ ମହିଳା ସଭାନେତ୍ରୀ ସରୋଜିନୀ ନାଏକ, ସମ୍ପାଦିକା ମିତା ମଲ୍ଲିକ, ବିନୋଦିନୀ ମେହେର, କବିତା ମଲ୍ଲିକ, କ୍ରିଷ୍ଣା ମଲ୍ଲିକଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।

## ବ୍ୟବସାୟୀଙ୍କ ଘରେ କଳାକଳା ବୁଲାଇଲେ ଦୁର୍ବୃତ୍ତ

## ସାଢ଼େ ୪ ଲକ୍ଷ ଟଙ୍କା ସହ ସୁନା ରୁପା ଲୁଟିଲେ



ନର୍ଲା,୧୦।୮(ସଂଚାର ବ୍ୟୁରୋ): ବ୍ୟବସାୟୀଙ୍କ ଘରୁ ହୋଇଛି ବଡ଼ ଧରଣର ଲୁଟ୍। ତାଲା ଭାଙ୍ଗି କଳାକଳା ବୁଲାଇଛନ୍ତି ଦୁର୍ବୃତ୍ତ। କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା କଲେଜ ରୋଡ୍‌ସ୍ଥିତ ବ୍ୟବସାୟୀ ଯୁଗଳ ଅଗ୍ରୱାଲଙ୍କ ଘରୁ ଲୁଟ୍ ହୋଇଛି। ବ୍ୟବସାୟୀ ଶ୍ରୀ ଅଗ୍ରୱାଲ ଗତ ୬ ଦିନ ହେଲା ବାବାଧାମ ଯାଇଥିଲେ। ଗତକାଲି ରାତି ପ୍ରାୟ ୧ଟା ସମୟରେ ସେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଘର ଭିତରକୁ ଯାଇ ଦେଖିବା ବେଳେ ସବୁକିଛି ଏପଟସେପଟ ହୋଇଯାଇଥିଲା। ଦୁର୍ବୃତ୍ତମାନେ ଘରୁ ନଗଦ ପ୍ରାୟ ସାଢ଼େ ୪ ଲକ୍ଷ ଟଙ୍କା, ୩୦୦ ଗ୍ରାମ ଓଜନର ରୁପା, ୧୫ ଗ୍ରାମ ସୁନା ଓ ଏକ ଲ୍ୟାପଟପ୍ ଲୁଟିନେଇଥିବା ଜଣାପଡ଼ିଛି।

ଘଟଣା ସମ୍ପର୍କରେ ଘର ମାଲିକ କେସିଙ୍ଗା ପୁଲିସକୁ ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ଏହି ଚୋରି ଘଟଣାରେ କେତେଜଣ ସାମିଲ ଥିଲେ ଓ ସେମାନେ କେଉଁ ଦିଗକୁ ଫେରାର ହୋଇଛନ୍ତି, ସେନେଇ ତଦନ୍ତ ଚାଲିଛି। ସେପଟେ କେସିଙ୍ଗା ସହରରେ ଗତ କିଛି ଦିନ ମଧ୍ୟରେ ଦୁଇଟି ବଡ଼ ଧରଣର ଚୋରି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ହେଲେ ଏପର୍ଯ୍ୟନ୍ତ ଚୋରଙ୍କ ଟେର୍ ପାଇବାରେ ପୁଲିସ୍ ସକ୍ଷମ ହୋଇନାହିଁ। ଲଗାତାର ଚୋରି ଘଟଣା ସ୍ଥାନୀୟ ପୁଲିସ ପାଇଁ ଏବେ ବଡ଼ ଚ୍ୟାଲେଞ୍ଜ ହୋଇଛି।

# ରାଞ୍ଚିରୁ ଆସି ଭୁବନେଶ୍ୱରରେ ଲୁଟ୍

**ପୁଲିସ ରେଡ୍ ପୂର୍ବରୁ ଫେରାର୍**



ଭୁବନେଶ୍ୱର, ୧୦।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ବିଲ୍‌ଡର୍‌ଙ୍କ ଘରୁ ହୋଇଥିବା ବଡ଼ ଧରଣର ସୁନା ଲୁଟ୍ ଘଟଣାରେ କମିଶନରେଟ ପୁଲିସକୁ ମିଳିଛି ବଡ଼ ସଫଳତା। ରାଞ୍ଚିରୁ ଆସି ଲୁଟି ନେଇଥିଲା ଦେଢ଼ କୋଟି ଟଙ୍କାର ସମ୍ପତ୍ତି। ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରୁ ବିଲଡର୍‌ଙ୍କ ଘରୁ ସୁନା ଲୁଟ୍ ମାମଲାରେ ଏଯାଏ ମିଳିନି ଅଭିଯୁକ୍ତର ସନ୍ଧାନ। କିନ୍ତୁ ଚୋରି ସାମଗ୍ରୀ ଜବତ କରିଛି କମିଶନରେଟ ପୁଲିସ। ଅଭିଯୁକ୍ତ ମନୋଜ ବସ୍‌ରେ ରାଞ୍ଚିରୁ ଓଡ଼ିଶା ଆସିଥିଲା। ପୁରୀର ଏକ ହୋଟେଲରେ ରହିବା ସହ ପରେ ଲକ୍ଷ୍ମୀସାଗର ଅଞ୍ଚଳରୁ ଲୁଟ୍ କରିଥିଲା। ଅଭିଯୁକ୍ତ ମନୋଜ ସିଂ ତାମିଲନାଡୁ ବର୍ଡର ନିଲୁର ଏକ ହୋଟେଲରେ ଲୁଚିଥିବା ଦେଖି ରେଡ୍ ମାରିଥିଲା କମିଶନରେଟ୍ ପୁଲିସ। ଅଭିଯୁକ୍ତର ହୋଟେଲ୍ ରୁମ୍ ଭାଙ୍ଗି ପଶିବା ବେଳକୁ ଅଭିଯୁକ୍ତ ଫେରାର୍ ହୋଇଗଲା। କିନ୍ତୁ ଲକ୍ଷ୍ମୀସାଗରରୁ ଚୋରି ସାମଗ୍ରୀ ସବୁ ଜବତ କରାଯାଇଛି। ଲୁଟ୍‌ର ୫ ଦିନ ପୂର୍ବରୁ ଗୋଆ ଜେଲରୁ ବାହାରିଥିଲା ମନୋଜ। ଜେଲରୁ ବାହାରିବା ପରେ ଭୁବନେଶ୍ୱରରେ ପହଞ୍ଚି ଚୋରି କରିଥିଲା ଅଭିଯୁକ୍ତ।

## ଅଜବ ଘଟଣା: ନାଗସାପକୁ କାମୁଡ଼ି ମାରିଦେଲେ ଯୁବକ



ଝାରସୁଗୁଡା,୧୦।୮(ସଂଚାର ବ୍ୟୁରୋ): ଗୁଣିଆର ଅନ୍ଧବିଶ୍ୱାସୀ କଥାରେ ପଡ଼ି ଜଣେ ଯୁବକ ନାଗସାପର ଫଣାକୁ ଦାନ୍ତରେ କାମୁଡ଼ି ଛିଣ୍ଡାଇ ମାରିଦେବା ଭଳି ଏକ ଅଜବ ଓ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି ଲାଇକେରା ଥାନା ପାକେଲପଡ଼ା ଓ କର୍ମାପଡ଼ା ଅଞ୍ଚଳରେ। ଏହା ଏବେ ତୀବ୍ର ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନାନୁଯାୟୀ, କର୍ମାପଡ଼ାର ଧର୍ମସିଂ ଖଡ଼ିଆ ନାମକ ଜନୈକ ଯୁବକ ରବିବାର ସନ୍ଧ୍ୟା ସମୟରେ ନିଜ ବିଲକୁ ଯାଉଥିବା ବେଳେ ରାସ୍ତାରେ ହଠାତ୍ ତାଙ୍କ ପାଦ ଏକ ନାଗସାପ ଉପରେ ପଡ଼ିଯାଇଥିଲା। ଫଳରେ ସାପଟି ଫଣା ଟେକି ତାଙ୍କୁ କାମୁଡ଼ି ଦେଇଥିଲା। ତେବେ ପୂର୍ବରୁ ଜଣେ ଗୁଣିଆଙ୍କଠାରୁ ସାପ କାମୁଡ଼ିବା ପରେ ତାକୁ ସଙ୍ଗେ ସଙ୍ଗେ କାମୁଡ଼ି ଦେଲେ ବିଷ ଲାଗେନାହିଁ ବୋଲି ଶୁଣିଥିବା କଥାକୁ ବିଶ୍ୱାସ କରି ଧର୍ମସିଂ ଭୟଭୀତ ଅବସ୍ଥାରେ ସାପଟିକୁ ହାତରେ ଧରି ତା'ର ଫଣାକୁ ଦାନ୍ତରେ କାମୁଡ଼ି ଛିଣ୍ଡାଇ ଦେଇଥିଲେ। ଫଳରେ ସାପଟିର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏହାପରେ ଧର୍ମସିଂ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ତାଙ୍କୁ ୨୪ ଘଣ୍ଟା ପାଇଁ ଡାକ୍ତରୀ ନିରୀକ୍ଷଣରେ ରଖିଛନ୍ତି। ଯୁବକ ଜଣଙ୍କ ବର୍ତ୍ତମାନ ସୁସ୍ଥ ଥିବା ଗୋବିନ୍ଦପୁର ମେଡିକାଲ ଅଫିସର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସାପକୁ କାମୁଡ଼ିଲେ ବିଷ ନଷ୍ଟ ହୋଇଯାଏ ବୋଲି ପ୍ରଚଳିତ ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ ଓ ଅନ୍ଧବିଶ୍ୱାସ। ବିଷଧର ସାପ କାମୁଡ଼ିଲେ ଗୁଣିଆ, ଝଡ଼ାଫୁଙ୍କା କିମ୍ବା ଘରୋଇ ଉପଚାର ଉପରେ ନିର୍ଭର ନ କରି ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ଯିବା ହିଁ ସବୁଠାରୁ ଜରୁରୀ।

# ଭାଙ୍ଗିଲା ରାଉରକେଲା ଷ୍ଟେସନ ସେଡ୍, ମହିଳା ଗୁରୁତର



ରାଉରକେଲା,୧୦।୮(ସଂଚାର ବ୍ୟୁରୋ): ପ୍ରବଳ ବର୍ଷାରେ ଭାଙ୍ଗିଲା ରାଉରକେଲା ରେଳ ଷ୍ଟେସନ ସେଡ୍। ଜଣେ ମହିଳା ଭାବେ ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛି।

ମିଳିଥିବା ସୂଚନାନୁସାରେ, ଆଜି ସକାଳ ୮ଟା ସମୟରେ ରାଉରକେଲାରେ ପ୍ରବଳ ବର୍ଷା ହୋଇଥିଲା। ଏହି ପ୍ରବଳ ବର୍ଷାରେ ରାଉରକେଲା ରେଳବାଇ ଷ୍ଟେସନ ସାମ୍ନାରେ ଥିବା ଷ୍ଟିଲ୍ ସେଡ୍‌ଟି ହଠାତ୍ ପଡ଼ିଯାଇଥିଲା। ଏଥିରେ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ଏଥିସହ ଷ୍ଟିଲ୍ ସେଡ୍ ପଡ଼ି ଗୋଟିଏ କାର୍ ପୂରା ଚୂରମାର୍ ବି ହୋଇଯାଇଛି। ମାତ୍ର ୨ ମାସ ତଳେ ଏହି ସେଡ୍‌ଟି ନିର୍ମାଣ ହୋଇଥିଲା। ସେଡ୍ ଭାଙ୍ଗିବା ପରେ ସେଠାରେ ଭୟର ବାତାବରଣ ଖେଳିଯାଇଛି। ତେବେ କେଉଁ ପରିସ୍ଥିତିରେ ଏପରି ଅଘଟଣ ଘଟିଲା, ତାକୁ ନେଇ ସ୍ଥାନୀୟ ପୁଲିସ୍ ଯାଞ୍ଚ କରୁଛି। ଗତ ୬ ମାସ ମଧ୍ୟରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସେଡ୍ ଯାତ୍ରୀ ଓ ଯାନବାହନକୁ ପ୍ରତିକୂଳ ପାଗରୁ ରକ୍ଷା କରିବା ପାଇଁ ଡିଜାଇନ କରାଯାଇଥିଲା। ତଥାପି ଏତେ ଶୀଘ୍ର ଭୁଶୁଡ଼ି ପଡ଼ିବା ଫଳରେ ଏହାର ନିର୍ମାଣ ଗୁଣବତ୍ତାକୁ ନେଇ ଚିନ୍ତା ସୃଷ୍ଟି ହୋଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ପୁଣି ମହଙ୍ଗା ହେବ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ



ନୂଆଦିଲ୍ଲୀ,୧୦।୮: ମହଙ୍ଗା ହେବାକୁ ଯାଉଛି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ। ଦେଶରେ ଶୀଘ୍ର ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ବା ଏଫ୍ଏମ୍ସିଜି ସାମଗ୍ରୀ ମହଙ୍ଗା ହେବାକୁ ଯାଉଛି। ଯୁଦ୍ଧ ଯୋଗୁ କଞ୍ଚାମାଲ ଦର ବଢ଼ିବା ଫଳରେ କମ୍ପାନି ଗୁଡିକର ଖର୍ଚ୍ଚ ବଢ଼ିଛି। ଏହାକୁ ନଜରରେ ରଖି ପ୍ରମୁଖ ଏଫ୍ଏମ୍ସିଜି କମ୍ପାନିଗୁଡିକ ଚଳିତ ତ୍ରୈମାସରେ ସେମାନଙ୍କ ଉତ୍ପାଦ ଦର ବଢ଼ାଇବା ଲାଗି ଯୋଜନା କରୁଛନ୍ତି। ଏହା ପୂର୍ବରୁ ଏପ୍ରିଲ-ଜୁନ ଅବଧିରେ ମଧ୍ୟ କମ୍ପାନି ଗୁଡିକ ୨ରୁ ୫% ଯାଏ ଉତ୍ପାଦ ଦର ବଢ଼ାଇଥିଲେ। କମ୍ପାନି ଗୁଡିକ କେବଳ ଦର ବୃଦ୍ଧି ନୁହେଁ ଉତ୍ପାଦ ମୂଲ୍ୟ ସମାନ ଥିଲେ ମଧ୍ୟ ପ୍ୟାକେଟର ଓଜନ କମ୍ (ଶ୍ରୀଙ୍କଫ୍ଲେସନ) କରି ଦେଉଛନ୍ତି।

କମ୍ପାନି ଗୁଡିକର କହିବା ମୁତାବକ, ପାମ୍ ଅଏଲ, ଚିନି, ଅଶୋଧିତ ତେଲ ଦର ବୃଦ୍ଧି ଯୋଗୁ ମାର୍ଜିନ ପ୍ରଭାବିତ ହୋଇଛି। ଦେଶର ପ୍ରମୁଖ ଏଫ୍ ଏମ୍ସିଜି କମ୍ପାନି ହିନ୍ଦୁସ୍ତାନ ୟୁନିଲିଭର, ଆଇଟିସି, ନେସ୍ଲେ, ଡାବର, ବ୍ରିଟାନିଆ ଭଳି କମ୍ପାନି ଏଭଳି ଉତ୍ପାଦ କ୍ଷେତ୍ରରେ ସକ୍ରିୟ ରହିଛନ୍ତି। ଦେଶର ପ୍ରମୁଖ ବେକରୀ ଏବଂ ସ୍ନାକ୍ସ କମ୍ପାନି ବ୍ରିଟାନିଆ ଚଳିତ ତ୍ରୈମାସରେ ପ୍ୟାକେଟ ଛୋଟ କରିବା ଯୋଜନାରେ ଉତ୍ପାଦ ଦର ୨% ଯାଏ ବୃଦ୍ଧି କରିପାରେ। କମ୍ପାନିର ୫ରୁ ୧୦ ଟଙ୍କା ବିଶିଷ୍ଟ ବିସ୍କୁଟ କ୍ଷେତ୍ରରେ ଏହାର ପ୍ରଭାବ ଦେଖାଯାଇପାରେ। କମ୍ପାନିର ଏମ୍ଡି ତଥା ସିଇଓ ରୋହିତ ହର୍ଗଭେ କହିଛନ୍ତି, ଚିନି ଏବଂ ପାମ୍ ଅଏଲ ଦର ଉପର ମୁହାଁ ହୋଇଛି। ପୂର୍ବ ତ୍ରୈମାସରେ ଅଭିବୃଦ୍ଧି ପ୍ରାୟତଃ ଶ୍ରୀଙ୍କ୍ଫ୍ଲେସନ ଉପରେ ନିର୍ଭରଶୀଳ ଥିଲା। ଚଳିତ ତ୍ରୈମାସରେ ଏହି ଟ୍ରେଣ୍ଡ୍ ଜାରି ରଖିବାକୁ ପଡିବ। ଅନ୍ୟପଟେ ବଜାର ଚାହିଦାରେ ସୁଧାର ମଧ୍ୟ ଦେଖାଯାଇଛି। ହିନ୍ଦୁସ୍ତାନ ୟୁନିଲିଭର ମଧ୍ୟ ଏହାର ଭିନ୍ନ ଭିନ୍ନ ଉତ୍ପାଦ ଦର ବଢ଼ାଇବା ନେଇ ବିଚାର କରୁଛି। ଜୁନ ତ୍ରୈମାସ ତୁଳନାରେ ସେପ୍ଟେମ୍ବର ତ୍ରୈମାସରେ ଏହା ୨ରୁ ୫% ଯାଏ ଦର ବଢ଼ାଇପାରେ। ଗୋଦ୍ରେଜ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ ଜୁନ ତ୍ରୈମାସରେ ୫% ଦର ବୃଦ୍ଧି କରିଥିଲା। କମ୍ପାନି ଚଳିତ ତ୍ରୈମାସରେ ସେଭଳି କିଛି ବଡ ଧରଣର ଦରବୃଦ୍ଧି ନେଇ ଏବେ ସୁଦ୍ଧା ନିଷ୍ପତ୍ତି ନେଇନି। କମୋଡିଟି ବଜାର ସ୍ଥିର ହେବା ଯାଏ ଏହା ଅପେକ୍ଷା କରିଛି। କମ୍ପାନିର ସିଇଓ ସୁଧୀର ସୀତାପତି କହିଛନ୍ତି,କମ୍ପାନିର ବିଭିନ୍ନ ଇନ୍ପୁଟ ଖର୍ଚ୍ଚ ଅଶୋଧିତ ତେଲ ଉପରେ ନିର୍ଭର କରେ। ଅଶୋଧିତ ତେଲ ବର୍ତ୍ତମାନ ସ୍ତରରେ ବଡ଼ ଦର ବୃଦ୍ଧିର ଆବଶ୍ୟକତା ରହିବନି। ରାଜସ୍ୱ ଲକ୍ଷ୍ୟ ସହଜରେ ହାସଲ ହୋଇପାରିବ।

ଡାବର ଇଣ୍ଡିଆର ଗ୍ଲୋବାଲ ସିଇଓ ମୋହିତ ମାଲ୍ହୋତ୍ରା କହିଛନ୍ତି, ଅଶୋଧିତ ତେଲ ଜନିତ କଞ୍ଚାମାଲ ଦର ବୃଦ୍ଧି ଚିନ୍ତା ଆଗାମୀ ଦିନରେ ମଧ୍ୟ ଜାରି ରହିପାରେ। କମ୍ପାନି ଗୁଡିକ ଏଭଳି ସ୍ଥିତିରେ ବାଧ୍ୟ ହୋଇ ଦର ବୃଦ୍ଧି କରିବେ। ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡର ଏମ୍ଡି ସୁନିଲ ଡିସୁଜା କହିଛନ୍ତି, ଆବଶ୍ୟକ ହେଲେ କମ୍ପାନି ଆଗକୁ ଦର ବୃଦ୍ଧି କରିବ। ନେସ୍ଲେ ଇଣ୍ଡିଆ କହିଛି ଯେ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ଏଲ୍ନିନୋ ପ୍ରଭାବ ଖାଦ୍ୟ ଏବଂ ପାନୀୟ କ୍ଷେତ୍ର ଲାଗି ଚିନ୍ତାର ବିଷୟ ପାଲଟିଛି। ଦର ବୃଦ୍ଧି ପରେ ମଧ୍ୟ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଚାହିଦା ଦୃଢ଼ ରହିବା ନେଇ କମ୍ପାନି ଗୁଡିକ ଆଶାବାଦୀ ରହିଛନ୍ତି। କମ୍ପାନି ସେମାନଙ୍କ ପରିଚାଳନା ଖର୍ଚ୍ଚ କମାଇବା, ଉତ୍ପାଦନ ବୃଦ୍ଧି, ପ୍ରିମିୟମ ଉତ୍ପାଦ ଗୁଡିକର ବୃଦ୍ଧି ଉପରେ ଫୋକସ କରୁଛନ୍ତି, ଯାହା ଦ୍ୱାରା ସେମାନେ ୨୦୨୬ -୨୭ ଅବଧିରେ ମାର୍ଜିନକୁ ବଜାୟ ରଖିବାରେ ସକ୍ଷମ ହେବେ।

## ଜବତ ହେବ ଅନିଲ ଅମ୍ବାନୀଙ୍କ ୮୦୦୦ କୋଟି ଟଙ୍କାର ସମ୍ପତ୍ତି



ନୂଆଦିଲ୍ଲୀ,୧୦।୮: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅନିଲ ଅମ୍ବାନୀଙ୍କ ରିଲାଏନ୍ସ କମ୍ୟୁନିକେସନ (ଆରକମ୍) ବିରୋଧରେ ଜାରି ପ୍ରିଭେନସନ ଅଫ ମନିଲଣ୍ଡ୍ରିଂ ଆକ୍ଟ (ପିଏମଏଲଏ) ମାମଲାରେ ଏକ ସପ୍ଲିମେଣ୍ଟ୍ରି କମ୍ପ୍ଲିଆଣ୍ଟ (ଅତିରିକ୍ତ ଅଭିଯୋଗ) ରୁଜୁ କରିଛି। ଇଡି ରବିବାର ଏହି ସୂଚନା ଦେଇଛନ୍ତି। ଯାଞ୍ଚ ଏଜେନ୍ସୀ କହିଛନ୍ତି ଯେ ୨୭ ମାର୍ଚ୍ଚରେ ପ୍ରାରମ୍ଭିକ ପ୍ରସିକ୍ୟୁସନ କମ୍ପ୍ଲେଣ୍ଟ ବାଦେ ଶନିବାର ଏକ ସପ୍ଲିମେଣ୍ଟ୍ରି ପ୍ରୋସିକ୍ୟୁସନ କମ୍ପ୍ଲିଆଣ୍ଟ ରୁଜୁ ହୋଇଛି। ଇଡି ବୟାନରେ କୁହାଯାଇଛି ଯେ ଆରକମ, ରିଲାଏନ୍ସ ଟେଲିକମ ଲମିଟେଡ(ଆରଟିଏଲ), ଗୌତମ ଭାଇଲାଲ ଦୋଷୀ, ସତୀଶ ସେଠ, ଅମିତାଭ ଝୁନ୍‌ଝୁନ୍‌ୱାଲା ଓ ଅନ୍ୟମାନଙ୍କୁ ପିଏମଏଲଏ, ୨୦୦୨ ଧାରା ୪ରେ ଦଣ୍ଡନୀୟ ଅପରାଧ ଖାସ କରି ଧାରା ୩ ଓ ଧାରା ୭୦ ଅନୁସାରେ ଅଭିଯୁକ୍ତ କରାଯାଇଛି। ଏହି ଅପରାଧରେ ହୋଇଥିବା ଆୟର ମୂଲ୍ୟ ୪୦,୧୮୫.୫୫ କୋଟି ଟଙ୍କା ଆକଳନ କରାଯାଇଛି। ଏହା ସେହି ମୋଟ ବକେୟା ରାଶି ଯାହା କମ୍ପାନୀ, ବ୍ୟାଙ୍କ, ଆର୍ଥିକ ଅନୁଷ୍ଠାନ ଓ ବଣ୍ଡ ହୋଲ୍ଡର ସମୂହଙ୍କଠୁ ଉଧାର ନିଆଯାଇଥିଲା ଓ ପୈଠ କରାଯାଇ ନାହିଁ।

ପାଣ୍ଠି ସଂଗ୍ରହ କରିବା, ଉପଯୋଗ କରିବା, ଲୁଚାଇବା ଓ ଦେଖାଇବାରେ ଅଭିଯୁକ୍ତମାନଙ୍କର ଅଲଗା ଅଲଗା ଭୂମିକା ଚିହ୍ନଟ କରାଯାଇଛି। ଏଥିରେ ଫରେନ କରେନ୍ସୀ କନଭର୍ଟିବଲ ବଣ୍ଡ (ଏଫସିସିବି) ମାଧ୍ୟରେ ସଂଗ୍ରହ କରାଯାଇଥିବା ୧ ବିଲିୟନ ଡଲାର ଚୂଡାନ୍ତ ଉପଯୋଗ ସମ୍ପର୍କରେ ମିଥ୍ୟା ସାର୍ଟିଫିକେଟ ଜମା କରିବା ମଧ୍ୟ ସାମିଲ ରହିଛି। ଏଣୁ ଇଡି ୮,୦୭୮.୦୬କୋଟିର ସେହି ସମ୍ପତ୍ତି ଜବତ କରିବାକୁ ଅନୁରୋଧ କରିଛି ଯାହାକୁ ପୂର୍ବରୁ ଏଡଜୁଡିକେଟିଂ ଅଥରିଟି ଆଟାଚ୍ କରିବାକୁ କନଫର୍ମ କରିଥିଲେ। ଏହି ସମ୍ପତ୍ତିରେ ନୂଆଦିଲ୍ଲୀ, ନଭିମୁମ୍ବାଇ, ଭୁବନେଶ୍ୱର, ଚେନ୍ନାଇ ଓ ପୁଣେରେ ଥିବା ଲିଜହୋଲ୍ଡ ଏବଂ ଅଚଳ ସମ୍ପତ୍ତି ମଧ୍ୟ ରହିଛି। ଏହି ଇସିଆଇଆର ଅନୁସାରେ ଅଭିଯୁକ୍ତଙ୍କୁ ଜୁନ ୧୨ ତାରିଖରେ ଓ ସେଠଙ୍କୁ ଜୁଲାଇ ୯ ତାରିଖରେ ଗିରଫ କରାଯାଇଥିଲା। ଉଭୟ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି। ଇଡି ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନଙ୍କ ଅଭିଯୋଗ ଆଧାରରେ ସିବିଆଇର ବ୍ୟାଙ୍କିଙ୍ଗ ସିକ୍ୟୁରିଟିଜ ଆଣ୍ଡ ଫ୍ରଡ ବ୍ରାଞ୍ଚ ନୂଆଦିଲ୍ଲୀଙ୍କ ଦ୍ୱାରା ରୁଜୁ କେତେକ ଏଫଆଇ ଆଧାରରେ ଯାଞ୍ଚ ଆରମ୍ଭ ହୋଇଛି। ଏହି ମାମଲାଗୁଡିକରେ ଆରକମ, ଆରଟିଏଲ ଓ ରିଲାଏନ୍ସ ଇନଫ୍ରାଟେଲ ଲିମିଟେଡ ଦ୍ୱାରା ବଣ୍ଡ ଆଧାରିତ ଓ ନନ ବଣ୍ଡ ଆଧାରିତ କ୍ରେଡିଟ ସୁବିଧାର ଧୋକାଧଡିରେ ଲାଭ ନେବା ଓ ପରେ ତାଙ୍କ ଫଣ୍ଡକୁ ଅନ୍ୟ ଜାଗାରେ ନିବେଶ ସମ୍ପର୍କିତ ମାମଲା ରହିଛି। ଏହି ଯାଞ୍ଚରେ କେତେକ ପାରସ୍ପରିକ ନେଣଦେଣ ମଧ୍ୟ ସାମିଲ ଅଛି। ଯାଞ୍ଚରୁ ଜଣାପଡିଛି ଯେ ଏହି ଠକେଇ ସ୍କିମ ଅନେକ ପୂର୍ବରୁ ଅନ୍ୟୁନ୍ୟ ୨୦୦୭ରୁ ଆରମ୍ଭ ହୋଇଥିଲା ଓ ତା ପରେ ମଧ୍ୟ ଅପରାଧିକ ଗତିବିଧିର ଏକ ସିରିଜ ଭାବେ ଜାରି ଥିଲା। ଲୋନରେ ମିଳିଥିବା ଫଣ୍ଡକୁ ରିଲାଏନ୍ସ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ ଓ ରିଲାଏନ୍ସ କ୍ୟାପିଟାଲ ଲିମିଟେଡ ଭଳି ଗ୍ରୁପ କମ୍ପାନୀକୁ ଟ୍ରାନ୍ସଫର କରିଦିଆଯାଇଥିଲା। ପ୍ରମୋଟରମାନେ ଲୋନରେ ମିଳିଥିବା ରାଶିକୁ ଭାରତ ବାହାରେ ପର୍ସନାଲ ଆସେଟ୍ କ୍ରୟ ଓ ଆରକମ ଲାଭକୁ କୃତ୍ରିମ ରୂପେ ବଢାଇବାକୁ ମଧ୍ୟ ଉପଯୋଗ କରିଥିଲେ। ବୟାନରେ କୁହାଯାଇଛି ଯେ ଏହି ମାମଲାର ପରବର୍ତ୍ତି ଯାଞ୍ଚ ଏବେବି ଜାରି ରହିଛି।

## ୨୭୧ କୋଟିର ସବୁଠୁ ମହଙ୍ଗା ପେଣ୍ଟହାଉସ୍



ନୂଆଦିଲ୍ଲୀ,୧୦।୮:ଉଦ୍ୟୋଗପତି ମାନବ ସର୍ଦନା ଗୁରୁଗ୍ରାମର ଡିଏଲ୍ଏଫ୍ ଦି ଡାଲିଆସ୍‌ରେ ଏକ ପେଣ୍ଟ୍‌ହାଉସ୍ କିଣିଛନ୍ତି ଯାହାର ଦାମ୍ ହେଉଛି ୨୭୧ କୋଟି ଟଙ୍କା। ଏହା ହେଉଛି ଦେଶର ସବୁଠୁ ମହଙ୍ଗା ପେଣ୍ଟ୍‌ହାଉସ୍। ଏହାର ପ୍ରତି ବର୍ଗଫୁଟ ପାଇଁ ସେ ୨.୬ ଲକ୍ଷ ଟଙ୍କା ଦେଇଛନ୍ତି। ୧୦,୫୦୦ ବର୍ଗଫୁଟ କାର୍ପେଟ୍ ଅଞ୍ଚଳର ଏହି ପେଣ୍ଟ୍‌ହାଉସ୍ ହେଉଛି ଆଜି ପର୍ଯ୍ୟନ୍ତ ଦେଶରେ କାରବାର ହୋଇଥିବା ଗୋଟିଏ ନିର୍ଦ୍ଦିଷ୍ଟ ଘର ଅନୁସାରେ ସବୁଠୁ ମହଙ୍ଗା। ନିକଟରେ ୟୁଏସ୍‌ଭିର ଅଧ୍ୟକ୍ଷା ଲିନା ଗାନ୍ଧୀ ତିୱାରୀ ମୁମ୍ବାଇର ୱର୍ଲିରେ ସମୁଦ୍ର ଆଡ଼କୁ ମୁହଁ କରିଥିବା ଏକ ଡୁପ୍ଲେକ୍ସକୁ ୬୩୯ କୋଟି ଟଙ୍କାରେ କିଣିଥିଲେ। ସେହିପରି ଶିଳ୍ପପତି ଜେପି ଟାପାରିଆ ମୁମ୍ବାଇର ମାଲାବାର ହିଲ୍‌ରେ ୩୬୯ କୋଟି ଟଙ୍କାରେ ୨୭,୧୬୦ ବର୍ଗଫୁଟର ଏକ ଟ୍ରିପ୍ଲେକ୍ସ କିଣିଥିଲେ। ଏହି କାରବାରଗୁଡ଼ିକ ଡିଏଲ୍ଏଫ୍ ପେଣ୍ଟହାଉସ୍‌ଠାରୁ ମହଙ୍ଗା। କିନ୍ତୁ ସେଗୁଡ଼ିକ ଥିଲା ବହୁତଳ ବିଶିଷ୍ଟ ପ୍ରାସାଦ। ଏହି ପେଣ୍ଟହାଉସ୍‌ଟି ହେଉଛି ଗୋଟିଏ ଘର। ୨୦୨୪ରେ ଡିଏଲ୍ଏଫ୍ କାମେଲିଆରେ ଶିଳ୍ପପତି ଋଷି ପତ୍ରି ୧୯୦ କୋଟି ଟଙ୍କାରେ ଏକ ପେଣ୍ଟହାଉସ୍ କିଣିଥିଲେ। ସେତେବେଳେ ସେ ବର୍ଗଫୁଟ ପିଛା ୧.୮ ଲକ୍ଷ ଟଙ୍କା ଦେଇଥିଲେ।

## ପୁଞ୍ଜି ପ୍ରତ୍ୟାହାରରୁ ୪୫,୩୦୬ କୋଟି ସଂଗ୍ରହ

ନୂଆଦିଲ୍ଲୀ,୧୦।୮:ପୁଞ୍ଜି ପ୍ରତ୍ୟାହାର ଓ ସମ୍ପତ୍ତି ମନେଟାଇଜେସନ୍ ମାଧ୍ୟମରେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୪୫,୩୦୬ କୋଟି ଟଙ୍କା ସଂଗ୍ରହ କରିଛନ୍ତି ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସୂଚନା ଦେଇଛନ୍ତି। ସେ କହିଲେ, ଆଲୋଚ୍ୟ ବର୍ଷ ପାଇଁ ରହିଥିବା ଧାର୍ଯ୍ୟ ଲକ୍ଷ୍ୟ ୩୩,୮୩୭ କୋଟି ଟଙ୍କାଠାରୁ ପ୍ରକୃତ ସଂଗ୍ରହ ଯଥେଷ୍ଟ ଅଧିକ ଥିଲା। ପୁଞ୍ଜି ପ୍ରତ୍ୟାହାରରୁ ସରକାର ୧୬,୮୮୫.୫୬ କୋଟି ଟଙ୍କା ଓ ସମ୍ପତ୍ତି ମନେଟାଇଜେସନ୍‌ରୁ ୨୩,୪୨୦.୪୯ କୋଟି ଟଙ୍କା ସଂଗ୍ରହ କରିଥିଲେ। ଚଳିତ ଆର୍ଥିକ ବର୍ଷରେ ସରକାର ପୁଞ୍ଜି ପ୍ରତ୍ୟାହାର ଓ ସମ୍ପତ୍ତି ମନେଟାଇଜେସନ୍‌ରୁ ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେଥିରୁ ୫୯,୦୮୩ କୋଟି ଟଙ୍କା ସଂଗ୍ରହ ହୋଇସାରିଲାଣି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, କୋଲ୍ ଇଣ୍ଡିଆ, ଭାରତୀୟ ଜୀବନ ବୀମା ନିଗମ, ଭାରତୀୟ ରେଳ ଫାଇନାନ୍ସ କର୍ପୋରେସନ ଲିମିଟେଡ୍, କୋଚିନ ସିପ୍‌ୟାର୍ଡ ଓ ଭାରତୀୟ ଔଷଧ ଫାର୍ମାସ୍ୟୁଟିକାଲ୍ କର୍ପୋରେସନରୁ ପୁଞ୍ଜିପ୍ରତ୍ୟାହାର ଜରିଆରେ ଏହି ପାଣ୍ଠି ସଂଗ୍ରହ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୧-୨୨ରେ ପୁଞ୍ଜି ପ୍ରତ୍ୟାହାର ଜରିଆରେ ୧୩,୩୫୪ କୋଟି ଟଙ୍କା, ୨୦୨୨-୨୩ରେ ୩୫,୨୯୪ କୋଟି ଟଙ୍କା ଓ ୨୦୨୩-୨୪ରେ ୧୬,୫୦୭ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ୨୦୨୪-୨୫ରେ ଏହି ସଂଗ୍ରହ ୧୦,୧୬୩ କୋଟି ଟଙ୍କା ଥିଲା।



## ୨୦୨୭ ଏପ୍ରିଲରୁ ଶସ୍ତା ହେବ ଇଭି-ହାଇବ୍ରିଡ କାର



ନୂଆଦିଲ୍ଲୀ, ୧୦।୮: କେନ୍ଦ୍ର ସରକାର ଯାତ୍ରୀବାହୀ ଯାନ ଗୁଡିକ ଲାଗି ନୂଆ କର୍ପୋରେଟ ଆଭ୍ରେଜ୍ ଫୁଏଲ୍ ଇକୋନୋମୀ ମାନକକୁ ନେଇ ଏକ ଡ୍ରାଫ୍ଟ ଜାରି କରିଛନ୍ତି। ନୂଆ ନିୟମ ୨୦୨୭ ଏପ୍ରିଲ ପହିଲାରୁ ଲାଗୁ ହେବ। ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ କାର ଗୁଡିକର ମାଇଲେଜ ବଢ଼ାଇବା ଏବଂ ପରିବେଶ ପ୍ରଦୂଷଣକୁ ରୋକିବା। ଏଥିଯୋଗୁ ଇଥାନଲ, ହାଇବ୍ରିଡ ଏବଂ ଇଭି କାର ଗୁଡିକ ଶସ୍ତା ହେବ। ପ୍ରଦୂଷଣ କରୁଥିବା ପେଟ୍ରୋଲ-ଡିଜେଲ ଗାଡି ଗୁଡିକ ମହଙ୍ଗା ହୋଇପାରେ।

ନୂଆ ନୀତି ଅଧିନରେ ସରକାର କମ୍ପାନି ଗୁଡିକୁ ଇଭି ଓ ହାଇବ୍ରିଡ କାର ବିକ୍ରି କ୍ଷେତ୍ରରେ ସୁପର୍ କ୍ରେଡିଟ୍ ପ୍ରଦାନ କରିବ। ଯଦି କୌଣସି କମ୍ପାନି ଗୋଟିଏ ଇଲେକ୍ଟ୍ରିକ କାର ବିକୁଥାଏ ତେବେ ଏହାକୁ କାଗଜପତ୍ରରେ ୩ କାର ସମକକ୍ଷ ବିଚାର କରାଯିବ। ଗୋଟିଏ ହାଇବ୍ରିଡ କାରକୁ ୧.୬ କାର ଭାବେ ଧରାଯିବ। ଏହାଦ୍ୱାରା କମ୍ପାନି ଗୁଡିକୁ ନିଜର ପ୍ରଦୂଷଣ କମ୍ କରିବା ଲକ୍ଷ୍ୟ ପୂରଣ କରିବା ସହଜ ହେବ। ଏଭଳି ସ୍ଥିତିରେ କମ୍ପାନି ଗୁଡିକ ଉକ୍ତ କାର ଗୁଡିକୁ ଆକର୍ଷଣୀୟ ମୂଲ୍ୟ ଓ ଅଫର ସହ ବିକ୍ରି କରିପାରିବେ। ଅଧିକ ପ୍ରଦୂଷଣ କରୁଥିବା ବା କମ୍ ମାଇଲେଜ ଦେଉଥିବା କାର୍ କମ୍ପାନି ଗୁଡିକ ଲାଗି ସମସ୍ୟା ହେବ। ଯଦି କୌଣସି କମ୍ପାନିର କାର୍ ହାରାହାରି ନିର୍ଦ୍ଧାରିତ ପ୍ରଦୂଷଣ ସୀମାଠାରୁ ଅଧିକ ହୋଇଥାଏ ତେବେ କମ୍ କ୍ରେଡିଟ୍ ମିଳିବ। ସେହି କ୍ଷତିକୁ ଭରଣା କରିବାକୁ କମ୍ପାନି ଗୁଡିକୁ ଅନ୍ୟ କମ୍ପାନି କିମ୍ବା ସରକାରଙ୍କ ନିକଟରୁ କ୍ରେଡିଟ କିଣିବାକୁ ପଡିବ। ଯାହାର ମୂଲ୍ୟ ପ୍ରତି ଗ୍ରାମ କାର୍ବନ ଡାଇଅକ୍ସାଇଡ୍ ପାଇଁ ୨୫୦୦ରୁ ୪୫୦୦ ଟଙ୍କା ଯାଏ ରହିବ।

କମ୍ପାନି ଏହି ଜରିମାନାର ବୋଝ ନିଜ ଉପରେ ପକାଇବେ ନାହିଁ। ଅଧିକ ପ୍ରଦୂଷଣ କରୁଥିବା କାର ଗୁଡିକର ମୂଲ୍ୟ ବଢ଼ାଇ ଗ୍ରାହକଙ୍କ ନିକଟରୁ ଏହାରକୁ ଅସୁଲ କରିବେ। ଏହି ପରିବର୍ତ୍ତନ ଯୋଗୁ ଅଟୋମୋବାଇଲ କମ୍ପାନି ଗୁଡିକର ସମ୍ପୂର୍ଣ୍ଣ ରଣନୀତିରେ ପରିବର୍ତ୍ତନ ଆସିବ। ସେମାନେ ପରିବେଶ ଅନୁକୂଳ ଟେକ୍ନୋଲୋଜି ମଡେଲ ଗୁଡିକ ଆଣିବା ଉପରେ ଧ୍ୟାନ କେନ୍ଦ୍ରିତ କରିବେ। ପେଟ୍ରୋଲ-ଡିଜେଲ ମଡେଲ ଗୁଡିକ ପଛକୁ ହଟିବ। ଫ୍ଲେକ୍ସ ଫୁଏଲ କାର୍ ୮୫% ରୁ ୧୦୦% ଇଥାନଲ ଭିତ୍ତିକ ଇନ୍ଧନରେ ଚାଲୁଥିବା ଗାଡି ଗୁଡିକୁ ୨୨.୩% ଯାଏ ରିହାତି ମିଳିବ। ଗୋଟିଏ ଫ୍ଲେକ୍ସ ଫୁଏଲ କାର ବିକ୍ରି କ୍ଷେତ୍ରରେ କାଗଜପତ୍ରରେ ଏହାକୁ ୧.୧ ବୋଲି ଧରାଯିବ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୬୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୩,୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୭୫୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୫,୯୦୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୭୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୭୫୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି ।

## ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ



ମାହାଙ୍ଗା,୧୦।୮ (ସଂଚାର ବ୍ୟୁରୋ): ମାହାଙ୍ଗା ତହସିଲ ଅନ୍ତର୍ଗତ ଜଳେଶ୍ୱରପୁର ଡଗରାସାହି ଗ୍ରାମର ବଜ୍ରବନ୍ଧୁ ଖଟୁଆ(୫୯) ଙ୍କ ବଜ୍ରଘାତରେ ପରଲୋକ ହୋଇଯାଇଛି। ସୁଚନା ମୁତାବକ ପ୍ରବଳ ବର୍ଷା ସହ ବିଜୁଳି ଓ ଘଡଘଡି ହେବା ଦ୍ୱାରା ଆଜି ଅପରାହ୍ନରେ ବିଲରେ ଚାଷ କାମ କରୁଥିବା ସମୟରେ ଶ୍ରୀ ଖଟୁଆଙ୍କୁ ବଜ୍ରାଘାତ ହେବାରୁ ସେ ସେଠାରେ ସଜ୍ଞାହୀନ ହୋଇ ଟଳି ପଡ଼ିଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ବିଲକୁ ଯାଇଥିଲେ। ପରିବାର ଲୋକ ବିଲରେ ପହଞ୍ଚି ଦେଖନ୍ତି କି ସେ ବିଲରେ ସଜ୍ଞାହୀନ ଅବସ୍ଥାରେ ପଡ଼ି ରହିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଗରିବ ଶ୍ରେଣୀର ଚାଷୀ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ନବବଧୂଙ୍କ ଆତ୍ମହତ୍ୟା



ମାହାଙ୍ଗା,୧୦।୮ (ସଂଚାର ବ୍ୟୁରୋ): ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅନ୍ତର୍ଗତ ସମସରପୁର ଗ୍ରାମର ରାମଚନ୍ଦ୍ର ମଲିକଙ୍କ ବଡ ଝିଅ ନିର୍ମଳା ମଲିକ ଶାଶୁ ଘରେ ନିର୍ଯାତନା ଯୋଗୁଁ ସେ ନିଜ ବାପ ଘରେ ୪ ଦିନ ହେବ ରହି ଆସୁଥିବା ବେଳେ ଆଜି ଘର ପଙ୍ଖାରେ ଲୁଗା ସାହାଯ୍ୟରେ ଆତ୍ମହତ୍ୟା କରିଥିବା ନେଇ ମାହାଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୁଚନା ମୁତାବକ ନିର୍ମଳା ଏହି ଥାନା ଅଧିନ କାଳିଅଣ୍ଟି ଅଲିପୁର ଗ୍ରାମରେ ଗତ ଫେବୃୟାରୀ ମାସ ୨୨ ତାରିଖରେ ହାଡିବନ୍ଧୁ ନାୟକଙ୍କ ପୁତ୍ର ତ୍ରିଲୋଚନ ନାୟକଙ୍କୁ ବୈଦିକ ରିତୀରେ ବିବାହ କରିଥିଲେ। କିନ୍ତୁ ବିବାହ ପରେ ଶାଶୁ ଘର ପକ୍ଷରୁ ମାନସିକ ନିର୍ଯ୍ୟାତନା ଦେଉଥିଲେ। ଶାଶୁ ଘରେ ବାରମ୍ବାର ନିର୍ଯ୍ୟାତନାର ଶିକାର ହେବାରୁ ନିର୍ମଳାଙ୍କ ଭାଇ ତାଙ୍କୁ ଘରକୁ ନେଇ ଆସିଥିଲେ। ଏହି ଘଟଣାକୁ ନେଇ ନିର୍ମଳା ମାନସିକ ଅଶାନ୍ତିରେ ରହିବା ସହ ଆଜି ଘରେ କେହି ନ ଥିବା ସମୟରେ ସେ ଘରର ଏକ ପଙ୍ଖାରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଯାହାକୁ ନେଇ ନିର୍ମଳାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଥାନା ପକ୍ଷରୁ କେସ ନଂ ୩୧୦/୨୬ରେ ଏକ ମାମଲା ରୁଜୁ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଯାଇଥିବା ଜଣାଯାଇଛି।

## ମାଲ ବୋଝେଇ ପିକଅପ ସହ ୧୬୩ କିଲୋ ଗଞ୍ଜେଇ ଜବତ, ଦୁଇ ଗିରଫ



ଫୁଲବାଣୀ,୧୦।୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାରେ ଗଂଜେଇ ଚୋର ଚାଲାଣ ଉପରେ ରୋକ ଲଗେଇବା ପାଇଁ ଉଭୟ ପୋଲିସ ଓ ଅବକାରୀ ବିଭାଗ ରହିଛି । ଏହିପରିପେକ୍ଷୀରେ ଅବକାରୀ ଫୁଲବାଣୀ ଭ୍ରାମ୍ୟମାଣ ଅବକାରୀ ବିଭାଗ କୁ ମିଳିଛି ଏକ ବଡ଼ ସଫଳତା । ବାରମ୍ବାର ପୋଲିସ ଓ ଅବକାରୀ ବିଭାଗ ଆଖିରେ ଧୂଳିଦେଇ ଖସି ଯାଉଥିବା ଦୁଇଜଣ ଅନ୍ତର୍ଜିଲ୍ଲା ଗଂଜେଇ ମାଫିଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ଏକ ମାଲ ବୋଝେଇ ପିକଅପ ଗାଡି ଓ ୧୬୩ କିଲୋ ଗଂଜେଇ ଜବତ କରୁଛି। ଏକ ପିକଅପ ଭ୍ୟାନ ରେ ଗଂଜେଇ ବୋଝେଇ ହୋଇ ସାରଙ୍ଗଡରୁ ଭୁବନେଶ୍ୱରକୁ ଚାଲାଣ ହେଉଥିବା ନେଇ କୌଣସି ଏକ ବିଶେଷ ସୂତ୍ର ରୁ ଖବର ମିଳିଥିଲା । ଖବର ପାଇବା ମାତ୍ରେ ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଭ୍ରମ୍ୟମାନ ଅବକାରୀ ଇନ୍ସପେକ୍ଟର ରାଙ୍କନିଧି ମଲ୍ଲିକଙ୍କ ନେତୃତ୍ୱରେ ଓ ପ୍ରକାଶ ମଲ୍ଲିକ ଙ୍କ ପ୍ରତକ୍ଷ ତତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ଟିକାବାଲି ଥାନା ଲାଇନପଡା ନିକଟରେ ପିକ ଅପ ଟିକୁ ଧରିବାରେ ସଫଳ ହୋଇଥିଲେ । ପରେ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତିରେ ଅବକାରୀ ବିଭାଗ କର୍ମଚାରୀ ମାନେ ଉକ୍ତ ଗାଡ଼ିରୁ ଗଂଜେଇ ଜବତ ଓ ଦୁଇଟି ବିଦେଶୀ ବନ୍ଧୁକ ଓ ଗୁଳି ଛଅ ଟି ଓ ମୋବାଇଲ ଫୋନ ଦୁଇଟି ଯବତ୍ କରିଛନ୍ତି । ତେବେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଂଚଳର ଅଭିଷେକ ପ୍ରଧାନ ଓ ଅନ୍ୟଜଣେ ନୟାଗଡ଼ ଜିଲ୍ଲା ଓଡଗାଁର ଭକ୍ତଦର୍ଶନ ପଣ୍ଡା ବୋଲି ଜଣାପଡିଛି।

### ମାରପିଟ ଓ ବନ୍ଧୁକ ଦେଖାଇ ଧମକ ମାମଲା

## ଅଭିଯୁକ୍ତ ଚେଙ୍ଗାକୁ ୪ ବର୍ଷ ୧ ମାସ ଜେଲ୍

ଉମରକୋଟ,୧୦।୮ (ସଂଚାର ବ୍ୟୁରୋ):ମାରପିଟ, ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଏବଂ ବନ୍ଧୁକ ଦେଖାଇ ମାରିଦେବାକୁ ଧମକ ଦେବା ଭଳି ସଂଗୀନ ମାମଲାରେ ଉମରକୋଟ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କଠୋର ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତଙ୍କୁ ମୋଟ ୪ ବର୍ଷ ୧ ମାସ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି।। ଉମରକୋଟ ସିନିୟର ସିଭିଲ୍ ଜଜ୍-କମ୍ ଏମ୍.ଏଫ୍. ସି ଶ୍ରୀ ଚିନ୍ମୟ କୁମାର ପାଢ଼ୀ ଜିଆର୍ କେସ୍ ନମ୍ବର ୨୫୬/୨୫ର ଶୁଣାଣି କରି କେନାଲ ସାହିର ଚେଙ୍ଗା ଓରଫ ଅମିତ ହରିଜନ (୨୦)ଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୫ ମେ ୯ ତାରିଖରେ ନୂଆଗୁଡ଼ା ୟୁଭି-୭ର ମିଥୁନ ମିତ୍ର ତାଙ୍କ ବନ୍ଧୁ ସଞ୍ଜୟ ମିତ୍ରଙ୍କ ସହ ଚାଟିଗୁଡ଼ା ଯାଉଥିଲେ। ଉମରକୋଟ ନୂଆ ବସ୍‌ଷ୍ଟାଣ୍ଡ ନିକଟ ଆରୋମା ହୋଟେଲ ପାଖରେ ଅଭିଯୁକ୍ତ ଚେଙ୍ଗା ସେମାନଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ଏକ ଲୁହା ଖଡ୍ଗରେ ମିଥୁନଙ୍କ ମୁଣ୍ଡକୁ ଆକ୍ରମଣ କରିବା ସହ ଛାତି, ପିଠି ଓ ମୁହଁକୁ ଗୋଇଠା ମାରିଥିଲେ। ଏତିକିରେ ନଥମି, ଅଭିଯୁକ୍ତ ଜଣକ ବନ୍ଧୁକ ଦେଖାଇ ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା।

### ବନ ବିଭାଗ ବିରୋଧରେ ଜନ ଆକ୍ରୋଶ

# ସବୁଜିମା ନାଁରେ କୋଟି କୋଟି ଟଙ୍କା ଲୁଟ୍ ଚର୍ଚ୍ଚା

### ଝାଉଁ ଚାରା ସ୍କାମ - ଭତ୍ତା ପାଉଥିବା ଲୋକ ଶ୍ରମିକ, ବ୍ୟାଙ୍କ ଷ୍ଟେଟମେଣ୍ଟ ଯାଞ୍ଚ ଦାବି

### ୨ ବର୍ଷରେ ପ୍ରସ୍ତୁତ ମଷ୍ଟର ରୋଲ କେବେ ସାମ୍ନାକୁ ଆସିବ ?



କାକଟପୁର/ଅସ୍ତରଙ୍ଗ,୧୦।୮ (ସଂଚାର ବ୍ୟୁରୋ): ସରକାର ଗୋଟିଏ ପଟେ "ସବୁଜ ଓଡ଼ିଶା" କହି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅନ୍ୟ ପଟେ ପୁରୀ ଜିଲ୍ଲା ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ତାଙ୍କ ଅଫିସରମାନଙ୍କ ପାଇଁ ସେହି ଟଙ୍କାକୁ ନିଜ ପାଣ୍ଠି କରିଦେଉଛନ୍ତି। ଛୁରୀଆନା ରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ସମୁଦ୍ର କୂଳରେ ୨୦୨୪-୨୫ରେ ହୋଇଥିବା ଝାଉଁ ଚାରା ରୋପଣ ଏବେ ବନ ବିଭାଗର ସବୁଠୁ ବଡ ଦୁର୍ନୀତିର ଉଦାହରଣ ପାଲଟିଛି ବୋଲି ସାରା ଅଂଚଳରେ ଚର୍ଚ୍ଚା।

ଫାଇଲରେ ଜଙ୍ଗଲ, ଜମିରେ ମରୁଭୂମି ଭଳି ଚିତ୍ର। କାଗଜରେ ଲେଖାହେଲା ୮୦ ହଜାର ଝାଉଁ ଚାରା ରୋପଣ ସରିଲା। କାମ୍ପା ଓ ମନରେଗାରୁ କୋଟି କୋଟି ଟଙ୍କା ବିଲ୍ ପାସ୍ ହୋଇଗଲା। କିନ୍ତୁ ସ୍ଥଳ ପରିଦର୍ଶନରେ ଦେଖାଗଲା ରାସ୍ତା କଡରେ ଫଟୋ ଉଠାଇବା ପାଇଁ କିଛି ଗଛ ଛଡା ଭିତରେ ସବୁ ଶୁଖିଲା କାଠି। ମାନେ ସିଧା କଥା - ଟଙ୍କା ଲୁଟ ହୋଇଛି ଚର୍ଚ୍ଚା , ଜଙ୍ଗଲ ସୃଷ୍ଟି ନାଁରେ ଅର୍ଥ ଆତ୍ମସାଥ , ଆଉ ସମୁଦ୍ର କୂଳକୁ ବିପଦ ମୁହଁରେ ଠେଲିଦେଲେ।

ସବୁଠୁ ଗମ୍ଭୀର ଅଭିଯୋଗ ହେଉଛି ମନରେଗା ଓ କାମ୍ପା ଯୋଜନାରେ ବନ ବିଭାଗ ଯେଉଁମାନଙ୍କୁ ଶ୍ରମିକ ଦେଖାଇଛି ସେମାନଙ୍କ ମଧ୍ୟରେ ୬୦ ବର୍ଷରୁ ଉର୍ଦ୍ଧ ଲୋକ ଅଛନ୍ତି ଚର୍ଚ୍ଚା । ସେମାନେ ପୂର୍ବରୁ ସରକାରୀ ଭତ୍ତା ପାଉଥିବା ବେଳେ ଏବେ ସେମାନଙ୍କ ନାଁରେ କିମ୍ବା ପରିବାର ସଦସ୍ୟ ଆକାଉଣ୍ଟକୁ ଦୈନିକ ମଜୁରୀ ମଧ୍ୟ ଯାଇଛି, ଯାହାକି ସ୍ଥାନୀୟ ଲୋକେ ଯେଉଁ ମାନେ ଅଭିଯୋଗ କରିଛନ୍ତି ତାହାର ଫୋଟ କ୍ଲିପ ରଖିଛନ୍ତି ।

ପ୍ରଶ୍ନ ହେଉଛି - ଯେଉଁମାନେ ଭତ୍ତା ପାଉଛନ୍ତି ସେମାନେ କିପରି କାର୍ଯ୍ୟରେ ଲାଗିଛନ୍ତି? ସେମାନେ ସତରେ କ୍ଷେତରେ କାମ କରିଥିଲେ, ପରିବାର ସଦସ୍ୟ ଙ୍କ ପାଇଁ ଆସିଥିଲେ କାମକୁ ନାଁ କେବଳ କାଗଜରେ ନାଁ ଥିଲା? ଘରେ ଶୋଇଥିବା ଲୋକଙ୍କ ନାଁରେ ମଷ୍ଟର ରୋଲ କରି ବନପାଳ କମିଶନ ଖାଉଛନ୍ତି କି ଚର୍ଚ୍ଚା ହେଉଛି ଯାହାକି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ?

ସାଧାରଣରେ ତିନୋଟି ପ୍ରଶ୍ନ ବନ ବିଭାଗକୁ ଅଞ୍ଚଳବାସୀଙ୍କ ଦାବି: ୨୦୨୪-୨୫ ଚାରା ଟଙ୍କାର ବ୍ୟାଙ୍କ ଷ୍ଟେଟମେଣ୍ଟ ଯାଞ୍ଚ କେବେ ହେବ? କାହା ଆକାଉଣ୍ଟକୁ କେତେ ଟଙ୍କା ଗଲା? ସେମାନେ ସମସ୍ତେ କାମ କରିଥିଲେ ନାଁ ନାହିଁ?ମୋଟ ଉପରେ ୮୦ହଜାର ଚାରାକୁ କେତେ ଟଙ୍କା ବିଲ ହୋଇଛି, ସାଧାରଣ ଲୋକ ଜାଣିବାର ଆବଶ୍ୟକତା ରହିଛି, କେବେ ତଥ୍ୟ ସାମ୍ନାକୁ ଆସିବ।

ଯଦି ସଠିକ୍ କାର୍ଯ୍ୟ ହୋଇଛି ତେବେ ତଦନ୍ତ ହେଲେ ସତ୍ୟ ସାମ୍ନାକୁ ଆସିବ। ଆଉ ଯଦି ସତ ଲୁଚାଯାଉଛି ତେବେ ଏଠାରେ ରହିଛି ବଡ ଧରଣର ସ୍କାମ।

ବିଜେଡି ନେତା ତଥା ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ କହିଛନ୍ତି, "ବନଖଣ୍ଡ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଆବଶ୍ୟକ ପଡିଲେ ବନ ବିଭାଗ ନଚେତ ପୁରୀ ବନଖଣ୍ଡ କାର୍ଯ୍ୟାଳୟ ଜିଲ୍ଲାବାସୀଙ୍କ ତରଫରୁ ଘେରାଉ ହେବ।" ତୁରନ୍ତ ଉଚ୍ଚ ସ୍ତରୀୟ ଭିଜିଲାନ୍ସ ତଦନ୍ତ, ଦୋଷୀ ଅଧିକାରୀଙ୍କ ନିଲମ୍ବନ, ଲୁଟ୍ ହୋଇଥିବା ଟଙ୍କା ଆଦାୟ।ଏହା ଶହ ସମ୍ପୂର୍ଣ୍ଣ ବିବରଣୀ ସାର୍ବଜୀନ ହେଉ।

## କେନ୍ଦ୍ରାପଡ଼ାରେ ଅଗଷ୍ଟ ୯ କ୍ରାନ୍ତି ଦିବସ ପାଳିତ




କେନ୍ଦ୍ରାପଡ଼ା,୧୦।୮ (ସଂଚାର ବ୍ୟୁରୋ): ଅଗଷ୍ଟ ୯ କ୍ରାନ୍ତୀ ଦିବସ ଅବସରରେ ଗରାପୁରସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିରେ କେନ୍ଦ୍ରାପଡା ଜିଲ୍ଲା ଗାନ୍ଧି ପଦଯାତ୍ରା ସ୍ମୃତି କମିଟି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ପରବର୍ତ୍ତି ଅବସ୍ଥାରେ ତିନିମୁହାଣୀଛକସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ସଙ୍ଗଠନ ପକ୍ଷରୁ ସମ୍ପାଦକ ରାଜେଶ ପଣ୍ଡାଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଙ୍କ ସହ ଥିବା ଅନ୍ୟ ସହିଦ୍‌ମାନଙ୍କୁ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସ୍ମୃତି କମିଟି ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅତିଥି ଓ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

ସର୍ବପ୍ରଥମେ କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା ଜାତୀୟ ପତାକା ଉତୋଳନ କରି ସ୍ୱାଧୀନତା ସଂଗ୍ରାମରେ ଆଜି ଦିନରେ ୧୯୪୨ ମସିହାରେ ଗାନ୍ଧୀଙ୍କ କର ବା ମର ଆହ୍ୱାନରେ ଝାସ ଦେଇଥିବା ସମସ୍ତ ଦେଶପ୍ରେମୀ ମାନଙ୍କ ତ୍ୟାଗ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍ ଆଜି ଦିବସର ଗୁରୁତ୍ୱ ସହ ସ୍ୱାଧୀନତା ସଂଗ୍ରାମର ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ପୂର୍ବତନ ବିଧାୟକ ଶଶୀଭୂଷଣ ବେହେରା ଓ ଡ. ସିପ୍ରା ମଲ୍ଲିକ ସ୍ୱର୍ଗତ ବିମ୍ବାଧର ମୁଦୁଲିଙ୍କ ଦ୍ୱିତୀୟ ସ୍ମୃତି ପୁସ୍ତିକା ଉନ୍ମୋଚନ କରିବା ସହ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନ ଉପରେ ଆଲୋକପାତ କରିଥିଲେ । ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ବିଷଦ୍ ଭାବେ କ୍ରାନ୍ତି ଦିବସର ଐୟତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ଡ. ଉପେନ୍ଦ୍ର ନାଥ ପ୍ରଧାନ ଏବଂ ଡ. ଦିଲ୍ଲୀପ କୁମାର ମିଶ୍ର ଗାନ୍ଧିଙ୍କ ନିଶା ନିବାରଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ସମବେତ ଜନତା ନିଶା ନିବାରଣ ଉପରେ କାର୍ଯ୍ୟକ୍ରମ ଗ୍ରହଣ କରିବା ଉପରେ ମତ ପ୍ରକାଶ କରିଥିଲେ ।

ଜିଲ୍ଲା ପରିଷଦ ସଭାନେତ୍ରୀ ଲିଲିତା ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ସରୋଜକାନ୍ତ ସାହୁ, ଆକବର ଅଲ୍ଲୀ, ଧୀରେନ୍ ସାହୁ, ପ୍ରଫୁଲ୍ଲ ଦାସ, ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ବିଜୟ ନାୟକ, ଅଭିମନ୍ୟୁ ରାଉତ, ନରୋମ ଜେନା, କାଶିନାଥ ରାଉତରାୟ, ଅବନ୍ତୀ ବେହେରା, ବିଧାନ ସାମଲ, ରଣଧୀର ଜେନା, ବିଦ୍ୟୁତ୍ ମହାପାତ୍ର, ଫକୀର ଚରଣ ଖଟୁଆ, ସ୍ମୃତିରଞ୍ଜନ ଜେନା, ବିଜୟ ପରିଡା, ମୁକ୍ତାର ଖାଁ, ଗୋଲକ ଚନ୍ଦ୍ର ମହାଭୋଇ, ଡ. ପ୍ରଭାକର ମଲ୍ଲିକ, ଦେବେନ୍ଦ୍ର ଦାସ, ଜଗତ୍‌ଜୀବନ ଦାସ, ଶାନ୍ତିଲତା ମୁଦୁଲି, ନାରାୟଣ ମୁଦୁଲି, କରୁଣାକର ସ୍ୱାଇଁ, ଭବାନୀ ଓଝା, ସେକ ଚନ୍ଦନ, ଦେବାଶିଷ କୁବେର, ପୀତବାସ ବେହେରା, ପ୍ରଦୀପ ମହାନ୍ତି, ଚିରଞ୍ଜନ ମଲ୍ଲିକ, ତ୍ରିଲୋଚନ ଦାସ, ଲୋପାମୁଦ୍ରା ବାରିକ, ମିନତୀ ପରିଡା, ସୁଶାନ୍ତ ଦାଶ, ଉମେଶ ଦାସ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସଂଗଠନର କର୍ମକର୍ତ୍ତା ଗୟାଧର ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ଭୁବନେଶ୍ୱର ଧାରଣା କାର୍ଯ୍ୟକ୍ରମ

ବେତନଟୀ,୧୦।୮ (ସଂଚାର ବ୍ୟୁରୋ): ୮ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସ୍ଥାନୀୟ ପ୍ରତିଭା ନିବାସ ଠାରେ ବେତନଟୀ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ଜରୁରୀ ଅଧିବେଶନ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସାମୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଗତ୨୦୧୬ ମସିହାଠାରୁ ୨୦୨୬ ମସିହା ଦଶବର୍ଷ ଧରି ରାଜ୍ୟସରକାରଙ୍କୁ ସିଧା ବହୁବାର ୯ ଦଫା ଦାବି ସମ୍ମିଳିତ ପତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧୭ ଗୋଟି ବ୍ଲକ୍ ତଥା ଅନୁବନ୍ଧିତ ସଂଗଠନ ଦ୍ୱାରା ସ୍ଥାନୀୟ ବିଡିଓ ,ତହସିଲଦାର, ଉପ-ଜିଲାପାଳ,ଅତିରିକ୍ତ ଜିଲ୍ଲା ପାଳ ଓ ଜିଲ୍ଲାପାଳମାନଙ୍କ ଠାରେ ଦାଖଲ କରିଛି । ସଂଘର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଗଣ, ଭୁବନେଶ୍ୱରର ପି.ଏମ.ଜି . ଛକରେ ପ୍ରତ୍ୟେକ ବର୍ଷ ଧାରଣା ଦେଇ ଆସୁଛନ୍ତି ।ଦାବି ମଧ୍ୟରେ ମୁଖ୍ୟତଃ ,ଗତ ମାର୍ଚ୍ଚ ୨୦୨୫ ରେ ସଂସଦରେ ଗୃହୀତ ପେନସନ ଓ ଡିଏ: ନ ବଢିବାର କଳା ଆଇନ ଉଚ୍ଛେଦ ସହ ଚିକିତ୍ସା ଭତ୍ତା,ବୀମା ବ୍ୟବସ୍ଥା, ବସ ଭଡାରେ ରିହାତି ପ୍ରଦାନ ଏବଂ ପେନସନ ବିଭାଗ ପୁଣିଥରେ ଚାଲୁ କରିବା, କମ୍ୟୁଟେଡ ପେନସନ ସମୟସୀମା ୧୦ ବର୍ଷକୁ ହ୍ରାସ ଇତ୍ୟାଦି ପ୍ରମୁଖ ଦାବି ମାନ ରହିଅଛି । ତଥାପି ବିଗତ ସରକାର ବା ଏବେର ସରକାର ରାଜ୍ୟସଂଘ ସହ ଆଲୋଚନା ନ କରି ନୀରବ ହୋଇ ବସିଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ ଦାବିପତ୍ର ଉପରେ ସଂଘୀୟ କର୍ମକର୍ତ୍ତାଙ୍କୁ ଥରଟିଏ ଡକାଇ ସରକାର ଆଲୋଚନା କରୁନାହାନ୍ତି ।ଏହାର ତୀବ୍ର ପ୍ରତିବାଦ କରିବାକୁ ଯାଇ ଆସନ୍ତା ଅଗଷ୍ଟ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପିଃ ଏମ୍. ଜି ଛକ,ଭୁବନେଶ୍ୱର ଠାରେ ପରିଣତ ବୟସ୍କ ଅବସରପ୍ରାପ୍ତ ଶିକ୍ଷକ,କର୍ମଚାରୀଗଣ ଅହୋରାତ୍ର ଧାରଣା ଦେବାକୁ ଚରମ ନିଷ୍ପତ୍ତି ଗ୍ରହଣ କରିଅଛନ୍ତି । ଏଥି ନିମନ୍ତେ ବେତନଟୀ ବ୍ଲକ୍ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ଓ ସଭାପତି, ରାଜ୍ୟ ସଂଘ ଆନ୍ଦୋଳନକୁ ସଂପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ।

## ବେତନଟୀ ମଣ୍ଡଳ ପକ୍ଷରୁ ବିଶାଳ ତ୍ରିରଙ୍ଗା ଯାତ୍ରା




ବେତନଟୀ,୧୦।୮ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି ବେତନଟୀ ମଣ୍ଡଳ ପକ୍ଷରୁ ବିଶାଳ ତ୍ରୀରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଆଜି ଅପରାହ୍ନରେ ଆୟୋଜିତ ହୋଇଯାଇଛି । ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା ସଂଯୋଜନା ଓ ବେତନଟୀ ଯୁଓ୍ୱ ମୋର୍ଚ୍ଚା ଙ୍କ ସହଯୋଗ ରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ବେତନଟୀ ବଜାରସ୍ଥିତ ପାର୍ଟି କାର୍ଯ୍ୟାଳୟରୁ ଏକ ବିଶାଳ ପଦଯାତ୍ରା ବାହାରି ବଜାର ପରୀକ୍ରମା କରିଥିଲା ।

ବଡ଼ସାହି ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ସନାତନ ବିଜୁଳିଙ୍କ ସମେତ ବେତନଟୀ ବ୍ଲକ ଅଧୀନ ବିଭିନ୍ନ ମଣ୍ଡଳର ସଭାପତି, ସମ୍ପାଦକଙ୍କ ସମେତ ମହିଳାମୋର୍ଚ୍ଚା, ଯୁବମୋର୍ଚ୍ଚା, କୃଷକମୋର୍ଚ୍ଚା ସହିତ ସ୍କୁଲ କଲେଜର ଛାତ୍ରାଛାତ୍ରୀ ଏବଂ ଜନସାଧାରଣ ପ୍ରମୁଖ ଜାତୀୟ ପତାକା ଧରି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ବିଭିନ୍ନ ସ୍କୁଲ କଲେଜରୁ ଯୋଗଦେଇଥିବା ଶତାଧିକ ଛାତ୍ରଛାତ୍ରୀ ୫୦୦ ମିଟର ଲମ୍ବର ଜାତୀୟପତାକା ଧରି ପଦଯାତ୍ରାରେ ସାମିଲ ହୋଇଥିଲେ। ବିଶାଳ ପଦଯାତ୍ରା ବଜାର ପରିକ୍ରମା କରିବା ସମୟରେ ସମସ୍ତେ ହାତରେ ଜାତୀୟପତାକା ଧରି ସମବେତ କଣ୍ଠରେ ଦେଶାତ୍ମବୋଧକ ସ୍ଲୋଗାନରେ ବେତନଟୀ ବଜାର ପ୍ରକମ୍ପିତ ହୋଇଥିଲା । ସୁରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣକୁ ଦୃଷ୍ଟିରେ ବେତନଟୀ ଆଇଆଇସି କ୍ରିଷ୍ଣା ପିଙ୍ଗୁଆ ପ୍ରତ୍ୟକ୍ଷ ଭାବରେ ଅତିରିକ୍ତ ପୁଲିସଫୋର୍ସ ସହିତ ଉପସ୍ଥିତ ରହିଥିଲେ। ପାଖାପାଖି ଏକହଜାରରୁ ଉର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା, ସ୍କୁଲ କଲେଜର ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ନେଇ ଆୟୋଜିତ ବିଶାଳ ତ୍ରିରଙ୍ଗା ପଦଯାତ୍ରା ଶୃଙ୍ଖଳାର ସହିତ ସମ୍ପାଦିତ ହୋଇଥିଲା ।

### ଦାଦନ ଖଟିବାକୁ ଯାଇ କେରଳରେ ଯୁବକ ମୃତ

## ଗାଁକୁ ମୃତଦେହ ଆଣିବାକୁ ଜିଲ୍ଲାପାଳଙ୍କୁ ନିବେଦନ



ଫୁଲବାଣୀ,୧୦।୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲାରୁ ଦାଦନ ଖଟିବାକୁ କେରଳ ଯାଇଥିବା ଯୁବକଙ୍କ ମୃତ୍ୟୁ ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁସାରେ ଗଦଗୁଡ଼ା ଗ୍ରାମ ତଳସାହିର ସୁଭଦେବ ପ୍ରଧାନ(୩୫) ପରିବାର ପ୍ରତିପୋଷଣ ପାଇଁ କେରଳ ରାଜ୍ୟ ଏର୍ଣ୍ଣାକୁଲମ ଜିଲା ଆର୍କାପଡ଼ି ଅଞ୍ଚଳରେ ଠାରେ ଥିବା ଏକ ଘରୋଇ କାମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ୯ ତାରିଖ ରବିବାର ତଳେ ପଡ଼ି ମୁଣ୍ଡରେ ଆଘାତ ଲାଗିଥିଲା । ଗାଁ ଲୋକମାନେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ । ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହି ଖବରପାଇ ପରିବାର ତଥା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସୁଭଦେବଙ୍କ ମୃତଦେହକୁ ନିଜ ଗ୍ରାମ ଗଦଗୁଡ଼ାକୁ ଆଣିବା ପାଇଁ ପରିବାର ତରଫରୁ ସ୍ୱାକ ସଂଗଠନ ସହାୟତାରେ ସୋମବାର କନ୍ଧମାଳ ଜିଲାପାଳ ଏବଂ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ମୃତ ସୁଭଦେବଙ୍କ ରଶରୀରକୁ ନିଜ ଗ୍ରାମକୁ ଆଣିବା ସହ ଶବ ସତ୍କାର ସହାୟତା ନିମନ୍ତେ ଏକ ଲିଖିତ ଅନୁରୋଧ ପତ୍ର ପ୍ରଦାନ କରିଥିବା ସୂଚନା ମିଳିଛି । ଜିଲାପାଳ ତୁରନ୍ତ ପଦକ୍ଷେପ ନେଇ ଜିଲା ରେଡକ୍ରସର ଜରୁରୀକାଳୀନ ପାଣ୍ଠିରୁ ଆର୍ଥିକ ସହାୟତା ମଞ୍ଜୁର କରାଯିବ ବୋଲି ସୁଚନା ମିଳିଛି । କେରଳରେ ଶବ ବ୍ୟବଚ୍ଛେଦ ପରେ ବିମାନ ଯୋଗେ ଭୁବନେଶର ଆଣିବା ପରେ ନିଜ ଗାଁକୁ ଅଣାଯାଇ ସତ୍କାର କରାଯିବ ।

ଏହି ଘଟଣା ପୁଣିଥରେ କନ୍ଧମାଳ ଜିଲାକୁ ଦାଦନ ଜିଲା ଭାବେ ପରିଚୟ ଦେଇଥିବା ଆଲୋଚନା ହେଉଛି । କନ୍ଧମାଳ ଜିଲାରୁ ପରିବାର ପ୍ରତିପୋଷଣ ନିମନ୍ତେ ଅନ୍ୟ ଜିଲା ଓ ରାଜ୍ୟ ଉପରେ ନିର୍ଭର କରି ଜୀବିକା ଅନେଓ୍ୱଷଣରେ ଯାଉଥିବା ଦାଦନ ଶ୍ରମିକଙ୍କ କରୁଣ ଚିତ୍ର ସାମ୍ନାକୁ ଆସିଛି। ବିଗତ ୧୫ ଦିନ ମଧ୍ୟରେ କନ୍ଧମାଳ ଜିଲାର ୬ ଜଣ ଦାଦନ ଶ୍ରମିକ ବିଭିନ୍ନ ସ୍ଥାନରେ ମୃତ୍ୟୁ ବରଣ କରିଛନ୍ତି। ନିରୀହ ଶ୍ରମିକଙ୍କ ମୃତ୍ୟୁ ରୋକିବା ପାଇଁ ଜିଲାରେ ରୋଜଗାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି

## ଗାଁରେ ଡ୍ରେନେଜ ପାଇଁ ଅଭିଯୋଗ କଲେ ଗ୍ରାମବାସୀ



ନୀଳଗିରି,୧୦।୮ (ସଂଚାର ବ୍ୟୁରୋ) ଜିଲ୍ଲାପାଳ ଜନ ଶୁଣାଣି ଶିବିରରେ ଅଭିଯୋଗ ପରେ ବି ଡ୍ରେନଜର ମରାମତି ହୋଇ ପାରିନଥିରୁ ଗ୍ରାମବାସୀ ମାନେ ପାଣି ଘେରରେ ରହୁଛନ୍ତି। ଫଳରେ ଗତ ୨୭ ରିଖଦିନ ଲଘୁଚାପ ଜନିତ ଲଗାଣ ବର୍ଷାରେ ଘରଭିତରେ ଆଣ୍ଠିଏ ଆଣ୍ଠିଏ ପାଣି ହୋଇଥିଲା। ପରେ ବନ୍ୟା ପୀଡିତ ଲୋକ ମାନେ ସନ୍ତରାଗଡିଆ ରାଜ୍ୱସ ନିରୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଆରଆଇ ତଦନ୍ତ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ସହାୟତା ମିଳି ନାହିଁ। ଗତ ୬-୭-୨୦୨୬ ରିଖଦିନ ବନ୍ୟା ପୀଡିତ ମାନେ ବାଲେଶ୍ୱର ଜିଲ୍ଲାପାଳ କାର୍ଯ୍ୟାଳୟ ଜନ ଶୁଣାଣି ଶିବିରରେ ଜୁରିଆପାଟଣା ଗ୍ରାମର ଡ୍ରେନେଜ ସମସ୍ୟା ନେଇ ଲିଖିତ ଅଭିଯୋଗ କରାଯାଇଥିଲା। ଏ ପର୍ଯ୍ୟନ୍ତ ବ୍ଲକ କର୍ତୃପକ୍ଷ, ପଂଚାୟତ କର୍ତୃପକ୍ଷ ଙ୍କର ଦେଖା ନଥିବା ଯୋଗୁଁ ବନ୍ୟାପିଡିତା ମାନେପୁନଃବାର ଆଜି ନୀଳଗିରି ବ୍ଲକ ଜନ ଶୁଣାଣି ଶିବିରରେ ଡ୍ରେନଜ ସମାସ୍ୟା ଓ ବନ୍ୟା ସହାୟତା ପାଇଁ ଗ୍ରାମର ଯୁବକ ବିମଳ କୁମାର ଦଳେଇ, ସାବିତ୍ରୀ ସାମଲ, ରାଧିକା ମଲିକ, ଜୟନ୍ତୀ ମଲିକ, ତୁଳସୀ ମଲିକ, ଲକ୍ଷ୍ମୀଧର ମଲିକ, ଗୁରୁବାରୀ ମଲିକ, ମାତାଜୀ ଦଳେଇ,ପରିଶ୍ମିତା ମଲିକଙ୍କ ସମେତ ଶହଶହ ଗ୍ରାମ ବାସୀମାନେଉପସ୍ଥିତ ରହି ତୁରନ୍ତ ଡ୍ରେନେଜ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ।

କାହିଁକି ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କୁ ବ୍ଲକ କର୍ତୃପକ୍ଷ ମାନୁ ନାହାଁନ୍ତି ସେ ନେଇ ପଦକ୍ଷେପ ନେବେ ବୋଲି ଆଜି ଅତିରିକ୍ତ ଜିଲ୍ଲାପାଳ ଗ୍ରାମବାସୀ ଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ପାଠପଢ଼ାରେ ଅବହେଳା ଓ ପ୍ରିନ୍ସପାଲଙ୍କ ବଦଳି ଦାବିରେ ରାଜରାସ୍ତାରେ ଛାତ୍ରୀ

### ଦୁଇ ଘଣ୍ଟା ଧରି ରାସ୍ତା ଅବରୋଧ, ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ହଟିଲା ଆନ୍ଦୋଳନ



ବାରିପଦା,୧୦।୮ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ୍ ଅନ୍ତର୍ଗତ ବାଡୁଣିଆ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଆଜି ଶତାଧିକ ଛାତ୍ରୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ। ବିଦ୍ୟାଳୟରେ ନିୟମିତ ପାଠପଢ଼ା ହେଉନଥିବା, ଅନ୍ନ-ଜଳର ମାନ ନିମ୍ନମାନର ହେବା ସହ ବିଭିନ୍ନ ଅବ୍ୟବସ୍ଥା ନେଇ ଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ଆନ୍ଦୋଳନରତ ଛାତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ନିୟମିତ ଭାବେ ପାଠପଢ଼ା ହେଉନଥିବାରୁ ସେମାନଙ୍କ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେଉଛି। ସେହିପରି ବିଦ୍ୟାଳୟରେ ମିଳୁଥିବା ଅନ୍ନ-ଜଳର ମାନକୁ ନେଇ ମଧ୍ୟ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ବାରମ୍ବାର ଜଣାଇବା ସତ୍ତ୍ୱେ ଏହାର ସମାଧାନ ହେଉନଥିବା ଅଭିଯୋଗ କରି ଛାତ୍ରୀମାନେ ରାଜରାସ୍ତାରେ ବସିଥିଲେ।

ଏଥିସହ ବିଦ୍ୟାଳୟର ପ୍ରିନ୍ସିପାଲଙ୍କ ବଦଳି ଦାବି ମଧ୍ୟ ଆନ୍ଦୋଳନରତ ଛାତ୍ରୀମାନେ ଉଠାଇଥିଲେ। ଛାତ୍ରୀମାନଙ୍କ ରାସ୍ତା ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ କିଛି ସମୟ ପାଇଁ ପ୍ରଭାବିତ ହୋଇଥିଲା।

ଖବର ପାଇ ଘଟଣାସ୍ଥଳରେ ଉପଖଣ୍ଡ ପ୍ରଶାସନିକ ଅଧିକାରୀ ପହଞ୍ଚି ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ତେବେ ଦାବିଗୁଡ଼ିକର ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି ଛାତ୍ରୀମାନେ ଅଡ଼ି ବସିଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ଉପଖଣ୍ଡ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ଦାବି ଓ ସମସ୍ୟାର ସମାଧାନ ନେଇ ଆଶ୍ୱାସନ ଦେବା ପରେ ଆନ୍ଦୋଳନ ହଟିଥିଲା। ଏହାପରେ ରାସ୍ତାରେ ଯାନବାହନ ଚଳାଚଳ ପୁଣି ସ୍ୱାଭାବିକ ହୋଇଥିଲା।

### ଅସୁସ୍ଥତା ଖବର ପାଇ ତିଳକଣା ପହଞ୍ଚିଲେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା



ନିଶ୍ଚିନ୍ତକୋଇଲି,୧୦।୮ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ତିଳକଣା ପଞ୍ଚାୟତର ବିଜୁ ଜନତା ଦଳର ସଭାପତି ରମେଶଚନ୍ଦ୍ର ଜେନା ଙ୍କ ଧର୍ମପତ୍ନୀ ଅସୁସ୍ଥ ଥିବା ଖବର ପାଇ ତାଙ୍କ ବାସଭବନରେ ପହଞ୍ଚିଥିଲେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଶ୍ରୀ ଚନ୍ଦ୍ର ସାରଥୀ ବେହେରା। ଏହି ଅବସରରେ ଶ୍ରୀ ବେହେରା ଅସୁସ୍ଥ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ଏଥିସହ ପରିବାରବର୍ଗଙ୍କ ସହ ଆଲୋଚନା କରି ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ନେଇ ଆଶ୍ୱାସନ ଦେଇଥିଲେ। ପୂର୍ବତନ ମନ୍ତ୍ରୀଙ୍କ ଏହି ସୌଜନ୍ୟମୂଳକ ସାକ୍ଷାତ ଓ ମାନବିକତାପୂର୍ଣ୍ଣ ପଦକ୍ଷେପକୁ ନେଇ ସ୍ଥାନୀୟ ଅଞ୍ଚଳରେ ତାଙ୍କ ପ୍ରତି ଶୁଭେଚ୍ଛା ଓ ପ୍ରଶଂସା ପ୍ରକାଶ ପାଇଛି।

## ବିଶ୍ୱ ଏଡସ୍ ଦିବସ କୁଇଜ୍‌ରେ ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଗୌରବ ବଢ଼ାଇଲେ ମାନସୀ



ନବରଙ୍ଗପୁର,ତେନ୍ତୁଳିଖୁ,୧୦।୮ (ସଂଚାର ବ୍ୟୁରୋ): ବିଶ୍ୱ ଏଡସ୍ ଦିବସ ଅବସରରେ ଜେଆରସି ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକ୍‌ରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ତେନ୍ତୁଳିଖୁଣ୍ଟି ବ୍ଲକ୍‌ରୁ ମାନସୀ ନାୟକ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ୍‌ର ଗୌରବ ବଢ଼ାଇଛନ୍ତି। ମାନସୀ ନାୟକ ଲମତଗୁଡ଼ା ଉନ୍ନତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ରୀ। ଜିଲ୍ଲାର ୧୦ଟି ବ୍ଲକ୍‌ରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ ପ୍ରତ୍ୟେକ ବ୍ଲକ୍‌ରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣେ ଲେଖାଏଁ ମୋଟ ୧୦ ଜଣ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଛି।.ଅଗଷ୍ଟ ୧୦ ତାରିଖ ସକାଳ ୭ଟାରେ ଜିଲ୍ଲାସ୍ତରୀୟ 'ହର ଘର ତ୍ରିରଙ୍ଗା' ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ସକାଳ ୮ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ମାନ୍ୟବର ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଧାୟକ ଗୌରୀଶଙ୍କର ମାଝୀ ଓ ଜିଲ୍ଲା ଶିକ୍ଷାଧିକାରୀ ଉପସ୍ଥିତ ରହି ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।ମାନସୀଙ୍କ ଏହି ସଫଳତା ପାଇଁ ତାଙ୍କ ପରିବାର, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜଣେ ଛାତ୍ରୀଙ୍କ ଏହି ସଫଳତା ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଶିକ୍ଷା କ୍ଷେତ୍ର ପାଇଁ ଗୌରବର ବିଷୟ ହୋଇଛି ।

# ଲେମ୍ବୁ ପାଣି ସ୍ୱାସ୍ଥ୍ୟ ପାଇଁ ହିତକର

ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ଲୋକମାନେ ଥଣ୍ଡା ପାନୀୟ ପିଇବା ଆରମ୍ଭ କରନ୍ତି। ଏଥିମଧ୍ୟରୁ ଗୋଟିଏ ହେଉଛି ଲେମ୍ବୁ ପାଣି ଯାହା ଖରାଦିନ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଅନେକ ଲୋକେ ଖରାଦିନେ ଲେମ୍ବୁ ପାଣି ପିଇବାକୁ ମଧ୍ୟ ପସନ୍ଦ କରିଥାଆନ୍ତି। ଯାହା ଗରମ ସମୟରେ ଆମକୁ ଶାନ୍ତି ପ୍ରଦାନ କରିଥାଏ। ଏହା ଆମର ଏନର୍ଜି ବୁଷ୍ଟର ଏକ ଭଲ ବିକଳ୍ପ। ପ୍ରତ୍ୟେକ ଜିନିଷ ସୀମିତ ପରିମାଣର ଖାଇବା ଏବଂ ପିଇବା ଉଚିତ୍। ଏହା ଶରୀର ପାଇଁ ଖୁବ୍ ଭଲ ହୋଇଥାଏ କିନ୍ତୁ ଏହାର କିଛି କ୍ଷତି ମଧ୍ୟ ରହିଛି। ଯାହା ଆଜି ଆମେ ଆପଣଙ୍କୁ ଜଣାଇବୁ। ଲେମ୍ବୁ ପାଣି ଖାଇବା ଦ୍ୱାରା ଅସ୍ଥିରତା, ମୁଣ୍ଡ ବୁଲାଇବା ଭଳି ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା କିଛି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ କରିଥାଏ। କିଛି ଲୋକ ଗ୍ରୀଷ୍ମ ଋତୁରେ ଫଳ ରସ, ସରବତ, ଲେମ୍ବୁ ପାଣି ପିଇଥା'ନ୍ତି। ଏଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଲେମ୍ବୁରେ ଭିଟାମିନ୍ ଏବଂ ମିନେରାଲ୍ସ ପରି ଅନେକ ପୋଷକ ତତ୍ତ୍ୱ ରହିଥାଏ। ଯାହା ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରେ। ଲେମ୍ବୁ ପାଣି ପିଇବାର ଅନେକ ଲାଭ ଅଛି, ଯାହା ବିଷୟରେ ଆଜି ଆମେ ଆପଣଙ୍କୁ ଜଣାଇବୁ। ତେବେ ଲେମ୍ବୁ ପାଣି ପିଇବାର ଲାଭ କ'ଣ ଆସନ୍ତୁ ଜାଣିବା। ପ୍ରତ୍ୟେକ ଘରେ ସର୍ବଦା ଲେମ୍ବୁ ବ୍ୟବହୃତ ହୁଏ। କିଛି ଲୋକ ଏହାକୁ ସାଲାଡରେ ମଧ୍ୟ ଖାଇଥା'ନ୍ତି ଏବଂ କେହି କେହି ଲେମ୍ବୁ ପାଣି କରି ଏହାକୁ ପିଇଥା'ନ୍ତି।

ଏହାର ଅନେକ ଲାଭ ଅଛି, ସର୍ବପ୍ରଥମେ ଏହା ଆମର ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିବାରେ ସାହାଯ୍ୟ କରେ। ଏହା ବ୍ୟତୀତ ଲେମ୍ବୁ ପାଣି ଶରୀରକୁ ହାଇଡ୍ରେଟ୍ ରଖିଥାଏ ଏବଂ ହଜମ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରିଥାଏ। ଯଦି କାହାର ଏସିଡ଼ିଟି ଗ୍ୟାସ ସମସ୍ୟା ଥାଏ ତେବେ ସେ ଲେମ୍ବୁ ପାଣି ପିଇବା ଉଚିତ୍। ଓଜନ ନିୟନ୍ତ୍ରଣ କରିବାରେ ଲେମ୍ବୁ ପାଣି ସାହାଯ୍ୟ କରେ। ଏହା ଶରୀରକୁ ସତେଜତା ଏବଂ ଶକ୍ତି ଦେଇଥାଏ। ତେବେ ଲେମ୍ବୁ ପାଣିର ଉପକାରିତା ସହିତ ଏହାର ଅନେକ କ୍ଷତିକାରକ ଗୁଣ ମଧ୍ୟ ଅଛି, ଯେପରିକି ଲେମ୍ବୁ ପାଣିରେ ଏସିଡ୍ ଥାଏ, ଯେଉଁ କାରଣରୁ ଯଦି ଆପଣ ପ୍ରତିଦିନ ଏହାର ସେବନ କରନ୍ତି, ତେବେ ଏହା ଦାନ୍ତକୁ କ୍ଷତି ପହଞ୍ଚାଇପାରେ।

କେବଳ ଏତିକି ନୁହେଁ, ଲେମ୍ବୁ ପାଣିର ଅତ୍ୟଧିକ ବ୍ୟବହାର ହେତୁ କିଛି ଲୋକଙ୍କ ମୁହଁରେ ବ୍ରଣ ମଧ୍ୟ ହୋଇଥାଏ। ଏହାର ଅତ୍ୟଧିକ ବ୍ୟବହାର କିଡନୀ ସମ୍ବନ୍ଧୀୟ ସମସ୍ୟାକୁ ବଢାଇପାରେ। ମନେରଖନ୍ତୁ ଯେ ସେହି ଲୋକମାନେ ଯେଉଁମାନେ କୌଣସି ଔଷଧ ଖାଉଛନ୍ତି ଏବଂ ଡାକ୍ତର ଖଟା ଖାଇବାକୁ ବାରଣ କରିଛନ୍ତି, ତେବେ ଭୁଲରେ ମଧ୍ୟ ଲେମ୍ବୁ ଖାଆନ୍ତୁ ନାହିଁ। ଏହାଦ୍ୱାରା ଆଲର୍ଜି ହେବାର ସମ୍ଭାବନା ବଢିଥାଏ। ଆପଣ ଲେମ୍ବୁ ପାଣି ପିଇ ଅନେକ ଲାଭ ପାଇପାରିବେ, କିନ୍ତୁ ଏହାକୁ ଅତ୍ୟଧିକ ଖାଇବା ଦ୍ୱାରା ଏହା ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ମଧ୍ୟ ହୋଇପାରେ।



# ବାରମ୍ବାର ମୁଣ୍ଡବିନ୍ଧାକୁ ଅଣଦେଖା କରନ୍ତୁନି

ବେଳେବେଳେ ମୁଣ୍ଡବିନ୍ଧା ହେବା ଏକ ସାଧାରଣ କଥା। ଯାହା ମାନସିକ ଚାପ କିମ୍ବା ନିଦ୍ରା ଅଭାବରୁ ହୋଇପାରେ। କିନ୍ତୁ ମୁଣ୍ଡବିନ୍ଧା ଯଦିବାରମ୍ବାର ହୁଏ କିମ୍ବା ଲାଗି ରହେ, ତେବେ ଏହାକୁ ଅଣଦେଖା କରିବା ଆଦୌ ଉଚିତ୍ ନୁହେଁ। ଏହା ଅନେକ ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ହୋଇପାରେ। ତେଣୁ, ଲଗାତାର ମୁଣ୍ଡବିନ୍ଧାକୁ ଅଣଦେଖା କରିବା ଉଚିତ୍ ନୁହେଁ। ଦିଲ୍ଲୀର ଜିବି ପନ୍ତ ହସ୍ପିଟାଲର ନ୍ୟୁରୋସର୍ଜରୀ ବିଭାଗର ପୂର୍ବତନ ଏଚ୍ଓଡି ଡାକ୍ତର ଦଲଜିତ ସିଂହ କହିଛନ୍ତି, ମୁଣ୍ଡବିନ୍ଧା ଏକ ସାଧାରଣ ସମସ୍ୟା, କିନ୍ତୁ ଯଦି ଏହା ପ୍ରତିଦିନ ହୁଏ, ତେବେ ଏହା ଏକ ଭଲ ଲକ୍ଷଣ ନୁହେଁ। ଯଦି ବାରମ୍ବାର ମୁଣ୍ଡବିନ୍ଧା ଅଧିକ ହୁଏ ଏବଂ ବାନ୍ତି ମଧ୍ୟ ହୁଏ, ତେବେ ଏହା ମାଇଗ୍ରେନର ଲକ୍ଷଣ ହୋଇପାରେ। ଏହା ବ୍ୟତୀତ, ହଠାତ୍ ଅଧିକ ମୁଣ୍ଡବିନ୍ଧା, ବିଶେଷକରି ସକାଳେ ଏବଂ ମୁଣ୍ଡର ପଛ ଭାଗରେ କେନ୍ଦ୍ରିତ ହେବା ମଧ୍ୟ ଉଚ୍ଚ ରକ୍ତଚାପର ଲକ୍ଷଣ ହୋଇପାରେ। ଡାକ୍ତର ଦଲଜିତ ଆହୁରି କହିଛନ୍ତି, ମୁଣ୍ଡବିନ୍ଧା ଅନେକ ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ। ଯଦି ମୁଣ୍ଡବିନ୍ଧା ସହିତ ବାନ୍ତି, ଦୃଷ୍ଟି ଝାପ୍ସା, ଶରୀରର କୌଣସି ଅଂଶରେ ଦୁର୍ବଳତା କିମ୍ବା କଥା କହିବାରେ କଷ୍ଟ ହୁଏ, ତେବେ ଏହା ମସ୍ତିଷ୍କ ଟ୍ୟୁମରର ଲକ୍ଷଣ ହୋଇପାରେ। ଏହା ବ୍ୟତୀତ, ଅନେକ କ୍ଷେତ୍ରରେ, ମୁଣ୍ଡବିନ୍ଧା ଷ୍ଟ୍ରୋକର ଏକ ଲକ୍ଷଣ ମଧ୍ୟ ହୋଇପାରେ। ଯଦି ଶରୀରର କୌଣସି ଅଂଶରେ ନିଷ୍କ୍ରିୟତା ଭଳି ଲକ୍ଷଣ ମୁଣ୍ଡବିନ୍ଧା ସହିତ ଥାଏ, ତେବେ ଏହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ଡାକ୍ତର ଦଲଜିତ ଆହୁରି ବି କହିଛନ୍ତି, ମୁଣ୍ଡବିନ୍ଧା ଏକ ସାଧାରଣ ସମସ୍ୟା, କିନ୍ତୁ ଲଗାତାର ମୁଣ୍ଡବିନ୍ଧା ଆପଣଙ୍କ ପାଇଁ ଭଲ ନୁହେଁ। ଏପରି ମୁଣ୍ଡବିନ୍ଧାକୁ କେବେ ହାଲୁକା ଭାବରେ ନିଅନ୍ତୁ ନାହିଁ। ମନେରଖନ୍ତୁ ଯେ ଯଦି ଆପଣଙ୍କ ଭଲ ନିଦ ହେଉଛି ଏବଂ କୌଣସି ମାନସିକ ଚାପରେ ନାହାନ୍ତି, କିନ୍ତୁ ତଥାପି ଲଗାତାର ମୁଣ୍ଡବିନ୍ଧା ହେଉଛି, ତେବେ ଆପଣଙ୍କୁ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ। ଏ ବିଷୟରେ ଅସାବଧାନ ହୁଅନ୍ତୁ ନାହିଁ। ଯଦି ଆପଣଙ୍କର ବାରମ୍ବାର ମୁଣ୍ଡବିନ୍ଧା ହେଉଛି, ତେବେ ନିଜେ ଔଷଧ ଖାଇବାରୁ ଦୂରେଇ ରୁହନ୍ତୁ।ମାନସିକ ଚାପ ନିଅନ୍ତୁ ନାହିଁ ।ଯଦି ଆପଣଙ୍କର ଲଗାତାର ମୁଣ୍ଡବିନ୍ଧା ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ଏବଂ ପ୍ରତିଦିନ ବ୍ୟାୟାମ କରନ୍ତୁ।



# ବାଜରା ରୁଟି ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ

ନିୟମିତ ଜୀବନରେ ଆମେ ଡାଏଟ୍ରେ ଭାତ,ରୁଟି ସାଙ୍ଗକୁ ତରକାରୀ ଖାଇଥାଉ। ଅଧିକାଂଶ ଲୋକ ଗହମ ରୁଟି ଖାଇବାକୁ ପସନ୍ଦ କରିଥାନ୍ତି। କାରଣ ଏହା ନରମ ସାଙ୍ଗକୁ ସ୍ୱାଦିଷ୍ଟ ମଧ୍ୟ। କିନ୍ତୁ ଆପଣ ଜାଣନ୍ତି କି ଗହମ ପରିବର୍ତ୍ତେ ବାଜରା ରୁଟି ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଚାଲନ୍ତୁ ଜାଣିବା ବାଜରା ରୁଟିର ଫାଇଦା ବିଷୟରେ। ଗହମ ରୁଟିନ ଡାଏଟ୍ର ମୁଖ୍ୟ ଅଙ୍ଗ ଥିଲା। କିନ୍ତୁ ଆଜିକାଲିର ଲୋକମାନେ ଅନ୍ୟ ଶସ୍ୟ ଆଡକୁ କିଛି ମାତ୍ରାରେ ଢଳୁଥିବା ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ବାଜରା ଅନ୍ୟତମ। ବାଜରାରେ ବହୁ ମାତ୍ରାରେ ଫାଇବର ସାଙ୍ଗକୁ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମଧ୍ୟ ରହିଥାଏ। କିନ୍ତୁ ଏହାର ଫାଇଦା ବିଷୟରେ କମ୍ ଲୋକ ଜାଣିଥାନ୍ତି। ଏବେ ଜାଣିବା ଗହମ ପରିବର୍ତ୍ତେ ବାଜରା ରୁଟି ଖାଇଲେ ଶୀରରରେ କ'ଣ ଆସିପାରେ ପରିବର୍ତ୍ତନ। ବାଜରା ପୋଷକ ତତ୍ତ୍ୱରେ ଭରା ଶସ୍ୟ। ଏଥିରେ ପ୍ରୋଟିନ୍, ଫାଇବର, କ୍ୟାଲସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ ଭିଟାମିନ୍-ସି ପରି ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହିଛି। ଯହା ଶରୀରକୁ ଶକ୍ତି ଦେବା ସହ ହାଡ଼କୁ ମଜଭୁତ କରିବା ଓ ରକ୍ତ ସଞ୍ଚାଳନକୁ ତୀବ୍ର କରିବାରେ ସହଯୋଗ କରିଥାଏ। ବାଜରାରେ ଥିବା ଫାଇବର ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହ ଅଧିକ ସମୟ ଯାଏ ପେଟଭରା ରଖିଥାଏ। ଏଥିରେ କ୍ୟାଲୋରୀ ମାତ୍ରା କମ୍ ରହିଥାଏ, ଯାହା ଓଜନକୁ ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରେ। ଯଦି ଓଜନ କମାଇବାକୁ ପ୍ରୟାସ କରୁଥାନ୍ତି, ତେବେ ବାଜରା ରୁଟି ଖାଇବା ଭଲ ବିକଳ୍ପ। ବାଜରାର ଗ୍ଲାଇସୋମିକ୍ ଇଣ୍ଡେକ୍ସ କମ୍ ରହିଥାଏ। ଫଳରେ ଏହା ରକ୍ତରେ ଶର୍କରାସ୍ତରକୁ ନିୟନ୍ତ୍ରିତ ରଖିବାରେ ସହଯୋଗ କରିଥାଏ। ମଧୁମେହ ରୋଗୀଙ୍କ ପାଇଁ ବାଜରା ରୁଟି ଭଲ ବିକଳ୍ପ। ଏହା ରକ୍ତରେ ଶର୍କରା ସ୍ତରକୁ ହଠାତ୍ ବଢ଼ିବାକୁ ଦେଇ ନଥାଏ।



# ମହୁର ବହୁବିଧ ଉପକାରିତା



ନିୟମିତ ମହୁ ଖାଇଲେ ତାହା ଓଜନ କମାଇବାରେ ସାହାଯ୍ୟ କରିଥାଏ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ପରିମାଣରେ ମହୁ ଖାଇବାକୁ ଦିଆଯାଇଥିଲା। କିଛି ମାସ ବ୍ୟବଧାନ ପରେ ସେମାନଙ୍କର ଓଜନ ପୂର୍ବାପେକ୍ଷା କେତେକାଂଶରେ ନିୟନ୍ତ୍ରଣରେ ରହିଥିବା ସିଡ୍ନୀ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଜାଣିପାରିଛନ୍ତି। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ମଧ୍ୟ ଓଜନ ହ୍ରାସ ପାଏ। ମହୁରେ ମଧ୍ୟ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଛି। ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ, ନିୟମିତ ମହୁ ଖାଇଲେ ତାହା ହୃଦ୍‌ରୋଗ ଏପରିକି ଷ୍ଟ୍ରୋକ୍ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ମହୁ ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ମହୁ ବେଶ୍ ଉପଯୋଗୀ। ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ଥଣ୍ଡା, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବରେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ। ଏହା ଆମ ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ ରଖିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇଥାଏ।

# ଶୀଘ୍ର ଓଜନ କମ୍ କରିବାକୁ ଚାହୁଁଛନ୍ତି କି ?

**ଯଦି ଆପଣ ଶୀଘ୍ର ୱେଟ୍ ଲସ୍ କରିବା ସହ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାକୁ ଚାହୁଁଛନ୍ତି କି ? ତେବେ ସକାଳେ ଖାଲି ପେଟରେ କିଛି ଦେଶୀ ଡ୍ରିଙ୍କସ୍ ପିଇବା ଆପଣଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇପାରେ। ଏହି ଡ୍ରିଙ୍କସ୍ କେବଳ ମେଟାବୋଲିଜିମ୍ କୁ ତ୍ୱରାନ୍ୱିତ କରେ ନାହିଁ ବରଂ ଦିନସାରା ଶରୀରକୁ ଶକ୍ତିଶାଳୀ ରଖେ। ତେବେ ଆସନ୍ତୁ ଜାଣିବା କେଉଁ ସବୁ ଡ୍ରିଙ୍କସ୍ ଆପଣଙ୍କ ୱେଟ୍ ଲସ୍ ଜର୍ଣ୍ଣିକୁ ସହଜ କରିପାରିବ।**

**ପାନମଧୁରୀ ପାଣି**ଃପାନମଧୁରୀ ଏସିଡ଼ିଟି ଏବଂ ବ୍ଲୋଟିଂ ପାଇଁ ଏକ ପ୍ରାକୃତିକ ଚିକିତ୍ସା ଭାବରେ ବ୍ୟବହୃତ ହୁଏ। ପ୍ରତିଦିନ ପାନମଧୁରୀ ପାଣି ପିଇବା ଦ୍ୱାରା ଧୀରେ ଧୀରେ ୱେଟ୍ ଲସ୍ ହୋଇଥାଏ ଏବଂ ହଜମ ପ୍ରକ୍ରିୟାରେ ମଧ୍ୟ ଉନ୍ନତି ଆସିଥାଏ। ପାନମଧୁରୀ ପାଣି ତିଆରି କରିବା ପାଇଁ ୧ ଚାମଚ ପାନମଧୁରୀକୁ ୧ କପ୍ ପାଣିରେ ୩ ରୁ ୫ ମିନିଟ୍ ପାଇଁ ଫୁଟାନ୍ତୁ। ତାପରେ ଏହାକୁ ପିଅନ୍ତୁ।



**ଜୁଆଣି ଏବଂ ଜିରା ପାଣି**ଃ ଉଭୟ ଜୁଆଣି ଏବଂ ଜିରା ହେଉଛି ଏଭଳି ମସଲା ଯାହା ୱେଟ୍ ଲସ୍ କରିବାରେ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଥାଇମୋଲରେ ଭରପୂର ଜୁଆଣି ଏବଂ ଜିରା ଗ୍ୟାସ୍ କମ୍ କରେ। ଏହା ମେଟାବୋଲିଜିମ୍ କୁ ମଧ୍ୟ ତ୍ୱରାନ୍ୱିତ କରନ୍ତି, ଯାହା ଶରୀରକୁ ଅଧିକ କ୍ୟାଲୋରୀ ବର୍ନ କରିଥାଏ। ଏକ ଗ୍ଲାସ୍ ପାଣିରେ ଅଧା ଚାମଚ ଜୁଆଣି ଏବଂ ଅଧା ଚାମଚ ଜିରା ପକାଇ ରାତିସାରା ଭିଜାଇ ରଖନ୍ତୁ। ସକାଳୁ ଏହି ପାଣିକୁ ୫-୭ ମିନିଟ୍ ଫୁଟାଇ ଛାଣି ଗରମ ଗରମ ପିଇ ଦିଅନ୍ତୁ।

**ଆପଲ୍ ସାଇଡର୍ ଭିନେଗାର**ଃ ୱେଟ୍ ଲସ୍ କରିବା ପାଇଁ ଖାଦ୍ୟରେ ଆପଲ୍ ସାଇଡର୍ ଭିନେଗାରକୁ ମିଶାନ୍ତୁ। ଏହା ଆପଣଙ୍କ ଶରୀରରେ ଫ୍ୟାଟକୁ ଶୀଘ୍ର କମ୍ କରିବା ସହ ଟ୍ରାଇଗ୍ଲାଇସେରାଇଡକୁ ମଧ୍ୟ ନିୟନ୍ତ୍ରଣ କରିପାରେ। ଏକ ଗ୍ଲାସ ପାଣିରେ ୧ ଚାମଚ ଆପଲ୍ ସାଇଡର୍ ଭିନେଗାର ଏବଂ ଏକ ଚାମଚ ଡାଲଚିନି ମିଶାଇ ପିଅନ୍ତୁ। ଏହା ଫ୍ୟାଟ ବର୍ନ କରିବା ଏବଂ ଭୋକ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।

**ହଳଦୀ ଓ ଗିଲୋୟ**ଃହଳଦୀ ଓ ଗିଲୋୟ ଉଭୟ ଆୟୁର୍ବେଦ ଇମ୍ୟୁନିଟି ବୁଷ୍ଟର୍। ହଳଦୀରେ କର୍କୁମିନ୍ ଥାଏ, ଯାହା ଏକ କମ୍ପାଉଣ୍ଡ ଯେଉଁଥିରେ ଆଣ୍ଟି-ଇନଫ୍ଲାମେଟୋରୀ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି। କର୍କୁମିନ୍ ରୋଗ ପ୍ରତିରୋଧକ ପ୍ରତିକ୍ରିୟାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏହି ପାଣି ପ୍ରସ୍ତୁତ କରିବା ପାଇଁ ଅଧା ଚାମଚ ହଳଦୀ ଏବଂ ଏକ ଚାମଚ ଗିଲୋୟ ମିଶାନ୍ତୁ। ୧ କପ୍ ପାଣିରେ ୫ରୁ ୭ ମିନିଟ୍ ଫୁଟାନ୍ତୁ ଏବଂ ସକାଳେ ଗରମ ପିଅନ୍ତୁ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ୩ ଅଚିହ୍ନା ଯୁବକଙ୍କୁ ନେଇ ଚର୍ଚ୍ଚା



ବାଲିକୁଦା,୧୦।୮ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ବାହାରଣା ଅଞ୍ଚଳରେ ଜଣେ ୩୫ ବର୍ଷୀୟ ଯୁବକଙ୍କ ମୃତଦେହ ରାସ୍ତାକଡ଼ ଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର ହେବା ଘଟଣାକୁ ନେଇ ଚାଞ୍ଚଲ୍ୟ ପ୍ରକାଶ ପାଇଛି। ମୃତକ ଓଳାଷ ଗ୍ରାମର ଗୌରାଙ୍ଗ ଦାସ (୩୫) ବୋଲି ଜଣାପଡ଼ିଛି। ତାଙ୍କୁ ତିନିଜଣ ଅଚିହ୍ନା ଯୁବକ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ନେଇ ପରିବାର ପକ୍ଷରୁ ବାଲିକୁଦା ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟାରେ ତିନିଜଣ ଅଚିହ୍ନା ଯୁବକ ଗୌରାଙ୍ଗଙ୍କ ଘର ଓ ଆଖପାଖ ଅଞ୍ଚଳରେ ତାଙ୍କୁ ଖୋଜି ବୁଲୁଥିଲେ। ପରିବାର ଲୋକେ ଗୌରାଙ୍ଗ ବଜାରକୁ ଯାଇଥିବା କହିଥିଲେ। ପରେ ଉକ୍ତ ଯୁବକମାନେ ଆଖପାଖ ଲୋକଙ୍କୁ ଗୌରାଙ୍ଗ କୁଆଡ଼େ ଯାଇଛନ୍ତି ବୋଲି ପଚାରି ବୁଝିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାପରେ ଗୌରାଙ୍ଗ ରାତିରେ ଆଉ ଘରକୁ ଫେରିନଥିଲେ। ସୋମବାର ସକାଳେ ନିକଟସ୍ଥ କଟିଜଙ୍ଗା ଗ୍ରାମର ଏକ ରାସ୍ତାକଡ଼ ଗଛରେ ଗୌରାଙ୍ଗଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ସେମାନେ ତାଙ୍କ ପରିବାରକୁ ଖବର ଦେଇଥିଲେ। ଖବର ପାଇ ଗୌରାଙ୍ଗଙ୍କ ଧର୍ମପତ୍ନୀ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାଲିକୁଦା ପୋଲିସ କେସ୍ ନଂ-୨୯୩/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହକୁ ଜବତ କରି ଜିଲ୍ଲା ଶବ ବ୍ୟବଚ୍ଛେଦ ଗୃହକୁ ପଠାଇଛି। ଘଟଣା ସମ୍ପର୍କରେ ବାଲିକୁଦା ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରାଯିବାରୁ, ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା ସେ କହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଚାଷୀମାରଣ ନୀତିକୁ ବିରୋଧ ଜେଲ୍‌ଭରୋ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ

ବରଗଡ଼,୧୦।୮ (ସଂଚାର ବ୍ୟୁରୋ): କୃଷିକ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଣୀତ ବିଭିନ୍ନ ନୀତିକୁ ନେଇ ଚାଷୀ ଅସନ୍ତୋଷ ତେଜି ଉଠିଛି । ଏହି କ୍ରମରେ ସୋମବାର ବରଗଡ଼ ଜିଲା ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଚାଷୀମାନେ ଜେଲ୍‌ଭରୋ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଚାଷୀମାରଣ ନୀତିକୁ ବିରୋଧ କରି ବହୁସଂଖ୍ୟକ ଚାଷୀ ବରଗଡ଼ ଏସପିଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଧାନବିକ୍ରି ତଥା ପଞ୍ଜୀକରଣରେ ଏଗ୍ରିଷ୍ଟାକ୍ କଟକଣାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ସମେତ ଦ୍ୱିପାକ୍ଷିକ ଆମେରିକା ଏବଂ ଭାରତ ଡିଲ୍ ରଦ୍ଦ, ସ୍ୱମୀନାଥନ କମିଟି ଅନୁସାରେ କୃଷିଜାତ ଦ୍ରବ୍ୟର ମୂଲ୍ୟ ଠିକ୍ କରାଯାଇ ସୁନିଶ୍ଚିତ ବଜାର ବ୍ୟବସ୍ଥା, ସମସ୍ତ ଚାଷୀଙ୍କ ଋଣଛାଡ଼, ଚାଷୀଙ୍କୁ ଆବଶ୍ୟକ ଅନୁସାରେ ସବସିଡିଯୁକ୍ତ ରାସାୟନିକ ସାର ଯୋଗାଣ, ୪ ଶ୍ରମ କୋଡ୍ ରଦ୍ଦ, ଶ୍ରମିକମାନଙ୍କୁ ମାସକୁ ସର୍ବନିମ୍ନ ୩୧ହଜାର ଟଙ୍କା ଦରମା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରି ୨୦୦ ଦିନ ରୋଜଗାର, ଚାଷ ଜମିକୁ କମ୍ପାନୀକରଣ କରା ନ ଯିବା ,ଏବଂ ଜମି ଅଧିଗ୍ରହଣ ବେଳେ ଚାଷୀମାନଙ୍କ ପରାମର୍ଶ ସୁନିଶ୍ଚିତ କରି ଜୋରଜବରଦସ୍ତି ଜମି ଅଧିଗ୍ରହଣ ବନ୍ଦ କରାଯିବା, ଝଡ଼ବର୍ଷାରେ ବରଗଡ଼ ବ୍ଲକର ଚକରକେନ୍ଦ ଗ୍ରାମର କ୍ଷତିଗ୍ରସ୍ତଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ଦାବିରେ ଚାଷୀମାନେ ଏଭଳି ଆନ୍ଦୋଳନକୁ ଓହ୍ଲାଇଛନ୍ତି।




# ମାଣିକେରାଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ମ. ରାମପୁର: ୧୦।୮ (ସଂଚାର ବ୍ୟୁରୋ): ଅଗଷ୍ଟ ୯ ତାରିଖ ପ୍ରତିବର୍ଷ ବିଶ୍ୱ ଆଦିବାସୀ ଦିବସ ଭାବେ ପାଳିତ ହୁଏ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ମାଣିକେରା ବଜାର ପଡ଼ିଆ ଠାରେ ମଧ୍ୟ ରବିବାର ମିଳିତ ପଞ୍ଚାୟତ ସ୍ତରିୟ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏଥିରେ ମାଣିକେରା, ମୋହନଗୀରି, ସିଂପୁର, ଲୁବେନଗଡ଼, ଦେଢ଼ସୁଲି ପ୍ରଭୃତି ପଞ୍ଚାୟତର ଶତାଧିକ ଆଦିବାସୀ ଭାଇଭଉଣୀମାନେ ଏକତ୍ରିତ ହୋଇ ଏହି ଦିନଟିକୁ ପାଳନ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ଧରଣୀ ପେନୁ ପୀଠ ରୁ ପୂଜାର୍ଚ୍ଚନା ପରେ ବିଶାଳ ପଟୁଆରେ ମଶାଲ ଶୋଭାଯାତ୍ରା ବାହାରି ସଭା ମଣ୍ଡପ ଯାଏଁ ପହଞ୍ଚିଥିଲା। ପରେ ସେଠି ପୁଣି ପୂଜାର୍ଚ୍ଚନା ପୂର୍ବକ ଆଦିବାସୀ ସଂସ୍କୃତି ଆଧାରରେ ମୁଖ୍ୟଅତିଥିଙ୍କ ସହସ୍ତରେ ଆଦିବାସୀ ସମ୍ପ୍ରଦାୟର ପତାକା ଉତ୍ତୋଳନ କରାଯାଇ ଥିଲାଏହାବାଦ ସଭା କାର୍ଯ୍ୟ ପୁର୍ବରୁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଗଣ ଙ୍କୁ



ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ମଞ୍ଚାସିନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଦିନକୁ ଆଦିବାସୀ ସମାଜ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ ନାଚଗୀତ ଏବଂ ସଭାସମିତି ଜରିଆରେ ମହାସମାରୋହରେ ପାଳନ କରିଛନ୍ତି। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ପାରମ୍ପରିକ ନୃତ୍ୟ ଓ ଗୀତର ତାଳେ ତାଳେ ଆଦିବାସୀ କଳାକାରମାନେ ନିଜର ପାରମ୍ପରିକ ପୋଷାକ ପିନ୍ଧି ନାଚ କରିଥିଲେ। ପରେ ସଚେତନତା ସଭାରେ ଆଦିବାସୀଙ୍କ ଅଧିକାର, ଶିକ୍ଷା ଏବଂ ସଂସ୍କୃତିର ସୁରକ୍ଷା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ।

# ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ମ.ରାମପୁର,୧୦।୮ (ସଂଚାର ବ୍ୟୁରୋ): ଆଜି କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୪୪ ଗୋଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ୨୭ ଗୋଟି ବ୍ୟକ୍ତି ଗତ ଓ ୧୭ ଗୋଟି ଗୋଷ୍ଠିଗତ ଅଭିଯୋଗ ହୋଇଛି। ଉକ୍ତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ଙ୍କ ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଗୋଷ୍ଠି ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ସେଠି, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। କିନ୍ତୁ କୌଣସି ଗୋଟିଏ ଅଭିଯୋଗ ମଧ୍ୟ ତ୍ୱରିତ ସମାଧାନ ହୋଇ ନାହିଁ। ଅନ୍ୟପଟେ ଜିଲ୍ଲାପାଳ ନିଜେ ବିଳମ୍ବରେ ପହଞ୍ଚି ଥିବାରୁ ଅଭିଯୋଗକାରୀ ମାନେ କ୍ଷୋଭ ପ୍ରକାଶ କରିଥିଲେ।

# ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ, ନୂଆ ନିୟମକୁ ନେଇ ଅସନ୍ତୋଷ



ବରଗଡ଼,୧୦।୮ (ସଂଚାର ବ୍ୟୁରୋ): ଚଳିତ ବର୍ଷ ଖରିଫ ଋତୁ ପାଇଁ ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ଖରିଫ ଋତୁରେ ପ୍ରାୟ ୧ ଲକ୍ଷ ୬୩ ହଜାର ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ, ଚଳିତ ବର୍ଷ ୧ ଲକ୍ଷ ୬୦ ହଜାରରୁ ଅଧିକ ଚାଷୀ ପଞ୍ଜୀକୃତ ହେବେ ବୋଲି ଆଶା ରହିଛି। ତେବେ ଚଳିତ ବର୍ଷ ପଞ୍ଜୀକରଣ ପାଇଁ ଲାଗୁ ହୋଇଥିବା ନୂଆ ନିୟମ ଚାଷୀଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ନିୟମ ଅନୁଯାୟୀ, ଯେଉଁ ଚାଷୀଙ୍କ ନାଁରେ ଜମିର ପଟ୍ଟା ନାହିଁ, ସେମାନେ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇପାରିବେ ନାହିଁ। ଫଳରେ ଭାଗଚାଷୀଙ୍କ ସମେତ ନିଜ ନାଁରେ ଜମି ପଟ୍ଟା ନଥିବା ଅନେକ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିବା ଆଶଙ୍କା ଦେଖାଦେଇଛି। ସମବାୟ ବିଭାଗ ପକ୍ଷରୁ ଲାଗୁ କରାଯାଇଥିବା ଏହି ନୂଆ ନିୟମକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ଭାଗଚାଷୀମାନେ ଏହାଦ୍ୱାରା ଧାନ ବିକ୍ରିରୁ ବଞ୍ଚିତ ହେବା ନେଇ ଚିନ୍ତା ପ୍ରକାଶ କରିଛନ୍ତି। ଏହି କାରଣରୁ ପଞ୍ଜୀକରଣ ପ୍ରକ୍ରିୟା ପ୍ରତି ଚାଷୀଙ୍କ ମଧ୍ୟରେ ଉତ୍ସାହ କମିଥିବା ଏବଂ ଅନେକ ଚାଷୀ ପଞ୍ଜୀକରଣ ପାଇଁ ଆସୁନଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଭାଗଚାଷୀ ଓ ଜମି ପଟ୍ଟା ନଥିବା ଚାଷୀଙ୍କ ପାଇଁ ସରକାର କ'ଣ ପଦକ୍ଷେପ ନେବେ, ତାହାକୁ ନେଇ ଏବେ ଚାଷୀ ମହଲରେ ଚର୍ଚ୍ଚା ଜୋର ଧରିଛି।

# 'ହର ଘର ତ୍ରିରଙ୍ଗା' ଅଭିଯାନରେ ବିଶାଳ 'ତ୍ରିରଙ୍ଗା ରାଲି' ଆୟୋଜିତ

ସୁବର୍ଣ୍ଣପୁର,୧୦।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ 'ବନ୍ଦେ ମାତରମ'ର ମହାନ ଭାବନାକୁ ଉତ୍ସର୍ଗ କରି ଏକ ବିଶାଳ 'ତ୍ରିରଙ୍ଗା ରାଲି'ର ଆୟୋଜନ କରାଯାଇଛି। ସକାଳ ୧୦ଟାରେ ତ୍ରିରଙ୍ଗା ରାଲି ପାପକ୍ଷୟ ଘାଟ ଛକଠାରୁ ବିନିକା ବସ୍ ଷ୍ଟାଣ୍ଡ ଦେଇ ସିଦ୍ଧାର୍ଥ ମହାବିଦ୍ୟାଳୟରେ ପହଞ୍ଚିଥିଲା। ଏହି ଅବସରରେ ବିନିକା ବିଜ୍ଞାପିତ ଅଞ୍ଚଳବାସୀ ହଜାର ହଜାର ସଂଖ୍ୟାରେ ସାମିଲ ହୋଇ ରାଲିକୁ ସଫଳ କରିଥିଲେ। ଏହି ବିଶାଳ ସମାବେଶରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଉପସ୍ଥିତ ରହି ଦେଶସାରା ଚାଲିଥିବା ହର ଘର ତ୍ରିରଙ୍ଗା




କାର୍ଯ୍ୟକ୍ରମର ସୁବର୍ଣ୍ଣପୁରରେ ମଧ୍ୟ ଝଲକ ରହିବା କଥା କହିବା ସହିତ ଏହି ରାଲି ମାଧ୍ୟମରେ ଏକତା, ଅଖଣ୍ଡତା, ଶାନ୍ତି ଓ ମୈତ୍ରୀର ବାର୍ତ୍ତା ଦିଆଯାଇଥିବା କଥା ସେ କହିଛନ୍ତି। ସମାଜସେବୀ ବେଣୁଧର ଦାସ, ସାଂସଦଙ୍କ ପ୍ରତିନିଧି ନଳିନୀ ପଣ୍ଡା, ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଚେୟାରମ୍ୟାନ ସୁବାଷ ଚନ୍ଦ୍ର ଭୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ବିନିକା ମାନସ ଭୋଇ, ବିନିକା ତହସିଲଦାର ରସନା ଭୋଇଙ୍କ ସମେତ ସମସ୍ତ ଜିଲ୍ଲା ଓ ବିନିକା ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ, ସାମାଜିକ ସଂଗଠନର ସଦସ୍ୟ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାକୁ ସଫଳ କରିଥିଲେ।

# ବିନିକାରେ ଯୁଗ୍ମ ଅଭିଯୋଗ ଶୁଣାଣି: ୬୩ଟି ଦରଖାସ୍ତ ଗ୍ରହଣ



ସୁବର୍ଣ୍ଣପୁର,୧୦।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ବିନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୬୩ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୂହିକ ଦରଖାସ୍ତ ଥିଲା ଏବଂ ୧ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସହାୟତା ପାଇଁ ଆସିଥିଲା। ୧୨ଟି ଦରଖାସ୍ତର ତୁରନ୍ତ ସମାଧାନ ହୋଇଛି। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାସ, ବିନିକା ତହସିଲଦାର ରସନା ଭୋଇ, ବିନିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ବାଗ, ସହାୟକ ଜିଲ୍ଲାପାଳ ଅଭିଯୋଗ ଶାଖା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

## ପରିବାର ଲୋକ ବେସାହାରା

ଖଡ଼ିଆଳ,୧୦।୮ (ସଂଚାର ବ୍ୟୁରୋ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ କୁଲିଗାଁ ଗ୍ରାମରେ ଲଗାଣ ବର୍ଷାରେ ଘର ଭାଙ୍ଗିବା ପରେ ଏକ ପରିବାର ବେସାହାରା ହୋଇପଡିଛନ୍ତି। ପରିବାରର ଦୁଇ ସଦସ୍ୟ ବାଜନାଥ ଶବର ଓ ପଦ୍ମାଦେଈ ଶବର ମୂଲଲାଗି ଯାହା ରୋଜଗାର କରନ୍ତି ସେଥିରେ କଷ୍ଟେମଷ୍ଟେ ଚଳିଯାଆନ୍ତି। ଲଗାଣ ବର୍ଷାରେ ଘର ଭାଙ୍ଗିଯିବା ପରେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ। ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବାକୁ ଦୁଇ ସଦସ୍ୟ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କୁ ପଚାରିବାରୁ, ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



# ରାଜରାସ୍ତାରେ ଗର୍ଜିଲା ମିଳିତ ଟ୍ରେଡ୍ ୟୁନିୟନ: ଏକାଠି ହେଲେ ଚାଷୀ, ଛାତ୍ର ଓ ଶ୍ରମିକ



ସୁନ୍ଦରଗଡ଼,୧୦।୮ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ରାଜରାସ୍ତାରେ ଗର୍ଜିଲା ମିଳିତ ଟ୍ରେଡ ୟୁନିୟନ। ସୁନ୍ଦରଗଡ଼ରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ, ସ୍ୱାଧୀନ ଫେଡରେସନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ରଣହୁଙ୍କାର ଦେଇଛନ୍ତି ଶହଶହ କର୍ମୀ। କେନ୍ଦ୍ର ସରାକରଙ୍କ ଚାଷୀ, ଛାତ୍ର ଓ ଶ୍ରମିକ ମାରଣନୀତି ଅଭିଯୋଗରେ ରାଜରାସ୍ତାରେ ବିକ୍ଷୋଭ କରିବା ସହ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଛନ୍ତି।

# କୁଖ୍ୟାତ ଅପରାଧୀ ଗ୍ୟାଙ୍ଗକୁ ଗିରଫ କଲା ଜିଲ୍ଲା ପୁଲିସ

ସୁବର୍ଣ୍ଣପୁର,୧୦।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ତରଭା ଥାନାର ପୁଲିସ ପେଟ୍ରୋଲିଂ କରୁଥିବା ସମୟରେ ତରଭା ଅଞ୍ଚଳରେ କିଛି ବାହାର ଅପରାଧୀ ଆସି ଡକାୟତି ଯୋଜନା ଓ ଉଦ୍ୟମ କରୁଥିବା ବିଷୟ ତରଭା ପୁଲିସ ସୂଚନା ପାଇ



ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାଏକ ସୂଚନା ଦେଇଛନ୍ତି। ଗିରଫ ଅପରାଧୀଙ୍କ ମଧ୍ୟରୁ ମୁଖ୍ୟ ଅପରାଧୀ ପି. ରମୂଜ ରାଓ ଧଉଳଗିରି ଥାନା ଭୁବନେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି ଓ

ସେମାନେ ଲୁଚିଥିବା ସ୍ଥାନରେ ଚଢ଼ାଉ କରିଥିଲେ। ଘଟଣା ସ୍ଥଳରେ ପୁଲିସ ୩ ଜଣ ଅପରାଧୀଙ୍କୁ ଧରି ଥିବା ବେଳେ ତାଙ୍କ ପାଖରୁ ଖଣ୍ଡା ଛୁରୀ ବିଭିନ୍ନ ମାରଣାସ୍ତ୍ର ଓ ଲଙ୍କାଗୁଣ୍ଡ ପ୍ୟାକେଟ, ପ୍ଲାଷ୍ଟିକ ରସି, ବାଉଁଶ ବାଡି ଇତ୍ୟାଦି ଜବତ କରିଥିଲେ। ପୁଲିସ ଅଧିକ ପଚରା ଉଚରା କଲା ପରେ ଏମାନେ ଭୁବନେଶ୍ୱରରେ ଅନେକ ଅପରାଧିକ ମାମଲାରେ ଅଛନ୍ତି ଓ ଏମାନଙ୍କୁ ପୁଲିସ ଖୋଜୁଥିବା ଜଣାପଡ଼ିଛି। ଏମାନେ ସଂଗଠିତ ହୋଇ ପୁଷ୍ପା ଗ୍ୟାଙ୍ଗ ନାମକ କିଛି ଅପରାଧୀ ଭୁବନେଶ୍ୱର ପୂର୍ବରୁ ଅନେକ ମାମଲାରେ ଗିରଫ ହୋଇଛନ୍ତି। ସୋନପୁର ତରଭା ଥାନା ରେ କେଶ୍ ରେଜିଷ୍ଟ୍ରେସନ୍ କରାଯାଇ ଧରାପଡ଼ିଥିବା ୩ ଜଣ ଅପରାଧୀ ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଥିବା ବିଷୟ ତାଙ୍କ ନାଁ ରେ ୧୩ ରୁ ଅଧିକ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଏବଂ ଏହି ଅପରାଧ ରେ ଆଉ ଦୁଇ ଜଣ ସହଯୋଗୀ ପ୍ରତ୍ୟୁଷ ପ୍ରିୟାଂଶୁ ନାଏକ ଗିରଫ ହୋଇଥିବା ବେଳେ ଏହି ଘଟଣା ସହ ସାମିଲ ଥିବା ସୁବର୍ଣ୍ଣପୁର ଜିଲ୍ଲା ଶିବତୁଲା ଅଞ୍ଚଳର ଆଉ ଜଣେ ଯୁବକ ରଞ୍ଜନ ନାଏକ (ରାଜେଶ) ଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି।।

# ଜିଲ୍ଲାରେ 'ହର ଘର ତ୍ରିରଙ୍ଗା' ଓ 'ବନ୍ଦେ ମାତରମ୍' ଅଭିଯାନ ପାଇଁ ପ୍ରଶାସନର ପ୍ରସ୍ତୁତି



ବଲାଙ୍ଗୀର,୧୦।୮ (ସଂଚାର ବ୍ୟୁରୋ): ସ୍ୱାଧୀନତା ଦିବସ ଅବସରରେ ବଲାଙ୍ଗୀର ଜିଲ୍ଲାରେ 'ହର ଘର ତ୍ରିରଙ୍ଗା' ଓ 'ବନ୍ଦେ ମାତରମ୍' ଅଭିଯାନକୁ ବ୍ୟାପକ ଜନସହଭାଗିତାରେ ପାଳନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ନିଷ୍ପତ୍ତି ଅନୁଯାୟୀ, ଅଗଷ୍ଟ ୧୧ରେ ସକାଳ ୧୦ଟାରେ ସର୍କିଟ୍ ହାଉସରୁ ତ୍ରିରଙ୍ଗା ମାର୍ଚ୍ଚ ବାହାରି ସରକାରୀ ମହିଳା ମହାବିଦ୍ୟାଳୟରେ ପହଞ୍ଚିବ। ସେଠାରେ ତ୍ରିରଙ୍ଗା କନସର୍ଟ, ଦେଶାତ୍ମବୋଧକ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଅଗଷ୍ଟ ୧୩ରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଛାତ୍ରୀଙ୍କ ଦ୍ୱାରା ତ୍ରିରଙ୍ଗା ଥିମ୍‌ରେ ରଙ୍ଗୋଲି ପ୍ରଦର୍ଶନୀ ହେବ। ଅଗଷ୍ଟ ୧୪ରେ ଜିଲ୍ଲା ସଂସ୍କୃତି ଭବନରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପାଳନ ହେବ। ଏହି ଅବସରରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ଓ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ।

# ସାଇବର ଅପରାଧରୁ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର,୧୦।୮ (ସଂଚାର ବ୍ୟୁରୋ): ସାଇବର ଅପରାଧରୁ ସୁରକ୍ଷା ପାଇଁ ସୁବର୍ଣ୍ଣପୁର ପୁଲିସର ସଚେତନତା କାର୍ଯ୍ୟକ୍ରମ ଦିନକୁ ଦିନ ବଢ଼ୁଥିବା ସାଇବର ଅପରାଧ ଓ ଅନଲାଇନ୍ ଠକେଇକୁ ରୋକିବା ସହ ଜନସାଧାରଣଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ପୁଲିସ ପକ୍ଷରୁ ଡୁଙ୍ଗୁରିପାଲି ଓ ରାମପୁର ଥାନା ଦ୍ୱାରା ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀମାନେ ସାଇବର ଠକେଇର ବିଭିନ୍ନ ଉପାୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ବିଶେଷକରି ଓଟିପି, ଏଟିଏମ୍/ପିନ୍, ସିଭିଭି, ବ୍ୟାଙ୍କ ଆକାଉଣ୍ଟ ଓ ୟୁପିଆଇ ତଥ୍ୟ କାହା ସହିତ ଶେୟାର ନକରିବା, ଅଜଣା ଲିଙ୍କରେ କ୍ଲିକ୍ ନକରିବା ଏବଂ ଅଜଣା ବ୍ୟକ୍ତିଙ୍କ ଭିଡିଓ କଲ୍, ଫୋନ୍ କିମ୍ବା ମେସେଜ୍‌ରେ ବିଶ୍ୱାସ ନକରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଡିଜିଟାଲ୍ ଆରେଷ୍ଟ, ଫେକ୍ କଷ୍ଟମର୍ କେୟାର୍, ଅନଲାଇନ୍ ଚାକିରି ଠକେଇ, ନକଲି ସୋସିଆଲ୍ ମିଡିଆ ପ୍ରୋଫାଇଲ୍, ଫିଶିଂ ଲିଙ୍କ୍ ଓ ୟୁପିଆଇ ଠକେଇ ଭଳି ବିଭିନ୍ନ ସାଇବର ଅପରାଧ ସମ୍ପର୍କରେ ମଧ୍ୟ ଉଦାହରଣ ଦେଇ ସଚେତନ କରାଯାଇଥିଲା। ପୁଲିସ ପକ୍ଷରୁ କୁହାଯାଇଥିଲା ଯେ, ସାଇବର ଠକେଇର ଶିକାର ହେଲେ ଭୟଭୀତ ନହୋଇ ତୁରନ୍ତ ୧୯୩୦ ସାଇବର କ୍ରାଇମ୍ ହେଲ୍ପଲାଇନ୍‌ରେ ଯୋଗାଯୋଗ କରିବେ ଏବଂ ଘଟଣା ସମ୍ପର୍କରେ ପୁଲିସକୁ ଜଣାଇବା ଆବଶ୍ୟକ। କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀ, କର୍ମଚାରୀ, ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ଲୋକ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। "ସଚେତନ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ— ସାଇବର ଠକଙ୍କୁ ସୁଯୋଗ ଦିଅନ୍ତୁ ନାହିଁ" ବାର୍ତ୍ତା ଦେଇ ସୋନପୁର ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ଡିଜିଟାଲ୍ ଯୁଗରେ ସୁରକ୍ଷିତ ଓ ସଚେତନ ଭାବେ ଅନଲାଇନ୍ ସେବା ବ୍ୟବହାର କରିବାକୁ ଆହ୍ୱାନ କରାଯାଇଥିଲା।

# ସଂରକ୍ଷଣ ବିରୋଧୀ ଆନ୍ଦୋଳନର ଜରୁରୀ ବୈଠକ



ସୁବର୍ଣ୍ଣପୁର,୧୦।୮ (ସଂଚାର ବ୍ୟୁରୋ): ବର୍ତ୍ତମାନ ଦେଶରେ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗି ଥିବା ସମୟରେ ସୋନପୁର ଠାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଆଜି ସୁବର୍ଣ୍ଣପୁର ଜିଲ୍ଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ପରିସରରେ ସମିତି ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତାଙ୍କ ଅଧ୍ୟକ୍ଷତା ରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ରେ ସମିତି ର ଉପଦେଷ୍ଟା ଜ୍ୟୋତି ରଞ୍ଜନ ବହିଦାର, ସମ୍ପାଦକ ଦେବ କିଶୋର ଦାନୀ, କୋଷାଧକ୍ଷ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ଭାରତ ବର୍ଷ ରେ ଚାଲିଥିବା ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ଏବେ ସାଧାରଣ ବର୍ଗ ଲୋକ ନିଜ ଦକ୍ଷତା ଥାଇ ମଧ୍ୟ ପାଠ ପଢ଼ିବା, ଚାକିରୀ, ପଦୋନ୍ନତି, ସରକାରୀ ସାହାଯ୍ୟ ସହିତ ଅନେକ କ୍ଷେତ୍ରରେ ବଂଚିତ ହେଉଥିବା ମତବ୍ୟକ୍ତ କରିଥିଲେ। ଏହା ସହିତ ଆଇନଜୀବୀ ତାପସ ମହାନ୍ତି, ଯୁବ ସଂଗଠକ ନିଶାନ୍ତ କୁମାର ମହାନ୍ତି, ଅବକାଶ ବିଦ୍ୟାଧର, ପ୍ରଭାତ କିଶୋର ଦାନୀ ଓ ବରିଷ୍ଠ ସଭ୍ୟ ହରି ଶଙ୍କର ପଟ୍ଟନାୟକ, ପ୍ରଦୀପ ବିଦ୍ୟାଧର, ଅମୁଲ୍ୟ ବିଦ୍ୟାଧର ପ୍ରମୁଖ ଯୋଗ ଦେଇ ଏହି ସଂରକ୍ଷଣ ବ୍ୟବସ୍ଥା ହଟାଓ ଅଭିଯାନକୁ ଯୋରଦାର କରିବାକୁ ଆହ୍ୱାନ ଦେଇଥିଲେ।

# ଜିଲ୍ଲାର ଶିବାଳୟଗୁଡିକରେ କାଉଡ଼ିଆଙ୍କ ପ୍ରବଳ ଭିଡ଼

ଗଞ୍ଜାମ,୧୦।୮ (ସଂଚାର ବ୍ୟୁରୋ): ଗତକାଲି ଠାରୁ ଆଜି ସକାଳ ଯାଏ ଝିପିଝିପି ବର୍ଷା ଲାଗିରହିଛି। ଏହା ସତ୍ୱେ କାଉଡିଆମାନେ ଶ୍ରାବଣ ୨ୟ ସୋମବାରରେ କାଉଡିଆ ଜଳ ଭାରନେଇ ଶିବାଳୟଗୁଡିକରେ ଆଜି ଭୋରରୁ ଧାଡି ଲଗାଇ ହରହର ମହାଦେବଙ୍କୁ ଜଳାଭିଷେକ କରି ପୂଜାର୍ଚ୍ଚନା କରିଛନ୍ତି। ଗୋପାଳପୁର ବେଳାଭୂମି ନିକଟରେ ଥିବା ଧବଳେଶ୍ୱର, ବ୍ରହ୍ମପୁର ଗୋକର୍ଣ୍ଣେଶ୍ୱର, ମୁକ୍ତେଶ୍ୱର, ପାଣି ମହାପ୍ରଭୁ, ଉତରେଶ୍ୱର, ନୀଳକଣ୍ଠେଶ୍ୱର, ସୁନ୍ଦରେଶ୍ୱର, ବେଲେଶ୍ୱର, ଅନନ୍ତେଶ୍ୱର ଓ ସୋମେଶ୍ୱର ମନ୍ଦିରରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ଲାଗିଛି। ଏହି ଗହଳିଚହଳି ସନ୍ଧ୍ୟା ଯାଏ ଲାଗିରହିବା ସମ୍ଭାବନା ରହିଛି। କାଉଡିଆଙ୍କ ବୋଲବମ ହରହର ବମ ଉଚ୍ଚାରଣ ଗାଁ ଠାରୁ ସହର ଯାଏ ପ୍ରକମ୍ପିତ ହୋଇ ଧାର୍ମିକ ମନୋଭାବ ସାଧାରଣରେ ସୃଷ୍ଟି କରୁଛି।

# ଧାନ ରେଟ୍ ବଢ଼ାଇ ଚାଷୀଙ୍କ ତଣ୍ଟି ଚିପୁଛି ସରକାର

## ଆମର ପିଠି ହେଲେ ତମ ଲାଠି ବୋଲି ଚେତାବନୀ ଦେଲେ 'ମିଳିତ ଚାଷୀ ସଂଗଠନ'

ବଲାଙ୍ଗିର,୧୦।୮ (ସଂଚାର ବ୍ୟୁରୋ): ପ୍ରତି ଫସଲ ଋତୁରେ ଧାନ ପଞ୍ଜୀକରଣ ଓ ବିକ୍ରି ସମୟରେ ଅଯୌକ୍ତିକ କଟକଣା ଏବଂ ଜଟିଳ ନିୟମାବଳୀ ଯୋଗୁଁ ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବହୁଚାଷୀ ସମୟସୀମା ମଧ୍ୟରେ ପଞ୍ଜୀକରଣ କରିବାରୁ ବଞ୍ଚିତ ହେଉଥିବା ବେଳେ ଯୋଗ୍ୟ ଚାଷୀଙ୍କ ନିକଟକୁ ଟୋକନ୍ ନଆସିବା ଗତ ଫସଲରେ ଦେଖିବାକୁ ମିଳିଥିଲା। ଏହା ଭିତରେ ଚଳିତ ଫସଲରେ ସରକାର ପୁଣି 'ଏଗ୍ରିଷ୍ଟାକ୍' ଭଳି ଅବାନ୍ତର ନିୟମ ଲାଗୁ କରିବା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ନୂତନ ଭାବେ ଲାଗୁ କରାଯାଇଥିବା 'ଏଗ୍ରିଷ୍ଟାକ୍' ନିୟମକୁ ସମ୍ପୂର୍ଣ୍ଣ ବାତିଲ କରାଯାଉ। ପୂର୍ବଭଳି ସରଳ



ଉପାୟରେ ଧାନ ପଞ୍ଜୀକରଣ ପ୍ରକ୍ରିୟା ଜାରି ରଖାଯାଉ। ଜମିର ଆରଓଆର୍ (ପଟ୍ଟା ନାମ) ସମ୍ପୂର୍ଣ୍ଣ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ କୌଣସି ନୂଆ କଠୋର ନିୟମ ଲାଗୁ ନକରି ପଞ୍ଜୀକୃତ ହୋଇଥିବା ସମସ୍ତ ଜମି ପାଇଁ ଶତପ୍ରତିଶତ ଟୋକନ୍ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉ ବୋଲି ଆଜି ବଲାଙ୍ଗିର ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଥିବା ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା ମିଳିତ ଚାଷୀ ସଂଗଠନ ଦାବୀ କରିଛି। ଏପରିକି ଜିଲ୍ଲା ରେ କୃଷିମନ୍ତ୍ରୀ ରହିଥିଲେ ବି ବାଲିଚର ସହାୟତା ପାଇଲେ ଚାଷୀ ପଞ୍ଜିକରଣ କରି ଧାନ ବିକ୍ରି କରି ପାରିବ ନାହିଁ ବୋଲି କୃଷି ଅଧିକାରୀ ଧମକ ଦେଉଛନ୍ତି। ଆଗାମୀ ଦିନରେ ଚାଷୀଙ୍କ ପିଠି ଓ ପୁଲିସର ଲାଠିକୁ ନେଇ ଲଢ଼େଇ ହେବ ବୋଲି ମିଳିତ ଚାଷୀ ସଂଗଠନର ଆବାହକ ଆକାଶ ମିଶ୍ର କହିଥିଲେ। ସେହିପରି ୧୯୭୬ ମସିହାରେ ସେଟଲମେଣ୍ଟ ହୋଇଥିଲା ତାହା ପରେ ହୋଇନାହିଁ। ପୂର୍ବ ପୁରୁଷଙ୍କ ନାଁରେ ପଟା ରହିଛି ପରିବର୍ତ୍ତନ ହେଉନାଇ ଚାଷୀ ଆରଓଆର ନିଜ ନାମରେ କେମିତି ଭାବରେ କରିବ ଏଭଳି ସ୍ଥିତି ରେ ଯଦି ନିୟମ ପରିବର୍ତ୍ତନ ନ କରିବେ ତା ହେଲେ ଆଗାମୀ ଦିନରେ ବଲାଙ୍ଗିର ରେ ବଡ଼ ଧରଣର ଚାଷୀ ଆନ୍ଦୋଳନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚାଷୀନେତା ମାନେ ପ୍ରକାଶ କରିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀ ରେ ଆବାହକ ଆକାଶ ମିଶ୍ର, ଜିଲ୍ଲା କୃଷକ ମହାସଂଘ ସଭାପତି ଯତି ପ୍ରଧାନ, ଜିଲ୍ଲା କୃଷକ ମହାସଂଘ ସମ୍ପାଦକ ଚଗଲା ପରିଚ୍ଛାଙ୍କ ସମେତ ଚାଷୀନେତା ମାନେ ଉପସ୍ଥିତ ଥିଲେ ।